# ସଂଚାର
THE SANCHAR

ପ୍ରତିଷ୍ଠାତା: ଡାକ୍ତର ଦାମୋଦର ରାଉତ

Website: sanchar.live    mail Id: sanchardisha@gmail.com

RNI NO :ODIODI/2001/04811   Postal Regd No : BN/249/15-17

Vol. 32 | ISSUE 273 | ଭାଗ ୩୨ | ସଂଖ୍ୟା ୨୭୩ | Bhubaneswar | Friday 27 December 2024 | Page 8 Rs. 4.00 | ଭୁବନେଶ୍ୱର ଶୁକ୍ରବାର ୨୭ ଡିସେମ୍ବର ୨୦୨୪ | ୮ ପୃଷ୍ଠା, ମୂଲ୍ୟ ୪ ଟଙ୍କା




ପ୍ରଥମ ଥର ବୋପାନ୍ନା ଏକ ନମ୍ବର ପୃଷ୍ଠା ୬

## ବିକଶିତ ଓଡ଼ିଶା ପାଇଁ ମୋହନଙ୍କ ନୂଆ ଫର୍ମୁଲା

**ଭୁବନେଶ୍ୱର, ୨୬।୧୨ (ସଂଚାର ବ୍ୟୁରୋ):** ଏଣିକି ମନ୍ତ୍ରୀମାନେ ଜିଲ୍ଲା କଥା ବୁଝିବେ । ପ୍ରଶାସନକୁ ଅଧିକ କ୍ରିୟାଶୀଳ କରି ବିକାଶ କାର୍ଯ୍ୟକୁ ଆଗେଇ ନେବା ଓ ଲୋକଙ୍କ ସମସ୍ୟାର ତ୍ୱରିତ୍ ସମାଧାନ ପାଇଁ ନିଜ ମନ୍ତ୍ରୀପରିଷଦ ସହଯୋଗୀଙ୍କୁ ଆଜି ଦାୟିତ୍ୱ ବାଂଟିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ଉପମୁଖ୍ୟମନ୍ତ୍ରୀ ଓ ମନ୍ତ୍ରୀମାନଙ୍କୁ 'ଜିଲ୍ଲା ପ୍ରଭାରୀ ମନ୍ତ୍ରୀ' ଭାବେ ନାମିତ କରାଯାଇ ସେମାନଙ୍କୁ ବିଭିନ୍ନ ଜିଲ୍ଲା ଦାୟିତ୍ୱ ନ୍ୟସ୍ତ କରାଯାଇଛି ।

ଆଜି ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ଜାରି ସୂଚନା ଅନୁସାରେ, ମୁଖ୍ୟମନ୍ତ୍ରୀ ଦୁଇ ଉପମୁଖ୍ୟମନ୍ତ୍ରୀ କେଭି ସିଂହଦେଓ ଓ ପ୍ରଭାତୀ ପରିଡ଼ାଙ୍କ ସମେତ ଅନ୍ୟ ୧୩ଜଣ ମନ୍ତ୍ରୀଙ୍କୁ



ମୋଟ ୩୦ଟି ଜିଲ୍ଲାର ଦାୟିତ୍ୱ ନ୍ୟସ୍ତ କରିଛନ୍ତି। ଉପମୁଖ୍ୟମନ୍ତ୍ରୀ କେଭି ସିଂହଦେଓଙ୍କୁ କଟକ

### 'ପ୍ରଭାରୀ ମନ୍ତ୍ରୀ'ଙ୍କୁ ଜିଲ୍ଲା ଦାୟିତ୍ୱ



ଓ ଜଗତସିଂହପୁର ଜିଲ୍ଲାର ପ୍ରଭାରୀ ମନ୍ତ୍ରୀ ଭାବେ ଦାୟିତ୍ୱ ମିଳିଥିବାବେଳେ ପ୍ରଭାତୀ ପରିଡ଼ାଙ୍କୁ ବାଲେଶ୍ୱର ଓ ଭଦ୍ରକ ଜିଲ୍ଲା ପ୍ରଭାରୀ ମନ୍ତ୍ରୀ ଦାୟିତ୍ୱ ମିଳିଛି । ସେହିପରି ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀଙ୍କୁ ସୁନ୍ଦରଗଡ଼ ଓ ଦେବଗଡ଼, ରବିନାରାୟଣ ନାଏକଙ୍କୁ ସୋନପୁର ଓ ବଲାଙ୍ଗୀର, ନିତ୍ୟାନନ୍ଦ ଗଣ୍ଡଙ୍କୁ ମୟୂରଭଞ୍ଜ ଓ କେନ୍ଦୁଝର, କୃଷ୍ଣଚନ୍ଦ୍ର ପାତ୍ରଙ୍କୁ ଅନୁଗୁଳ ଓ ସମ୍ବଲପୁର, ପୃଥ୍ୱୀରାଜ ହରିଚନ୍ଦନଙ୍କୁ ଗଞ୍ଜାମ ଓ ଗଜପତି, ମୁକେଶ ମହାଲିଙ୍ଗଙ୍କୁ ଝାରସୁଗୁଡ଼ା ଓ ବରଗଡ଼, ବିଭୂତିଭୂଷଣ ଜେନାଙ୍କୁ ନବରଙ୍ଗପୁର ଓ ରାୟଗଡ଼ା, କୃଷ୍ଣଚନ୍ଦ୍ର ମହାପାତ୍ରଙ୍କୁ କନ୍ଧମାଳ ଓ ବୌଦ୍ଧ, ଗଣେଶରାମ ସିଂ ଖୁଂଟିଆଙ୍କୁ କଳାହାଣ୍ଡି ଓ ନୂଆପଡ଼ା,ସୂର୍ଯ୍ୟବଂଶୀ ସୂରଜଙ୍କୁ ଯାଜପୁର ଓ କେନ୍ଦ୍ରାପଡ଼ା, ପ୍ରଦୀପ ବଳ ସାମନ୍ତଙ୍କୁ ଖୋର୍ଦ୍ଧା ଓ ନୟାଗଡ଼, ଗୋକୁଳାନନ୍ଦ ମଲ୍ଲିକଙ୍କୁ କୋରାପୁଟ ଓ ମାଲକାନଗିରି, ସମ୍ପଦ ଚନ୍ଦ୍ର ସ୍ୱାଇଁଙ୍କୁ ଢେଙ୍କାନାଳ ଓ ପୁରୀ ଜିଲ୍ଲା ପ୍ରଭାରୀ ମନ୍ତ୍ରୀ ଦାୟିତ୍ୱ ନ୍ୟସ୍ତ ହୋଇଛି। ସାମଗ୍ରୀକ ଭାବେ ଜିଲ୍ଲାର ବିକାଶ ପାଇଁ ଉପମୁଖ୍ୟମନ୍ତ୍ରୀ ଓ ମନ୍ତ୍ରୀମାନଙ୍କୁ ନିଜ ଜିଲ୍ଲା ଭିନ୍ନ ଅନ୍ୟ ଜିଲ୍ଲା ଦାୟିତ୍ୱ ଦିଆଯାଇଛି। ଏହାଦ୍ୱାରା ଏହିସବୁ ଜିଲ୍ଲାରେ ବିକାଶ ଅଧିକ ତ୍ୱରାନ୍ୱିତ ହେବା ସହ ସଂଗଠିତ ହୋଇପାରିବ। ଜିଲ୍ଲାର ନିର୍ବାଚିତ ଜନପ୍ରତିନିଧିଙ୍କ ସହ ଉପମୁଖ୍ୟମନ୍ତ୍ରୀ ଓ ମନ୍ତ୍ରୀମାନେ ମିଳିତ ଭାବେ ବିକାଶ କାର୍ଯ୍ୟକୁ ଆଗେଇନେବେ। ଏହି ଲକ୍ଷ୍ୟରେ ମୁଖ୍ୟମନ୍ତ୍ରୀ ସବୁ ଜିଲ୍ଲା ପାଇଁ ପ୍ରଭାରୀ ମନ୍ତ୍ରୀଙ୍କୁ ଦାୟିତ୍ୱ ଦେଇଛନ୍ତି।

୨୬.୯.୧୯୩୨ରୁ ୨୬.୧୨.୨୦୨୪



## ପରଲୋକରେ ଅର୍ଥନୈତିକ ବିକାଶର ବିନ୍ଧାଣୀ

- ୭ଦିନ ରାଷ୍ଟ୍ରୀୟ ଶୋକ
- ଦେଶ ପାଇଁ ଅପୂରଣୀୟ କ୍ଷତି: ରାଷ୍ଟ୍ରପତି
- ଅର୍ଥନୀତିରେ ଛାଡ଼ିଛନ୍ତି ବଳିଷ୍ଠ ଛାପ: ପ୍ରଧାନମନ୍ତ୍ରୀ
- କଂଗ୍ରେସର ସବୁ କାର୍ଯ୍ୟକ୍ରମ ବାତିଲ
- ସରଳତା, ନମ୍ରତାର ପ୍ରତୀକ : ଧର୍ମେନ୍ଦ୍ର

**ନୂଆଦିଲ୍ଲୀ, ୨୬।୧୨ (ଏଜେନ୍ସି):** କଂଗ୍ରେସର ବରିଷ୍ଠ ନେତା, ଦେଶର ପୂର୍ବତନ ପ୍ରଧାନମନ୍ତ୍ରୀ ତଥା ପ୍ରସିଦ୍ଧ ଅର୍ଥନୀତିଜ୍ଞ ମନମୋହନ ସିଂଙ୍କର ଦେହାନ୍ତ ହୋଇଛି। ୯୨ ବର୍ଷ ବୟସରେ ଚିକିତ୍ସାଧିନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଛି । ଆଜି ସନ୍ଧ୍ୟାରେ ତାଙ୍କୁ ଦିଲ୍ଲୀ ଏମ୍ସର ଜରୁରୀକାଳୀନ ୱାର୍ଡରେ ଭର୍ତ୍ତି କରାଯାଇଥିଲା । ହେଲେ ତାଙ୍କର ମୃତ୍ୟୁ ହୋଇଥିବା କଥା ଶୁଣିବା ପରେ ସାରା ଦେଶରେ ଶୋକର ଛାୟା ଖେଳିଯାଇଛି। ଏନେଇ କଂଗ୍ରେସ ସମେତ ଅନ୍ୟାନ୍ୟ ଦଳର ବରିଷ୍ଠ ନେତାମାନେ ଶୋକ ପ୍ରକାଶ କରିଛନ୍ତି । ତାଙ୍କ ବିୟୋଗରେ ଦେଶ ଜଣେ ବିଶିଷ୍ଟ ଅର୍ଥନୀତିଜ୍ଞଙ୍କୁ ହରାଇଛି। ୨୦୦୪ରୁ ୨୦୧୪ ପର୍ଯ୍ୟନ୍ତ ଦେଶର ପ୍ରଧାନମନ୍ତ୍ରୀ ଥିବା ମନମୋହନ ହେଉଛି ନରେନ୍ଦ୍ର ମୋଦି, ଜବାହାରଲାଲ ନେହେରୁ ଓ ଇନ୍ଦିରା ଗାନ୍ଧୀଙ୍କ ଚତୁର୍ଥ ସର୍ବାଧିକ ସମୟ କ୍ଷମତାରେ ରହିଥିବା ପ୍ରଧାନମନ୍ତ୍ରୀ। ସେ ହେଉଛନ୍ତି ଦେଶର ପ୍ରଥମ ଶିଖ୍ ପ୍ରଧାନମନ୍ତ୍ରୀ। ବର୍ତ୍ତମାନର ପାକିସ୍ତାନ ଓ ସେତେବେଳର ପଶ୍ଚିମ ପଂଜାବର ବାସିନ୍ଦା ହେଉଛନ୍ତି ମନମୋହନ ସିଂ ପରିବାର। କିନ୍ତୁ ୧୯୪୭ ବିଭାଜନରେ ତାଙ୍କ ପରିବାର ଭାରତକୁ ପୃଷ୍ଠା-୬

### ରାଜନୀତିରେ ଭିନ୍ନ ପରିଚୟ

ଏକ ବାର୍ତ୍ତାରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ସ୍ୱର୍ଗତଃ ମନମୋହନ ସିଂହ ଦେଶର ଜଣେ ମହାନ୍ ବରପୁତ୍ର ଥିଲେ । ଅର୍ଥନୀତି କ୍ଷେତ୍ରରେ ତାଙ୍କର ଜ୍ଞାନ ଓ ଦକ୍ଷତା ପାଇଁ ସେ ସାରା ବିଶ୍ୱରେ ସମ୍ମାନର ଅଧିକାରୀ ହୋଇ ପାରିଥିଲେ। ଅର୍ଥ ମନ୍ତ୍ରୀ ଭାବରେ ଦେଶର ଅର୍ଥନୀତିକୁ ସେ ଏକ ନୂଆ ଦିଗ ଦେଇଥିଲେ। ତାଙ୍କର ଉଦାର ଅର୍ଥନୈତିକ ନୀତି ଯୋଗୁ ଭାରତ ବିଶ୍ୱର ଏକ ପ୍ରମୁଖ ଅର୍ଥନୀତି ଭାବେ ଯାତ୍ରା ଆରମ୍ଭ କରିଥିଲା। ପ୍ରଧାନମନ୍ତ୍ରୀ ଭାବେ ସେ ବିଭିନ୍ନ କ୍ଷେତ୍ରରେ ଦେଶର ବିକାଶକୁ ତ୍ୱରାନ୍ୱିତ କରିଥିଲେ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି । ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ତାଙ୍କର ଜ୍ଞାନ, ଭଦ୍ରତା, ସାଧୁତା ଓ ଅମାୟିକ ସ୍ୱଭାବ ତାଙ୍କ ପାଇଁ ରାଜନୀତି କ୍ଷେତ୍ରରେ ଭିନ୍ନ ଏକ ପରିଚୟ ସୃଷ୍ଟି କରିଥଲା ।

## 'ନକଲି ଭାଷଣ' ଆଗରେ ଅସଲି ପିଟାପିଟି

**ଭୁବନେଶ୍ୱର, ୨୬।୧୨ (ସଂଚାର ବ୍ୟୁରୋ):** ବିଜେଡି ପ୍ରତିଷ୍ଠା ଦିବସରେ ଦଳ ମୁଖିଆ ନବୀନ ପଟ୍ଟନାୟକ ଆଜି ଦଳର ନେତା ଓ କର୍ମୀଙ୍କ ଉଦ୍ଦେଶ୍ୟରେ ନକଲି ଭିଡିଓ ବୋଲି ଚର୍ଚ୍ଚା ହେଉଥିବା ଏଆଇ (ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ) ଭିଡିଓ ଜାରି କରିଥିବାବେଳେ କର୍ମୀମାନେ କିନ୍ତୁ ଦଳୀୟ କାର୍ଯ୍ୟାଳୟରେ ଅସଲି ପିଟାପିଟି ହୋଇଛନ୍ତି । ଶଙ୍ଖଭବନରେ ମହିଳାଙ୍କ ଚାପୁଡା ମରା ଦୃଶ୍ୟ ଆଜି ଚର୍ଚ୍ଚାରେ ଥିବାବେଳେ ନେତାମାନେ ବି ନିଜ ନିଜ ଭାଷଣରେ ବିଷ ଓଗାଳିଛନ୍ତି ।



କର୍ମୀମାନେ କହିଛନ୍ତି । ଏବେ ଏହି ଏଆଇ ଭିଡିଓ ପ୍ରସ୍ତୁତି ପଛରେ କିଏ ରହିଛି ତାହାର ଖୋଳତାଡ ଆରମ୍ଭ କରିଛନ୍ତି କର୍ମୀ ।

ତେବେ ନକଲି ଭିଡିଓ ଚାଲିଥିବାବେଳେ କିନ୍ତୁ ଅସଲି କର୍ମୀମାନେ ଶଙ୍ଖଭବନ ଭିତରେ ହାତାହାତି ହୋଇଛନ୍ତି। ମହିଳାମାନେ ମହାଭାରତ ସୃଷ୍ଟି କରିଛନ୍ତି । ପୁରୀର ଜଣେ ପୁରୁଖା ନେତ୍ରୀ ଭୁବନେଶ୍ୱରର ଜଣେ ଯୁବ ନେତ୍ରୀଙ୍କ ଗାଲରେ ଶକ୍ତ ଚାପୁଡା ପରେ ଚାପୁଡା କଷିଛନ୍ତି। ଆଗଧାଡିରେ ବସିବାକୁ ନେଇ ନେତ୍ରୀମାନଙ୍କର ଏଭଳି ହାତାହାତି

- ପ୍ରତିଷ୍ଠା ଦିବସରେ ମହାଭାରତ
- ଦେଖାଦେଲେ ବାଇଁଆ-ଲିଟୁ



ସରକାରରୁ ବିଦା ହେବାପରେ ନବୀନ ଆଜି ପୁଣିଥରେ ତାଙ୍କର ଭାଷଣ ସମ୍ବଳିତ ଭିଡିଓ ଜାରି କରିଛନ୍ତି। ଶଙ୍ଖଭବନକୁ ଆସି ସଭାରେ ବସିଥିଲେ ବି ଏଭଳି ଭିଡିଓ ଜାରି କରିବାକୁ କେହି ସହଜରେ ଗ୍ରହଣ କରିପାରୁ ନାହାନ୍ତି। ତେବେ ଭିଡିଓରେ ଥିବା ନବୀନଙ୍କ ସ୍ପଷ୍ଟ ଓଡିଆ ଓ ଅଙ୍ଗଭଙ୍ଗୀରୁ ଏହା ନକଲି ଓ ଏଆଇ ଭିଡିଓ ବୋଲି କହୁଛନ୍ତି। ନିର୍ବାଚନର ଅବ୍ୟବହିତ ପୂର୍ବରୁ ଠିକ୍ ଅନୁରୂପ ଫର୍ମାଟରେ ନବୀନଙ୍କ ଏକାଧିକ ଭିଡିଓ ଲଗାତାର ଭାବେ ଜାରି କରାଯାଉଥିଲା ।

ନବୀନ ଜାରି କରିଥିବା ଭିଡିଓରେ ବିଜେପିକୁ କଡା ସମାଲୋଚନା କରିବା ସହିତ ନିର୍ବାଚନରର ଦରଦାମ ବୃଦ୍ଧି କଥା କହିଛନ୍ତି। ଏପରିକି ବିଜେପି ମିଛ କହୁଥିବା ଉଲ୍ଲେଖ କରିଛନ୍ତି । ହେଲେ ସବୁକିଛି ଏଆଇ ଭିଡିଓରେ। ଏହିସବୁ କଥା ଯଦି ନବୀନ ଖୋଲା ସଭାରେ ମାଇକ୍ ଧରି କହିଥାନ୍ତେ ତେବେ ସ୍ଥିତି ଭିନ୍ନ ହୋଇଥାନ୍ତା ବୋଲି ଖୋଦ୍ ବିଜେଡି

ପୂର୍ବରୁ କେବେହେଲେ ଶଙ୍ଖଭବନ ଭିତରେ ଦେଖିବାକୁ ମିଳନଥିଲା। ଅନେକ ଏହାକୁ ଉପଭୋଗ କରିଥିବାବେଳେ ଚାପୁଡା ମାଡ ଆଗକୁ କେଉଁ ରୂପ ନେବ ତାହାକୁ ନେଇ ଆଲୋଚନା କରୁଛନ୍ତି । ପୃଷ୍ଠା-୬

## ଆଜିଠୁ ବଦଳିବ ପାଗ: କମିବ ବର୍ଷା, ବଢ଼ିବ କୁହୁଡି



**ଭୁବନେଶ୍ୱର, ୨୬।୧୨ (ସଂଚାର ବ୍ୟୁରୋ):** କମିବ ବର୍ଷା, ବଢ଼ିବ କୁହୁଡି। ରାଜ୍ୟରେ ଆଜିଠୁ ବର୍ଷାର ପରିମାଣ ସାମାନ୍ୟ କମିବାକୁ ଥିବା ବେଳେ କାଲିଠୁ ସମ୍ପୂର୍ଣ୍ଣ ବର୍ଷା କମିବ ବୋଲି ପାଣିପାଗ ବିଭାଗ ପୂର୍ବାନୁମାନ କରିଛି। ଆଜି ବିଶେଷ କରି ଦକ୍ଷିଣ ଓଡ଼ିଶାରେ ହାଲୁକା ବର୍ଷାର ସମ୍ଭାବନା ରହିଛି। ଗଂଜାମ, ଗଜପତି, ରାୟଗଡ଼ା, କୋରାପୁଟ, ମାଲକାନଗିରି ଏବଂ ନବରଙ୍ଗପୁର ଜିଲ୍ଲାର ଗୋଟିଏ ଦୁଇଟି ସ୍ଥାନରେ ବର୍ଷା ହୋଇପାରେ। ତେବେ କାଲିଠାରୁ ପାଗରେ ପରିବର୍ତ୍ତନ ଆସିବ। କାଲିଠୁ ବର୍ଷା ସଂପୂର୍ଣ୍ଣ କମିବା ନେଇ ପାଣିପାଗ ବିଭାଗ ପୂର୍ବାନୁମାନ କରିଛି। ସେହିପରି ଦୁଇ ଦିନ ପାଇଁ ରାଜ୍ୟର ବିଭିନ୍ନ ସ୍ଥାନରେ ଘନ କୁହୁଡି ଦେଖାଦେବ। ଘନ କୁହୁଡ଼ି ନେଇ ଆଜି ପାଇଁ ୮ଟି ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଜାରି ହୋଇଛି। ସୁନ୍ଦରଗଡ଼, ସମ୍ବଲପୁର, ବଲାଙ୍ଗିର, ଝାରସୁଗୁଡ଼ା, ନୂଆପଡ଼ା, ବରଗଡ଼, କେନ୍ଦୁଝର ଏବଂ ମୟୂରଭଂଜ ଜିଲ୍ଲାର କିଛି ଅଞ୍ଚଳରେ ଘନ କୁହୁଡ଼ି ସମ୍ଭାବନା ରହିଛି।

## ନବୀନଙ୍କୁ ଧର୍ମେନ୍ଦ୍ରଙ୍କ ରୋକ୍‌ଠୋକ୍ ଜବାବ୍

- ଗଞ୍ଜାମରେ ୭-୮ଟି ମେଗା ପାଇପ ୱାଟର ଯୋଜନା ଅଧପନ୍ତରା
- ବୌଦ୍ଧ, ଫୁଲବାଣୀ ଜିଲ୍ଲାରୁ ଗଞ୍ଜାମ ଗ୍ରାମାଞ୍ଚଳକୁ ପାଣି ଏବେ ଯାଏଁ ଆସିନାହିଁ
- ବିଜେପି ସରକାରର ସୁଭଦ୍ରା ଯୋଜନା ଏବଂ ଧାନର ଏମ୍‌ଏସ୍‌ପି କ୍ୱିଣ୍ଟାଲ ପିଛା ୩୧୦୦ ଟଙ୍କା ବୃଦ୍ଧି ଉପରେ ସେ ଅବଗତ ନାହାନ୍ତି କି ?
- ଗଞ୍ଜାମ ଜିଲ୍ଲାରେ ସୁଭଦ୍ରା ଯୋଜନାରେ ପ୍ରାୟ ୫୦୦ରୁ ଅଧିକ କୋଟି ଟଙ୍କା ମା' ଭଉଣୀ ମାନଙ୍କ ଖାତାରେ ପହଞ୍ଚିସାରିଛି

**ଦିଗପହଣ୍ଡି/ଭଞ୍ଜନଗର, ୨୬।୧୨ (ସଂଚାର ବ୍ୟୁରୋ):** ଡିସେମ୍ବର ୨୬ - ଯେଉଁ ପୂର୍ବତନ ମୁଖ୍ୟମନ୍ତ୍ରୀ ୨୪ ବର୍ଷ ଧରି ଶାସନରେ ରହିବା ପରେ ମଧ୍ୟ ନିଜ ଜନ୍ମମାଟିରେ ପିଇବା ପାଣିର ବ୍ୟବସ୍ଥା କରିପାରିନାହାନ୍ତି, ସେ ବିଜେପି ଓ ନରେନ୍ଦ୍ର

### ନଳ ଅଛି ଜଳ ନାହିଁ



ମୋଦୀଙ୍କ କଥାକୁ ମିଛ କହି ଏକ ଭ୍ରମ ତିଆରି କରିବା ଦୁର୍ଭାଗ୍ୟର ବିଷୟ ବୋଲି କହିଛନ୍ତି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ।

ଦିନିକିଆ ଗଞ୍ଜାମ ଗସ୍ତରେ ଥିବା ଶ୍ରୀ ପ୍ରଧାନ ଏ ପ୍ରସଙ୍ଗରେ କହିଛନ୍ତି ଯେ ଗଞ୍ଜାମ ଜିଲ୍ଲାରେ ପୂର୍ବ ସରକାରଙ୍କ ୭-୮ଟି ମେଗା ପାଇପ ଓ୍ୱାଟର ଯୋଜନା ଆରମ୍ଭ ହୋଇଛି। ଗୋଟିଏ ଛାଡି ଦେଲେ ଅନ୍ୟ ୬ଟି ପ୍ରକଳ୍ପର କାମ ଅଧାପନ୍ତରା ଅଛି । ବୌଦ୍ଧ, ଫୁଲବାଣୀ ଜିଲ୍ଲାରୁ ଗଞ୍ଜାମ ଗ୍ରାମାଞ୍ଚଳକୁ ପାଣି ଆସିନାହିଁ କାହିଁକି ? ପାଣି ପାଇପ ସବୁ ଖୋଲାରେ ପଡିଛି । ପାଣି ଆସିବାର ଠିକଣା ନାହିଁ । ନଳ ଅଛି କିନ୍ତୁ ଜଳ ନାହିଁ । ଏହାକୁ କଣ କହିବା ? ବିଜେପି ସରକାରର ସୁଭଦ୍ରା ଯୋଜନା ଏବଂ ଧାନର ଏମଏସପି କ୍ୱିଣ୍ଟାଲ ପିଛା ୩୧୦୦ ଟଙ୍କା ବୃଦ୍ଧି ଉପରେ ସେ ଅବଗତ ନାହାନ୍ତି କି ?

ଗଞ୍ଜାମ ଜିଲ୍ଲାରେ ବିଜେପି ସରକାରର ସୁଭଦ୍ରା ଯୋଜନାରେ ପ୍ରାୟ ୫୦୦ରୁ ଅଧିକ କୋଟି ଟଙ୍କା ମା' ଭଉଣୀ ମାନଙ୍କ ଖାତାରେ ପହଞ୍ଚିସାରିଛି । ଆଗକୁ ଏହି ସଂଖ୍ୟା ପ୍ରାୟ ୧୦୦୦ କୋଟି ଟଙ୍କାରେ ପହଞ୍ଚିବ । ଗଞ୍ଜାମରେ ପ୍ରାୟ ୧୦ ଲକ୍ଷ ଲାଭାର୍ଥୀ ସୁଭଦ୍ରା ଯୋଜନାରେ ଅଛନ୍ତି । ସେହିପରି ଏ ଜିଲ୍ଲାରେ ରାଜ୍ୟ ସରକାରଙ୍କ ପକ୍ଷରୁ ୪୪ ଲକ୍ଷ କ୍ୱିଣ୍ଟାଲ ଧାନ କିଣାଯିବାର ଲକ୍ଷ୍ୟ ରଖାଯାଇଛି । ଓଡ଼ିଶାର ଚାଷୀମାନଙ୍କର ହିତ ପାଇଁ କ୍ୱିଣ୍ଟାଲ ପିଛା କେନ୍ଦ୍ର ସରକାରଙ୍କ ଧାନର ଏମଏସପି ୨୩୦୦ ଟଙ୍କା ଉପରେ ଅଧିକ ୮୦୦ ଟଙ୍କାର ଇନ୍‌ପୁଟ୍ ସହାୟତା ରାଶି ତଥା ସମୁଦାୟ ୩୧୦୦ ଟଙ୍କା ପ୍ରଦାନ କରୁଛନ୍ତି । ଏହା ଦ୍ୱାରା ଗଞ୍ଜାମ ଜିଲ୍ଲାକୁ ଆହୁରି ୪୦୦ରୁ ୫୦୦ ପୃଷ୍ଠା-୬

## ଅଦିନିଆ ବର୍ଷା ନେଉଛି ଚାଷୀଙ୍କ ଜୀବନ

### ତିନି ଦିନରେ ତିନି ଚାଷୀଙ୍କ ମୃତ୍ୟୁ ଅଭିଯୋଗ

**ଭୁବନେଶ୍ୱର, ୨୬।୧୨ (ସଂଚାର ବ୍ୟୁରୋ):** ପୁଷ ମାସର ଅଦିନିଆ ବର୍ଷା ଉଜାଡିଦେଲା ସୁନାର ଫସଲ। ଜମିରେ ଧାନ ଭାସୁଥିବା ଦେଖି ଚାଷୀର ଛାତି ଫାଟିଯାଉଛି । ଆଉ ବିଚଳିତ ହୋଇ ଦୁଇଜଣ ଚାଷୀ ପ୍ରାଣ ହରାଇଥିବା ଅଭିଯୋଗ ହୋଇଛି। କେନ୍ଦ୍ରପଡା ଓ ଗଞ୍ଜାମରୁ ଆସିଛି ଦୁଇ ଦୁଇ ଜଣ ଚାଷୀଙ୍କ ମୃତ୍ୟୁ ଖବର । ପୂର୍ବରୁ ପୁରୀ ଜିଲ୍ଲା ସାକ୍ଷିଗୋପାଳ ଅଞ୍ଚଳରେ ଜଣେ ଚାଷୀ ଉଜୁଡା କ୍ଷେତ ଦେଖି ଟଳିପଡିଥିଲେ। ଦୁଇ ଦିନର ଲଗାଣବର୍ଷା ଉଜାଡିଦେଲା ଧାନ ଫସଲ। ବିଲରେ ଗଜା ଧାନ ଦେଖି ଚାଷୀର ଆଖିରେ ଲୁହ ଆସିଯାଇଛି। ଆଉ ଉଜୁଡା ଚାଷ ଯୋଗୁଁ କେନ୍ଦ୍ରପଡା ଓ ଗଞ୍ଜାମରୁ ଆସିଛି ଦୁଇ ଦୁଇ ଜଣ ଚାଷୀଙ୍କ ମୃତ୍ୟୁର ଖବର।



ଗଞ୍ଜାମ ଛତ୍ରପୁର ବ୍ଲକ ବରଙ୍ଗ ଗାଁରୁ ଆସିଛି ଏଭଳି ହୃଦୟ ବିଦାରକ ଘଟଣା। ବର୍ଷାରେ ଧାନ ନଷ୍ଟ ହୋଇଯିବା ପରେ କଷ୍ଟ ସହିପାରିଲେନି। ଆଉ ଘରକୁ ଆସି ଶୌଚାଳୟରେ ଝୁଲିପଡିଲେ ଭାଗଚାଷୀ ବନମାଳୀ ପେଣ୍ଡେଇ। ବନମାଳୀ ୨୫ ଏକର ଜମିରେ ଧାନ ଚାଷ କରିଥିଲେ। ଏଥିପାଇଁ ୨ ଲକ୍ଷ ଟଙ୍କା କରଜ ବି ଆଣିଥିଲେ। କିନ୍ତୁ ପାଣିରେ ଧାନ ଭାସୁଥିବାର ଦେଖି ବିଚଳିତ ହୋଇପଡିଥିଲେ। ଆଉ ଧାନବିଲରୁ ସିଧା ଘରକୁ ଆସି ପାଇଖାନାରେ ଝୁଲପଡିଥିଲେ। ଛତ୍ରପୁରରୁ ପ୍ରଶାସନିକ ଅଧିକାରୀ ଘଟଣାସ୍ଥଳକୁ ଯାଇ ସରଜମିନ ତଦନ୍ତ କରିଛନ୍ତି। କେନ୍ଦ୍ରାପଡା ଜିଲ୍ଲା ଡେରାବିଶ ବ୍ଲକ ସଉପୁରା ଗାଁର ୫୨ବର୍ଷିୟ ଭାବଗ୍ରାହୀ ମଳିକ ନିଜ ଚାଷଜମିରେ ଉଜୁଡା ଚାଷ ଦେଖି ଟଳିପଡିଛନ୍ତି। ଲକ୍ଷାଧିକ ଟଙ୍କା କରଜ କରି ଭାବଗ୍ରାହୀ ଧାନଚାଷ କରିଥିଲେ । କିନ୍ତୁ ଦାଉ ସାଧିଲା ବର୍ଷା। ଧାନବିଲରେ ପାଣି ଲହଡି ଭାଙ୍ଗିଲା । ଆଉ ଧାନ ଗଜା ହୋଇଯାଇଥିଲା । ମାନସିକ ଚାପ ଗ୍ରସ୍ତ ହୋଇ ଭାବଗ୍ରାହୀ ଘରକୁ ଆସି ଟଳପଡିଥିଲେ। ମେଡିକାଲରେ ମୃତ ଘୋଷଣା କରିଥିଲେ ଡାକ୍ତର। ଏବେ ଭାବଗ୍ରାହୀଙ୍କ ମୃତ୍ୟୁ ପରେ ପରିବାରରେ ଚଡକ ପଡିଛି ।

### 'ରକ୍ଷକ' ଆପ୍ ଯୋଗେ ମିଳିବ ଫସଲହାନୀ ସହାୟତା



**ଭୁବନେଶ୍ୱର, ୨୬।୧୨ (ସଂଚାର ବ୍ୟୁରୋ):** ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀଙ୍କ ନିର୍ଦ୍ଦେଶରେ ମୁଖ୍ୟ ଶାସନ ସଚିବ ଶ୍ରୀ ମନୋଜ ଆହୁଜା ଆଜି ଅଦିନିଆ ବର୍ଷା ଜନିତ ଫସଲ ହାନିକୁ ନେଇ ଏକ ଉଚ୍ଚସ୍ତରୀୟ ବୈଠକ ଡକାଇଥିଲେ। ଏହି ବୈଠକରେ ରାଜ୍ୟର ସମସ୍ତ ଜିଲ୍ଲାର ଜିଲ୍ଲାପାଳମାନେ ଆଭାସି ମାଧ୍ୟମରେ ଯୋଗଦେଇଥିଲେ । ବୈଠକରେ ଶ୍ରୀ ଆହୁଜା ଅଦିନିଆ ବର୍ଷା ଜନିତ ଫସଲ କ୍ଷୟକ୍ଷତିର ସମୀକ୍ଷା କରିଛନ୍ତି। ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା (ପିଏମ୍‌ଏଫ୍‌ବିୱାଇ) ରେ ପଞ୍ଜୀକୃତ ଚାଷୀଙ୍କୁ, ବୀମା ସହାୟତା ପାଇବାପାଇଁ ୭୨ ଘଣ୍ଟା ମଧ୍ୟରେ "କୃଷି ରକ୍ଷକ" ଆପ୍ କିମ୍ବା ହେଲ୍ପଲାଇନ ନମ୍ବର ୧୪୪୪୭ ରେ ଯୋଗଯୋଗ କରି ତୁରନ୍ତ ଫସଲ କ୍ଷତିର ସୂଚନା ଦେବାକୁ ଅନୁରୋଧ କରିଛନ୍ତି । ବୈଠକରେ କୃଷି ବିଭାଗ ପ୍ରମୁଖ ଶାସନ ସଚିବ ଶ୍ରୀ ଅରବିନ୍ଦ କୁମାର ପାଢ଼ୀ, ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ପ୍ରମୁଖ ଶାସନ ସଚିବ ଶ୍ରୀ ସଞ୍ଜୟ କୁମାର ସିଂହ ଏବଂ ସମବାୟ ବିଭାଗ କମିଶନର ତଥା ଶାସନ ସଚିବ ଶ୍ରୀ ରାଜେଶ ପ୍ରଭାକର ପାଟିଲ ପ୍ରମୁଖ ଯୋଗଦେଇ ନିଜ ନିଜର ସୁଚିନ୍ତିତ ମତାମତ ପ୍ରଦାନ କରିଥିଲେ ।



### କାନ ଡେରିଥା

ବିଜେଡି ଏମେଲେ ଗାଡି ଦେଖି
ଲାଗେ
ସ୍ୱର୍ଗ ପୁରୁ ସବୁ ଆସିଛି
ଦରମା ଗଣ୍ଡିକ ଅଣ୍ଟିଲାନି ବୋଲି
ବିଧାନସଭା ଟା ହଲୁଛି
ଆଉ କେତେ ହେବ ଭାବୁଛି...
ଜଙ୍ଗଲ ଜମି ଠୁ ଠାକୁରଙ୍କ ଜମି
ସବୁ ତାଙ୍କ ହାତେ ରହିଛି
ଧନୀ ଟା ଭିକାରୀ ହୋଇଛି ।

■ ଦେବାଶିଷ

## ଶୋଇ ପଡିଲେ ଏସ୍‌ଆରସି ଓ ରାଜସ୍ୱ ବିଭାଗ

- ଚାଷୀ ପାଇଲେନି ଠିକଣା ସୂଚନା
- ସବୁକିଛି ଗଲାପରେ ଏବେ ଦେଉଛନ୍ତି ଆଶ୍ୱାସନା

**ଭୁବନେଶ୍ୱର, ୨୬।୧୨ (ସଂଚାର ବ୍ୟୁରୋ):** ପାଚିଲା ଧାନ କ୍ଷେତର ଉଜୁଡା ଦୃଶ୍ୟକୁ ଦେଖି ରାଜ୍ୟର ବିଭିନ୍ନ ସ୍ଥାନରେ ଜଣକ ପରେ ଜଣେ ଚାଷୀ ହୃଦଘାତରେ ଟଳି ପଡୁଥିବାବେଳେ ବର୍ଷା ପୂର୍ବରୁ ଚାଷୀମାନଙ୍କୁ ସଚେତନ କରିବା ନେଇ ଏବେ ରାଜ୍ୟ ସ୍ୱତନ୍ତ୍ର ରିଲିଫ କମିଶନର (ଏସଆରସି) ଓ ରାଜସ୍ୱ ବିଭାଗର କାର୍ଯ୍ୟ ଉପରେ ପ୍ରଶ୍ନବାଚୀ ସୃଷ୍ଟି ହେଲାଣି । ଏପରିକି ପାଣିପାଗ କେନ୍ଦ୍ର ଭରସାରେ ଏମାନେ ଚାଷ ଓ ଚାଷକୁ ଛାଡିଦେବା ଫଳରେ ଫସଲ ଉଜୁଡିଗଲା ବୋଲି କୁହାଯାଉଛି ।

ଫସଲ ଅମଳ ସମୟରେ ଅଦିନିଆ ବର୍ଷା ଆସିବା ନେଇ ଭାରତୀୟ ପାଣିପାଗ ବିଭାଗ ସୂଚନା ଦେଇଥିଲା । ହେଲେ ଏହାପରେ ଏସ୍‌ଆରସି ଓ ରାଜସ୍ୱ ବିଭାଗ ମିଳିତ ଭାବେ ଜିଲ୍ଲା ପ୍ରଶାସନ ସହାୟତାରେ ଚାଷୀଙ୍କୁ ଯେଭଳି ସଚେତନ




କରିବାକଥା ତାହା କଲେ ନାହିଁ । ଫଳରେ ଚାଷୀମାନେ ବର୍ଷାକୁ ହେୟଜ୍ଞାନ କରି ତର ତର ହୋଇ ଧାନ ଅମଳ କଲେନାହିଁ। ପାଣିପାଗ ବିଭାଗ ଯେଉଁ ଆକାରରେ ବର୍ଷାର ପୂର୍ବାନୁମାନ କଲା ଅନେକ ସ୍ଥାନରେ ତାହାଠାରୁ ଢେର ଅଧିକ ବର୍ଷିଲା । ସୁନାର ଫସଲ ଉଜୁଡିଗଲା । ପୂର୍ବରୁ ଫସଲ ଅମଳ ସମୟରେ ଅଦିନିଆ ବର୍ଷା ଆସିଲେ ଏସ୍‌ଆରସି କର୍ତ୍ତୃପକ୍ଷ ଜିଲ୍ଲା ପ୍ରଶାସନ ସହାୟତାରେ ମାଇକ୍ ଲଗାଇ ପ୍ରଚାର କରିଥାନ୍ତି । ଗଣମାଧ୍ୟମରେ ସ୍ୱତନ୍ତ୍ର ସୂଚନା ପ୍ରଦାନ କରାଯାଇଥାଏ । ଯାହା ଫଳରେ ଚାଷୀ ଭୟଭୀତ ହୋଇ ନିଜର ଫସଲକୁ ଘରକୁ ନେଇ ଆସିଥାଏ । ହେଲେ ଏଥର ତାହା ନହେବାରୁ କିଏ ପାଚିଲା ଧାନକୁ ବିଲରେ ଛାଡିଦେଲା ତ ଆଉ କିଏ କାଟି ପକାଇଦେଲା। କେତେକ ଚାଷୀ ଧାନକୁ ବିଲରେ ଗଦାମାରି ରଖିଦେଲେ । ବାସ୍ତବରେ ବହୁ ଚାଷୀ ବର୍ଷାର ପ୍ରକୋପ ସଂକ୍ରାନ୍ତରେ ସଠିକ୍ ସୂଚନା ପାଇପାରିଲେ ନାହିଁ । ଯେତେବେଳେ ପାଇଲେ ସେତେବେଳକୁ ନେଡିଗୁଡ କହୁଣିକୁ ବୋହିଯିବା ଭଳି ଅବସ୍ଥା।

ଚାଷୀଙ୍କୁ ସତର୍କ ଓ ସଚେତନ କରିବାପାଇଁ ଏସ୍‌ଆରସିଙ୍କ ନିକଟରେ ସମସ୍ତ ପ୍ରକାର ସାଧନ ଥିଲେ ମଧ୍ୟ କାହିଁକି ଏହି ସଂସ୍ଥା ସକ୍ରିୟ ହେଲନାହିଁ ତାହା ବଡ ପ୍ରଶ୍ନବାଚୀ ହୋଇଛି। ଏପରିକି ଏତେ ବଡ ବିପଦ ସମୟରେ ଏସ୍‌ଆରସି ପୃଷ୍ଠା-୬

ଏଫ୍‌ଏକ୍ୟୁ ମାନରେ କେତେ କୋହଳ କରିହେବ ସେନେଇ ନିଷ୍ପତ୍ତି ନେବେ ଜିଲ୍ଲାପାଳ। ଜିଲ୍ଲା ସ୍ତରରେ ଚାଷୀ ଏବଂ ଜିଲ୍ଲାପାଳ ବସି ନିଷ୍ପତ୍ତି କରିବେ। ଯୋଗାଣ ମନ୍ତ୍ରୀ କୃଷ୍ଣ ଚନ୍ଦ୍ର ପାତ୍ରଙ୍କ ସୂଚନା। ଏଫ୍‌ଏକ୍ୟୁ ମାନ ଉପରେ ସମ୍ପୂର୍ଣ୍ଣ କମ୍ପ୍ରମାଇଜ କରିହେବନି। କାହିଁକି ନା ଏଫ୍‌ସିଆଇ ଚାଉଳ ନେବନି । ପଡି ରହିବ ଏବଂ ନଷ୍ଟ ହେବ। ଜିଲ୍ଲାପାଳ ମାନେ ନିଷ୍ପତ୍ତି ନେବେ କେତେ କୋହଳ କରିହେବ। ରାଜସ୍ୱ ମନ୍ତ୍ରୀ କହିଛନ୍ତି ଯେଉଁ ମାନଙ୍କର କ୍ଷତି ହେବ ସେମାନେ କ୍ଷତିପୂରଣ ପାଇବେ। ଜିଲ୍ଲାପାଳ ମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି ସେ ରିପୋର୍ଟ ଦେବେ। ଏହା ସହ କୁହାଯାଇଛି ଯେତେ କୋହଳ କରି ହେବ କରନ୍ତୁ। ଚାଷୀଙ୍କୁ ଫେରାନ୍ତୁ ନାହିଁ। ଯେତେ ନେଇ ହେବ ନିଅନ୍ତୁ। ପୁରା ନଷ୍ଟ ହୋଇଥିଲେ ନେଇ ହେବନି। ଜିଲ୍ଲା ସ୍ତରରେ ଚାଷୀ, ମିଲର, ପ୍ରଶାସନ ବସି ନିଷ୍ପତ୍ତି ନେବେ।

### ମୂଲିଆଙ୍କର ୩କୋଟିର ଗାଡି...

ମୁଁ ଦଳର ଜଣେ ମୂଲିଆ। ମୂଲିଆ ଯେଭଳି ଖଟେ, ମୁଁ ସେମିତି ଦଳ ପାଇଁ ଖଟୁଛି ଓ ଖଟିବି । ଆଜି ବିଜେଡିର ପ୍ରତିଷ୍ଠା ଦିବସରେ କର୍ମୀଙ୍କୁ ଏଭଳି ଖଟଣି କଥା ବୁଝାଉଥିବା ମୂଲିଆ ଜଣଙ୍କ କିନ୍ତୁ ୩ କୋଟି ଟଙ୍କାର ଗାଡି ଚଢୁଛି । ଖଟିଣି ପ୍ରବଚନ ଶୁଣି ବାହାରକୁ ଆସିବାପରେ ମୂଳିଆଙ୍କ ଲମ୍ବା ଗାଡି ଦେଖି



ଅନେକ ଟେରା । ବିଜେଡି ପ୍ରତିଷ୍ଠା ଦିବସେର ଆଜି ଏହି ମୂଲିଆଙ୍କୁ ନେଇ ଚର୍ଚ୍ଚା। ପୂର୍ବରୁ ନିଜକୁ ଚାକର ବୋଲି କହିଥିଲେ। ଏବେ ମୂଲିଆ ବୋଲି କହୁଛନ୍ତି । ଚାକର ଓ ମୂଲିଆମାନେ କେଉଁ ପ୍ରକାର ଖଟଣି ଖଟି ୩କୋଟି ଟଙ୍କାର ଗାଡି କିଣିଲେ ତାହା ବୁଝିବାକୁ ଏବେ ଦଳର ଅନେକ କର୍ମୀ ଲାଗି ପଡିଛନ୍ତି । କିଛି କର୍ମୀ ଏବେ ମୂଲିଆଙ୍କ ପାଖଲୋକଙ୍କୁ ଏ ସଂକ୍ରାନ୍ତରେ ପଚାରୁଛନ୍ତି। ସେମାନେ ଏତେ ବଡ ମୂଲିଆ ନହେଲେ ନାହିଁ ଛୋଟ ମୂଲିଆଟିଏ ହେବାକୁ ରାଜି ଥିବା କହୁଛନ୍ତି । ତେବେ ୩କୋଟି ଟଙ୍କାର ଗାଡି ଚଢା ମୂଲିଆ ହେବାକୁ ହେଲେ ନିବାସରେ ଥିବା ସନ୍ୟାସୀଙ୍କ ସାନିଧ୍ୟ ଏକାନ୍ତ ଆବଶ୍ୟକ ବୋଲି ଶୁଣିବାପରେ ଏବେ ଅନେକ ନିଜ ମନରୁ ମୂଲିଆହେବାର ମୋହକୁ ଦୂରେଇ ଦେଇଛନ୍ତି । ତେବେ ଆଉ କିଛି ଏହି ମୂଲିଆଙ୍କର ଅତୀତରେ ଜାହାଜ ଥିବାର ଖବର ପାଇବାପରେ ଏବେ ବି ମୂଲିଆ ହେବାର ଦୌଡରେ ରହିଥିବା ସୂଚନା ମିଳୁଛି ।

# ନିଖୋଜ ବାବାଜୀଙ୍କ ମୃତଦେହ ଉଦ୍ଧାର

**ମହାକାଳପଡ଼ା, ୨୬।୧୨ (ସଂଚାର ବ୍ୟୁରୋ) :** ନଦୀକୁ ଗାଧୋଇବାକୁ ଯାଇ ଭାସିଯାଇଥିବା ମହାକାଳପଡ଼ା ବ୍ଲକ ତେର ଗାଁ ପଞ୍ଚାୟତ ଓସ୍ତର ଗ୍ରାମର ୭୦ ବର୍ଷୀୟ ବାବାଜୀ ମାହାଲିଙ୍କ ମୃତ ଦେହ ଆଜି ଉଦ୍ଧାର ହୋଇଛି। ଆଜି ଅପରାହ୍ନ ପାଖାପାଖି ୩ ଘଟିକା ସମୟରେ ଡଙ୍ଗା ଚାଳକମାନେ ନଦୀରେ ଏକ ମୃତ ଦେହ ଭାସୁଥିବା ଦେଖିବାକୁ ପାଇ ବାବାଜୀଙ୍କ



## ନଦୀରେ ଗାଧୋଇଲା ବେଳେ ଭାସିଯାଇ ଥିଲେ

ପରିବାରବର୍ଗଙ୍କୁ ସୂଚନା ଦେଇଥିଲେ। ସୂଚନା ପାଇ ପରିବାର ଲୋକେ ମୃତ ଦେହଟି ବାବାଜୀଙ୍କର ବୋଲି ଜାଣିବା ପରେ ମୃତଦେହକୁ ଉଦ୍ଧାର କରିଛନ୍ତି। ନଦୀ ଘାଟ ନିକଟକୁ ବାବାଜି ମାହାଲି ଗତ ମଙ୍ଗଳବାର ଦିନ ଗାଧୋଇବାକୁ ଯାଇଥିଲେ। ବାବାଜୀ ଗାଧୋଉଥିବା ସମୟରେ ହଠାତ୍ ଭାସି ଯାଇଥିଲେ। ପାଣିର ସ୍ରୋତ ପ୍ରଖର ଥିବାରୁ ପାଖରେ ଥିବା ଲୋକ ଚାହୁଁ ଚାହୁଁ ବାବାଜି ଭାସି ଯାଇଥିଲେ। ତୁରନ୍ତ ଓଡ୍ରାଫ ବାହିନୀ କୁ ଖବର ଦିଆଯାଇଥିଲା। ଓଡ୍ରାଫ ବାହିନୀ ଖବର ପାଇ ଘଟଣା ସ୍ଥଳରେ ପହଞ୍ଚି ମଟର ବୋଟ୍ ଜରିଆରେ ଖୋଜାଖୋଜି କରିଥିଲେ। ହେଲେ ବାବାଜୀ ଙ୍କୁ ପାଇବାରେ ବିଫଳ ହୋଇଥିଲେ। ଆଜି ମୃତଦେହ ଉଦ୍ଧାର ପରେ ମାର୍ଶାଘାଇ ପୋଲିସ ଘଟଣା ସ୍ଥଳରେ ପହଞ୍ଚି ମୃତଦେହକୁ ବ୍ୟବଚ୍ଛେଦ ପାଇଁ କେନ୍ଦ୍ରାପଡ଼ା ମେଡିକାଲ୍ କୁ ପଠାଇଛି।

# ରାଜକିଶୋର ସ୍ମାରକୀ କ୍ରିକେଟ କ୍ଲବର ବିଶାଳ ରକ୍ତଦାନ ଶିବିର



**କେନ୍ଦ୍ରାପଡ଼ା, ୨୬।୧୨ (ସଂଚାର ବ୍ୟୁରୋ):** ୨୫ ଡିସେମ୍ବର ୨୦୨୪ ରିଖ ବୁଧବାର ଦିନ ମହାକାଳପଡ଼ା ବ୍ଲକ ତିଖିରି ପଞ୍ଚାୟତର ଧନିଆପଡା ବଜ୍ରମହାକାଳୀ ଉଚ୍ଚ ବିଦ୍ୟାଳୟ ପରିସରରେ ଏକ ବିଶାଳ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ରାଜକିଶୋର ସ୍ମାରକୀ କ୍ରିକେଟ କ୍ଲବ ଆନୁକୁଲ୍ୟରେ ଆୟୋଜିତ ହୋଇଥିବା ଏହି ରକ୍ତଦାନ ଶିବିରରେ ସର୍ବାଧିକ ୨୦୧ ୟୁନିଟ୍ ରକ୍ତ ସଂଗୃହୀତ ହୋଇ କଟକ କେନ୍ଦ୍ରୀୟ ରେଡକ୍ରସ ସଂସ୍ଥାକୁ ହସ୍ତାନ୍ତର କରାଯାଇଛି । କଟକ କେନ୍ଦ୍ରୀୟ ରେଡକ୍ରସ ସଂସ୍ଥାର ନିର୍ଦ୍ଦେଶକ ଡ଼ଃ ଚନ୍ଦ୍ରିକା ପ୍ରସାଦ ଦାସ, ସଚେତନତା କମିଟି ସଭାପତି ଦୀପକ୍ କୁମାର ଚୌଧୁରୀ ପ୍ରମୁଖ ଭାବରେ ରକ୍ତଦାନ ଶିବିରର ପରିକଳ୍ପନା କରିଥିବା ବେଳେ ଡଃ ସୁଭମ୍ ସାହୁ, ଗୋବିନ୍ଦ ମହନ୍ତ, ପ୍ରକାଶ କୁମାର ମଲ୍ଲିକ, ସଞ୍ଜୟ ପାତ୍ର, କେଦାରନାଥ ସାହୁ, ରମେଶ ରାଉତ ପ୍ରମୁଖ ମୁଖ୍ୟ ପରିଚାଳନା କରିଥିଲେ। ବିଦ୍ୟାଳୟର ସ୍କାଉଟ ଗାଇଡ ଛାତ୍ରଛାତ୍ରୀଙ୍କ ସମେତ ଗ୍ରାମବାସୀ ଏହି କାର୍ଯ୍ୟକ୍ରମରେ ସମ୍ପୂର୍ଣ୍ଣ ସହଯୋଗ କରି ସଫଳ କରାଇଥିଲେ। ଆଖପାଖ ଅଞ୍ଚଳରୁ ବ୍ୟକ୍ତିବିଶେଷଙ୍କ ସହିତ ଗ୍ରାମର ଲୋକେ ରକ୍ତର ଅଭାବ ଦୂରେଇବା ପାଇଁ ରକ୍ତଦାନ କରିଥିଲେ। ଗ୍ରାମାଞ୍ଚଳରେ ପ୍ରଥମଥର ପାଇଁ ଏମିତି ବିଶାଳ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇପାରିଥିବାରୁ ସମସ୍ତ ଆୟୋଜକ ମଣ୍ଡଳୀ ରକ୍ତଦାତା, ଗ୍ରାମବାସୀ ଓ ଯୁବ ବନ୍ଧୁ ମାନଙ୍କୁ ଧନ୍ୟବାଦ ଜଣାଇଥିଲେ।

**ସଂଗୃହୀତ ହେଲା ୨୦୧ ୟୁନିଟ୍ ରକ୍ତ**

# ୟୁକେ ମହାବୀର ମହାବିଦ୍ୟାଳୟରେ ଛାତ୍ର ବିଜେଡିର ସଭ୍ୟ ସଂଗ୍ରହ ଅଭିଯାନ




**ରାଜନଗର, ୨୬।୧୨ (ସଂଚାର ବ୍ୟୁରୋ):** ବିଜେଡି ସୁପ୍ରିମୋ ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶ କ୍ରମେ ସମଗ୍ର ରାଜ୍ୟରେ ବିଜୁ ଜନତା ଦଳର ସଭ୍ୟ ସଂଗ୍ରହ ଅଭିଯାନ ଚାଲୁ ରହିଛି। ଏହି ସଭ୍ୟ ସଂଗ୍ରହ ଅଭିଯାନରେ ଛାତ୍ର ଛାତ୍ରୀମାନଙ୍କୁ କିପରି ଅଧିକ ସଂଖ୍ୟାରେ ସାମିଲ କରାଯିବ ସେ ନେଇ ଆଜି ରାଜନଗର ନିର୍ବାଚନମଣ୍ଡଳୀର ୟୁକେ ମହାବୀର ମହାବିଦ୍ୟାଳୟରେ ଛାତ୍ର ଛାତ୍ରୀଙ୍କୁ ବିଜୁ ଜନତା ଦଳରେ ସାମିଲ କରିବା ସହିତ ସେମାନଙ୍କ ନାମ ଅନଲାଇନ ମାଧ୍ୟମରେ ପଞ୍ଜିକୃତ କରାଯାଇଛି। ରାଜ୍ୟ ଛାତ୍ର ବିଜେଡି ସାଧାରଣ ସମ୍ପାଦକ ବୈବର୍ତ୍ତ ନାରାୟଣ ବିଶ୍ୱାଳଙ୍କ ନେତୃତ୍ୱରେ ୫୦ରୁ ଉର୍ଦ୍ଧ୍ୱ ଛାତ୍ର ଛାତ୍ରୀଙ୍କୁ ସଦସ୍ୟ କରାଯାଇଛି। ଏହି କାର୍ଯ୍ୟକ୍ରମରେ ପଞ୍ଚାୟତ ସମିତି ଅଧ୍ୟକ୍ଷା ପ୍ରତିଭା ପାତ୍ର, ଦେବଦତ ସେଠୀ, ପ୍ରମୋଦ କୁମାର ଦାସ, ଶୁଭେନ୍ଦୁ ଓଝା, ମାଧବାନନ୍ଦ ସେଠୀ, ନିମାଇଁ ଚରଣ ସ୍ୱାଇଁ, ମନୋଜ କୁମାର ଜେନା, ପ୍ରମୋଦ କୁମାର ବେହେରା, ପର୍ଶୁରାମ ଦାସ ପ୍ରମୁଖ ମହାବିଦ୍ୟାଳୟରେ ପହଁଚି ଛାତ୍ର ଛାତ୍ରୀଙ୍କୁ ଉତ୍ସାହିତ କରିବା ସହ ଦଳରେ ସାମିଲ କରିଥିଲେ।

# ଜନସ୍ୱାର୍ଥ ପାଇଁ ରାଜରାସ୍ତାରେ ଲଢେଇ କରିବୁ: ଧ୍ରୁବ ସାହୁ



**ପଟ୍ଟାମୁଣ୍ଡାଇ, ୨୬।୧୨ (ସଂଚାର ବ୍ୟୁରୋ):** ଓଡିଶାର ସ୍ୱାର୍ଥ ଓ ସ୍ୱାଭିମାନର ସୁରକ୍ଷା ସହ ଗରିବ ଖଟିଖିଆ ସାଧାରଣ ଜନତାର ସ୍ୱାର୍ଥ ଓ ଅଧିକାର ପାଇଁ ବିଜେଡି ନବୀନ ପଟନାୟକଙ୍କ ନେତୃତ୍ୱରେ ରାଜରାସ୍ତାରେ ଲଢେଇ କରିବ ବୋଲି ରାଜନଗର ବିଧାୟକ ଧ୍ରୁବ ସାହୁ ଆଜି ରାଜନଗର ନିର୍ବାଚନମଣ୍ଡଳୀ ବିଜେଡି ପକ୍ଷରୁ ଦଳର ୨୮ତମ ପ୍ରତିଷ୍ଠା ଦିବସ ଅବସରରେ ଡିଭାଇନ ପ୍ୟାଲେସ ଠାରେ ଆୟୋଜିତ ବିଜେଡି କର୍ମୀ ସମାବେଶରେ ପ୍ରକାଶ କରିଛନ୍ତି ।

ପଟ୍ଟାମୁଣ୍ଡାଇ ବ୍ଲକ ବିଜେଡି ସଭାପତି କିଶୋର ସାହୁଙ୍କ ପୌରହିତ୍ୟରେ ଆୟୋଜିତ ସମାବେଶରେ ରାଜନଗର ବିଧାୟକ ଶ୍ରୀସାହୁ କହିଲେ ବିଗତ ମହାବାତ୍ୟାରେ ଧ୍ୱସ୍ତବିଧ୍ୱସ୍ତ ଓଡିଶା ନବୀନ ନେତୃତ୍ୱରେ ନବକଳେବର ହେବା ସହିତ ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ, କୃଷି, ମହିଳା ସଶକ୍ତିକରଣ ଆଦି ପ୍ରତ୍ୟେକ କ୍ଷେତ୍ରରେ ବିକାଶ ଶିଖର ଛୁଇଁ ଥିବାବେଳେ ବାତ୍ୟା ବନ୍ୟା ଆଦି ବିପର୍ଯ୍ୟୟ ମୁକାବିଲା ସାରା ବିଶ୍ୱ ପାଇଁ ଉଦାହରଣ ସୃଷ୍ଟି କରିଥିଲା। ମାତ୍ର ମିଥ୍ୟା ପ୍ରତିଶୃତି ଦେଇ କ୍ଷମତାକୁ ଆସିଥିବା ବିଜେପି ସରକାର ମାତ୍ର ୬ମାସ ମଧ୍ୟରେ ବିଭିନ୍ନ କ୍ଷେତ୍ରରେ ବିକାଶ ନାଁରେ କେବଳ ହତାଶା ସୃଷ୍ଟି କରିଛନ୍ତି ବୋଲି କଟାକ୍ଷ କରିବା ସହିତ ଆକାଶଛୁଆଁ ଦରଦାମ ବୃଦ୍ଧି ସମସ୍ତ ଜନସାଧାରଣଙ୍କ ମୁଣ୍ଡବ୍ୟଥାର କାରଣ ହୋଇଥିବାରୁ ଆସନ୍ତା ୬ ତାରିଖରେ ଦରଦାମ ବୃଦ୍ଧି ପ୍ରତିବାଦରେ ବିଜେଡିର ସଚିବାଳୟ ଘେରାଉ କାର୍ଯ୍ୟକ୍ରମକୁ ସଫଳ କରିବାକୁ ନିବେଦନ କରିଥିଲେ। ଦୀର୍ଘ ୨୪ବର୍ଷ ଧରି ସାର୍ବିକ ବିକାଶ ଓ ନିରନ୍ତର ସେବା ପାଇଁ ନବୀନ ପଟନାୟକଙ୍କୁ ଭାରତରତ୍ନ ଦେବାକୁ ବିଜେପିର ବରିଷ୍ଠ କେନ୍ଦ୍ରମନ୍ତ୍ରୀ ଗିରିରାଜ ସିଂ ଦାବୀ କରିବା ଘଟଣା ନବୀନଙ୍କ ବିକାଶ ଧାରାକୁ ପରୋକ୍ଷରେ ଶାସକ ବିଜେପିର ସ୍ୱୀକାରୋକ୍ତି ବୋଲି ପ୍ରକାଶ କରିଥିଲେ ।

**ଚାଷୀଙ୍କ ମେରୁଦଣ୍ଡରେ ପାହାର**

# କ୍ଷେତରୁ ପମ୍ପ ଯୋଗେ ପାଣି ଶୁଖାଉଛି ଚାଷୀ



## ଗଜା ହେଲାଣି କଟା ଧାନ, ପଚିଯିବ ପରିବା
## ଧାନର ମାନ କୋହଳ କରିବାକୁ ଦାବି

**କେନ୍ଦ୍ରାପଡ଼ା, ୨୬।୧୨ (ସଂଚାର ବ୍ୟୁରୋ) :** ସପ୍ତାହକ ତଳେ କ୍ଷେତରେ ହସୁଥିଲା ସୁନାର ଫସଲ ଭଲ ଅମଳ ଆଶାରେ ପୂର୍ବରୁ ଉତଫୁଲ୍ଲିତ ଚାଷୀ ଏବେ ନିରାଶ ଓ ହତାଶରେ ଜର୍ଜରିତ ଧାନଠୁ ନେଇ ପନିପରିବା ଯାଏଁ ସବୁକିଛି ବରବାଦ କରିଦେଇଛି ଅଦିନିଆ ଲଘୁଚାପ ବର୍ଷା । ଲଗାତାର ୫ଦିନ ଧରି ବର୍ଷା କଟାଧାନକୁ ଛାରଖାର କଲା ଦୁଇଦିନ ବର୍ଷା ଛାଡ଼ି କୋହଲା ପାଗ ବଳବତ୍ତର ରହିଲା। ଏବେ ବଡୁରା ଧାନକୁ ପୁଣି ବର୍ଷାମାଡ଼ ଫଳରେ କେନ୍ଦ୍ରାପଡ଼ା ଜିଲ୍ଲାରେ ଧାନଚାଷ ପୂରା ଧୋଇଯାଇଛି। ପାଣିରେ ଭିଜି ରହିଥିବା ଧାନ ଏବେ ଗଜା ହେବା ଉପରେ ବର୍ଷା ମାଡ଼ରେ ପରିବା ମଧ୍ୟ ପଚିଯିବାର ଚିତ୍ର ଦେଖାଦେଇଛି। ଚାଷୀଙ୍କ ମେରୁଦଣ୍ଡ ଭାଙ୍ଗି ଦେଇଥିବା ଅଦିନିଆ ବର୍ଷା କ୍ଷୟକ୍ଷତିରୁ କେବଳ ସରକାରୀ ସହାୟତା ହିଁ ଅନ୍ନଦାତାଙ୍କୁ ରକ୍ଷା କରିବ। ଅନ୍ୟଥା ଚାଷୀକୁଳ ତଳିତଳାନ୍ତ ହେବା ଥୟ।

କେନ୍ଦ୍ରାପଡ଼ା ଜିଲ୍ଲାରେ ଚଳିତ ବର୍ଷ ମୋଟ ୪ଲକ୍ଷ ୨୦ହଜାର ୫୫୦ ହେକ୍ଟର ଜମିରେ ଚାଷ ପାଇଁ ଲକ୍ଷ୍ୟ ଧାର୍ଯ୍ୟ ହୋଇଥିଲା । ତନ୍ମଧ୍ୟରୁ ୧ଲକ୍ଷ ୨୪ହଜାର ୬୦୦ ହେକ୍ଟର୍ ଜମିରେ ଧାନ ଚାଷ ହୋଇଥିବା ସୂଚନା ମିଳିଛି ।

ବର୍ଷା ଅଭାବ ଯୋଗୁଁ ବିଳମ୍ବରେ ଚାଷ କାର୍ଯ୍ୟ ଆରମ୍ଭ ହୋଇଥିଲେ ସୁଦ୍ଧା ମୁଣ୍ଡ ଝାଳ ତୁଣ୍ଡରେ ମାରି ଚାଷୀ ବିଲରେ ସୁନା ଫଳାଇଥିଲେ । ଜାନୁଆରୀ ୧୦ ରୁ ତାରିଖରୁ ଜିଲ୍ଲାରେ ଧାନମଣ୍ଡି ଖୋଲି ଚାଷୀଙ୍କଠାରୁ ଧାନକ୍ରୟ କରିବାକୁ ପ୍ରଶାସନ ନିଷ୍ପତ୍ତି ନେଇଥିଲା। ଏଥିପାଇଁ ସମସ୍ତ ପ୍ରକାର ପ୍ରସ୍ତୁତି ଶେଷ ହୋଇଥିବା ବେଳେ ୨୦ ତାରିଖରୁ ଆରମ୍ଭ ହୋଇଥିଲା ଲଘୁଚାପ ବର୍ଷା । ଅମଳ ପାଇଁ ବିଲରେ ଧାନ କାଟି ରଖିଥିବା ବେଳେ ତାହା ଭିଜି ନଷ୍ଟ ହୋଇଯାଇଛି। ଲଗାତାର ଦୁଇଟି ଲଘୁଚାପ ବର୍ଷା ମାଡ଼ରେ ଧାନ ଚାଷ ସମ୍ପୂର୍ଣ୍ଣ କ୍ଷତିଗ୍ରସ୍ତ ହୋଇଛି। ବିଲରେ ରହିଥିବା ଧାନରେ ପାଣି କାଦୁଅ ମିଶି ଯାଇଛି । ଏବେ ପାଣି କାଢ଼ିବା ପାଇଁ ପାଣି ପମ୍ପଦ୍ୱାରା କ୍ଷେତକୁ ଶିଖାଇବାକୁ ଉଦ୍ୟମ କରୁଥିବା ଗୁରୁବାର ଦେଖିବାକୁ ଦେଖିବାକୁ ମିଳିଛି। ପାଣିରୁ ସେଗୁଡ଼ିକ ସଂଗ୍ରହ କରି ଅମଳ କରିଥିବା ବେଳେ ତାହା ଗଜା ହୋଇ ଯାଉଥିବା ଦେଖିବାକୁ ମିଳୁଛି। ଗୁରୁବାର ଦିନ ବିଶେଷ ଖରା ନଥିବାରୁ ଧାନ ଶୁଖି ପାରୁନାହିଁ ଏଭଳି ସ୍ଥିତିରେ ଚାଷୀଙ୍କୁ ଭଗବାନ ହିଁ ଭରସା। ଏଣୁ ସରକାର ନିର୍ଦ୍ଧାରଣ କରିଥିବା ଧାନର ମାନ କୋହଳ କରିବାକୁ ଓଡ଼ିଶା କୃଷକ ସଭା ଜିଲ୍ଲା ସଭାପତି ଗୟାଧର ଧଳ କହିଛନ୍ତି। ଏହାସହିତ କ୍ଷତିଗ୍ରସ୍ତ ଚାଷୀଙ୍କୁ ଯୁଦ୍ଧକାଳୀନ ଭିତ୍ତରେ କ୍ଷତିପୂରଣ ପ୍ରଦାନ ବ୍ୟବସ୍ଥା କରିବାକୁ ସେ ଦାବି କରିଛନ୍ତି।

ସେହିପରି ଜିଲ୍ଲାର ବିଭିନ୍ନ ସ୍ଥାନରେ ବିଲାତି, ଫୁଲକୋବି, ଲଙ୍କା, ମୂଳା, କଲରା, ବିମ୍, ଆଳୁ, ବାଇଗଣ ଆଦି ପନିପରିବା ଚାଷ ମଧ୍ୟ କ୍ଷତିଗ୍ରସ୍ତ ହୋଇଛି। ବିଲଗୁଡ଼ିକ ପାଣିରେ ବୁଡ଼ି ରହିଥିବାରୁ ପରିବା ଚାଷ ଉଜୁଡ଼ି ଯାଇଛି ବୋଲି କଂଗ୍ରେସ ନେତା ବିଦ୍ୟୁଭୂଷଣ ମହାପାତ୍ର କହିଛନ୍ତି। ଜିଲ୍ଲାରେ ବର୍ତ୍ତମାନ ସୁଦ୍ଧା ପ୍ରାୟ ୬୦ ପ୍ରତିଶତ ଧାନକଟା ସରିଥିବା ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ସୂଚନା ଦେଇଛନ୍ତି। ତେବେ ଆହୁରି ୪୦ ପ୍ରତିଶତ ଧାନଗଛ ଜମିରେ ରହିଛି ଯେଉଁଠି ଶୀଘ୍ର ଚାଷ ହୋଇଥିଲା ସେହି ଧାନ କାଟି ଚାଷୀ ବିଲରେ ରଖିଥିବା ବେଳେ ବର୍ଷା ଯୋଗୁଁ ତାହା କ୍ଷତିଗ୍ରସ୍ତ ହୋଇଛି। ଜିଲ୍ଲାରେ ଡିସେମ୍ବର ମାସରେ ହାରାହାରି ୯.୩ ମିମି ବର୍ଷା ହୋଇଥାଏ। କିନ୍ତୁ ବର୍ତ୍ତମାନ ସୁଦ୍ଧା ହାରାହାରି ୯୦.୪୨ ମିମି ବର୍ଷା ହୋଇ ସାରିଲାଣି। ଏଥିରୁ ପ୍ରକୃତି କିଭଳି ଦାଉ ସାଧୁଛି ତାହା ସ୍ପଷ୍ଟ ଧାନ ଅମଳ ବେଳକୁ ଏଭଳି ଲଗାତାର ବର୍ଷା ଗତ ୪୦ବର୍ଷ ମଧ୍ୟରେ ଦେଖିବାକୁ ମିଳି ନଥିଲା ବୋଲି ଚାଷୀମାନେ କହିଛନ୍ତି ।

# ରାଷ୍ଟ୍ରୀୟ ଉପଭୋକ୍ତା ସୁରକ୍ଷା ଦିବସ ପାଳିତ

**କେନ୍ଦ୍ରାପଡ଼ା, ୨୬।୧୨ (ସଂଚାର ବ୍ୟୁରୋ):** ରାଷ୍ଟ୍ରୀୟ ଉପଭୋକ୍ତା ସୁରକ୍ଷା ଦିବସ ଏମଏସ ପରିଷଦ ତରଫରୁ କେନ୍ଦ୍ରାପଡା ପ୍ରେସ୍ କ୍ଲବଠାରେ ଜିଲ୍ଲା ଉପଭୋକ୍ତା ସୁରକ୍ଷା କାଉନସିଲରଙ୍କ ତରଫରୁ ପାଳନ କରାଯାଇଛି । ଆଜିର ଦିବସରେ ସାଧାରଣ ଲୋକଙ୍କୁ ଉପଭୋକ୍ତା ସୁରକ୍ଷା ସଚେତନତା ନିମନ୍ତେ ବକ୍ତବ୍ୟ ରଖାଯାଇଥିଲା । ଆମ ଦେଶର ସମସ୍ତ ନାଗରିକଙ୍କୁ ସାଧାରଣ ଠକେଇରୁ ବଞ୍ଚିବା ନିମନ୍ତେ ଆଲୋଚନା କରାଯାଇଥିଲା । ଏହାର ଯଥାର୍ଥ ବଜାରକୁ ଯେକୌଣସି ସରଞ୍ଜାମ କିଣିବାକୁ ଗଲା ବେଳେ ଯେପରି ଦୋକାନଦାରୀ ଆମକୁ କୌଣସି ରସିଦ୍ ଦିଅନ୍ତି ନାହିଁ । ଜିଲ୍ଲାରେ ଥିବା ଗ୍ୟାସ୍ ଏଜେନ୍ସି ନେଟ୍‌ରେ ବୁକ୍ କରି ଆଣିଲା ପରେ ଆମେ ଠକର ଶିକାର ହେଉଅଛୁ । ଗ୍ୟାସ୍ ବିତରକ କମ୍ପାନୀ ଆମକୁ ଓଜନ କରି ଦିଅନ୍ତି ନାହିଁ ଏବଂ ପେଟ୍ରୋଲ ପମ୍ପରେ ମଧ୍ୟ ସେହିଭଳି ଅବସ୍ଥା । ଜିଲ୍ଲାରେ ଥିବା ଓଜନ ମାପ ଅଫିସ୍ ସବୁବେଳେ ତାଲା ପଡିଥାଏ । କର୍ମଚାରୀମାନେ ଅଫିସ୍‌ରେ ଅନୁପସ୍ଥିତ ରୁହନ୍ତି ଘରୋଇ ଭାବେ କମ୍ପାନୀମାନଙ୍କ ପାଖରେ କାମ କରନ୍ତି । ଆଜିର ସଭାରେ ଗ୍ୟାସ୍, ପେଟ୍ରୋଲ ପମ୍ପ, ଓଜନ ମାପ ଏବଂ ନିତ୍ୟା ବ୍ୟବହାର୍ଯ୍ୟ ଔଷଧ ଉପରେ ଆଲୋଚନା କରାଯାଇଥିଲା । ଆଗାମୀ ଦିନରେ କିପରି ସାଧାରଣ ଉପଭୋକ୍ତା ଠକେଇରୁ ମୁକ୍ତ ହେବେ ପ୍ରଶାସନିକ ଏହା ଉପରେ ଦୃଷ୍ଟିଗୋଚର କରିବେ । ଉପଭୋକ୍ତା ସୁରକ୍ଷା କାଉନସିଲର ସମ୍ପାଦକ ଜୟଦେବ ସିଂହ ସଭାରେ ସଭାପତିତ୍ୱ କରିଥିଲେ ।

# ରାଜନଗର ବ୍ଲକ ସରପଞ୍ଚ ସଂଘର ବୈଠକ

**ରାଜନଗର, ୨୬।୧୨ (ସଂଚାର ବ୍ୟୁରୋ):** ରାଜନଗର ବ୍ଲକ ଘଡିଆମାଳ ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ବ୍ଲକ ସଂରପଞ୍ଚ ସଂଘର ୮ମ ବୈଠକ ଅନୁଷ୍ଠିତ ହୋଇଯାଇଛି। ବ୍ଲକ ସରପଞ୍ଚ ସଂଘର ସଭାପତି ଅଶୋକ କୁମାର ମହାନ୍ତିଙ୍କ ପୌରୋହିତ୍ୟରେ ଆୟୋଜିତ ଏହି ବୈଠକରେ ପଞ୍ଚାୟତ ସମିତି ଅଧ୍ୟକ୍ଷା ପ୍ରତିଭା ପାତ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ ସରପଞ୍ଚ ମାନଙ୍କ ମାନଙ୍କ ବିଭିନ୍ନ ସମସ୍ୟା ଓ ଦାବି ଗୁଡିକ ଉପରେ ଆଲୋଚନା କରିଥିଲେ। ଏହି ବୈଠକରେ ସରପଞ୍ଚ କୈଳାସ ଚନ୍ଦ୍ର ପରିଡ଼ା, ଗୋଲେଖ ଚନ୍ଦ୍ର ସ୍ୱାଇଁ, ସୁଶ୍ରୀ ସଙ୍ଗୀତା ମହାପାତ୍ର, ସସ୍ମିତା ମହାନ୍ତି, ପ୍ରସନ୍ନ ପରିଡ଼ା, ବୀଣାପାଣି ପ୍ରଧାନ, ଭବାନୀ ପାତ୍ର, ଦ୍ରୌପଦୀ ସେଠୀ, ଶୈଳେନ୍ଦ୍ର ମିଶ୍ର, ସୁରେଖା ପ୍ରଧାନ, ଚିତ ରଞ୍ଜନ ପଣ୍ଡା, ତାପସ କୁମାର ସାହୁ, ଇତିଶ୍ରୀ ମହାପାତ୍ର, ମଞ୍ଜୁଳା ଦାସ, ଅନୁସୂୟା ବିଶ୍ୱାଳ ପ୍ରମୁଖ ଯୋଗଦେଇ ପଞ୍ଚାୟତରେ ଘଟୁଥିବା ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ।

# ପ୍ରତିଷ୍ଠା ଦିବସ ପାଳିଲା କେନ୍ଦ୍ରାପଡ଼ା ବିଜେଡି




**କେନ୍ଦ୍ରାପଡା, ୨୬।୧୨ (ସଂଚାର ବ୍ୟୁରୋ):** କେନ୍ଦ୍ରାପଡା ବିଧାନସଭା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ବିଜେଡିର ୨୮ତମ ବିଜେଡି ପ୍ରତିଷ୍ଠା ଦିବସ ମୁନିସିପାଲିଟି ଟାଉନ୍ ହଲଠାରେ ଜିଲ୍ଲା ସଭାପତି ଧିରେନ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ଏହି ଉପଲକ୍ଷେ ନୂଆ ବସ୍‌ଷ୍ଟାଣ୍ଡ ଓ ଖଡିଅଙ୍ଗଠାରେ ଥିବା ପ୍ରବାଦ ପୁରୁଷ ବିଜୁବାବୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା । ରାଜ୍ୟ ସଙ୍ଗୀତ ବନ୍ଦେ ଉତ୍କଳ ଜନନୀ ଓ ପରେ ନବୀନ ସଙ୍ଗୀତ ପରିବେଷଣ ହୋଇଥିଲା । ଦିବଂଗତ ନେତା ପୂର୍ବତନ ସାଂସଦ ପ୍ରଭାତ ସାମନ୍ତରାୟ, ପୂର୍ବତନ ବିଧାୟକ ଉତ୍କଳ କେଶରୀ ପରିଡା, ଗାଙ୍ଗପଡା ସମିତି ସଭ୍ୟା ସନ୍ଧ୍ୟାରାଣୀ ସେଠୀ, ପାର୍ଥସାରଥି ସ୍ୱାଇଁ, ବୃନ୍ଦାବନ ମିଶ୍ର, ପୂର୍ବତନ ପୌରାଧ୍ୟକ୍ଷ ପ୍ରବୀର ମହାନ୍ତି, ଦେବଦାସ ମହାନ୍ତି, ସାରଦା ପ୍ରସାଦ ଦାସ, ଶୈଳେନ୍ଦ୍ର ନାରାୟଣ ଦାସ ପ୍ରମୁଖଙ୍କ ଆତ୍ମାର ସଦ୍‌ଗତି ନିମନ୍ତେ ଦୁଇମିନିଟ୍ ନୀରବ ପ୍ରାର୍ଥନା କରିଥିଲେ । ବିଜେଡିର ଏହି କାର୍ଯ୍ୟକ୍ରମରେ ୧୭ଜଣ ବିଶିଷ୍ଟ ନେତାଙ୍କୁ ଦଳ ତରଫରୁ ସମ୍ବର୍ଦ୍ଧିତ କରାଯାଇଥିଲା ।

ସମ୍ବର୍ଦ୍ଧିତ ନେତାମାନଙ୍କ ମଧ୍ୟରେ ଅଦ୍ୱୈତ ପ୍ରସାଦ ଜେନା, ଆୟବାର ବିଜୟ କୁମାର ସ୍ୱାଇଁ, ଚାରିଗାଁର କଳାକାର ମଲ୍ଲିକ, ସାନମାଣତିଆର ସୁବାଷ ବିଶ୍ୱାଳ, କେଶପୁରର ବାସନ୍ତୀ ବେହେରା, ଡିହାପଡାର ବୈକୁଣ୍ଠନାଥ ସେନାପତି, ସେକ ଲିଆକତ ଅଲ୍ଲୀ, ସୁବନି ସାହୁ, ସରପ ପ୍ରିୟଙ୍କା ପ୍ରିୟଦର୍ଶିନୀ ନାୟକ, ଜିଲ୍ଲା ପରିଷଦ ସଭ୍ୟା ନିର୍ମଳା ମହାନ୍ତି, ପୂର୍ବତନ ସରପଂଚ ଗୋବର୍ଦ୍ଧନ ମଲ୍ଲିକ, କପାଳେଶ୍ୱର ପଂଚାୟତର ବିଜୟ ପତି, କେନ୍ଦ୍ରାପଡାର ସୟଦ ଅକମଲ ଅଲ୍ଲୀ, ପୂର୍ବତନ ପୌରସଭ୍ୟ ଦୁର୍ଗା ପ୍ରସାଦ ପତି, ପୂର୍ବତନ ପୌରସଭ୍ୟା ବାହାଲି ଟୁଡୁ, ପୂର୍ବତନ ପୌର ସଭ୍ୟ ଗୋପୀନାଥ ବାରିକ ।

ବିଜେଡି ଦଳ ଓଡିଶାବାସୀଙ୍କ ସ୍ୱାଭିମାନର ପ୍ରତୀକ ଏବଂ ଓଡିଶାର ବିକାଶ ପାଇଁ ସମର୍ପିତ ବିଜେଡିକୁ ରାଜ୍ୟବାସୀ ଆଶୀର୍ବାଦ କରିବା ସହ ବିଧାୟକ ଗଣେଶ୍ୱର ବେହେରାଙ୍କୁ କେନ୍ଦ୍ରାପଡ଼ାରେ ଶକ୍ତିଶାଳୀ କରିବାକୁ ମଞ୍ଚାସୀନ ସମସ୍ତ ନେତା ତଥା ବିଜେଡିର ପ୍ରମୁଖ ସଂଗଠକମାନେ ସମସ୍ତଙ୍କୁ ଆହ୍ୱାନ ଦେଇଥିଲେ।

**ଭୁଲ୍ ଇଞ୍ଜେକ୍ସନ ଦେଇ ନାବାଳକର ମୃତ୍ୟୁ ମାମଲା**

# ଶବ ରଖି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଆଗରେ ଧାରଣା



**କେନ୍ଦ୍ରାପଡା, ୨୬।୧୨ (ସଂଚାର ବ୍ୟୁରୋ):** ଭୁଲ୍ ଇଞ୍ଜେକ୍ସନ ଏବଂ ଅବହେଳା କରି ଡାକ୍ତରଙ୍କ ଯୋଗୁଁ ଜଣେ ନାବାଳକର ମୃତ୍ୟୁ ହୋଇଥିବା ଅଭିଯୋଗ ହୋଇଛି । ମୃତ ନାବାଳକର ଓ ତାର ବାପା ପରିବାର ଲୋକେ ଜିଲ୍ଲା କାର୍ଯ୍ୟାଳୟ ସମ୍ମୁଖରେ ଶବ ରଖି ଧାରଣା ଦେଇଥିବା ଗୁରୁବାର ଦେଖିବାକୁ ମିଳିଛି। ଡାକ୍ତରଙ୍କ ଅବହେଳା ଯୋଗୁଁ ପିଲାର ମୃତ୍ୟୁ ହେବା ପରେ ପରିବାର ଲୋକେ ଥାନାରେ ଅଭିଯୋଗ ପରେ ଚିକିତ୍ସକ ଡାକ୍ତର ଏବେ ଅଭିଯୁକ୍ତ ସାଜିଛନ୍ତି।

କେନ୍ଦ୍ରାପଡା ଜିଲ୍ଲା ରାଜନଗର ଥାନା ଅଧିନ ଶୈଳେନ୍ଦ୍ର ନଗର ଥାନା ଅଧିନ ରାଜୁ ଜାନାଙ୍କ ୯ ବର୍ଷର ନାବାଳକ ପୁତ୍ର ସୂର୍ଯ୍ୟକାନ୍ତ ଜାନାକୁ ଜ୍ୱର ହୋଇଥିବାରୁ ପ୍ରଥମେ ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ସେଠାରୁ କେନ୍ଦ୍ରାପଡା ଶିଶୁ ରୋଗ ବିଶେଷଜ୍ଞ ଡାକ୍ତର କିଶୋର ମିଶ୍ରଙ୍କ ପାଖରେ ଚିକିତ୍ସା କରାଉଥିଲେ । ତେବେ ନାବାଳକର ଅବସ୍ଥା ସାଙ୍ଘାତିକ ହୋଇଥିବା ବେଳେ ତାକୁ ଏକ ଇଞ୍ଜେକସନ ଦେବାକୁ ଡାକ୍ତର ମିଶ୍ର ନର୍ସକୁ କହିଥିଲେ । ସଂପୃକ୍ତ ଇଞ୍ଜେକସନଟି ସୁମିତ୍ରା ମେଡିସିନ ଦୋକାନରୁ କିଣା ଯାଇଥିଲା। ତେବେ ଇଞ୍ଜେକସନ ନେବା ପରେ ସୂର୍ଯ୍ୟକାନ୍ତର ପାଟିରୁ ଫେଣ ବାହାରିବା ସହ ସେ ଛାଟିପିଟି ହେବାରୁ ତାଙ୍କୁ କେନ୍ଦ୍ରାପଡା ମେଡିକାଲକୁ ନିଆଯାଇ ଅକ୍ସିଜେନ ଦିଆଯିବା ସତ୍ତ୍ୱେ ମୃତ୍ୟୁ ଘଟିଥିଲା । ଏହାକୁ ନେଇ ରାଜୁ କେନ୍ଦ୍ରାପଡା ଟାଉନ ଥାନାରେ ଏକ ଲିଖିତ ଅଭିଯୋଗ କରିବା ପରେ ଥାନା କେସ ନଂ ୨୫୫/୨୪ ରେ ଏକ ମାମଲା ରୁଜୁ କରି ପୋଲିସ ଘଟଣାର ତଦନ୍ତ କରୁଥିବା ଜଣାପଡିଛି। ମୃତ ପିଲାର ବାପା ଏବଂ ତାର ସମ୍ପର୍କୀୟ ଶବକୁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ରଖି ନ୍ୟାୟ ଦାବି ସହ ଏହାର ଉଚ୍ଚସ୍ତରୀୟ ତଦନ୍ତ ଦାବି କରିଥିଲେ ।

ଏହି ସମୟରେ କେନ୍ଦ୍ରାପଡ଼ା ଜିଲ୍ଲା ଅତିରିକ୍ତ ଜିଲ୍ଲାପାଳ ନିଲୁ ମହାପାତ୍ର ମୃତ ନାବାଳକ ର ବାପାକୁ ସିଡିଏମଓ ତଦନ୍ତ ପାଇଁ ନିର୍ଦ୍ଦେଶ ଦେବା ସହ ରେଡକ୍ରସ ଫଣ୍ଡରୁ ୧୦ ହଜାର ଟଙ୍କା ସହାୟତା ଘୋଷଣା କରିବା ପରେ ଶବ ଧରି ପରିବାର ଲୋକେ ଧାରଣାରୁ ଉଠିଥିଲେ ।

# ଲୋକଙ୍କ ସେବା ଜାରି ରଖିବୁ: ଅତନୁ

**ମହାକାଳପଡ଼ା, ୨୬।୧୨ (ସଂଚାର ବ୍ୟୁରୋ):** ଆଜି ବିଜେଡ଼ି ର ୨୮ତମ ପ୍ରତିଷ୍ଠା ଦିବସ ପାଳନ ଉତ୍ସବ ମହାକାଳପଡ଼ା ନିର୍ବାଚନ ମଣ୍ଡଳୀର ମହାକାଳପଡ଼ା ସ୍ଥିତ ବିଜୁ ଜନତା ଦଳ କାର୍ଯ୍ୟାଳୟ ପରିସର ଠାରେ ଅନୁଷ୍ଠିତ ହୋଯାଇଅଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ପୂର୍ବତନ ବିଧାୟକ ତଥା ପୂର୍ବତନ ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ ଯୋଗଦେଇ ନେତା ଓ କର୍ମୀ ମାନଙ୍କୁ ଉଦବୋଧନ ଦେଇଥିଲେ। ପ୍ରଥମେ ଦଳର ପତାକା ଉତ୍ତୋଳନ କରି ବିଧିବଦ୍ଧ ଭାବରେ କାର୍ଯ୍ୟକ୍ରମକୁ ଆଗକୁ ବଢ଼ାଇଥିଲେ। ଦୀର୍ଘ ୨୪ ବର୍ଷ ପରେ ବିଜୁ ଜନତା ଦଳ ଶାସନରୁ ହଟିଛି ସତ ହେଲେ ଲୋକଙ୍କ ସେବା ପାଇଁ ସଦାସର୍ବଦା ନବୀନ ପଟ୍ଟନାୟକ ଆମକୁ ନିର୍ଦ୍ଦେଶ ଦେଇଛନ୍ତି ।




ଲୋକଙ୍କୁ ନିରନ୍ତର ସେବା ଯୋଗାଇ ଆସୁଥିବା ରାଜନୈତିକ ଦଳ ଶାସନରେ ନାହିଁ ସତ ହେଲେ ସାଧାରଣ ଲୋକଙ୍କ ଭରଷା, ବିଶ୍ୱାସ କୁ ସଦାସର୍ବଦା ବଜାୟ ରଖିବା ପାଇଁ କାମ କରିବ। ଲୋକଙ୍କ ପାଖରେ ସବୁବେଳେ ଜଣେ ପରିବାର ସଦସ୍ୟ ଭାବରେ ରହିବା ପାଇଁ ଆହ୍ୱାନ କରିଥିଲେ ଅତନୁ। ଗଣତାନ୍ତ୍ରିକ ରାଷ୍ଟ୍ରରେ ହାର୍ ଜିତ୍ ଏକ ନିରନ୍ତର ପ୍ରକ୍ରିୟା। ଯେଉଁଥିରେ ବିଜୁ ଜନତା ଦଳ କେବେ ବିଚଳିତ ହୋଇନି। ଲୋକଙ୍କ ସେବା କରିବା ପାଇଁ ପ୍ରତିଟି ଜନପ୍ରତିନିଧି, କର୍ମୀ ମାନେ ପ୍ରସ୍ତୁତ ରହିବା ପାଇଁ ସେ ବାର୍ତ୍ତା ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ମାର୍ଶାଘାଇ ବ୍ଲକ୍ ସଭାପତି ସଞ୍ଜୟ ଲେଙ୍କା, ଦୁଇ ଗୋଟି ବ୍ଲକ୍ ର ଚେୟାରମେନ, ଜିଲ୍ଲାପରିଷଦ,ବିଭିନ୍ନ ପଞ୍ଚାୟତ ର ସରପଞ୍ଚ,ସମିତି ସଭ୍ୟ ଓ ବିଜୁ ଜନତା ଦଳର କର୍ମୀ, ଶୁଭେଚ୍ଛୁ ବହୁ ସଂଖ୍ୟାରେ ଉପସ୍ଥିତ ଥିଲେ।

# ବାଙ୍କିଛନ୍ଦାରେ ବେଧଡକ୍ ଚୋରା ମଦ ବ୍ୟବସାୟ ଓ ଜୁଆ ଖେଳ




**ମହାକାଳପଡ଼ା, ୨୬।୧୨ (ସଂଚାର ବ୍ୟୁରୋ):** ଗାଁରେ ଏବେ ଚୋରା ମଦ ବ୍ୟବସାୟ ବ୍ୟାପିଗଲାଣି। ସରକାରୀ ମଦ କାଉଣ୍ଟରରେ ଯେତିକି ଭିଡ଼ ହେଉନି, ତାହାଠୁ ଅଧିକ ଭିଡ ଏବେ ଗାଁରେ ଲାଗୁଛି। କି ଦିନ କି ରାତି ଅସାଧୁ ବ୍ୟକ୍ତିମାନେ ନିଜ ଘରକୁ ବାର୍ ସଜାଇ ଅହରହ କରୁଛନ୍ତି ମଦ ବ୍ୟବସାୟ। ଭଲିକି ଭଲି କମ୍ପାନୀର ମଦ କିଏ ଘଷି ଗଦାରେ ରଖୁଛି ତ ଆଉ କିଏ ନଈ ପଠାରେ। କିଏ ବାଡିପଟେ ଗୁପ୍ତ ସୁଡ଼ଙ୍ଗରେ ରଖିଛି ତ ଆଉ କିଏ ବିଲ ମଝିରେ। ଦିନରେ ଘରଠାରୁ ଦୂରରେ ରଖୁଛନ୍ତି, ରାତି ହେଲେ ଘର ପାଖକୁ ଆଣୁଛନ୍ତି। ଗରାଖ ପହଞ୍ଚି ମଦର ନାମ କହିଲା ମାତ୍ରେ ହାତରେ ଧରା ହେଉଛି ମଦ। କେନ୍ଦ୍ରାପଡ଼ା ଜିଲ୍ଲା ମହାକାଳପଡା ବ୍ଲକ ଦେଉଳପଡା ପଞ୍ଚାୟତ ଅମିରାବାଦ (ବାଙ୍କିଛନ୍ଦା) ଗ୍ରାମରେ ଏମିତି ଚୋରା ମଦ ବ୍ୟବସାୟ ବ୍ୟାପିଗଲାଣି। ଗ୍ରାମର ନିର୍ଦ୍ଦିଷ୍ଟ କେତେଜଣ ବ୍ୟକ୍ତି ଥାନାର କିଛି କର୍ମଚାରୀଙ୍କୁ ହାତ କରି ଏହି ମଦ ବ୍ୟବସାୟ ଚଳାଇଛନ୍ତି।

କେବଳ ସେତିକି ନୁହେଁ କୌଣସି ଅସୁବିଧା ନହେବା ପାଇଁ କିଛି ପୋଲିସ କର୍ମଚାରୀ ମାସକୁ ମାସ ଚାନ୍ଦା ମଧ୍ୟ ନେଉଥିବା ଏବେ ଗାଁ ଗାଁରେ ଆଲୋଚନା ହେଉଛି। ମଦ ପିଇବାକୁ ଆସୁଥିବା ବ୍ୟକ୍ତି ମଦ ପିଇ ସେହି ଗ୍ରାମରେ ଜୁଆ ମଧ୍ୟ ଖେଳୁଛନ୍ତି। ଯାହାକୁ କେନ୍ଦ୍ର କରି ଗାଁ ଗାଁ ମଧ୍ୟରେ ଗଣ୍ଡଗୋଳ ପରିସ୍ଥିତି ମଧ୍ୟ ଦେଖିବାକୁ ମିଳୁଛି। ଗାଁର ପରିବେଶ କେବଳ ନଷ୍ଟ ହେଉଛି ତାହା ନୁହେଁ ଆଗାମୀ ଭବିଷ୍ୟତ କୁହାଯାଉଥିବା କୁନି କୁନି ପିଲାମାନଙ୍କ ଉପରେ ମଧ୍ୟ ଏହା କୁପ୍ରଭାବ ପକାଉଛି। ହେଲେ ମଦରୁ ମିଳୁଥିବା ମୁନାଫା ପାଇଁ ଅସାଧୁ ବ୍ୟକ୍ତି ମାନଙ୍କୁ ଏଥିପାଇଁ କୌଣସି ପ୍ରଭାବ ପଡୁନି। ଲିଖିତ ଦାମ୍ ଠାରୁ କୋଡ଼ିଏ ତିରିଶ ଅଧିକ ଦାମ୍‌ରେ ବିକୁଛନ୍ତି। ଫୋନ୍ ପେ'ରେ ଟଙ୍କା ନେଉଛନ୍ତି। ଜଣେ ବ୍ୟକ୍ତି ଗୋଟିଏ ଦିନ ଅବଧିରେ ପାଖାପାଖି ୪ ହଜାରରୁ ଅଧିକ ମଦ ବ୍ୟବସାୟ କରୁଛନ୍ତି। ଯଦି ସମ୍ପୃକ୍ତ ବ୍ୟକ୍ତଙ୍କୁ ଧରି ତାଙ୍କ ଫୋନ୍ ପେ ତନଖି କରାଯାଆନ୍ତା ତେବେ ସବୁ ତଥ୍ୟ ଏକାଥରକେ ସାମ୍ନାକୁ ଆସନ୍ତା ।

- ଥାନାକୁ ହାତ କରି ମଦ ବିକୁଛନ୍ତି ଅସାଧୁ ବ୍ୟକ୍ତି
- ହେଉନି ପାଟ୍ରୋଲିଂ, ବିଗିଡ଼ି ଗଲାଣି ସ୍ଥିତି
- ଅସୁରକ୍ଷିତ ମହିଳା

କେତେଜଣ ଦଲାଲ୍ ବାଇକ୍ ଯୋଗେ ସରକାରୀ ମଦ କାଉଣ୍ଟରରୁ ଅଖାରେ ବାନ୍ଧି ଦିନ ଦ୍ୱିପ୍ରହରରେ ପୋଲିସ ଆଖିରେ ଧୂଳି ଦେଇ ଖୁଲମଖୁଲା ଘର ପାଖରେ ମଦ ପହଞ୍ଚାଇ ମୋଟା ଅଙ୍କର ମୁନାଫା କମାଉଛନ୍ତି। ହେଲେ ମହାକାଳପଡା ପୋଲିସ ଏଦିଗରେ ସମ୍ପୂର୍ଣ୍ଣ ନିରବ। ନା ପେଟ୍ରୋଲିଂ ହେଉଛି ନା ଧରପଗଡ। ଯାହା ଫଳରେ ଏମିତି ଅପରାଧିକ କାର୍ଯ୍ୟକଳାପ ଗାଁ ଗାଁ ର ପରିବେଶକୁ ସମ୍ପୂର୍ଣ୍ଣ ବିଗାଡିବାରେ ଲାଗିଛି।

ମହାକାଳପଡ଼ା ପୋଲିସ ନିକଟ ଅତୀତରେ କିଛି ଜଣ ମଦ ଚାଲାଣ କାରୀଙ୍କୁ ଧରିଥିଲା ହେଲେ ଯେଉଁ କଥାକୁ ସେଇ କଥା। ସେମାନେ ପୁଣି ଏହି କାରବାରରେ ଲିପ୍ତ ରହୁଛନ୍ତି। ଗାଁ ରେ ଏମିତି ଚୋରା ମଦ ବ୍ୟବସାୟ ପଛରେ କେଉଁ ପୋଲିସ କର୍ମଚାରୀ ମାନଙ୍କ ଭୂମିକା ରହିଛି ତାହା ଏବେ ସନ୍ଦେହରେ? ଥାନା ତରଫରୁ ପେଟ୍ରୋଲିଂ କରାନଯିବା ପଛରେ କାରଣ କ'ଣ? ଯଦି ମହାକାଳପଡ଼ା ପୋଲିସ ସଜାଗ ଅଛି ତେବେ ପ୍ରତିଦିନ ମହାକାଳପଡ଼ା-ଜାଲକଣା ରାସ୍ତା ଦେଇ ପେଟି ପେଟି ମଦ ଚାଲାଣ ହେଉଛି କିପରି? ଏମିତି ଅନେକ ପ୍ରଶ୍ନ ଏବେ ସାଧାରଣରେ ଉଙ୍କି ମାରୁଛି। ପେଟ୍ରୋଲିଂ ନହେବା ଦ୍ୱାରା ଏମିତି ଅସାଧୁ କାରବାର ଗାଁ ଗାଁରେ ବଢ଼ି ଚାଲିଛି। ମହାକାଳପଡ଼ା ଥାନା ପକ୍ଷରୁ ନିୟମିତ ପେଟ୍ରୋଲିଂ କରାଗଲେ ଏସବୁ କାରବାର ହ୍ରାସ ପାଆନ୍ତା ବୋଲି ଅଞ୍ଚଳର କିଛି ବୁଦ୍ଧିଜୀବୀ ମତବ୍ୟକ୍ତ କରିଛନ୍ତି।

# ପ୍ରଧାନମନ୍ତ୍ରୀ ରାଷ୍ଟ୍ରୀୟ ବାଲ ପୁରସ୍କାର ପ୍ରଦାନ କଲେ ରାଷ୍ଟ୍ରପତି



**ନୂଆଦିଲ୍ଲୀ,୨୬।୧୨:** ନୂଆଦିଲ୍ଲୀର ରାଷ୍ଟ୍ରପତି ଭବନ କଲଚରାଲ ସେଂଟରରେ ଆଜି (ଡିସେମ୍ବର ୨୬) ଭାରତର ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଉଲ୍ଲେଖନୀୟ କୃତିତ୍ୱ ଲାଗି ସାତଟି ବିଭାଗରେ ୧୭ ଜଣ ବାଳକ, ବାଳିକାଙ୍କୁ ପ୍ରଧାନମନ୍ତ୍ରୀ ରାଷ୍ଟ୍ରୀୟ ବାଲ ପୁରସ୍କାର ପ୍ରଦାନ କରିଛନ୍ତି। ଏହି ଅବସରରେ ଉଦବୋଧନ ଦେଇ ରାଷ୍ଟ୍ରପତି ପୁରସ୍କୃତ ହୋଇଥିବା ବାଳକ ଓ ବାଳିକାଙ୍କୁ ଅଭିବାଦନ ଜଣାଇଛନ୍ତି। ସେମାନଙ୍କ ଲାଗି ଉଭୟ ଦେଶ ଓ ସମାଜ ଗର୍ବ ଅନୁଭବ କରେ ବୋଲି ରାଷ୍ଟ୍ରପତି କହିଛନ୍ତି। ପୁରସ୍କୃତ ହୋଇଥିବା ପିଲାମାନେ ଅଭୂତପୂର୍ବ କାମ କରି ଅସାମାନ୍ୟ ଗୁଣାବଳୀର ଅଧିକାରୀ ହୋଇଥିବା ରାଷ୍ଟ୍ରପତି ଉଲ୍ଲେଖ କରିଛନ୍ତି। ଦେଶର ବାକି ପିଲାମାନଙ୍କ ଲାଗି ସେମାନେ ଉଦାହରଣ ସୃଷ୍ଟି କରିଥିବା ସେ କହିଛନ୍ତି। ପିଲାମାନଙ୍କର କ୍ଷମତାକୁ ଚିହ୍ନି ସେଭଳି ସୁଯୋଗ ସୃଷ୍ଟି କରିବା ଆମ ପରମ୍ପରାର ଏକ ଅଂଶ ବିଶେଷ। ଏହି ପରମ୍ପରାକୁ ଆଗାମୀ ଦିନରେ ବଜାୟ ରଖିବା ଉପରେ ରାଷ୍ଟ୍ରପତି ଗୁରୁତ୍ୱାରୋପ କରିଛନ୍ତି। ୨୦୪୭ରେ ଯେବେ ଆମ ଦେଶ ସ୍ୱାଧୀନତାର ଶତବାର୍ଷିକୀ ପାଳନ କରିବ ସେତେବେଳେ ପୁରସ୍କୃତ ହୋଇଥିବା ଏହି ପିଲାମାନେ ବଡ ହୋଇ ନାଗରିକତ୍ୱ ପାଇସାରିଥିବେ ବୋଲି ସେ କହିଛନ୍ତି। ବିକଶିତ ଭାରତବର୍ଷର ନିର୍ମାତା ଭାବେ ପୁରସ୍କୃତ ହୋଇଥିବା ଏହି ବାଳକ ଓ ବାଳିକାମାନେ କାମ କରିବେ ବୋଲି ରାଷ୍ଟ୍ରପତି ଆଶା ପ୍ରକଟ କରିଛନ୍ତି।

# ଭାରତୀୟ ମୂଲ୍ୟବୋଧ ଆଧାରରେ ନୂଆ ପିଢ଼ି ତିଆରି କରୁଛି ଶିଶୁ ମନ୍ଦିର

- ବଣମଲ୍ଲିଙ୍କୁ ଲୋକଲୋଚନକୁ ଆଣିବାରେ ଶିଶୁ ବିଦ୍ୟା ମନ୍ଦିରର ରହିଛି ଅଗ୍ରଣୀ ଭୂମିକା
- ଭଞ୍ଜ ଭୂମିରୁ ବାହାରୁ ଥିବା ପିଲାମାନେ ବିଶ୍ୱ ସମସ୍ୟାର ସମାଧାନ କରିବେ






**ଭଞ୍ଜନଗର,୨୬।୧୨(ସଂଚାର ବ୍ୟୁରୋ):** ଶିଶୁ ମନ୍ଦିର ଓଡ଼ିଶାର ଶିକ୍ଷା କ୍ଷେତ୍ରରେ ଏକ ବିପ୍ଳବ । ଭାରତୀୟ ପଦ୍ଧତି ଓ ମୂଲ୍ୟବୋଧ ଆଧାରିତ ଶିକ୍ଷା, ଗୁଣାତ୍ମକ ଶିକ୍ଷା ଏବଂ ସାଧାରଣ ଲୋକଙ୍କ ପାଇଁ ଶିକ୍ଷା ପ୍ରଦାନ ସହ ଏକ ନୂଆ ପିଢ଼ି ଗଢ଼ିବାରେ ବିଦ୍ୟା ଭାରତୀ ଶିକ୍ଷା ବିକାଶ ସମିତି ଦ୍ୱାରା ପରିଚାଳିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ଭୂମିକା ସବୁଠୁ ବଡ଼ ବୋଲି କହିଛନ୍ତି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ। ଗୁରୁବାର କଳା, ସାହିତ୍ୟ ଓ ସଂସ୍କୃତିର ଭୂମି ଗଞ୍ଜାମ ଜିଲ୍ଲା ଭଞ୍ଜନଗର ଡ଼ିହପଡାଳ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ନୂତନ ଭବନ ଉଦଘାଟନ ଉତ୍ସବରେ ଯୋଗଦେଇ ଶ୍ରୀ ପ୍ରଧାନ କହିଛନ୍ତି, ନିଜ ଧର୍ମ ଓ ରାଷ୍ଟ୍ରକୁ ଭଲପାଇବା ତଥା ଏହାପାଇଁ ଆନୁଗତ୍ୟ ଦେଖାଇବାରେ ଶିଶୁ ମନ୍ଦିରର ଛାତ୍ରଛାତ୍ରୀମାନେ ସବୁବେଳେ ଆଗରେ ରହିଆସିଛନ୍ତି। ଓଡ଼ିଶାରେ ପ୍ରାୟ ୬୧ ହଜାର ସ୍କୁଲ ଥିବାବେଳେ ସେଥିମଧ୍ୟରୁ ଶିଶୁ ମନ୍ଦିରର ସଂଖ୍ୟା ହେଉଛି ପ୍ରାୟ ୧ ହଜାର । ଓଡ଼ିଶାରେ ୭୬ ଲକ୍ଷ ଛାତ୍ରଛାତ୍ରୀ ସ୍କୁଲରେ ପାଠ ପଢୁଥିବା ବେଳେ ଶିଶୁ ମନ୍ଦିରରେ ପ୍ରାୟ ୩ ଲକ୍ଷ ୭୦ ହଜାର ପିଲା ପାଠ ପଢୁଛନ୍ତି । ଗଞ୍ଜାମର ନୀଳକଣ୍ଠ ନଗର ଶିଶୁ ମନ୍ଦିର ରାଜ୍ୟର ଅଗ୍ରଣୀ ବିଦ୍ୟାଳୟ ଭାବେ ଉଭା ହୋଇଛି। ତେବେ ଶିଶୁ ମନ୍ଦିର ପାଖରେ ଏକ ଯାଦୁ ଅଛି । ପିଲାମାନେ ଏହି ଠାରୁ ପାଠ ପଢି କେବଳ ଡିଗ୍ରୀ ଓ ସାର୍ଟିଫିକେଟ୍ ପାଉନାହାନ୍ତି । ଛାତ୍ରଛାତ୍ରୀମାନେ ଜ୍ଞାନ ଆହରଣ କରି ସମାଜରେ ଜଣେ ଜଣେ ଉତ୍ତମ ନାଗରିକ ହେଉଛନ୍ତି । ଏହି ଶିକ୍ଷା ରୂପକ ମନ୍ଦିରରୁ ପାଠ ପଢୁଥିବା ପିଲାମାନେ ସମାଜରେ ଜଣେ ସଫଳ ଓ ଦାୟିତ୍ୱବାନ ନାଗରିକ ଭାବେ ପରିଚିତ ହେଉଛନ୍ତି, ଯାହା ଆମ ପାଇଁ ଗର୍ବର ବିଷୟ । ୧୯୯୦ରୁ ସ୍ଥାପିତ ଡ଼ିହପଡାଳ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ୩୫ ବର୍ଷ ଧରି ଉପାନ୍ତ ଅଞ୍ଚଳରେ ନିରନ୍ତର ଶିକ୍ଷା ପ୍ରଦାନ କରିଚାଲିଛି । ଭାରତୀୟ ଶିକ୍ଷା ପ୍ରଣାଳୀରେ ଲୋକମାନଙ୍କୁ ଯୋଡିବା ପାଇଁ ଭଞ୍ଜ ମାଟିରେ ପ୍ରତିଷ୍ଠିତ ଏହି ଶିଶୁ ମନ୍ଦିରରୁ ପାଠ ପଢି ଅନେକ ଛାତ୍ରଛାତ୍ରୀ ଆଇଆଇଟି ଓ ଏନଆଇଟିରେ ଉଚ୍ଚ ଶିକ୍ଷା ଲାଭ କରିଛନ୍ତି ତ ଅନେକ ନିଟ୍ ପରୀକ୍ଷାରେ ସଫଳତା ହାସଲ କରିଛନ୍ତି। ଅନେକ ଛାତ୍ରଛାତ୍ରୀ ପ୍ରଶାସନିକ ପରୀକ୍ଷାରେ କୃତକାର୍ଯ୍ୟ ହୋଇଛନ୍ତି, ଯାହା ପ୍ରଶଂସନୀୟ । ବଣମଲ୍ଲିଙ୍କୁ ଲୋକଲୋଚନକୁ ଆଣିବାରେ ଏହି ଶିଶୁ ମନ୍ଦିର ଅଗ୍ରଣୀ ଭୂମିକା ନେଇଛି । ଏହି ବିଦ୍ୟା ମନ୍ଦିରର ବିକାଶ କରିବା ଆମ ସମସ୍ତଙ୍କର ଦାୟିତ୍ୱ ବୋଲି ସେ କହିଛନ୍ତି । ସେ କହିଥିଲେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ କଳ୍ପନାରେ ଓଡ଼ିଶା ସମେତ ଦେଶରେ ଜାତୀୟ ଶିକ୍ଷା ନୀତି - ୨୦୨୦ ଲାଗୁ ହୋଇଛି । ନିଜ ପାଇଁ ନୁହେଁ, ଜାତି, ସମାଜ ଏବଂ ଆମ ସଂସ୍କୃତିର ଉତ୍ଥାନ ପାଇଁ ନିରନ୍ତର କାମ କରିବାର ବିଚାର ଏହି ଶିକ୍ଷା ନୀତିରେ ଅନ୍ତର୍ନିହିତ ଅଛି ।



ବିଶିଷ୍ଟ ସଙ୍ଗୀତ ନିର୍ଦ୍ଦେଶକ ପ୍ରେମାନନ୍ଦ, ଚଳଚ୍ଚିତ୍ର ଅଭିନେତା ସବ୍ୟସାଚୀ ମିଶ୍ର ଓ ପ୍ରଯୋଜକ ପ୍ରବୀଣ ଅଗ୍ରୱାଲ ଲୋକସେବା ଭବନରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ସୌଜନ୍ୟମୂଳକ ସାକ୍ଷାତ କରୁଛନ୍ତି

# ବ୍ୟକ୍ତିତ୍ୱର ବିକାଶ କରିଥାଏ ଶିକ୍ଷା

## ‘କିସ୍’ରେ ପଢ଼ୁଥିବା ଝାଡ଼ଖଣ୍ଡ ରାଜ୍ୟର ଛାତ୍ରଛାତ୍ରୀଙ୍କୁ ଭେଟିଲେ ରାଜ୍ୟପାଳ



**ଭୁବନେଶ୍ୱର,୨୬।୧୨(ସଂଚାର ବ୍ୟୁରୋ):** ଶିକ୍ଷା ଦ୍ୱାରା କେବଳ ଡ଼ିଗ୍ରୀ କିମ୍ବା ସାର୍ଟିଫିକେଟ୍ ହାସଲ ହୁଏ ନାହିଁ ବରଂ ଶିକ୍ଷା ଜ୍ଞାନର ପରିସରକୁ ବଢ଼ାଇଥାଏ ଓ ବ୍ୟକ୍ତିର ବ୍ୟକ୍ତିତ୍ୱକୁ ବିଶେଷ ଭାବେ ପ୍ରଭାବିତ କରିବା ସହ ଏହାର ବିକାଶ ମଧ୍ୟ କରିଥାଏ ବୋଲି ବିଦାୟୀ ରାଜ୍ୟପାଳ ଶ୍ରୀ ରଘୁବର ଦାସ କହିଛନ୍ତି। ଆଜି ରାଜଭବନର ନ୍ୟୁ ଅଭିଷେକ ହଲ୍‌ଠାରେ କଳିଙ୍ଗ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ସୋସିଆଲ ସାଇନ୍‌ସ (କିସ୍)ରେ ଝାଡ଼ଖଣ୍ଡ ରାଜ୍ୟରୁ ଆସି ଅଧ୍ୟୟନ କରୁଥିବା ଛାତ୍ରଛାତ୍ରୀମାନଙ୍କୁ ଭେଟିବା ସହିତ ଉଦ୍‌ବୋଧନ ଦେବା ଅବସରରେ ରାଜ୍ୟପାଳ ଜୀବନରେ ସମ୍ମୁଖୀନ ହେଉଥିବା ସଂଘର୍ଷ ବ୍ୟକ୍ତିକୁ ଦୃଢ଼ମନା କରିଥାଏ ବୋଲି କହିଥିଲେ। ପ୍ରତିଟି ସଂଘର୍ଷ ଏବଂ ଆହ୍ୱାନ କିଛିଟା ଶିକ୍ଷା ଦେଇଥାଏ ଓ ଏହା ଜୀବନର ଲକ୍ଷ୍ୟ ହାସଲ ଦିଗରେ ଅଗ୍ରସର ହେବାକୁ ଶକ୍ତି ପ୍ରଦାନ କରିଥାଏ ବୋଲି ସେ ପ୍ରକାଶ କରିଥିଲେ। ‘କିସ୍’ ଅନୁଷ୍ଠାନ ଜନଜାତି ସମ୍ପ୍ରଦାୟର ପିଲାମାନଙ୍କ ମଧ୍ୟରେ ଶିକ୍ଷା ପ୍ରତି ଯଥେଷ୍ଟ ଆଗ୍ରହ ସହିତ ଉତ୍ସାହ ଆଣିପାରିଛି ଓ ସେମାନଙ୍କ ବିଭିନ୍ନ କ୍ଷେତ୍ରରେ ହାସଲ କରୁଥିବା ସଫଳତା ବାସ୍ତବିକ୍ ପ୍ରଶଂସନୀୟ ବୋଲି ରାଜ୍ୟପାଳ କହିଥିଲେ ଓ ଅନୁଷ୍ଠାନର ପ୍ରତିଷ୍ଠାତା ଡ଼କ୍ଟର ଅଚ୍ୟୁତ ସାମନ୍ତଙ୍କ ଦିଗ୍‌ଦର୍ଶନ, ପ୍ରେରଣା ଏବଂ ଦୂରଦୃଷ୍ଟି ପ୍ରକୃତ କ୍ଷେତ୍ରରେ ଅନେକଙ୍କ ଜୀବନକୁ ଶିକ୍ଷାର ଆଲୋକ ଦ୍ୱାରା ଆଲୋକିତ କରିପାରିଛି ବୋଲି କହିଥିଲେ। ଶିକ୍ଷା ସୁନାଗରିକ ଗଢ଼ିବା ସହିତ ଜୀବନକୁ ସୁଖମୟ କରିଥାଏ ଓ ନିଜର ଦାୟିତ୍ୱ ଏବଂ କର୍ତ୍ତବ୍ୟ ସମ୍ପର୍କରେ ସଚେତନ ମଧ୍ୟ କରାଇଥାଏ ବୋଲି ରାଜ୍ୟପାଳ କହିଥିଲେ। ଛାତ୍ରଛାତ୍ରୀମାନଙ୍କୁ ଉଦ୍‌ବୋଧନ ଦେଇ ରାଜ୍ୟପାଳ ସେମାନଙ୍କୁ ନିଜ ନିଜ ଅଞ୍ଚଳକୁ ଯିବା ସମୟରେ ସେଠାରେ ଶିକ୍ଷାର ବାତାବରଣ ସୃଷ୍ଟି କରି ପାଠପଢ଼ାରୁ ବଞ୍ଚିତ ଅନ୍ୟମାନଙ୍କୁ ଶିକ୍ଷାପ୍ରତି ଆଗ୍ରହୀ କରିବା ପାଇଁ କାର୍ଯ୍ୟ କରିବାକୁ ସେମାନଙ୍କଠାରୁ ଆଶା ରଖିଥିଲେ।

# ଧର୍ମରକ୍ଷା ପାଇଁ ଜୋରାବର ଓ ଫତେ ସିଂଙ୍କ ବଳିଦାନ ଅବିସ୍ମରଣୀୟ



**ଭୁବନେଶ୍ୱର,୨୬।୧୨ (ସଂଚାର ବ୍ୟୁରୋ):** ବୀର ସାହେବଜାଦେଙ୍କ ବୀରତ୍ୱର କାହାଣୀ ସମଗ୍ର ବିଶ୍ୱକୁ ଆଶ୍ଚର୍ଯ୍ୟାନ୍ୱିତ କରିଦେଇଥିଲା। ଗୁରୁ ଗୋବିନ୍ଦ ସିଂହ ଜୀ ଏବଂ ତାଙ୍କ ଚାରି ବୀର ସାହେବଜାଦେଙ୍କ ସାହସ ଏବଂ ଆଦର୍ଶ ଆଜି ପ୍ରତ୍ୟେକ ଭାରତୀୟଙ୍କୁ ଅନୁପ୍ରାଣିତ କରିଛି। ଦେଶର ସମ୍ମାନ ରକ୍ଷା କରିବା ପାଇଁ ଦଶମ ଶିଖ୍ ଗୁରୁଙ୍କ ମହାନ ଯୋଗଦାନ ଏବଂ ଶିଖ୍ ପରମ୍ପରାର ବଳିଦାନକୁ ଏହି ଦିବସ ମନେ ପକାଇଥାଏ। ଗତ ୨୦୨୨ ମସିହା ଜାନୁଆରୀ ୯ ତାରିଖରେ ଗୁରୁ ଗୋବିନ୍ଦ ସିଂହଙ୍କ ବାର୍ଷିକ ଜନ୍ମ ଦିବସ ଅବସରରେ ଯଶସ୍ୱୀ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦି ଡିସେମ୍ବର ୨୬ ତାରିଖକୁ ‘ବୀର ବାଲ୍ ଦିବସ’ ରୂପେ ଘୋଷଣା କରିଥିଲେ। ସେବେଠାରୁ ପ୍ରତିବର୍ଷ ଦେଶବ୍ୟାପୀ ଏହି ଦିବସ ପାଳନ କରାଯାଉଛି। ସେମାନଙ୍କ ସାହସକୁ ମନେ ପକାଇ ପ୍ରତିବର୍ଷ ୨୬ ଡିସେମ୍ବରକୁ “ବୀର ବାଲ ଦିବସ’ ଭାବରେ ପାଳନ କରାଯାଉଛି। ଧର୍ମରକ୍ଷା ପାଇଁ ଜୋରାବର ଓ ଫତେ ସିଂଙ୍କ ବଳିଦାନ ଅବିସ୍ମରଣୀୟ ବୋଲି ରାଜ୍ୟ ସଭାପତି ଶ୍ରୀ ମନମୋହନ ସାମଲ କହିଛନ୍ତି। ଏହି ଅବସରରେ ଶ୍ରୀ ସାମଲ ଶିଖ୍ ସମ୍ପ୍ରଦାୟର ଶିଶୁମାନଙ୍କ ସାହସିକତାକୁ ଭୂରଭୂରି ପ୍ରଶଂସା କରିବା ସହ ଭୁବନେଶ୍ୱରର ଖାରବେଳନଗର ସ୍ଥିତ ଗୁରୁଦ୍ୱାରକୁ ଯାଇ ବାଲ୍ ବୀର ଜୋରଦାର ସିଂହ ଓ ଫତେ ସିଂହଙ୍କୁ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ ଏବଂ ପ୍ରାର୍ଥନା ସଭାରେ ଯୋଗଦେଇଥିଲେ। ଶ୍ରୀ ସାମଲ କହିଥିଲେ ଯେ, ମୋଗଲ ଶାସନ କାଳରେ ଭାରତୀୟ ସନାତନୀଙ୍କ ଉପରେ ଧର୍ମପରିବର୍ତ୍ତନ ନିମନ୍ତେ ନାନା ପାଶବିକ ଅତ୍ୟାଚାର କରାଯାଉଥିଲା।

## ଟ୍ୱିନ୍ ସିଟି କ୍ରାଇମ୍

# ସୁଯୋଗ ଅପେକ୍ଷାରେ ଥାଏ ମୌକା ଦେଖି ନେଇଯାଏ



**ଭୁବନେଶ୍ୱର,୨୬।୧୨(ସଂଚାର ବ୍ୟୁରୋ):** ଅଭିଯୋଗକାରୀ ଶୀତାଂଶୁ ଶେଖର ଓଝାଙ୍କର ଏତଲା ଆଧାରରେ ତମାଡୋ ଥାନା ପୁଲିସ ଉପରୋକ୍ତ ମାମଲା ରୁଜୁ କରିବା ସହ ସମ୍ପୃକ୍ତି ଥିବା ଅଭିଯୋଗରେ ଅଭିଯୁକ୍ତ ଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛନ୍ତି । ସୂଚନାଯୋଗ୍ୟ ଯେ, ଗତ ତା ୨୪ରିଖରେ ଅଭିଯୋଗକାରୀ ଡିଏନ ରେଗୋଲିଆ ମଲ କୁ ଯାଇଥିବା ସମୟରେ ସେ ତାଙ୍କର ମୋଟରସାଇକେଲ ଟିକୁ ମଲ ସାମ୍ନା ମେନ ଗେଟ୍ ନିକଟରେ ପାର୍କିଂ କରି ରଖିଥିଲେ । ସେହି ସମୟରେ ଅଭିଯୁକ୍ତ ସୁନିଲ ସେଠାକୁ ଯାଇଥିଲେ ଓ ସୁଯୋଗ ଦେଖି ଶୀତାଂଶୁ ଙ୍କର ମୋଟରସାଇକେଲ ଟିକୁ ଚୋରୀ କରି ନେଇ ଯାଇଥିଲେ । ମଲ୍ ରୁ ଫେରିବା ପରେ ଶୀତାଂଶୁ ତାଙ୍କର ମୋଟରସାଇକେଲ ଟିକୁ ପାର୍କିଂ ରୁ ପାଇ ନଥିବାରୁ ଚୋରୀ ହୋଇଥିବା ଜାଣିପରି ଏନେଇ ତମାଡୋ ଥାନା ରେ ଲିଖ୍ ଅଭିଯୋଗ କରିଥିଲେ। ଏହି ମାମଲାର ତଦନ୍ତ ଚାଲୁ ଥିବା ସମୟରେ ବିଶ୍ୱସ୍ତ ସୂତ୍ରରୁ ମିଳିଥିବା ସୂଚନା କୁ ଆଧାର କରି ପୁଲିସ ଟୀମ ଚଢଉ ଜରିଆରେ ଅଭିଯୁକ୍ତ ଙ୍କୁ ଗୋହିରିଆ ଛକ ରୁ ଚୋରୀ ମୋଟରସାଇକେଲ ସହିତ କାବୁ କରି ଥାନା କୁ ଆଣିଥିଲେ । ପଚରା ଉଚରା ବେଳେ ଅଭିଯୁକ୍ତ ଜଣକ ମୋଟରସାଇକେଲ ଚୋରୀ କରିଥିବା ନେଇ ନିଜର ଅପରାଧ ସ୍ୱୀକାର କରିଥିଲେ। ଅଭିଯୁକ୍ତ ର ପୂର୍ବଚରିତ ଅପରାଧିକ ସମ୍ପୃକ୍ତି ଯାଞ୍ଚ ବେଳେ ସେ ଜଣେ ପେଷାଦାର ଅପରାଧୀ ଓ ତାଙ୍କ ନାମରେ ତମାଡୋ ଓ ଖଣ୍ଡଗିରୀ ଥାନା ରେ ୯ଟି ଚୋରୀ ଓ ଲୁଟ ପରି ଅପରାଧିକ ମାମଲା ରହିଛି ।

# ସମ୍ପତ୍ତି ପାଇଁ ଦାଦାକୁ ଚାବିରେ ଆକ୍ରମଣ କଲା ପୁତୁରା



**ଭୁବନେଶ୍ୱର,୨୬।୧୨(ସଂଚାର ବ୍ୟୁରୋ):** ଅଭିଯୋଗକାରୀ ବଳରାମ ବେହେରା ଙ୍କର ଏତଲା ଆଧାରରେ ବାଲିଅନ୍ତା ଥାନା ପୁଲିସ ଉପରୋକ୍ତ ମାମଲା ରୁଜୁ କରିବା ସହ ସମ୍ପୃକ୍ତି ଥିବା ଅଭିଯୋଗରେ ନିମ୍ନୋକ୍ତ ଅଭିଯୁକ୍ତ ଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛନ୍ତି । ସୂଚନାଯୋଗ୍ୟ ଯେ, ଅଭିଯୋଗକାରୀ ଓ ଅଭିଯୁକ୍ତ ଉଭୟେ ଗୋଟିଏ ପରିବାରର ଓ ସମ୍ପର୍କ ରେ ଅଭିଯୋଗକାରୀ ଅଭିଯୁକ୍ତଙ୍କର ପୁତୁରା ଅଟନ୍ତି । ପରିବାର ମଧ୍ୟରେ ପୈତୃକ ସମ୍ପତି କୁ ନେଇ ତିକ୍ତତା ଲାଗିରହିଥିଲା ଓ ଏନେଇ ଅନେକ ଥର ପରିବାର ମଧ୍ୟରେ ହୋଇଥିବା ଝଗଡା କୁ ଗାଁ ଭଦ୍ରଲୋକ ସମାଧାନ କରିଥିବା ସ୍ଥଳେ କେତେକ ଅଭିଯୋଗ ଥାନା ପର୍ଯ୍ୟନ୍ତ ଯାଇଥିଲା । ଆଇନ ଅମାନ୍ୟ କରୁଥିବାରୁ ପରିବାର ମଧ୍ୟରେ ଏହି ମାମଲାର କୌଣସି ସମାଧାନ ହୋଇନଥିବା ସ୍ଥଳେ ପରିବାର ସଦସ୍ୟ ଙ୍କ ମଧ୍ୟରେ ପୂର୍ବପରି ଶତ୍ରୁତା ଲାଗି ରହିଥିଲା । ଏହାକୁ କେନ୍ଦ୍ର କରି ଗତ ତା ୨୩ ରିଖରେ ବଳରାମ ତାଙ୍କର ବନ୍ଧୁ ଙ୍କ ସହିତ ଗଡ ଶ୍ରୀରାମପୁର ତହସିଲ କୁ ଯାଇଥିବା ସମୟରେ ଅଭିଯୁକ୍ତ ସଂକର୍ଷଣ ସେଠାରେ ତାଙ୍କୁ ଦେଖି ଅଶ୍ରାବ୍ୟ ଭାଷାରେ ଗାଳି ଗୁଲଜ କରିଥିଲେ । ଏହାକୁ ବିରୋଧ କରିବାରୁ ସଂକର୍ଷଣ ତାଙ୍କୁ ଏକ ଚାବି ରେ ଆକ୍ରମଣ କରିଥିଲେ । ଏଥିରେ ବଳରାମ ଆହତ ହୋଇଥିଲେ ଓ ବାଳକାଟି ସିଏଚସି ରେ ନିଜର ଚିକିତ୍ସା କରାଇବା ପରେ ବାଲିଅନ୍ତା ଥାନା ରେ ଅଭିଯୋଗ କରିଥିଲେ । ଏହି ମାମଲାର ତଦନ୍ତ କରି ପୁଲିସ ଅଭିଯୁକ୍ତ ସଂକର୍ଷଣ ଙ୍କୁ ଗିରଫ କରି ଥାନା କୁ ଆଣିଥିଲେ । ପଚରା ଉଚରା ବେଳେ ଅଭିଯୁକ୍ତ ନିଜର ଅପରାଧ ସ୍ୱୀକାର କରିଥିଲେ ।

# ସମ୍‌ରେ ନବଜାତ ଶିଶୁଙ୍କ କ୍ଷେତ୍ରରେ ପୁର୍ନଜୀବନ ପ୍ରଶିକ୍ଷଣ କାର୍ଯ୍ୟକ୍ରମ

**ଭୁବନେଶ୍ୱର,୨୬।୧୨(ସଂଚାର ବ୍ୟୁରୋ):** ଶିକ୍ଷା ଓ ଅନୁସନ୍ଧାନ (ସୋଆ) ପରିଚାଳିତ ଇନ୍‌ଷ୍ଟିଚ୍ୟୁଟ ଅଫ୍ ମେଡିକାଲ୍ ସାଇନ୍‌ସେସ୍ ଆଣ୍ଡ ସମ୍ ହସ୍ପିଟାଲ୍, ଭୁବନେଶ୍ୱର ଓ ଇଣ୍ଡିଆନ୍ ଏକାଡେମୀ ଅଫ୍ ପେଡ଼ିଆଟ୍ରିକସ୍ ସିଟି ଶାଖା (ଆଇଏପି) ର ମିଳିତ ଆନୁକୂଲ୍ୟରେ ମେଡିକାଲ୍ କଲେଜର ଏମ୍‌ବିବିଏସ୍ ଛାତ୍ରଛାତ୍ରୀମାନଙ୍କ ନିମନ୍ତେ ନବଜାତ ଶିଶୁଙ୍କ କ୍ଷେତ୍ରରେ ପୁର୍ନଜୀବନ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଗୁରୁବାର ଆୟୋଜିତ ହୋଇଯାଇଛି। ନବଜାତ ଶିଶୁଙ୍କ ଜୀବନ ରକ୍ଷା ନିମନ୍ତେ ଆବଶ୍ୟକୀୟ ଜ୍ଞାନକୌଶଳ ସମ୍ପର୍କରେ



ପ୍ରଶିକ୍ଷଣ ପ୍ରଦାନ କରିବା ଏହି କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ଥିଲା। ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ଛାତ୍ରଛାତ୍ରୀମାନେ ନବଜାତ ଶିଶୁଙ୍କ ପ୍ରାଥମିକ ସ୍ତରରେ ଜୀବନ ରକ୍ଷା ନିମନ୍ତେ ଏୟାରୱେ ବ୍ୟବସ୍ଥାପନ ଓ ଚେଷ୍ଟ କମ୍ପ୍ରେସନ୍ସ ସମ୍ପର୍କରେ ପ୍ରଶିକ୍ଷଣ ନେବା ସହ ଜରୁରୀକାଳୀନ ସ୍ଥିତିରେ ସେମାନଙ୍କ ଜୀବନ ରକ୍ଷା ନେଇ କେଉଁଭଳି ଦକ୍ଷତା ଆବଶ୍ୟକ ସେ ନେଇ ଜ୍ଞାନ ଆହରଣ କରିଥିଲେ। ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ଆଇଏମ୍‌ଏସ୍ ଆଣ୍ଡ ସମ୍ ହସ୍ପିଟାଲ୍‌ର ଶିଶୁରୋଗ ବିଭାଗର ପ୍ରଫେସର (ଡାକ୍ତର) ମୃତ୍ୟୁଞ୍ଜୟ ଦାଶ, ଡାକ୍ତର ପ୍ରଶାନ୍ତ ସାବତ ଏବଂ ଡାକ୍ତର ଚନ୍ଦ୍ରଶେଖର ପାତ୍ର ଯୋଗ ଦେଇଥିଲେ। ସେମାନେ ଉପସ୍ଥିତ ଥିବା ଛାତ୍ରଛାତ୍ରୀମାନଙ୍କୁ ଏହି ସମ୍ପର୍କରେ ନିଜର ଅଭିଜ୍ଞତା ଓ ଦୃଷ୍ଟିକୋଣ ବଖାଣି ଥିଲେ। କାର୍ଯ୍ୟକ୍ରମରେ ଆଇଏମ୍‌ଏସ୍ ଆଣ୍ଡ ସମ୍ ହସ୍ପିଟାଲ୍‌ର ଡିନ୍ ପ୍ରଫେସର (ଡାକ୍ତର) ସଂଘମିତ୍ରା ମିଶ୍ର, ମେଡିକାଲ୍ ସୁପରିଟେଣ୍ଡେଂଟ ଡାକ୍ତର ପୁଷ୍ପରାଜ ସାମନ୍ତସିଂହାର ଏବଂ ଶିଶୁରୋଗ ବିଭାଗର ମୁଖ୍ୟ ପ୍ରଫେସର (ଡାକ୍ତର) ମମତାଦେବୀ ମହାନ୍ତି ଯୋଗ ଦେଇ ଛାତ୍ରଛାତ୍ରୀମାନଙ୍କୁ ଉତ୍ସାହିତ କରିଥିଲେ।

# ପ୍ରମାଣିକ ବିହନ ସହିତ ଚାଷ ପାଇଁ ଉତ୍ସାହିତ କରିବା ଉଚିତ୍: ଶାହ



**ନୂଆଦିଲ୍ଲୀ,୨୬।୧୨:** କେନ୍ଦ୍ର ଗୃହମନ୍ତ୍ରୀ ତଥା ସମବାୟ ମନ୍ତ୍ରୀ ଶ୍ରୀ ଅମିତ ଶାହ ନୂଆଦିଲ୍ଲୀରେ ଭାରତୀୟ ବିଜ୍ ସହକାରୀ ସମିତି ଲିମିଟେଡ୍ (ବିବିଏସଏସଏଲ)ର ଏକ ସମୀକ୍ଷା ବୈଠକରେ ଅଧ୍ୟକ୍ଷତା କରିଥିଲେ। ଏହି ବୈଠକରେ କେନ୍ଦ୍ର ସମବାୟ ରାଷ୍ଟ୍ରମନ୍ତ୍ରୀ ଶ୍ରୀ କୃଷ୍ଣ ପାଲ ଓ ଶ୍ରୀ ମୁରଲୀଧର ମୋହୋଲ ଉପସ୍ଥିତ ଥିଲେ। ଏହି ଅବସରରେ ସମବାୟ ମନ୍ତ୍ରଣାଳୟର ସଚିବ ଡ. ଆଶିଷ କୁମାର ଭୂଟାନୀ, ସମବାୟ ମନ୍ତ୍ରଣାଳୟର ଅତିରିକ୍ତ ସଚିବ ଶ୍ରୀ ପଙ୍କଜ କୁମାର ବଂଶଲ ଏବଂ ବିବିଏସଏସଏଲର ଅଧ୍ୟକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ ଉପସ୍ଥିତ ଥିଲେ। ବୈଠକକୁ ସମ୍ବୋଧିତ କରି ଶ୍ରୀ ଅମିତ ଶାହ କହିଥିଲେ ଯେ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଙ୍କ ‘ସେହକାର ସେ ସମୃଦ୍ଧି’ ଏବଂ କୃଷକମାନଙ୍କୁ ସଶକ୍ତ କରିବାର ସ୍ୱପ୍ନକୁ ସାକାର କରିବାରେ ଭାରତୀୟ ବିଜ୍ ସହକାରୀ ସମିତି ଲିମିଟେଡ୍ (ବିବିଏସଏସଏଲ)ର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ଭାରତର ପାରମ୍ପରିକ ବିହନ ସଂଗ୍ରହ ଏବଂ ସଂରକ୍ଷଣ ଉପରେ ବିବିଏସଏସଏଲ ଧ୍ୟାନ ଦେବା ଉଚିତ ବୋଲି ସେ ଗୁରୁତ୍ୱାରୋପ କରିଥିଲେ। ଏହି ବୈଠକରେ ଅମିତ ଶାହ ୨୦୨୫-୨୬ ସୁଦ୍ଧା ଅତିରିକ୍ତ ୨୦, ୦୦୦ ସମବାୟ ସମିତି ସହିତ ଯୋଗାଯୋଗ କରିବାକୁ ବିବିଏସଏସଏଲ ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରିଥିଲେ। ଶ୍ରୀ ଶାହ କହିଥିଲେ ଯେ ବିବିଏସଏସଏଲ ଏଭଳି ବିହନ ଉତ୍ପାଦନ ଉପରେ ଅଧିକ ଧ୍ୟାନ ଦେବା ଉଚିତ ଯେଉଁଥିପାଇଁ କମ୍ ପାଣି ଏବଂ କୀଟନାଶକ ଆବଶ୍ୟକ। କ୍ଷୁଦ୍ର କୃଷକମାନେ ଯେପରି ସର୍ବାଧିକ ସମ୍ଭବ ଅମଳ ହାସଲ କରିପାରିବେ ସେଥିପାଇଁ ପ୍ରୟାସ କରାଯିବା ଉଚିତ ବୋଲି ସେ ଗୁରୁତ୍ୱାରୋପ କରିଥିଲେ।

# ମସଲା କାରଖାନା ଗ୍ରାମାଞ୍ଚଳର ଅର୍ଥନୀତିକୁ ଆଗକୁ ନେବ



**ଗାଙ୍ଗପୁର,୨୬।୧୨ (ସଂଚାର ବ୍ୟୁରୋ):** ଗଞ୍ଜାମ ଜିଲ୍ଲା ଗାଙ୍ଗପୁରରେ ଗୁରୁବାର କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ କରକମଳରେ ଏକ ଅତ୍ୟାଧୁନିକ ‘ଏମବିଏସ ମସଲା କାରଖାନା’ର ଉଦଘାଟିତ ହୋଇଯାଇଛି। ଶ୍ରୀ ପ୍ରଧାନ କହିଛନ୍ତି ଗ୍ରାମାଞ୍ଚଳର ଅର୍ଥନୀତିକୁ ଆଗକୁ ନେବାରେ ଏହି କାରଖାନା ପ୍ରମୁଖ ଭୂମିକା ନିର୍ବାହ କରିବ। ଗଞ୍ଜାମ ଜିଲ୍ଲାର କୁଶଳୀ ଲୋକମାନେ ରୋଜଗାର ପାଇଁ ବାହାରକୁ ନ ଯାଇ ଏହି ଠାରେ କାମ କରିବେ। ଏହି ଘରୋଇ କାରଖାନା ପ୍ରତିଷ୍ଠା ହେବା ଦ୍ୱାରା ସ୍ଥାନୀୟ ଅଞ୍ଚଳରେ କୃଷି ଉତ୍ପାଦିତ ସାମଗ୍ରୀ ତଥା ବିଶେଷତଃ ମସଲା ପାଇଁ ଆବଶ୍ୟକ ହେଉଥିବା କଞ୍ଚାମାଲର ଉପଯୁକ୍ତ ମୂଲ୍ୟ ଚାଷୀମାନେ ପାଇପାରିବେ । ଯେତେବେଳେ ଆମେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ କଳ୍ପନାରେ ବିକଶିତ ଓଡ଼ିଶା ଏବଂ ବିକଶିତ ଭାରତ ଲକ୍ଷ୍ୟକୁ ସାକାର କରିବା ପାଇଁ ଅଗ୍ରସର ହେଉଛେ, ସେ ଦିଗରେ ଏହି କାରଖାନା ସ୍ଥାପନା ସ୍ୱାଗତଯୋଗ୍ୟ ପଦକ୍ଷେପ । ରାଜ୍ୟ ସରକାର ସବୁ ବ୍ଲକରେ ଏମଏସଏମଇ ଶିଳ୍ପ ପାର୍କ କରିବା ପାଇଁ ଯୋଜନା କରୁଛନ୍ତି । ଏହା ଦ୍ୱାରା ଗ୍ରାମାଞ୍ଚଳରେ ବ୍ୟବସାୟର ଅନୁକୂଳ ବାତାବରଣ ତିଆରି ହେବ । ଗ୍ରାମାଞ୍ଚଳର ଅର୍ଥନୀତି ଅଧିକ ମଜଭୁତ୍ ହୋଇପାରିବ ବୋଲି କେନ୍ଦ୍ର ଶିକ୍ଷା ମନ୍ତ୍ରୀ କହିଛନ୍ତି । ଉଲ୍ଲେଖନୀୟ ଯେ, ସୋରୋଡା ବିଧାୟକ ନୀଳମଣି ବିଷୋୟୀ ଏବଂ ସେମାନଙ୍କ ପରିବାରର ସହଯୋଗରେ ଏହି ଏମବିଏସ କାରଖାନା ପ୍ରତିଷ୍ଠା ହୋଇଛି ।

# ପ୍ରବାସୀ ଭାରତୀୟ ଉତ୍ସବ : ୩୭୦୦ କୋଠରୀ ସଂରକ୍ଷିତ

**ଭୁବନେଶ୍ୱର,୨୬।୧୨:** ଭୁବନେଶ୍ୱରରେ ଅନୁଷ୍ଠିତ ହେବାକୁ ଯାଉଥିବା ତିନିଦିନିଆ ପ୍ରବାସୀ ଭାରତୀୟ ଦିବସ ପାଇଁ ବିଭିନ୍ନ ଅତିଥି ଭବନ ଓ ହୋଟେଲ ଆଦିରେ ୩୭୦୦ରୁ ଅଧିକ ପ୍ରକୋଷ୍ଠ ବ୍ୟବସ୍ଥା କରାଯିବା ସହ ପ୍ରତିନିଧିମାନେ ଯେଭଳି ଉନ୍ନତମାନର ଓଡ଼ିଆ ଖାଦ୍ୟ ପାଇବେ ତାହା ଉପରେ ଗୁରୁତ୍ୱ ଦିଆଯାଉଛି। ପ୍ରବାସୀ ଭାରତୀୟ ଦିବସ ଆସନ୍ତା ଜାନୁଆରୀ ୮ରୁ ୧୦ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଏଥିରେ ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦଷଙ୍କ ସମେତ ବହୁ କେନ୍ଦ୍ରମନ୍ତ୍ରୀ, ପଦାଧିକାରୀ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ଆମେରିକା, ୟୁରୋପ, ମଧ୍ୟପ୍ରାଚ୍ୟ ସମେତ ବିଶ୍ୱର ବିଭିନ୍ନ ଦେଶରୁ ବହୁ ପ୍ରବାସୀ ଭାରତୀୟ ଏହି କାର୍ଯ୍ୟକ୍ରମରେ ଭାଗ ନେବା ପାଇଁ ଆଗ୍ରହ ପ୍ରକାଶ କରିଛନ୍ତି। ଏହାକୁ ଆଖି ଆଗରେ ରଖି ରାଜଧାନୀ ଭୁବନେଶ୍ୱର ନୁହେଁ, ପୁରୀ, କୋଣାର୍କ ସମେତ ଅନ୍ୟାନ୍ୟ ବହୁ ସ୍ଥାନରେ ବି ପ୍ରତିନିଧିମାନଙ୍କ ରହଣୀ ପାଇଁ ସରକାର ଆଗୁଆ ପଦକ୍ଷେପ ଗ୍ରହଣ କରୁଛନ୍ତି। ଏବେ ଭୁବନେଶ୍ୱରରେ ଥିବା ସମସ୍ତ ତାରକା ହୋଟେଲର ପ୍ରକୋଷ୍ଠଗୁଡ଼ିକ ଆସନ୍ତା ଜାନୁଆରୀର ପ୍ରଥମାର୍ଦ୍ଧରେ ସରକାରଙ୍କ ନିୟନ୍ତ୍ରଣରେ ରହିବ। ପୂର୍ବରୁ ଯେଉଁମାନେ ହୋଟେଲ ପ୍ରକୋଷ୍ଠ ସଂରକ୍ଷିତ କରିଛନ୍ତି ସେମାନେ ଏଥିଯୋଗୁଁ ପ୍ରଭାବିତ ହେବେ ନାହିଁ। ତେବେ କେଉଁ ହୋଟେଲ୍‌ରେ କେଉଁ କେଉଁ ପର୍ଯ୍ୟଟକ ରହିବା ପାଇଁ ଆଗୁଆ ସଂରକ୍ଷଣ ବ୍ୟବସ୍ଥା କରିଛନ୍ତି ଏବଂ ଏବେ ଆଉ କେଉଁମାନେ ସଂରକ୍ଷଣ ପାଇଁ ଆବେଦନ କରୁଛନ୍ତି ତାହାର ଟିକିନିକି ବିବରଣୀ ହୋଟେଲ କର୍ତ୍ତୃପକ୍ଷ ସରକାରଙ୍କ ଭାରପ୍ରାପ୍ତ ଅଧିକାରୀଙ୍କୁ ଦେବା ପାଇଁ ଏକ ପ୍ରକାର ବାଧ୍ୟ। ଏଥିଯୋଗୁଁ ଏବେ ଆଉ ହୋଟେଲ ପ୍ରକୋଷ୍ଠର ନୂଆ ବୁକିଂ ଆଖିବୁଜା ହୋଇପାରୁ ନାହିଁ। ରାଜଧାନୀର ଜନତା ମୈଦାନରେ ଏହି ସମ୍ମିଳନୀ ପାଇଁ ବ୍ୟାପକ ପ୍ରସ୍ତୁତି ଚାଲିଛି। ବିମାନ ବନ୍ଦରରୁ ସମ୍ମିଳନୀ ସ୍ଥଳକୁ ସଂଯୋଗ କରୁଥିବା ମୁଖ୍ୟ ରାସ୍ତାଗୁଡ଼ିକରେ ସ୍ଥାୟୀ ଲୁହା ବ୍ୟାରିକେଡ୍ ବସାଯିବା ସହ ପ୍ରାଚୀରଗୁଡ଼ିକର ମଧ୍ୟ ରଙ୍ଗ ହେଉଛି। ସାରା ରାଜଧାନୀରେ ଏଥିପାଇଁ ଗୋଟିଏ ପ୍ରକାରର ରଙ୍ଗ ସହିତ ପାଚେରୀଗୁଡ଼ିକରେ ହସ୍ତତନ୍ତ ଡିଜାଇନ୍‌ର ଛବିମାନ ରଖାଯାଉଛି।-(ତଥ୍ୟ)

# ରଘୁବରଙ୍କ ପୁଅ ବିରୋଧରେ ପୁଣି କାର୍ଯ୍ୟାନୁଷ୍ଠାନ ଦାବି



**ଭୁବନେଶ୍ୱର,୨୬।୧୨ (ସଂଚାର ବ୍ୟୁରୋ):** ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଓଡ଼ିଶା ରାଜ୍ୟପାଳ ରଘୁବର ଦାସଙ୍କ ଇସ୍ତଫା ଗ୍ରହଣ କରିବା ପରେ ହରିବାବୁ କମ୍ଭମପତିଙ୍କୁ ରାଜ୍ୟର ନୂତନ ରାଜ୍ୟପାଳ ଭାବେ ନିଯୁକ୍ତ କରାଯାଇଛି। ରଘୁବରଙ୍କ ଇସ୍ତଫା ପରେ ତାଙ୍କ ପୁଅଙ୍କ ବିରୋଧରେ ହୋଇଥିବା ଆକ୍ରମଣ ମାମଲାରେ କାର୍ଯ୍ୟାନୁଷ୍ଠାନ ନେବାକୁ ମୋହନ ମାଝୀଙ୍କ ସରକାର ଉପରେ ଚାପ ବଢ଼ିବାରେ ଲାଗିଛି। ଜୁଲାଇରେ, ରଘୁବର ଦାସଙ୍କ ପୁଅ ରେଳ ଷ୍ଟେସନରେ ତାଙ୍କୁ ଗ୍ରହଣ କରିବାକୁ ବିଳାସପୂର୍ଣ୍ଣ କାର ପଠାଇ ନ ଥିବାରୁ ସରକାରୀ କର୍ମଚାରୀ ବୈକୁଣ୍ଠ ପ୍ରଧାନଙ୍କୁ ଆକ୍ରମଣ କରିଥିବା ଅଭିଯୋଗ ହୋଇଥିଲା। ଅଭିଯୋଗ ହୋଇଥିଲା ଯେ ଜୁଲାଇ ୭ ରେ ପୁରୀର ରାଜ୍ୟପାଳଙ୍କ ଘରେ ଦାଶଙ୍କ ପୁଅ ଏବଂ ଅନ୍ୟ ଚାରିଜଣଙ୍କ ଦ୍ୱାରା ପ୍ରଧାନ ତାଙ୍କୁ ଶାରୀରିକ ଏବଂ ମାନସିକ ନିର୍ଯାତନା ଦେଇଥିଲେ। ରାଷ୍ଟ୍ରପତିଙ୍କ ଗସ୍ତ ପାଇଁ ପ୍ରସ୍ତୁତିର ତଦାରଖ କରିବା ପାଇଁ ପ୍ରଧାନଙ୍କୁ ସେଠାରେ ପୋଷ୍ଟ କରାଯାଇଥିଲା। ଜୁଲାଇ ୧୦ ରେ, ସେ ନ୍ୟାୟ ମାଗି ଏକ ଏଫଆଇଆର ଦାଖଲ କରିଥିଲେ। ଘଟଣାର କିଛି ସମୟ ପରେ ରାଜ୍ୟ ସରକାର ତାଙ୍କୁ ରାଜ୍ୟପାଳଙ୍କ ସଚିବାଳୟକୁ ସ୍ଥାନାନ୍ତର କରିଥିଲେ। ପରେ ବିଧାନସଭାରେ ଏହି ପ୍ରସଙ୍ଗ ଉଠାଯାଇଥିଲା ଯେଉଁଠାରେ ରାଜ୍ୟ ସରକାର କହିଥିଲେ କି ପୁରୀ ଜିଲା ମାଜିଷ୍ଟ୍ରେଟ ଏହି ଅଭିଯୋଗର ଅନୁସନ୍ଧାନ କରୁଛନ୍ତି ଏବଂ ଏକ ମାସ ମଧ୍ୟରେ ରିପୋର୍ଟ ଦାଖଲ କରିବେ। ବିଧାନସଭାରେ ଏହି ପ୍ରସଙ୍ଗ ଉଠାଇଥିବା ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଅଭିଯୋଗ କରିଥିଲେ ଯେ ଅଭିଯୁକ୍ତଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନାହିଁ କାରଣ ସେମାନଙ୍କ ମଧ୍ୟରୁ ଜଣେ ରାଜ୍ୟପାଳଙ୍କ ପୁଅ। ରଘୁବରଙ୍କ ଇସ୍ତଫା ପରେ ବିଜୁ ଜନତା ଦଳ (ବିଜେଡି) ବୁଧବାର ଅବସରପ୍ରାପ୍ତ ରାଜ୍ୟପାଳଙ୍କ ପୁଅ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବିକୁ ପୁଣି ଉଠାଇଛି। ବିଜେଡି ଦାବି ପରେ ଚଳିତ ବର୍ଷ ଜୁଲାଇରେ ଏହି ଅଭିଯୋଗର ତଦନ୍ତ କରାଯିବା ନେଇ ପ୍ରତିଶ୍ରୁତି ଦିଆଯାଇଥିଲା ବୋଲି ଦଳ କହିଛି। କିଛି ଦିନ ମଧ୍ୟରେ ଦାଖଲ ହେବାକୁ ଥିବା ରିପୋର୍ଟ ସହିତ ପୁରୀ ଜିଲା ମାଜିଷ୍ଟ୍ରେଟଙ୍କ ଦ୍ୱାରା ସରକାର ତଦନ୍ତ ଘୋଷଣା କରିଥିଲେ। ତେବେ ଏହି ପ୍ରତିଶ୍ରୁତି ପୂରଣ ହୋଇ ନାହିଁ ଏବଂ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନାହିଁ ବୋଲି ବିଜେଡି ମୁଖପାତ୍ର ଲେନିନ୍ ମହାନ୍ତି କହିଛନ୍ତି।

# କଂଗ୍ରେସ ଭବନରେ ମହାତ୍ମାଗାନ୍ଧୀଙ୍କ ବେଲଗାଁଓ ଅଧିବେଶନର ସ୍ମୃତିଚାରଣ



**ଭୁବନେଶ୍ୱର,୨୬।୧୨ (ସଂଚାର ବ୍ୟୁରୋ):** ଅଖିଳ ଭାରତ କଂଗ୍ରେସ କମିଟିରେ ୧୯୨୪ ମସିହା ଆଜିର ଦିନ, ଡିସେମ୍ବର ୨୬ ତାରିଖରେ, ଅବିଭକ୍ତ ବମ୍ବେ ପ୍ରଦେଶର ବେଲଗାଁଓ ଠାରେ ମହା ଅଧିବେଶନରେ ଜାତିର ଜନକ ମହାତ୍ମାଗାନ୍ଧୀଙ୍କୁ ସର୍ବସମ୍ମତି କ୍ରମେ କଂଗ୍ରେସ ସଭାପତି ଭାବେ ନିର୍ବାଚିତ କରାଯାଇଥିଲା। ସେହି ଦିନକୁ ସ୍ମରଣ କରି, ଆଜି ବେଲଗାଁଓ ଠାରେ ଅଖିଳ ଭାରତ କଂଗ୍ରେସ କମିଟିର ପରିବର୍ଦ୍ଧିତ କାର୍ଯ୍ୟକାରିଣୀ, କଂଗ୍ରେସ ସଭାପତି ଶ୍ରୀଯୁକ୍ତ ମଲ୍ଲିକାର୍ଜୁନ ଖର୍ଗେଙ୍କ ନେତୃତ୍ୱରେ ବସିଛି। ୧୦୦ ବର୍ଷର ଏହି ସ୍ମରଣୀୟ ଦିବସ ଅବସରରେ ଓଡ଼ିଶା ପ୍ରଦେଶ କଂଗ୍ରେସ କାର୍ଯ୍ୟାଳୟ କଂଗ୍ରେସ ଭବନ ଠାରେ ଜାତିର ଜନକ ମହାତ୍ମାଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରି ବରିଷ୍ଠ କଂଗ୍ରେସ ନେତା ପୂର୍ବତନ ମନ୍ତ୍ରୀ ଜଗନ୍ନାଥ ପଟ୍ଟନାୟକ କହିଲେ ଯେ ଭାରତ ବର୍ଷର ସ୍ୱାଧୀନତା ସଂଗ୍ରାମକୁ ଯେଉଁମାନେ ବିରୋଧ କରୁଥିଲେ ବ୍ରିଟିସ ସରକାରର ଦଲାଲି କରୁଥିଲେ, ସେମାନେ ଆଜି ଭାରତ ବର୍ଷର ଶାସନ କ୍ଷମତାରେ ବସି, ଭାରତ ବର୍ଷର ଗୌରବମୟ ଗଣତନ୍ତ୍ରକୁ ହତ୍ୟା କରିବା ପାଇଁ ସମସ୍ତ ପ୍ରକାର ଚକ୍ରାନ୍ତ କରୁଛନ୍ତି। ଭାରତ ବର୍ଷରେ କଂଗ୍ରେସ ସଂଗଠନ ଏହାକୁ ନିତିଗତ ଭାବେ ବିରୋଧ କରୁଛି। ଆଗାମୀ ଦିନରେ ବିରୋଧ କରିବ ମଧ୍ୟ। ଏହି କାର୍ଯ୍ୟକ୍ରମରେ ବରିଷ୍ଠ କଂଗ୍ରେସ ନେତା ଡଃ ଆର୍ଯ୍ୟ କୁମାର ଜ୍ଞାନେନ୍ଦ୍ର ସ୍ୱାଗତ ଭାଷଣ ଦେଇଥିଲେ ଓ ସୁବ୍ରତ ମହାପାତ୍ର ଧନ୍ୟବାଦ ଦେଇଥିଲେ।

ଅବିଶ୍ୱାସର ବିଷ- ଈଶ୍ୱର ହେଉଛନ୍ତି ସର୍ବଶକ୍ତିମାନ, ସର୍ବତ୍ର ବିରାଜମାନ। ବିଶ୍ୱାସ ହେଉଛି ଅମୃତ। ଏହି ଅମୃତ ପାନ କଲେ ଈଶ୍ୱରଙ୍କ ସାନିଧ୍ୟ ଲାଭ କରାଯାଇପାରିବ। ଅବିଶ୍ୱାସର ବିଷ ଦ୍ୱାରା କିଛି ମିଳିବ ନାହିଁ।

SANCHAR
ସଂଚାର

୪ ଶୁକ୍ରବାର ୨୭ ଡିସେମ୍ବର ୨୦୨୪, ଭୁବନେଶ୍ୱର
Friday 27 December 2024 Bhubaneswar

# ଚାଷୀ ମୁଣ୍ଡରେ ଚଡ଼କ

ରାଜ୍ୟର ଚାଷୀମୁଣ୍ଡରେ ଏବେ ଚଡ଼କ ପଡ଼ିଛି। ଅଦିନିଆ ବର୍ଷାରେ ଫସଲ ହାନି ଯୋଗୁଁ ଅନେକ ଚାଷୀ ସର୍ବସ୍ୱାନ୍ତ ହୋଇଛନ୍ତି। ଦୁଇ ମାସ ତଳେ ଓଡ଼ିଶା ଉପକୂଳରେ ଏକ ଝଡ଼ବାତ୍ୟା ସୃଷ୍ଟି ହୋଇଥିଲା। ଏହା ଭଦ୍ରକ ଉପକୂଳରେ ଲ୍ୟାଣ୍ଡ ଫଲ କରିଥିଲା। କିନ୍ତୁ ଏଥିରେ ଯେପରି ବ୍ୟାପକ କ୍ଷୟକ୍ଷତି ହେବ ବୋଲି ଆଶଙ୍କା ଥିଲା ତାହା ସୌଭାଗ୍ୟକୁ ହେଲା ନାହିଁ। ସ୍ଥଳ ଭାଗରେ ପହଞ୍ଚିବା ବେଳକୁ ଏହା ଦୁର୍ବଳ ହୋଇଯାଇଥିଲା। ଏହାର ପ୍ରଭାବ ସୀମିତ ରହିଥିଲା। କେବଳ ଭଦ୍ରକ ଓ ବାଲେଶ୍ୱର ଜିଲ୍ଲାର କିଛି ବ୍ଲକରେ ଏହାର ପ୍ରଭାବ ପଡ଼ିଥିଲା। ଓଡ଼ିଶାବାସୀ ଆଶ୍ୱସ୍ତ ହୋଇଥିଲେ। କାରଣ ଯେଉଁ ସମୟରେ ଏହି ଝଡ଼ବାତ୍ୟା ଆସିଥିଲା ସେହି ସମୟରେ ପ୍ରବଳ ବର୍ଷା ଓ ପବନ ଯୋଗୁଁ ଧାନ ଫସଲ ପ୍ରତି ବଡ଼ ବିପଦ ସୃଷ୍ଟି ହୋଇଥାଆନ୍ତା। ସୌଭାଗ୍ୟକୁ ଓଡ଼ିଶା ଏକ ବଡ଼ ବିପତ୍ତିରୁ ବର୍ତ୍ତିଗଲା। କହିବା ବାହୁଲ୍ୟ ଯେ, ଓଡ଼ିଶା ଏକ ପ୍ରାକୃତିକ ବିପର୍ଯ୍ୟୟ ପ୍ରବଣ ରାଜ୍ୟ ଏବଂ ଅନେକ ଥର ଅକ୍ଟୋବର ଶେଷ ଭାଗରେ ଓଡ଼ିଶା ଉପକୂଳରେ ବାତ୍ୟା ହୋଇଥାଏ ଏବଂ ଏଥିରେ ବ୍ୟାପକ କ୍ଷୟକ୍ଷତି ହୋଇଥାଏ। ୧୯୯୯ ମହାବାତ୍ୟା ଏହାର ଉଦାହରଣ। ତେଣୁ ଅକ୍ଟୋବର ଆସିଲେ ଓଡ଼ିଶାବାସୀଙ୍କ ମନରେ ଛାନିଆ ପଶିଯାଏ। ଅକ୍ଟୋବର ଶେଷ ଭାଗ ଏବଂ ବେଳେ ବେଳେ ନଭେମ୍ବର ପ୍ରଥମ ସପ୍ତାହରେ ଏଭଳି ବିପ୍ରାତ ସୃଷ୍ଟି ହୋଇଥାଏ। ୧୯୯୧ ନଭେମ୍ବରରେ ଏପରି ଲଗାଣ ବର୍ଷା ଯୋଗୁଁ ବ୍ୟାପକ କ୍ଷୟକ୍ଷତି ହୋଇଥିଲା। ଏଥର ଅକ୍ଟୋବର ବାତ୍ୟାରୁ ଓଡ଼ିଶା ଅଳ୍ପକେ ବର୍ତ୍ତିଗଲା ସତ, ମାତ୍ର ଡିସେମ୍ବର ମାସରେ ଲଗାତର ଦୁଇଟି ଲଘୁଚାପ ଜନିତ ବର୍ଷା ରାଜ୍ୟ ପାଇଁ ଅଭିଶାପ ପାଲଟିଛି। ଲଗାଣ ବର୍ଷାରେ ଦକ୍ଷିଣ ଏବଂ ଉପକୂଳ ଓଡ଼ିଶାରେ ବ୍ୟାପକ ଫସଲ ହାନି ହୋଇଛି। ଏବେ ଅନେକ ସ୍ଥାନରେ ଧାନ ପାଚିଯାଇଥିଲା। ଅଳ୍ପ କିଛି ସ୍ଥାନରେ ଧାନ କଟାଯାଇ ବିଲରେ ପଡ଼ିଥିବା ବେଳେ ଖଳାକୁ ଖୁବ କମ ଧାନ ଯାଇଥିଲା। କିନ୍ତୁ ଅଧିକାଂଶ ସ୍ଥାନରେ ଧାନ କଟାଯାଇନଥିଲା ଏବଂ ଆଉ ୧୫ ଦିନ ଭିତରେ ଏହା ଶେଷ ହୋଇଯାଇଥାଆନ୍ତା। କିନ୍ତୁ ଲଗାତର ଦୁଇଟି ଲଘୁଚାପ ଜନିତ ବର୍ଷା ଯୋଗୁଁ ଜମିରେ ଥିବା ଧାନ ପାଣିରେ ବୁଡ଼ି ନଷ୍ଟ ହୋଇଛି କିମ୍ବା ସମ୍ପୂର୍ଣ୍ଣ ଭାବେ ଧୋଇଯାଇଛି। ଏବେ ଟାଣ ଖରା ହେବାର ମଧ୍ୟ ନାହିଁ। ଧାନ ବିଲ ଶୁଖିବାର ନାହିଁ। ଏଥିପାଇଁ ଅତି କମରେ ୧୫ ଦିନ ସମୟ ଲାଗିବ। ସେତେବେଳକୁ ସବୁ କିଛି ନଷ୍ଟ ହୋଇଯାଇଥିବ। ଯାହା ବି ଧାନ ବାହାରିବ ତାହା ଏଫଏକ୍ୟୁ ମାନଦଣ୍ଡରେ ବିକ୍ରି ଯୋଗ୍ୟ ହେବ ନାହିଁ। ଏହା ମଣ୍ଡିରେ ବିକ୍ରି ହୋଇପାରିବନି। ଚାଉଳ ହେଲେ ଏଫସିଆଇ ଗୋଦାମରେ ଏହା ପଡ଼ିରହିବ। ତେଣୁ ଚାଷୀ କ୍ଷତିଗ୍ରସ୍ତ ହେବା ସୁନିଶ୍ଚିତ। ଅନେକ ଚାଷୀ ଏହି ଅଦିନିଆ ବର୍ଷାରେ ସର୍ବସ୍ୱାନ୍ତ ହୋଇଛନ୍ତି। ଅନେକ ଋଣ କରି ଚାଷ କରିଥିଲେ। ସେମାନେ ଏବେ କିପରି ଋଣ ସୁଝିବେ ସେହି ଚିନ୍ତାରେ ଶୋଇ ପାରୁ ନାହାଁନ୍ତି। ଧାନ ଫସଲ ହାନି ଦେଖି ୨ଜଣ ଚାଷୀ ହୃଦଘାତରେ ପ୍ରାଣ ହରାଇଲେଣି। ଗଞ୍ଜାମ ଜିଲ୍ଲାରେ ଜଣେ ଚାଷୀ ଆତ୍ମହତ୍ୟା କରିଛନ୍ତି। ଆଗକୁ ଏଭଳି କେତେ ଅଘଟଣ ହେବ ତାହା କେହି କହିପାରିବେ ନାହିଁ। ଏହାକୁ ରାଜ୍ୟର ଏକ ବିପତ୍ତି ବୋଲି କୁହାଯାଇପାରିବ। ଏଥିଲାଗି ସରକାର ଯେତେ ଆଶ୍ୱସନା, ସହାୟତା ଦେଲେ ମଧ୍ୟ କମ ହେବ। ଚାଷୀ ଆଖିରୁ ଲୁହ ପୋଛିବା ସରକାରଙ୍କ ପାଇଁ ସମ୍ଭବ ନୁହେଁ। ବର୍ଷା ଜନିତ କ୍ଷୟକ୍ଷତିର ଆକଳନ କରାଯାଇ ସହାୟତା ପ୍ରଦାନ କରାଯିବ ବୋଲି ସରକାର କହିଛନ୍ତି। କିନ୍ତୁ କେଉଁ ଆଧାରରେ କାହାକୁ କେତେ ସହାୟତା ମିଳିବ ତାହା ଅସ୍ପଷ୍ଟ। ସରକାରୀ ବାବୁ ଚାଷୀଙ୍କ ସହ ଖେଳିବାର ଅନେକ ନଜିର ରହିଛି। ବର୍ଷା ମାଡ଼ରେ ଧାନ ଫସଲ ଯେପରି କ୍ଷତିଗ୍ରସ୍ତ ହୋଇଛି ସେଥିରେ ନିର୍ଦ୍ଧାରିତ ମାନ ବା ଏଫଏକ୍ୟୁରେ ଏହା ସ୍ୱୀକୃତ ହେବ ନାହିଁ। ସରକାର କହିଛନ୍ତି ଏଫଏକ୍ୟୁରେ କୋହଳ ନିଷ୍ପତ୍ତି ସମ୍ପୃକ୍ତ ଜିଲ୍ଲାପାଳମାନେ ନେବେ। ଏହା ଦୁର୍ଭାଗ୍ୟଜନକ। ବାସ୍ତବରେ ସରକାର ନିଜେ ଏହାକୁ ନିର୍ଦ୍ଧାରିତ କରିବା ଉଚିତ। ଏଭଳି ପରିସ୍ଥିତିରେ ଚାଷୀଙ୍କୁ କ୍ଷୟକ୍ଷତି ଭାରଣ କରିବା ଲାଗି ଆର୍ôଥକ ସହାୟତା ଏବଂ ଋଣ ଛାଡ଼ ଜରୁରୀ। ଲଗାଣ ବର୍ଷାରେ ଚାଷୀଙ୍କୁ ମେରୁଦଣ୍ଡ ଭାଙ୍ଗି ଯାଇଛି। ସେମାନଙ୍କ ପରିଶ୍ରମ ବ୍ୟର୍ଥ ହୋଇଯାଇଛି। ବର୍ଷର ଆହାର ପାଣିରେ ଭାସିଯାଇଛି। ତେଣୁ ଏବେ ସମୟ ଆସିଛଇ ସରକାର ଚାଷୀଙ୍କ ନିକଟରେ ଠିଆ ହେବା ଏବଂ ସେମାନଙ୍କୁ ଆଶ୍ୱାସନା ଦେବା କଥା। ଏଥର ରାଜ୍ୟରେ ଧାନ ଉତ୍ପାଦନ ସର୍ବକାଳୀନ ରେକର୍ଡ କରିବ ବୋଲି ଆଶଶ କରାଯାଉଥିଲା। ତାହା ନୈରାଶ୍ୟରେ ପରିଣତ ହୋଇଛି। କେବଳ ଧାନ ଫସଲ ନୁହେଁ, ପନି ପରିବା ଚାଷ ମଧ୍ୟ କ୍ଷତିଗ୍ରସ୍ତ ହୋଇଛି। ପୁଣି ୨ ମାସ ଲାଗିବ ଏହାକୁ ଠିଆ କରାଇବା ନିମନ୍ତେ। ଏଭଳି ପରିସ୍ଥିତିରେ ସରକାରଙ୍କ କର୍ତ୍ତବ୍ୟ ହେଲା ଚାଷୀଙ୍କୁ ଅଣ୍ଟା ସଳଖିବା ନିମନ୍ତେ, ପୁନର୍ବାର ଚାଷ ଆରମ୍ଭ କରିବାକୁ ସହାୟତା, ସହଯୋଗ ଏବଂ ଆଶ୍ୱାସନା ଦେବା ଉଚିତ। ଯେଉଁ ଚାଷୀମାନେ ବୀମା କରିଛନ୍ତି, ସେମାନଙ୍କୁ ତୁରନ୍ତ ବୀମା ରାଶି ମିଳିବା ଉଚିତ। ବୀମା କମ୍ପାନୀ ଗୁଡ଼ିକ ଏଥିରେ ଯେପରି ଟାଳଟୁଳ ନୀତି ଅବଲମ୍ବନ ନକରନ୍ତି ସେଥିପ୍ରତି ସରକାର କଠୋର ଦୃଷ୍ଟି ଦେବା ଆବଶ୍ୟକ। ବିଭିନ୍ନ କଲ୍ୟାଣକାରୀ ଯୋଜନାରେ ଚାଷୀଙ୍କୁ ସାମିଲ କରି ତୁରନ୍ତ ସହାୟତା ପ୍ରଦାନ କରାଯିବା ଉଚିତ। ସୁଭଦ୍ରା ଯୋଜନା ହେଉ ଅଥବା ପ୍ରଧାନମନ୍ତ୍ରୀ କୃଷକ କଲ୍ୟାଣ ଯୋଜନା ହେଉ ସେମାନଙ୍କୁ ଅଗ୍ରାଧିକାର ଭିତ୍ତିରେ ସୁବିଧା ପ୍ରଦାନ କରାଯିବା ଉଚିତ। ଜଣେ ହେଲେ ଚାଷୀ ଯେପରି ସରକାରୀ ସହାୟତାରୁ ବଞ୍ଚିତ ନହୁଅନ୍ତି ସେଥିପ୍ରତି ଦୃଷ୍ଟି ଦିଆଯିବା ଉଚିତ। ଏହା ବ୍ୟତିତ ବିଭିନ୍ନ ବ୍ଲକରେ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନାକୁ ତ୍ୱରାନ୍ୱିତ କରାଯିବା ଉଚିତ ଏବଂ କୃଷି ଶ୍ରମିକମାନଙ୍କୁ ଆଗାମୀ ୬ ମାସ ପର୍ଯ୍ୟନ୍ତ ପର୍ଯ୍ୟାପ୍ତ କାମ ଯୋଗାଇ ଦିଆଯିବା ଉଚିତ। ଜଣେ ହେଲେ କ୍ଷତିଗ୍ରସ୍ତ ଚାଷୀ ଯେପରି ଦୁଃଖରେ ମ୍ରିୟମାଣ ହୋଇ ଆତ୍ମହତ୍ୟା ନକରିନ୍ତି ତାହାକୁ ସୁନିଶ୍ଚିତ କରିବା ସରକାରଙ୍କ ଦାୟିତ୍ୱ। ଏକ ଜନକଲ୍ୟାଣକାରୀ ରାଷ୍ଟ୍ରରେ ସରକାରଙ୍କଠାରୁ ଏହା ହିଁ ଆଶା କରଯାଏ। ଉଭୟ କେନ୍ଦ୍ର ଏବଂ ରାଜ୍ୟରେ ଏବେ ଗୋଟିଏ ଦଳର ସରକାର ଚାଲିଛି। ତେଣୁ ଚାଷୀଙ୍କ ପାଇଁ କେବଳ ରାଜ୍ୟ ସରକାର ନୁହଁନ୍ତି, କେନ୍ଦ୍ର ସରକାର ମଧ୍ୟ ପର୍ଯ୍ୟାପ୍ତ ସହଯୋଗ କରିବା ଉଚିତ। ଓଡ଼ିଶା ଏକ କୃଷି ପ୍ରଧାନ ରାଜ୍ୟ ଏବଂ କୃଷି ଉପରେ ଏହାର ଅର୍ଥନୀତି ନିର୍ଭରଶୀଳ। ତେଣୁ କୃଷି ଉତ୍ପାଦନ ହ୍ରାସ ରାଜ୍ୟ ପାଇଁ ଏକ ବଡ଼ ବିପତ୍ତି। ବିଗତ ଦୁଇ ବର୍ଷ ହେବ ସ୍ୱଳ୍ପ ବୃଷ୍ଟି ହେତୁ ରାଜ୍ୟରେ କୃଷି ଉତ୍ପାଦନ ବାଧାପ୍ରାପ୍ତ ହୋଇଥିଲା। ଏଥର ଭଲ ବର୍ଷା ବା ସ୍ୱାଭାବିକ ମୌସୁମୀ ଯୋଗୁଁ ଖରିଫ ଫସଲ ଉତ୍ପାଦନ ବୃଦ୍ଧି ପାଇବ ବୋଲି ଆଶା ଥିଲା। କିନ୍ତୁ ଦୁଇ ଦିନର ବର୍ଷା ସବୁ ଆଶାକୁ ନୈରାଶ୍ୟରେ ପରିଣତ କରିଦେଲା। ଏଭଳି ଅପ୍ରତ୍ୟାଶିତ ବିପଦ ନିମନ୍ତେ କେହି ପ୍ରସ୍ତୁତ ନଥିଲେ। ଏଥିରେ ଭାଙ୍ଗି ନପଡ଼ି ଏବେ ଆମକୁ ପୁଣି ଲଢ଼େଇ ଜାରି ରଖିବାକୁ ପଡ଼ିବ।

## ସମ୍ପାଦକଙ୍କୁ ପତ୍ର

### ରାଜଧାନୀରେ ଟ୍ରାଫିକ ଢିଲା

**ମହାଶୟ,**

ରାଜ୍ୟରେ ନୂଆ ସରକାର ଆସିବା ପରେ ରାଜଧାନୀ ଭୁବନେଶ୍ୱରରେ ଟ୍ରାଫିକ ବ୍ୟବସ୍ଥା ପୁରା ଢିଲା ହୋଇଯାଇଛି। କୌଣସି ସ୍ଥାନରେ ଟ୍ରାଫିକ ପୋଲିସ ଯାନବାହନ ନିୟନ୍ତ୍ରଣକୁ କଡ଼ାକଡ଼ି କରିବା ଦେଖାଯାଉନି। ହେଲମେଟ ଚେକିଂ ହେଉନି, ଭୁଲ ରାସ୍ତାରେ, ଦ୍ରୁତ ଗତିରେ ଗାଡ଼ି ଚାଳନା ପ୍ରତି ପୋଲିସ ଆଖି ବୁଜି ଦେଇଛି। ସନ୍ଧ୍ୟାରେ ରସୁଲଗଡ଼ ଛକରେ ଯେପରି ଭୟଙ୍କର ଭିଡ଼ ହେଉଛି ତାହାର ପ୍ରତିକାର ବ୍ୟବସ୍ଥା ଟ୍ରାଫିକ ପୋଲିସ ନିକଟରେ ନାହିଁ। କଳ୍ପନାରୁ ରସୁଲଗଡ଼ ପର୍ଯ୍ୟନ୍ତ କଟକ ରୋଡରେ ଲୋକେ ମନ ଇଚ୍ଛା ଗାଡ଼ି ଚଳାଉଛନ୍ତି। ରାସ୍ତାର ଡାହାଣ ପାର୍ଶ୍ୱରେ ଗାଡ଼ୀ ଚାଲିଛି। ଏହି ରାସ୍ତାରେ ପୋଲିସ ହାତ ଟେକି ଦେଇଥିବା ଅନୁଭବ କରାଯାଉଛି। ଦୁର୍ଘଟଣାରେ କେହି ମୃତାହତ ହେଲେ ଟୁଇନ ସିଟିର କମିଶନରେଟ ପୋଲିସ ସେଥିପାଇଁ ଦାୟୀ ହେବ ତ? କିଏ ଏଥିପାଇଁ କ୍ଷତିପୂରଣ ଦେବ? ଆଇନ ଉଲ୍ଲଂଘନକାରୀଙ୍କୁ ପୋଲିସ କାହିଁକି ସୁରକ୍ଷା ପ୍ରଦାନ କରୁଛି ତାହା ଏକ ବିସ୍ମୟ।

**ମନୋରଞ୍ଜନ ଦାଶ, ଗଡ଼ ଗୋପିନାଥ ପ୍ରସାଦ କଲୋନୀ**

# ବାବାସାହେବ ଏବଂ ଭାରତର ସଂସଦ



**ଗୋପାଳ ମହାପାତ୍ର**

ଭାରତରେ ସମ୍ବିଧାନର ବ୍ୟବସ୍ଥା ଚାଲିଛି। ଏହି ସିଦ୍ଧାନ୍ତ ବାବା ସାହେବ ଆମ୍ବେଦକର ଏ ଦେଶର ଜନସାଧାରଣଙ୍କ ପାଇଁ ଲେଖି ଦେଇଛନ୍ତି। ଭାରତୀୟ ସମ୍ବିଧାନ ଏମିତି ଏକ ଦସ୍ତାବେଜ ଯେଉଁଥିରେ ସବୁ ବର୍ଣ୍ଣ ବା ବର୍ଗର ମଣିଷ ସମାନ ବୋଲି କୁହାଯାଇଛି। ବସ୍ତୁତଃ ଭାରତର ଏହା ଏମିତି କ୍ରାନ୍ତିକାରୀ ପୁସ୍ତକ ଯାହା ଭାରତର ହଜାର ହଜାର ବର୍ଷର ଇତିହାସରେ ପ୍ରଥମ ଥର ଦେଶର ସବୁଲୋକଙ୍କୁ ଗୋଟିଏ ସୁତାରେ ବାନ୍ଧି ରଖିବାର ପ୍ରୟାସ ହୋଇଛି। ଏହା ପଛରେ ମହାତ୍ମା ଗାନ୍ଧୀଙ୍କ ଦର୍ଶନମଧ୍ୟ ଥିଲା ଯାହା ଗାନ୍ଧୀ ସ୍ୱାଧିନ ଭାରତ ପାଇଁ ଦେଖିଥିଲେ। ଏହା ନିଶ୍ଚିତ ଭାବରେ ମାନବତାବାଦ ଥିଲା ଯେଉଁଥିପାଇଁ ଗାନ୍ଧୀ ୧୯୩୦ ରୁ ୧୯୩୭ ପର୍ଯ୍ୟନ୍ତ ସ୍ୱାଧିନତା ଆନ୍ଦୋଳନର ସାମାନାନ୍ତର ଭାବେ ଅହିଂସାର ଲଢେଇ କରିଥିଲେ। ଜାତିର ଆଧାର ବିଧାନ ଜନ୍ମ- ଜାତ ବୋଲି ମାନୁଥିବା ଭାରତୀୟ ସମାଜରେ ବାବା ସାହେବ ଆମ୍ବେଦକର ମଣିଷର ସମାନତା ପାଇଁ ଲଢେଇ କରିଥିଲେ ଏବଂ ଦଳିତ ସମାଜକୁ ବରାବର ମାନ୍ୟତା ଦେବାପାଇଁ ଅଭିଯାନ ଚଳାଇଥିଲେ। କିନ୍ତୁ ସମ୍ବିଧାନ ଲେଖା ହେବା ପରେ ସ୍ପଷ୍ଟ ହୋଇ ଯାଇଥିଲା ଯେ ଗାନ୍ଧୀ ଏବଂ ଆମ୍ବେଦକରଙ୍କ ଭାରତ ମାନବତା ବାଦର ସିଦ୍ଧାନ୍ତ ଉପରେ ହିଁ ଚାଲିବ। ଏଣୁ ସମ୍ବିଧାନରେ ନିଜର ପ୍ରଗତି ଏବଂ ବିକାଶ ପାଇଁ ଭାରତ ଭୂଖଣ୍ଡରେ ରହୁଥିବା ପ୍ରତ୍ୟେକ ଜାତି ଓ ବର୍ଗର ଲୋକମାନଙ୍କୁ ସମାନ ଅଧିକାର ମିଳିବ ବୋଲି ବ୍ୟବସ୍ଥା ରହିଛି।

ବାବା ସାହେବଙ୍କ ଦୃଷ୍ଟିଭଙ୍ଗୀ ଗାନ୍ଧୀଙ୍କ ଦୃଷ୍ଟିଭଙ୍ଗୀଠାରୁ ଭିନ୍ନ ନଥିଲା କିନ୍ତୁ ଆମ୍ବେଦକର ଦଳିତ ଲୋକଙ୍କ ପାଇଁ ଅଲଗା ନିର୍ବାଚନ ମଣ୍ଡଳୀ ଦାବି କରିଥିଲେ ହେଲେ ଗାନ୍ଧୀ କେବେ ଏହି କଥଶକୁ ସ୍ୱୀକାର କରି ନଥିଲେ। ସ୍ୱାଧିନତା ପୂର୍ବରୁ ଇଂରେଜ ସରକାର ଏଭଳି ପରିସ୍ଥିତିର ଫାଇଦା ଉଠାଇବା ପାଇଁ ଚାହୁଁଥିଲେ। କାରଣ ରାମ ସ୍ୱାମୀ ନାୟକର (ଯାହାଙ୍କୁ ପେରିୟାର ବୋଲି କୁହାଯାଉଥିଲା) ପୃଥକ ଦ୍ରାବିଡ଼ ରାଷ୍ଟ୍ର ନିର୍ମାଣ ପାଇଁ ଉଦ୍ୟମ କରୁଥିଲେ। ସେପଟେ ମୁସଲିମଲିଗ୍‌ର ନେତା ମହମ୍ମଦ ଅଲ୍ଲୀ ଜିନ୍ନା ମୁସଲମାନ ମାନଙ୍କ ପାଇଁ ସ୍ୱତନ୍ତ୍ର ଦେଶ ପାଇଁ ମଧ୍ୟ ଦାବି ଉଠାଇଥିଲେ। ଜିନ୍ନା ପେରିୟାର ଏବଂ ଆମ୍ବେଦକର ଙ୍କ ମଧ୍ୟରେ ୧୯୪୦ ମସିହା ଜାନୁୟାରୀ ମାସରେ ମୁମ୍ବାଇର ଜିନ୍ନା ହାଉସ ଠାରେ ୭ଦିନ ବ୍ୟାପୀ ଦୀର୍ଘ ବୈଠକ ବସିଥିଲା। କିନ୍ତୁ ବୈଠକରେ ସମାଧାନର ପନ୍ଥା ବାହାରି ନଥିଲା। ଜିନ୍ନା ଚାହୁଁଥିଲେ ପେରିୟାର ଅଲଗା ଦ୍ରାବିଡ ରାଷ୍ଟ୍ର ପାଇଁ ଯେଉଁ ଦାବି କରୁଛନ୍ତି ମୁସଲିମ ଲିଗ୍ ତାଙ୍କୁ ସେଥିପାଇଁ ସମର୍ଥନ କରିବେ ଏବଂ ଆମ୍ବେଦକର ତାଙ୍କଦାବି ପାଇଁ ଅଡିବସନ୍ତୁ। କିନ୍ତୁ ବାବା ସାହେବ ୧୯୩୨ରେ ପୁନେ ଠାରେ ମହାତ୍ମାଗାନ୍ଧୀଙ୍କ ସହ ତାଙ୍କର ହୋଇଥିବା ବୁଝାମଣା ଅନୁସାରେ ଦଳିତଙ୍କ ପାଇଁ ପୃଥକ ନିର୍ବାଚନ ମଣ୍ଡଳୀ ଦାବିରୁ ଓହରି ଯାଇଥିଲେ ଓ ସ୍ୱୀକାର କରିଥିଲେ ଯେ ସ୍ୱାଧିନ ଭାରତରେ ଦଳିତଙ୍କ ପାଇଁ ସଂରକ୍ଷଣ ବ୍ୟବସ୍ଥା ରହିବ।

ପ୍ରସଙ୍ଗ ଥିଲା ଯେ ଦଳିତ ବର୍ଗ ହିନ୍ଦୁ ସମାଜର ଅଭିନ୍ନ ଅଙ୍ଗ। ଏଇଥିପାଇଁ ଗାନ୍ଧୀ ସାରା ଭାରତରେ ଅସ୍ପୃଷ୍ୟତା ବା ଛୁଆଁ ଅଛୁଆଁ ଦୁର କରିବା ପାଇଁ ଅଭିଯାନ ଚଳାଇଥିଲେ ଏବଂ ଦଳିତ ମାନେ ହିନ୍ଦୁ ସମାଜର ଅଂଶ ବୋଲି କହୁଥିଲେ। ଗାନ୍ଧୀ ଜାଣିଥିଲେ ହିନ୍ଦୁ ସମାଜରେ ବର୍ଣ୍ଣ ବ୍ୟବସ୍ଥା ଅଧିକ ଭାବରେ ରହିଛି ଯେଉଁଥିପାଇଁ ଦଳିତ ମାନଙ୍କ ସହ ପଶୁ ଭଳି ବ୍ୟବହାର କରାଯାଉଛି। ଏଣୁ ଗାନ୍ଧୀ ଦଳିତମାନଙ୍କୁ ହରିଜନ ବୋଲି କହୁଥିଲେ। ବାବା ସାହେବ ହରିଜନ ବା ଅନୁସୂଚୀତ ଗାତିଙ୍କ ହକ୍ ପାଇଁ ଏକ ମହାସଂଘ ଗଠନ କରିଥିଲେ। ଏପରିକି ୧୯୪୫ରେ ଏହି ମହାସଂଘ ରୂପକ ରାଜନୈତିକ ସଂଗଠନର ପତାକା ତଳେ ମୁମ୍ବାଇରେ ସମ୍ବିଧାନ ସଭା ପାଇଁ ନିର୍ବାଚନ ଲଢ଼ିଥିଲେ କିନ୍ତୁ ପରାଜିତ ହୋଇଥିଲେ। ପରବର୍ତ୍ତୀ ସମୟରେ ବଙ୍ଗଳାର ଜଣେ ପ୍ରମୁଖ ସଦସ୍ୟ ଯୋଗେନ୍ଦ୍ର ନାଥ ମଣ୍ଡଳ ତାଙ୍କ ଆସନରୁ ଇସ୍ତଫା ଦେଇଥିଲେ ଓ ବାବା ସାହେବ ନିର୍ବାଚିତ ହୋଇଥିଲେ। ସମ୍ବିଧାନ ଲେଖାଯିବା ବେଳେ ଏହାର ସଂରଚନା ପାଇଁ ବିଶ୍ୱର ଜଣାଶୁଣା ସମ୍ବିଧାନ ବିଶେଷଜ୍ଞଙ୍କ ସହାୟତା ନିଆଯିବା ପାଇଁ ମଧ୍ୟ କଥା ଉଠିଥିଲା। କିନ୍ତୁ ମହାତ୍ମା ଗାନ୍ଧୀ ଏକଥାକୁ ବିରୋଧ କରିଥିଲେ ଓ ଭାରତୀୟ ବିଦ୍ୱାନ ବାବାସାହେବଙ୍କ ସହାୟତା ନିଆଯିବା ପାଇଁ ପରାମର୍ଶ ଦେଇଥିଲେ। ଗାନ୍ଧୀଙ୍କ ପରାମର୍ଶ କ୍ରମେ କଂଗ୍ରେସ ବାବା ସାହେବଙ୍କୁ ସମ୍ବିଧାନ ଲେଖିବାର ଦାୟିତ୍ୱ ଦେଇଥିଲେ। ଗାନ୍ଧୀ ଭାଲଭାବେ ଜାଣିଥିଲେ ଯେ ଆମ୍ବେଦନରଙ୍କ ସହ କେତେକ ପ୍ରସଙ୍ଗରେ ତାଙ୍କର ମତଭେଦ ରହିଛି। ଏହାର ପ୍ରମାଣ



ମଧ୍ୟ ପୁନେରେ ହୋଇଥିବା ବୈଠକରୁ ମିଳିଥିଲା। ଜିନ୍ନପେରିୟାର-ଆମ୍ବେଦକରଙ୍କ ପୁନେ ବୈଠକ ସମୟରେ ମହାତ୍ମା ଗାନ୍ଧୀ ମହମ୍ମଦ ଅଲ୍ଲୀ ଜିନ୍ନାଙ୍କୁ ଯେଉଁ ପତ୍ର ଲେଖିଥିଲେ ସେଥିରେ ଗାନ୍ଧୀ ଲେଖିଥିଲେ ଯେ ଜିନ୍ନା ପେରିୟାର ଓ ଆମ୍ବେଦକର କଂଗ୍ରେସର ମୁକାବିଲା କରିବା ପାଇଁ ଭିନ୍ନ ଏକ ରାଜନୈତିକ ଦଳ ଗଠନ କରିବା ଉଚିତ୍।

ଗାନ୍ଧୀ ଚାହୁଁଥିଲେ ଯେ ଅଖଣ୍ଡ ଭାରତରେ ଯଦି ଜିନ୍ନା ପେରିୟାର ଓ ଆମ୍ବେଦକରଙ୍କ ବିଚାରଧାରା ଯେହେତୁ କଂଗ୍ରେସଠାରୁ ଭିନ୍ନ ସେମାନେ ଏକ ଭିନ୍ନ ରାଜନୈତିକ ବିକଳ୍ପ ଗଠନ କରିବା ଆବଶ୍ୟକ। କାରଣ ଏହି ତିନି ନେତାଙ୍କର ସେମାନଙ୍କର ସମାଜରେ ଲୋକପ୍ରିୟତା ରହିଛି। କଥ ସେତିକିରେ ରହିଗଲା। ସମ୍ବିଧାନ ଲେଖାହେଲା। ସମ୍ବାଧାନର ସବୁକିଛି ଲେଖାହେଲା ଯାହା କଂଗ୍ରେସ ପାର୍ଟି ବିଭିନ୍ନ ସମୟରେ ପ୍ରତିଶ୍ରୁତି ଦେଇ ଆସୁଥିଲା। ୧୯୩୧ରେ କଂଗ୍ରେସର କରାଚି ଅଧିବେଶନରେ ସର୍ଦ୍ଦାର ପଟେଲ ଅଧ୍ୟକ୍ଷତା କରିଥିଲେ। ସେହି ଅଧିବେଶନରେ ନାଗରିକଙ୍କୁ ମୌଳିକ ଅଧିକାର ଦିଆଯିବାର ପ୍ରତିଶ୍ରୁତି ଦିଆଯାଇଥିଲା। ଏଣୁ ସ୍ପଷ୍ଟ ଯେ ସମ୍ବିଧାନରେ ବାବା ସାହେବ ସେଇକଥା ହିଁ ଲେଖିଥିଲେ ଯେଉଁ ପ୍ରତିଶ୍ରୁତି ସବୁ କଂଗ୍ରେସ ପାର୍ଟି ଦେଉଥିଲା।

୧୯୨୮ରେ ପଣ୍ଡିତ ମୋତିଲାଲ ନେହେରୁଙ୍କ ଅଧ୍ୟକ୍ଷତାରେ ଭାରତର ସମ୍ବିଧାନର ପ୍ରାରୂପ ଲଖିବା ପାଇଁ ଏକ କମିଟି ଗଠନ କରାଯାଇଥିଲା। କମିଟିରେ ନେତାଜୀ ସୁବାସ ଚନ୍ଦ୍ର ବୋଷ, ପଣ୍ଡିତ ନେହେରୁ ଓ ମୌଲାନା ଆବୁଲ କାଲାମ ଆଜାଦଙ୍କ ଭଳି ନେତା ଥିଲେ। ପରେ ୧୯୪୬ରେ ସମ୍ବିଧାନ ଲେଖୁଥିବା ସଦସ୍ୟ ମାନଙ୍କ ପାଇଁ ମୋତିଲାଲ ନେହେରୁ କମିଟି ରିପୋର୍ଟ ଏକ ପ୍ରେରଣା ପାଲଟିଥିଲା। ସେଥିରେ ଭାରତୀୟ ସ୍ତ୍ରୀ-ପୁରୁଷ ବୟସ୍କଙ୍କୁ ମତାଧିକାର ଦିଆଯିବା ପାଇଁ ଶୁପାରିଶ କରାଯାଇଥିଲା। ସମ୍ବିଧାନରେ ମଧ୍ୟ ଏକଥା ଲେଖାଯାଇଛି। ଏହି କମିଟି ଗୋଟିଏ ରାଷ୍ଟ୍ର ରୂପରେ ଭାରତକୁ ବିଭିନ୍ନ ଅଞ୍ଚଳର ସଂଘ ମଧ୍ୟ କହିଥିଲା ଯାହାକୁ ଇଂରେଜ ମାନେ ୧୯୩୫ରେ "ଭାରତ ସରକାର ଆଇନ୍"ଭାବରେ ସ୍ୱୀକାର କରିଥିଲେ। ଏଥିପୁର୍ବରୁ ୧୯୧୯ରେ ଇଂରେଜ ସରକାର ଭାରତକୁ ବିଭିନ୍ନ ଜାତି- ବର୍ଗର ମିଶ୍ରଣ ଭାବେ ପ୍ରସ୍ତୁତ କରିଥିଲେ ଏବଂ ଭାରତକୁ ଏକ ସଂଘ ବା ଦେଶ ବୋଲି ମାନୁନଥିଲେ। ଏହି କାରଣରୁ ଯେତେବେଳେ ଧର୍ମ ଆଧାରରେ ପାକିସ୍ଥାନକୁ ଭାରତରୁ ଅଲଗା କରାଗଲା ସେତେବେଳେ ଭାରତରେ ଅବସ୍ଥାପିତ ଭାଇସରାୟ କହିଥିଲେ ଯେ ଭାରତରେ ସେଣ୍ଟ୍ରାଲ ଆସେମ୍ଲି (ସମ୍ବିଧାନ ସଭା)ର ନିର୍ବାଚନ ୧୯୩୫ର ଆଇନ୍ ଅନୁସାରେ ନୁହେଁ ବରଂ ୧୯୧୯ର ଆଇନ୍ ଅନୁସାରେ କରାଯାଇଥିଲା। ଏବେ ଯଦି ବର୍ତ୍ତମାନର ସ୍ଥିତିରେ ବାବା ସାହେବଙ୍କୁ ନେଇ ଚାଲିଥିବା ବିବାଦକୁ ଦେଖିବା ତେବେ ସ୍ପଷ୍ଟ ଯେ ଆମେ ସବୁ ଭାରତୀୟଙ୍କ ମନରେ ସେହି ସମ୍ବିଧାନ ରହିଯାଇଛି ଯାହା ବାବା ସାହେବ ଲେଖି ଦେଇ ଯାଇଛନ୍ତି। କିନ୍ତୁ ବାବାସାହେବଙ୍କ ପ୍ରସଙ୍ଗରେ ଏବେ ଶାସକ ଓ ବିରୋଧି ଦଳଙ୍କ ମଧ୍ୟରେ ଶବ୍ଦ ର ବାଣ ମରାଚାଲିଛି ଓ ଏହାର ପରିଣାମ ସ୍ୱରୂପ ସଂସଦରେ କେତେକ ଅପ୍ରିୟ ଘଟଣା ଘଟିଯାଇଛି।

ଅନ୍ୟ ପକ୍ଷରେ ଆଜି ମଧ୍ୟ ଭାରତର ଉତ୍ତରରୁ ଦକ୍ଷିଣ ପର୍ଯ୍ୟନ୍ତ ଅଞ୍ଚଳରେ (ରାଜ୍ୟରେ) ଦଳିତ ଲୋକଙ୍କ ସହ ଅମାନବୀୟ ବ୍ୟବହାର ହେଉଥିବାର ଦେଖାଯାଉଛି। ବାବା ସାହେବ ଚାହୁଁଥିଲେ ଯେ ଭାରତରେ ଜାତି ପ୍ରଥା ଦୂର ହେଉ କାରଣ ଏହି ପ୍ରଥା କାରଣରୁ ଭାରତରେ ଦଳିତ ମାନେ ଅବହେଳିତ ହୋଇ ରହିଛନ୍ତି। ଏଣୁ ବାବା ସାହେବ ମନୁସ୍ମୃତିକୁ ଗ୍ରହଣ କରୁନଥିଲେ। ତାଙ୍କ ମତରେ ମନୁସ୍ମୃତି ହେଉଛି ସେହି ଗ୍ରନ୍ଥ ଯେଉଁଥିରେ ଜାତିକୁ ଆଧାର ଭାବେ ଗ୍ରହଣ କରାଯାଇ ମଣିଷ-ମଣିଷ ମଧ୍ୟରେ ଭେଦଭାବ କରାଯାଉଛି ଏପରିକି ସ୍ତ୍ରୀ ପୁରୁଷଙ୍କ ଅଧିକାରକୁ ନେଇ ମଧ୍ୟ ଭେଦଭାବ କରାଯାଉଛି, ଏହି ଭେଦଭାବର ଚେର ଏତେ ଗଭୀର ଯେ ଏହାକୁ ଦୂର କରିବା ପାଇଁ ଆହୁରି କେତେ ବର୍ଷ ଲାଗିବ ତାର ହିସାବ ନାହିଁ।

ଏଣୁ ସମ୍ବିଧାନରେ ଲିଖିତ ବ୍ୟବସ୍ଥା ଅନୁସାରେ ଦଳିତଙ୍କୁ ସେମାନଙ୍କ ସାମାଜିକ ଓ ଆର୍ôଥକ ଅଧିକାର ଦିଆଯିବା ଆବଶ୍ୟକ। ଦେଶର ରାଜନୈତିକ ଦଳ ମାନଙ୍କର କାର୍ଯ୍ୟ ହେଉଛି ଏହାକୁ କାର୍ଯ୍ୟକାରୀ କରାଇବା। ଦେଶରେ ଗାନ୍ଧୀଙ୍କୁ ଯେମିତି ସମ୍ମାନ ଦିଆଯାଏ ବାବା ସାହେବଙ୍କୁ ମଧ୍ୟ ସମ୍ମାନ ଦିଆଯାଏ। ଭାରତରେ ଉଦ୍ୟୋଗୀକରଣ ପାଇଁ ନେହେରୁ ଯେମିତି ଚିନ୍ତା କରୁଥିଲେ ବାବା ସାହେବ ମଧ୍ୟ ସେତିକି ଚିନ୍ତା କରିଥିଲେ। ବାବାସାହେବ ଭାବୁଥିଲେ ଉଦ୍ୟୋଗୀକରଣ ବଢ଼ିଲେ ଜାତିଗତ କୁଣ୍ଠା ସମାପ୍ତ ହୋଇଯିବ। କିନ୍ତୁ ତାହା ହୋଇନାହିଁ ଆଜିବି ଆମେ ବାବା ସାହେବଙ୍କ ରାଜନୈତିକ ଉତ୍ତରାଧିକାରୀ ବୋଲି ଦାବି କରି ରାଜନୈତିକ ଲଢେଇରେ ବ୍ୟସ୍ତ ରହୁଛେ। ମନେରଖିବା ଉଚିତ୍ ଯେ ଆମ୍ବେଦକର କୌଣସି ଏକ ବର୍ଗ ବା ଜାତିର ନୁହଁନ୍ତି ବରଂ ସେ ପ୍ରତ୍ୟେକ ବ୍ୟକ୍ତିଙ୍କ ପାଇଁ ଆଦର୍ଶ। ଦେଶ ଗୀତା, କୋରାନ ବା ବାଇବେଲର ଭରସାରେ ଚାଲୁନାହିଁ ସମ୍ବିଧାନ ଅନୁସାରେ ଚାଲୁଛି ଯାହା ଆମ୍ବେଦକରଙ୍କ ଦ୍ୱାରା ଲେଖାଯାଇଛି। ଏଣୁ ବାବାସାହେବ ବା ଆମ୍ବେଦକରଙ୍କ ପ୍ରସଙ୍ଗରେ ବିବାଦୀୟ ବୟାନ ଦେବା ଉଚିତ୍ ନୁହେଁ କିମ୍ବା ତାଙ୍କୁ ନେଇ ବିବାଦ ସୃଷ୍ଟି କରାଯିବା ମଧ୍ୟ ଅନୁଚିତ।

**ରାମଚନ୍ଦ୍ରପୁର, ରଣପୁର**
**ମୋବାଇଲ୍: ୯୪୩୮୪୫୦୯୪**

# ଜଳବାୟୁ ଚ୍ୟାଲେଞ୍ଜ



**ସୌଭାଗ୍ୟ ରଞ୍ଜନ ମହାନ୍ତି**

ଏଥିରେ ଦ୍ୱିରୁକ୍ତି ନାହିଁ ଯେ, ଭାରତରେ ଜଳବାୟୁ ସଂକଟର ଧମକ ଆଉ ବେଶି ଦୂର ନୁହେଁ। ଚରମ ଜଳବାୟୁ ଘଟଣାବଳୀରେ ଭାରତରେ କେବଳ ୨୦୨୪ରେ ବର୍ତ୍ତମାନ ସୁଦ୍ଧା ୩୨୦୦ରୁ ଅଧିକ ଜୀବନ ଗଲାଣି। ନିୟୁତ ନିୟୁତ ହେକ୍ଟର ଚାଷଜମିରେ ଫସଲ କ୍ଷତିଗ୍ରସ୍ତ ହୋଇଥିବାବେଳେ ଅଗଣିତ ବାସଗୃହ ନଷ୍ଟଭ୍ରଷ୍ଟ ହୋଇଛି। ଲକ୍ଷ ଲକ୍ଷ ସଂଖ୍ୟାରେ ଗୃହପାଳିତ ପଶୁଙ୍କର ଜୀବନ ଯାଇଛି। ଜଳବାୟୁ ପରିବର୍ତ୍ତନରେ ଭାରତ କିପରି ପ୍ରାକୃତିକ ତାଣ୍ଡବର ସମ୍ମୁଖୀନ ହୋଇଛି, ତାହାର ଦୁଃଖଦ ଚିତ୍ର ଚଳିତ ବର୍ଷ ଦେଖିବାକୁ ମିଳିଛି। ଉଲ୍ଲେଖଯୋଗ୍ୟ ଯେ, ଚଳିତ ବର୍ଷର ପ୍ରଥମ ୨୭୪ ଦିନରେ ଦେଶ ୨୫୫ଟି ଚରମ ଜଳବାୟୁ ବିଭିଶିକାର ସମ୍ମୁଖୀନ ହୋଇଛି। ଅସହ୍ୟ ଗ୍ରୀଷ୍ମ ପ୍ରବାହ, ଅତିବୃଷ୍ଟି, ଅନାବୃଷ୍ଟି, ବନ୍ୟା, ବାତ୍ୟା, ଭୂସ୍ଖଳନ ପରି ପ୍ରାକୃତିକ ବିପର୍ଯ୍ୟାୟ ତଥା ଚରମ ଜଳବାୟୁ ସଂକଟର ତାଣ୍ଡବରେ ଜନସାଧାରଣ ନାହିଁ ନଥିବା ଦୁର୍ଦ୍ଦଶାର ସମ୍ମୁଖୀନ ହୋଇଛନ୍ତି। ଯାହାକି କେବଳ ଜୀବନ ନେଇ ନାହିଁ, କୋଟି କୋଟି ଟଙ୍କାର ସମ୍ପତ୍ତି କ୍ଷତି କରିଛି। କେରଳରେ ୱାୟନାଡାରେ ବର୍ଷର୍‌ାର ତାଣ୍ଡବ ସାଙ୍ଗକୁ ଭୂସ୍ଖଳନ ସ୍ଥାନୀୟ ବାସିନ୍ଦାଙ୍କ ମେରୁଦଣ୍ଡ କେବଳ ଭାଙ୍ଗି ଦେଇନାହିଁ, ୪୦୦ରୁ ଊର୍ଦ୍ଧ୍ୱ ଲୋକଙ୍କର ଜୀବନ ନେଇଥିବା ବେସରକାରୀ ରିପୋର୍ଟରେ କୁହାଯାଇଛି। ସେଥିମଧ୍ୟରୁ ବହୁ ଏବେ ବି ନିଖୋଜ ଅଛନ୍ତି। ଏହା ନିସନ୍ଦେହ ଯେ, ଜଳବାୟୁ ପରିବର୍ତ୍ତନ ବା ଚରମ ଜଳବାୟୁ ତାଣ୍ଡବର ପ୍ରଭାବ କେବଳ ଗରିବ, ଅସହାୟ, ସ୍ୱଳ୍ପ ଆୟକାରୀ ବିଶେଷ କରି ଗ୍ରାମାଚଂଳ ଲୋକଙ୍କ ଜୀବନକୁ ଦୁର୍ବିସହ କରିଦେଇଛି। ଯାହାର କ୍ଷତି ଭରଣା ସେମାନଙ୍କ ପାଇଁ କଷ୍ଟକର ହୋଇପଡ଼ିଛି। ସେମାନେ ଗରିବରୁ ଆହୁରି ଗରିବ ହୋଇଯାଉଛନ୍ତି। ବାସଗୃହ ଭାଙ୍ଗିବା ଓ ଫସଲ କ୍ଷତିଗ୍ରସ୍ତ ହେବା ଯୋଗୁଁ ସେମାନେ କେବଳ ବାସ ହରା ହେଉନାହାଁନ୍ତି, ଭୋକିଲା ରହିବାକୁ ବାଧ୍ୟ ହେଉଛନ୍ତି। ବୋଧହୁଏ ଏଇଥିପାଇଁ ଭାରତ ଭୋକିଲା ରାଷ୍ଟ୍ରଙ୍କ ତାଲିକାରେ ବିଶ୍ୱରେ ୧୦୫ତମ ସ୍ଥାନରେ ରହିଛି। କହିବା ବାହୁଲ୍ୟ ଯେ, ପ୍ରକୃତି ଉପରେ ମଣିଷର ଅତ୍ୟାଚାର ଯେତିକି ଯେତିକି ବଢ଼ିଚାଲିଛି,



ପ୍ରକୃତିର କୋପ ସେତିକି ସେତିକି ଉଗ୍ର ହେଉଛି। ଯାହାର ପରିଣାମ ହେଉଛି ଚରମ ଜଳବାୟୁ ସଂକଟ, ହିମାଳୟ ପାଦ ଦେଶଠାରୁ ଆରମ୍ଭ କରି ପଶ୍ଚିମଘାଟ ପାର୍ବତ୍ୟାଚଂଳ ପର୍ଯ୍ୟନ୍ତ ଅଞ୍ଚଳରେ ବ୍ୟାପକ ଖଣିଖନନ, ନିର୍ମାଣ, ଆଖିବୁଜା ଗଛକଟା କେବଳ ଜୈବ ବିବିଧତା ନଷ୍ଟ କରୁନାହିଁ, ପ୍ରଳୟଙ୍କାରୀ ବନ୍ୟା ଓ ଭୂସ୍ଖଳନର କାରଣ ହୋଇଛି। ଗତ କିଛି ବର୍ଷ ହେଲା ଉତରାଖଣ୍ଡ, ହିମାଚଳ ପ୍ରକଳୟଙ୍କାରୀ ବନ୍ୟାର ବିଭିଷିକାରେ ସମ୍ମୁଖୀନ ହୋଇଥିବାବେଳେ ଭୂସ୍ଖଳନର ତାଣ୍ଡବରେ ପେଷି ହୋଇଯାଉଛି। ସେହିପରି ଜାତୀୟ ରାଜଧାନୀ ଦିଲ୍ଲୀ ପରି ସହରାଚଂଳରେ ପ୍ରାକୃତିକ ନାଳ, ହ୍ରଦ, ପୋଖରୀ, ଡ୍ରେନ ଆଦି ପୋତି ତା ଉପରେ ବଡ ବଡ ନିର୍ମାଣ ଚାଲିଛି। ଯାହାର ପରିଣତ ସ୍ୱରୂପ ସହରରେ ବନ୍ୟା, ଅସହ୍ୟ ତାପମାତ୍ରା ଜନଜୀବନ ପାଇଁ କେବଳ ଅସ୍ୱାସ୍ଥ୍ୟକାକର ହୋଇନାହିଁ, କ୍ଷତିକାରକ ସାବ୍ୟସ୍ତ ହୋଇଛି। କେବଳ ଜାତୀୟ ରାଜଧାନୀ ଦିଲ୍ଲୀ ନୁହେଁ, ମୁମ୍ବାଇ, ଚେନ୍ନାଇ, ବାଙ୍ଗାଲୋର, ଭୁବନେଶ୍ୱର ଆଦି ବଡବଡ ସହରରେ ସହରୀବନ୍ୟା ବର୍ଷା ଋତୁରେ ଏକ ନିୟମିତ ଘଟଣାରେ ପରିଣତ ହୋଇଗଲାଣି। ଉପଯୁକ୍ତ ପ୍ଲାନିଂର ଅଭାବ ଏବଂ ଜଳବାୟୁ ପରିବର୍ତ୍ତନର ଚରମ ପ୍ରଭାବ ପ୍ରାକୃତିକ ବିପର୍ଯ୍ୟାକୁ ମଣିଷକୃତ ବିପର୍ଯ୍ୟାୟରେ ପରିଣତ କରିଛି ବୋଲି କହିଲେ ଭୁଲ ହୋଇନପାରେ। ଏହା ନିସନ୍ଦେହ ଯେ, ଜଳବାୟୁ ପରିବର୍ତ୍ତନର ସଂକଟ ଏବେ ଦେଶର ଅର୍ଥନୀତି ତଥା ଅଭିବୃଦ୍ଧିକୁ ପ୍ରଭାବିତ କରିଛି। ବ୍ୟାପକ ଶସ୍ୟ ହାନୀ ଯୋଗୁଁ ଦରଦାମର ବୃଦ୍ଧିର କାରଣ ହୋଇଛି। ଚରମ ଜଳବାୟୁ ଧମକକୁ ଏଡାଇବା ଲାଗି ସୁଚିନ୍ତିତ ନୀତି ନିର୍ଦ୍ଧାରଣ ସହ ଏଥିଲାଗି କଠୋର ଆଇନଗତ ବ୍ୟବସ୍ଥାର ଆବଶ୍ୟକତା ରହିଛି ଜଳବାୟୁ ପରିବର୍ତ୍ତନ ଏବେ ଏବେ ମାନବ ସମାଜ ପାଇଁ ଏକ ଚ୍ୟାଲେଞ୍ଜ ସଦୃଶ ଉଭା ହୋଇଛି। ଏବେ ଜନଜୀବନକୁ ସୁରକ୍ଷିତ ରଖିବାର ସମୟ ଉପନୀତ ହୋଇଛି। ଆମର ପ୍ରାକୃତିକ ଜୈବ ବିବିଧତାକୁ ସୁରକ୍ଷିତ ରଖିବା ଜରୁରୀ ହୋଇପଡ଼ିଛି। ଅନ୍ୟଥା ଚରମ ଜଳବାୟୁ ସଂକଟରେ ମାନବ ସମାଜ କେବଳ ଧ୍ୱଂସର ସମ୍ମୁଖୀନ ହେବା ସାର ହେବ।

**ସମ୍ମାନ ଭବନ**
**ପ୍ଲଟ ନଂ-୫୮/୩୫୮୧, ଗାଙ୍ଗୋତ୍ରୀ ନଗର,**
**ରୋଡ ନଂ-୩, ଶିଶୁପାଳଗଡ଼ .**
**ମୋବାଇଲ୍: ୯୪୩୭୯୯୪୩୭୯**

# ଦ୍ରୁତ ଗତିରୁ ହିଁ ବଡ଼ ସଡ଼କ ଦୁର୍ଘଟଣା



**ଅଭୟ କୁମାର ଦାସ**

ଦ୍ରୁତଗତି ମହାବିପତ୍ତି। ଦ୍ରୁତଗତିରେ ଗାଡ଼ି ଚାଳନା କଲେ ଦୁର୍ଘଟଣା ନିଶ୍ଚିନ୍ତ ଓ ଜୀବନ ସଙ୍କଟାପନ୍ନ ସୁନିଶ୍ଚିତ। ତେବେ ଏନେଇ ରାଜ୍ୟ ସରକାର ସବୁବେଳେ ଚିନ୍ତା ପ୍ରକଟ କରୁଛନ୍ତି ଓ ଓଡ଼ିଶା ଏକ ଦୁର୍ଘଟଣା ପ୍ରବଳ ରାଜ୍ୟ ହୋଇଥିଲେ ବି ସରକାରଙ୍କ ବ୍ୟାପକ ସଚେତନତା ପାଇଁ କିଛିକାଂଶରେ ଦୁର୍ଘଟଣା ହ୍ରାସ ପାଉଛି। ନିକଟରେ ଏକ ସରକାରୀ ପରିସଂଖ୍ୟନର ତଥ୍ୟ ଅନୁଯାୟୀ ଦ୍ରୁତଗତିରୁ ଓଡ଼ିଶାରେ ପ୍ରାୟ ୭୦% ଦୁର୍ଘଟଣା ଘଟୁଛି। ଗଲା ୧୦ ବର୍ଷ ରାଜ୍ୟରେ ପ୍ରାୟ ୪୫ ହଜାର ବ୍ୟକ୍ତିଙ୍କ ମୁଣ୍ଡ ଗଡ଼ିଲାଣି। ଯେଉଁଥିରୁ ୭୦% ହେଉଛନ୍ତି ଯୁବପିଢ଼ି। ଦୁର୍ଘଟଣାପ୍ରବଣ ଜିଲ୍ଲା ହେଉଛି ଯାଜପୁର, ମୟୂରଭଞ୍ଜ, ସୁନ୍ଦରଗଡ଼, କେନ୍ଦୁଝର, ଗଞ୍ଜାମ, କଟକ ଓ ଖୋର୍ଦ୍ଧା। ଦୁର୍ଘଟଣାର ଏହି ବର୍ଦ୍ଧିତ ଗ୍ରାଫକୁ ନେଇ ରାଜ୍ୟ ବାଣିଜ୍ୟ ଓ ପରିବହନ ବିଭାଗ ଚିନ୍ତା ପ୍ରକଟ କରିଛନ୍ତି। ସଡ଼କ ସୁରକ୍ଷାଜନିତ ଯୋଜନା, ସଚେତନତା ଓ ଅଭିଯାନକୁ ଆହୁରି କ୍ରିୟାଶୀଳ କରାଇବାକୁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ମିଳିଛି।

ନିକଟରେ ରାଜ୍ୟ ସରକାରଙ୍କ ପରିବହନ ବିଭାଗର ମନ୍ତ୍ରୀଙ୍କ ତଥ୍ୟ ଅନୁଯାୟୀ ଆମ ଦେଶର ମୋଟରଯାନ ସଂଖ୍ୟା ସାରା ବିଶ୍ୱ ତୁଳନାରେ ମାତ୍ର ଏକ ପ୍ରତିଶତ। କିନ୍ତୁ ସର୍ବାଧିକ ୧୧ ଭାଗ ସଡ଼କ ଦୁର୍ଘଟଣା ଆମ ଦେଶରେ ଘଟୁଛି। ୨୦୨୨ରେ ୧.୪ ଲକ୍ଷ ଲୋକ ଦୁର୍ଘଟଣାରୁ ମରିଥିଲେ। ପ୍ରତି ଘଣ୍ଟାରେ ହାରାହାରି ୧୬ଜଣଙ୍କ ମୁଣ୍ଡ ଗଡୁଛି। ଚିନ୍ତାର ବିଷୟ ଯେ ଓଡ଼ିଶାରେ ଶହେ ଦୁର୍ଘଟଣାରୁ ୪୮ ଜଣ ମରୁଥିବା ବେଳେ ଜାତୀୟ ସ୍ତରରେ ଏହା ୩୬ରେ ସୀମିତ। ୨୦୨୩ ଜାନୁୟାରୀରୁ ଜୁନ ଭିତରେ ଗତବର୍ଷ ତୁଳନାରେ ଦୁର୍ଘଟଣାଜନିତ ମୃତ୍ୟୁ ସଂଖ୍ୟା ପ୍ରାୟ ୫% ବଢ଼ିଛି। ୨୦୨୩ରେ ୬୨୭୨ ଦୁର୍ଘଟଣାରୁ ୨୯୯୧ ଜଣଙ୍କ ପ୍ରାଣ ଯାଇଥିବାବେଳେ ୨୦୨୨ ମୋଟ ୨୮୪୯ ଜଣ ମରିଥିଲେ। ୨୦୨୨ ମସିହାରେ ୫୪୬୭ ଜଣଙ୍କ ଦୁର୍ଘଟଣାଜନିତ ମୃତ୍ୟୁ ଘଟିଛି। ହେଲମେଟ ନ ପିନ୍ଧିବାରୁ ୧୬୯୫ ଜଣ ବାଇକ




ଆରୋହୀଙ୍କ ପ୍ରାଣ ଯାଇଛି। ହେଲମେଟ ପିନ୍ଧି ଗାଡ଼ି ଚଳାଇବାକୁ ସେ ଗୁରୁତ୍ୱ ଦେଇଥିଲେ। ମୁଖ୍ୟମନ୍ତ୍ରୀ ସଡ଼କ ସୁରକ୍ଷା ଯୋଜନା ପାଇଁ ୧୪୫ କୋଟି ଟଙ୍କାର ବଜେଟ ବନାଯାଇଛି। ରାସ୍ତା ପାର୍ଶ୍ୱ ଗ୍ରାମାଞ୍ଚଳରୁ ଅତିକମରେ ୧୦ଜଣ ବ୍ୟକ୍ତିଙ୍କୁ ଦୁର୍ଘଟଣାଜନିତ ପ୍ରାଥମିକ ଚିକିତ୍ସା ସମ୍ପର୍କରେ ପ୍ରଶିକ୍ଷଣ ଦିଆଯିବ। ବିଶେଷଜ୍ଞମାନେ ସ୍କୁଲ ଓ କଲେଜ ଛାତ୍ରଛାତ୍ରୀଙ୍କୁ ସଚେତନ କରାଇବା ଆବଶ୍ୟକ। ସଡ଼କ ଦୁର୍ଘଟଣା ପୀଡ଼ିତଙ୍କୁ ସାହାଯ୍ୟ ପାଇଁ ଏକ ସ୍ୱେଚ୍ଛାସେବୀ ଗୋଷ୍ଠୀ ଗଢ଼ାଯାଇଛି। ସେମାନଙ୍କୁ ଫାଷ୍ଟ ରେସପୋଣ୍ଡର ଟ୍ରେନିଂ ଦିଆଯାଉଛି। ବ୍ଲାକ ସ୍ପଟକୁ ସର୍ଭେ କରାଯାଇ ତ୍ରୁଟି ସୁଧରାଯାଉଛି। ରୋଡ଼ ସାଇନେଜ ଅଡ଼ିଟ କରାଯାଉଛି। ଇଣ୍ଟେଲିଜେଣ୍ଟ ଟ୍ରାଫିକ ପରିଚାଳନାରେ ଇ-ଡିଟେକ୍ସନ ଯୋଗେ ଅମାନିଆ ସାବାଡ଼ ହେଉଛନ୍ତି। ସିସିଟିଭି ସଂଯୋଗ ପାଇଁ ୨୦୦ କୋଟି ଟଙ୍କା ବ୍ୟୟ ହେଉଛି।

ପରିବହନ ଆୟୁକ୍ତଙ୍କ କହିବାନୁଯାୟୀ ୨୦୨୩ ଜାନୁଆରୀରୁ ଜୁନ ଭିତରେ ଖୋର୍ଦ୍ଧା ଜିଲ୍ଲାରେ ସର୍ବାଧିକ ୫୯୭ଟି ଦୁର୍ଘଟଣା ଘଟିଛି। ସୁନ୍ଦରଗଡ଼ରେ ୪୫୩, କଟକରେ ୪୦୪, କେନ୍ଦୁଝରରେ ୪୦୩, ଗଞ୍ଜାମରେ ୩୮୬ ଦୁର୍ଘଟଣା ହୋଇଛି। ଯାନବାହନର ଅତ୍ୟଧିକ ବେଗ, ନିଶାସକ୍ତ ହୋଇ ଗାଡ଼ିଚାଳନା, ବିପରୀତ ପାର୍ଶ୍ୱରେ ଗାଡ଼ି ଚାଳନା, ମୋବାଇଲ ଫୋନ ଧରି ଗାଡ଼ି ଚଳାଇବାରୁ ଅଧିକାଂଶ ଦୁର୍ଘଟଣା ଘଟୁଛି। ଓଡ଼ିଶାରେ ପ୍ରତିବର୍ଷ ପ୍ରାୟ ୫ ହଜାର ଲୋକ ସଡ଼କ ଦୁର୍ଘଟଣାରେ ପ୍ରାଣ ହରାଉଥିବା ବେଳେ ଏହାର ଦୁଇଗୁଣା ଆହତ ହେଉଛନ୍ତି। ଜାତୀୟ ଓ ରାଜ୍ୟ ରାଜପଥରେ ପ୍ରାୟ ୭୦% ଦୁର୍ଘଟଣା ଘଟୁଥିବାବେଳେ ଏଥିରେ ମୃତାହତଙ୍କ ସଂଖ୍ୟା ମଧ୍ୟ ଅଧିକ। ସହର ଭିତରେ ଥିବା ଛକ ଭଳି ରାଜପଥରେ ଟ୍ରାଫିକ ନିୟମ ଉଲ୍ଲଘଂନକାରୀଙ୍କୁ ଅଟକାଇ ଯାଞ୍ଚ କରିବା ସମ୍ଭବ ନୁହେଁ। ଏହାକୁ ଦୃଷ୍ଟିରେ ରଖି ସୂଚନା ପ୍ରଯୁକ୍ତିକୁ ଉପଯୋଗ କରି ରାଜପଥ ଉପରେ ସଡ଼କ ଦୁର୍ଘଟଣା ହ୍ରାସ କରିବା ଉପରେ ଗୁରୁତ୍ୱ ଦିଆଯାଇଛି। ଓଡ଼ିଶା ସରକାରଙ୍କ ପରିବହନ ବିଭାଗ ସର୍ବାଧିକ ଗୁରୁତ୍ୱ ଦେଇ ଲୋକମାନଙ୍କର ଧନଜୀବନ ଓ ସଡ଼କ କ୍ଷେତ୍ରକୁ ପ୍ରାଥମିକତା ଦେବା ଦ୍ୱାରା ରାଜ୍ୟରେ ଉଦବେଗଜନକ ଭାବେ ସଡ଼କ ଦୁର୍ଘଟଣା ଓ ଦୁର୍ଘଟଣାଜନିତ ମୃତ୍ୟୁ ହ୍ରାସ ପାଇଛି। ଏ କ୍ଷେତ୍ରରେ ସର୍ବଭାରତୀୟ ସ୍ତରରେ ଓଡ଼ିଶା ପ୍ରଥମ ରାଜ୍ୟର ମାନ୍ୟତା ପାଇଛି।

**ଗୋତରା, ମାହାଙ୍ଗା, କଟକ**
**ମୋବାଇଲ୍: ୯୪୩୭୧୪୨୭୧୭**

# କଂଗ୍ରେସକୁ ଇଣ୍ଡିଆ ବ୍ଲକରୁ ବହିଷ୍କାର ଦାବି କଲେ କେଜରିୱାଲ



**ନୂଆଦିଲ୍ଲୀ, ୨୬।୧୨:** ଦିଲ୍ଲୀ ବିଧାନସଭା ନିର୍ବାଚନ ପୂର୍ବରୁ କଂଗ୍ରେସ ଓ ଆମ ଆଦମୀ ପାର୍ଟି ମଧ୍ୟରେ ଲଢ଼େଇ ଜୋର ଧରିଛି। ଗତ କାଲି କଂଗ୍ରେସ ନେତା ଅଜୟ ମାକେନ ଦଳର ୧୨ ଦଫା ସମ୍ବଳିତ ଶ୍ୱେତପତ୍ର ଜାରି କରିବା ସହିତ ଆପ ବିରୋଧରେ ବର୍ଷିଥିଲେ। ସେ କହିଥିଲେ ଯେ, ଲୋକସଭା ନିର୍ବାଚନରେ ଆପ ସହ ଆସନ ବୁଝାମଣା ଏକ ଭୁଲ ନିଷ୍ପତ୍ତି ଥିଲା। ଗତ ୧୦ ବର୍ଷ ଧରି ଦିଲ୍ଲୀରେ ଆପ ଲୋକଙ୍କୁ ଧୋକା ଦେଇ ଚାଲିଛି। ଏଥର ନିର୍ବାଚନରେ ଲୋକେ ଏହି ଧୋକାବାଜୀ ବିରୋଧରେ ରାୟ ଦେବେ ବୋଲି ସେ କହିଥିଲେ। ଏହାର ଜବାବରେ ଆପ ରାଷ୍ଟ୍ରୀୟ ଆବାହକ ଅରବିନ୍ଦ କେଜରିୱାଲ ଅଜୟ ମାକେନଙ୍କ ବିରୋଧରେ କଂଗ୍ରେସ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁ ବୋଲି ଦାବି କରିଛନ୍ତି। ଯଦି ମାକେନଙ୍କୁ କଂଗ୍ରେସ ବହିଷ୍କାର ନକରେ ତେବେ କଂଗ୍ରେସକୁ ଇଣ୍ଡିଆ ବ୍ଲକରୁ ବହିଷ୍କାର କରିବାକୁ ସେ ଅନ୍ୟ ସହଯୋଗୀମାନଙ୍କୁ ଆହ୍ୱାନ କରିଛନ୍ତି। ଅନ୍ୟ ପକ୍ଷରେ ଆପ ନେତା ସଞ୍ଜୟ ସିଂହ ଏବଂ ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଆତିଶୀ ଆଜି ଏକ ସାମ୍ବାଦିକ ସମ୍ମିଳନୀରେ କଂଗ୍ରେସ ଉପରେ ବର୍ଷିଛନ୍ତି। ସେମାନେ କହିଛନ୍ତି ଯେ, ଅଜୟ ମାକେନ କାଲି ଯାହା କହିଥିଲେ ତାହା ବିଜେପିର ସ୍କ୍ରିପ୍ଟ। ଦିଲ୍ଲୀରେ ଆପ ବିରୋଧରେ କଂଗ୍ରେସ ବିଜେପିକୁ ସହାୟତା କରୁଛି ଏବଂ ବିଜେପିର ଭାଷା କହୁଛି ବୋଲି ସେମାନେ ଅଭିଯୋଗ କରିଥିଲେ। ଅଜୟ ମାକେନ ବିଜେପି ବିରୋଧରେ କହିବା ପରିବର୍ତ୍ତେ ଆପ ନେତା କେଜରିୱାଲଙ୍କୁ ରାଷ୍ଟ୍ର ବିରୋଧୀ ବୋଲି କହିବା ଦୁର୍ଭାଗ୍ୟଜନକ। ଯେଉଁ ଭାଷାରେ ଅଜୟ ମାକେନ ଅରବିନ୍ଦ କେଜରିୱାଲ ଓ ଆପକୁ ବିରୋଧ କଲେ ସେହି ଭାଷା ସେ ବିଜେପି ବିରୋଧରେ ପ୍ରୟୋଗ କରିବା କଥା। ତାହା ନକରି ସେ ଏଠାରେ ବିଜେପିକୁ ସୁହାଇବା ଭଳି କଥା କହୁଛନ୍ତି ବୋଲି ରାଜ୍ୟସଭା ସାଂସଦ ଶ୍ରୀ ସିଂହ କହିଛନ୍ତି। ଅରବିନ୍ଦ କେଜରିୱାଲ କଂଗ୍ରେସ ପାଇଁ ଜେଲ୍ରୁ ଓ ପଞ୍ଜାବରେ ପ୍ରଚାର କରିଛନ୍ତି, ସଂସଦ ଭିତରେ ଓ ବାହାରେ ଆପ ସର୍ବଦା କଂଗ୍ରେସ ସହ ରହି ଆସିଛି। କିନ୍ତୁ ଯୁବ କଂଗ୍ରେସ ପକ୍ଷରୁ କେଜରିୱାଲଙ୍କ ବିରୋଧରେ ଥାନାରେ ଏଫଆଇଆର ଦିଆଯାଇଛି। କଂଗ୍ରେସ ସବୁ ସୀମା ଟପିଯାଇଛି। ଏହାକୁ ଆଉ ବରଦାସ୍ତ କରାଯାଇପାରିବନି। ଏଭଳି ପରିସ୍ଥିତିରେ ଆମ ଆଦମୀ ପାର୍ଟିକୁ ଇଣ୍ଡିଆ ବ୍ଲକରୁ ବହିଷ୍କାର କରାଯିବା ଉଚିତ ବୋଲି ସେମାନେ କହିଛନ୍ତି।

# ସେଲେବ୍ରିଟିମାନେ ଫ୍ୟାନ୍ଙ୍କୁ ନିୟନ୍ତ୍ରଣରେ ରଖିବା ଉଚିତ





**ହାଇଦ୍ରାବାଦ, ୨୬।୧୨:** କମୁନି ପୁଷ୍ପ ରାଜ ଅଲ୍ଲୁ ଅର୍ଜୁନଙ୍କ ଅଡୁଆ। ହାଇଦ୍ରାବାଦ ସନ୍ଧ୍ୟା ଥିଏଟରେ ବାହାରେ ହୋଇଥିବା ଦଳଚକଟା ମାମଲାରେ ଦିନକୁ ଦିନ ବିବାଦ ବଢ଼ିବାରେ ଲାଗିଛି। ଏହି ମାମଲାରେ ଆଜି ଅଲ୍ଲୁ ଅର୍ଜୁନଙ୍କ ବାପା ତେଲେଙ୍ଗାନା ମୁଖ୍ୟମନ୍ତ୍ରୀ ରେବନ୍ତ ରେଡ୍ଡୀଙ୍କୁ ଭେଟିଛନ୍ତି। ତାଙ୍କ ସହ ଟଲିଉଡ ଇଣ୍ଡଷ୍ଟ୍ରିର ଅଧିକାଂଶ କଳାକାର ମଧ୍ୟ ମୁଖ୍ୟମନ୍ତ୍ରୀଙ୍କ ସହ ସାକ୍ଷାତ କରିଛନ୍ତି। ତେବେ ଏହି ଭେଟଘାଟ ପରେ ବି ମୁଖ୍ୟମନ୍ତ୍ରୀ ଅଭିନେତାଙ୍କୁ କୌଣସି ଆଶ୍ୱସ୍ତି ପ୍ରଦାନ କରିନା ଜଣାପଡ଼ିଛି।

ଆଇନକାନୁନ ଠାରୁ କେହି ଉର୍ଦ୍ଧ୍ୱରେ ନାହାନ୍ତି। ଆଇନ ଶୃଙ୍ଖଳାକୁ ସୁନିଶ୍ଚିତ କରିବାରେ କୌଣସି ସାଲିସ କରାଯିବ ନାହିଁ ବୋଲି ଆଜି ବସିଥିବା ଏକ ବଡ଼ ବୈଠକରେ ତେଲେଙ୍ଗାନା ମୁଖ୍ୟମନ୍ତ୍ରୀ ରେବନ୍ତ ରେଡ୍ଡୀ ତେଲୁଗୁ ଫିଲ୍ମ ଇଣ୍ଡଷ୍ଟ୍ରିର ଅଭିନେତା, ନିର୍ଦ୍ଦେଶକ ଏବଂ ନିର୍ମାତାମାନଙ୍କୁ ଏଭଳି କିଛି କଡ଼ା ସନ୍ଦେଶ ଦେଇଛନ୍ତି। 'ପୁଷ୍ପା ୨' ଦଳାଚକଟା ବିବାଦ ଏବଂ ଅଭିନେତା ଅଲ୍ଲୁ ଅର୍ଜୁନଙ୍କ ଗିରଫଦାରୀକୁ ନେଇ ଫିଲ୍ମ ସମ୍ପ୍ରଦାୟ ସହ ତିକ୍ତତା ମଧ୍ୟରେ ଏହି ସାକ୍ଷାତ ହୋଇଥିଲା। ବିଶେଷକରି କଳାକାରମାନେ ଯେତେବେଳେ ସର୍ବସାଧାରଣ ସ୍ଥାନକୁ ଆସୁଛନ୍ତି ସେତେବେଳେ ଭିଡ଼ ତଥା ଫ୍ୟାନମାନଙ୍କୁ ନିୟନ୍ତ୍ରଣ କରିବା ହେଉଛି ସେଲେବ୍ରିଟି ଏବଂ ପୁଲିସର ଦାୟିତ୍ୱ ବୋଲି ରେବନ୍ତ ରେଡ୍ଡୀ କହିଛନ୍ତି।

ଆଜିର ବୈଠକରେ ତେଲୁଗୁ ଚଳଚ୍ଚିତ୍ର ଇଣ୍ଡଷ୍ଟ୍ରିର ବହୁ ବଡ଼ ବଡ଼ କଳାକାର ସାମିଲ ହୋଇଥିଲେ। ଅଲ୍ଲୁ ଅର୍ଜୁନଙ୍କ ବାପା ଅଲ୍ଲୁ ଅରବିନ୍ଦ, ଭେଙ୍କଟେଶ, ଚିରଞ୍ଜିବୀ ଏବଂ ରାଜ୍ୟ ଚଳଚ୍ଚିତ୍ର ବିକାଶ ନିଗମର ଅଧ୍ୟକ୍ଷ ଦିଲ ରାଜୁଙ୍କ ମଧ୍ୟ ଉପସ୍ଥିତ ଥିଲେ।

ଦଳଚକଟା ଘଟଣା ପରେ ତେଲେଙ୍ଗାନା ମୁଖ୍ୟମନ୍ତ୍ରୀ ବର୍ତ୍ତମାନ ଚଳଚ୍ଚିତ୍ର ସ୍ପେଶାଲ ସ୍କ୍ରିନିଂ ଉପରେ ବ୍ୟାନ୍ ଲଗାଇଛନ୍ତି ଏବଂ ଘରୋଇ ସୁରକ୍ଷା କର୍ମୀଙ୍କୁ ଚେତାବନୀ ଦେଇଛନ୍ତି। ହାଇଦ୍ରାବାଦ ପୁଲିସ ଦାବି କରିଛି ଯେ ଏହି ଅଭିନେତାଙ୍କ ପାଇଁ କାମ କରୁଥିବା ବାଉନ୍ସରମାନେ ଦଳାଚକଟା ସମୟରେ ଅସଦାଚରଣ ଅବଲମ୍ବନ କରିଥିଲେ। ସେମାନଙ୍କ ଆକ୍ରମଣାତ୍ମକ ଆଚରଣ ପରିସ୍ଥିତିକୁ ଆହୁରି ଖରାପ କରିଦେଇଥିଲା।

ସୂଚନାଯୋଗ୍ୟ, ଡିସେମ୍ବର ୪ ତାରିଖରେ ହାଇଦ୍ରାବାଦର ସନ୍ଧ୍ୟା ଥିଏଟର ବାହାରେ ପୁଷ୍ପା-୨ ଫିଲ୍ମର ସ୍କ୍ରିନିଂ ବେଳେ ଦଳାଚକଟା ହୋଇଥିଲା। ଏଥିରେ ଜଣେ ମହିଳାଙ୍କ ମୃତ୍ୟୁ ହୋଇଥିବା ବେଳେ ତାଙ୍କ ୮ ବର୍ଷର ପୁଅ ଗୁରୁତର ହୋଇ ହସ୍ପିଟାଲରେ ଭର୍ତ୍ତି ହୋଇଥିଲେ। ତେବେ ୨୦ ଦିନ ପରେ ଉକ୍ତ ନାବାଳକର ଚେତା ଫେରିଛି। ପୀଡ଼ିତ ପରିବାରଙ୍କୁ ଅଲ୍ଲୁ ଅର୍ଜୁନଙ୍କ ବାପା ଭେଟିଛନ୍ତି। ଏଥିସହ ତାଙ୍କୁ ଅଲ୍ଲୁ ଅର୍ଜୁନ ଓ ଫିଲ୍ମର ନିର୍ଦ୍ଦେଶକ ଏବଂ ନିର୍ମାତାଙ୍କ ତରଫରୁ ୨ କୋଟି ଟଙ୍କା ପ୍ରଦାନ କରାଯାଇଛି।

## ହେଲିକପ୍ଟର ରାଇଡ୍ ଚାଲିଥିବା ବେଳେ ଡୋର ଖୋଲିଗଲା ଅଳ୍ପକେ ବର୍ତ୍ତିଲେ ଶିଶୁ

**ଅହମ୍ମଦାବାଦ, ୨୬।୧୨:** ଗୁଜରାଟ ବଡୋଦରାରେ ଟଳିଲା ବଡ଼ ବିପତ୍ତି। ମାଞ୍ଜଲପୁର ଅଞ୍ଚଳରେ ଚାଲିଥିବା ମେଳାରେ ଅଳ୍ପକେ ବର୍ତ୍ତିଲେ ଶିଶୁ। ମେଳାରେ ଛୋଟ ପିଲାଙ୍କ ପାଇଁ ଉର୍ଦ୍ଦିଷ୍ଟ ଥିବା ହେଲିକପ୍ଟର ରାଇଡ ଚାଲିଥିବା ସମୟରେ ଖୋଲିଗଲା ଡୋର୍। ଦୁର୍ଘଟଣାରୁ ଅଳ୍ପକେ ବଞ୍ଚିଗଲେ ଶିଶୁ। କମ୍ପାଟମେଣ୍ଟର କବାଟ ଖୋଲିଯିବାରୁ ଦୁଇ ଶିଶୁ ରାଇଡର ଡୋରକୁ ଧରି ଅଟକି ରହିଥିବା ଭିଡିଓରୁ ସ୍ପଷ୍ଟ ଜଣା ପଡୁଛି। ତେବେ ସଙ୍ଗେ ସଙ୍ଗେ ରାଇଡଟିକୁ ଅଟକାଇ ପିଲାଙ୍କୁ ସୁରକ୍ଷିତ ଉଦ୍ଧାର କରାଯାଇଥିଲା। ପୁଲିସ ସମେତ ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚି ପରିସ୍ଥିତି ନିୟନ୍ତ୍ରଣ କରିଥିଲେ। ସୂଚନା ମୁତାବକ, ଏହି ମେଳାକୁ ଶହ ଶହ ଲୋକ ଆସିଥିଲେ। ପିଲାଙ୍କ ମନୋରଞ୍ଜନ ପାଇଁ ବିଭିନ୍ନ ପ୍ରକାର ଦୋଳି ଓ ରାଇଡ୍ ପଡ଼ିଥିଲ। ଏତିକି ବେଳେ ହେଲିକପ୍ଟର ରାଇଡ୍ର ମଜା ନେବା ପାଇଁ ଅଧିକାଂଶ ପିଲା ବସିଥିଲେ। ତେବେ ଏହା ଆରମ୍ଭ ହେବାର ମାତ୍ର ୨୦ ସେକେଣ୍ଡ ପରେ ପିଲାଙ୍କ ପାଇଁ ଉର୍ଦ୍ଦିଷ୍ଟ ଥିବା ହେଲିକପ୍ଟର ରାଇଡର କବାଟ ଖୋଲି ଯାଇଥିଲା। ଆଉ ଦୁଇ ଜଣ ପିଲା କବାଟ ଧରି ଝୁଲି ରହିଥିଲେ। ତେବେ କୌଣସି ଅଘଟଣ ଘଟିବା ପୂର୍ବରୁ ସଙ୍ଗେ ସଙ୍ଗେ ଏହାକୁ ବନ୍ଦ କରିଦିଆଯାଇଥିଲା।

## ମଝି ସମୁଦ୍ରରେ ବୁଡ଼ିଲା ଯାତ୍ରୀବାହୀ ଡ଼ଙ୍ଗା ଜଣେ ମୃତ, ୨୦ ଉଦ୍ଧାର

**ପାନାଜି, ୨୬।୧୨:** ବଡ଼ ଦିନରେ ବଡ଼ ଦୁର୍ଘଟଣା। ମଝି ସମୁଦ୍ରରେ ବୁଡ଼ିଲା ଯାତ୍ରୀବାହୀ ଡ଼ଙ୍ଗା। ଏଥିରେ ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ୨୦ ଜଣଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରାଯାଇଛି। ଗୋଆର କଲଙ୍ଗଟ ସମୁଦ୍ର କୂଳରେ ଏହି ଦୁର୍ଘଟଣା ଘଟିଛି। ଏଠାରେ ବୁଧବାର ଖ୍ରୀଷ୍ଟମାସ ଉତ୍ସବ ପାଳନ ଚାଲିଥିବା ବେଳେ ଆରବ ସାଗରରେ ଏକ ଯାତ୍ରୀବାହୀ ଡ଼ଙ୍ଗା ବୁଡ଼ି ଯାଇଥିଲା। ମଧ୍ୟାହ୍ନ ୨ଟା ସମୟରେ ଦୁର୍ଘଟଣା ଘଟିଥିଲା। ଜଣେ ବରିଷ୍ଠ ପୁଲିସ ଅଧିକାରୀଙ୍କ କହିବା ମୁତାବକ ଏହି ଦୁର୍ଘଟଣାରେ ଜଣେ ୫୪ ବର୍ଷୀୟ ବୟସ୍କ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଛି। ଅନ୍ୟ ୨୦ ଜଣଙ୍କୁ ଉଦ୍ଧାର କରାଯାଇ ନିକଟସ୍ଥ ଡାକ୍ତରଖାନାରେ ଚିକିତ୍ସା ପାଇଁ ଭର୍ତ୍ତି କରାଯାଇଛି। ଦୁଇ ଜଣ ଯାତ୍ରୀଙ୍କୁ ଛାଡି ଅନ୍ୟ କେହି ବି ଯାତ୍ରୀ ଲାଇଫ ଜ୍ୟାକେଟ୍ ପିନ୍ଧି ନଥିଲେ। ଏହି ଡଙ୍ଗାରେ ଥିବା ଯାତ୍ରୀଙ୍କ ମଧ୍ୟରେ ଛଅ ବର୍ଷର ଶିଶୁ ଓ ମହିଳା ମଧ୍ୟ ସାମିଲ ଥିଲେ ବୋଲି ପୁଲିସ ଅଧିକାରୀ କହିଛନ୍ତି। ଡ଼ଙ୍ଗାରେ ଥିବା ଯାତ୍ରୀମାନଙ୍କ ମଧ୍ୟରେ ମହାରାଷ୍ଟ୍ରର ଖେଡ ଅଞ୍ଚଳରୁ ଗୋଟିଏ ପରିବାରର ୧୩ ଜଣ ସଦସ୍ୟ ସାମିଲ ଥିଲେ।

## ବିମାନ ଚକା ଭିତରୁ ମିଳିଲା ମୃତଦେହ

**କାହୁଲୁଇ, ୨୬।୧୨:** ବିମାନ ଚକା ଭିତରୁ ମିଳିଲା ମୃତଦେହ। ବିମାନ କର୍ମଚାରଙ୍କ ମଧ୍ୟରେ ଖେଳିଗଲା ଆତଙ୍କ। ଆମେରିକାର ବିମାନ ବନ୍ଦରରେ ଘଟିଛି ଏଭଳି ଘଟଣା। ୟୁନାଇଟେଡ୍ ଏୟାରଲାଇନ୍ସର ବିମାନର ଲ୍ୟାଣ୍ଡିଂ ଗିଅରର ଚକ ଭତରୁ ଜଣେ ବ୍ୟକ୍ତିଙ୍କ ମୃତଦେହ ମିଳିଛି। ଶବଟି କିପରି ଓ କେଉଁଠାରୁ ଚକ ଭିତରକୁ ଆସିଥିଲା ତାକୁ ବିମାନବନ୍ଦର ଅଧିକାରୀମାନେ ତନାଘନା ଜାରି ରଖିଛନ୍ତି। ତାଙ୍କ କହିବାନୁସାରେ, ଜଣେ ବ୍ୟକ୍ତି କେବଳ ବିମାନ ବାହାରେ ଲ୍ୟାଣ୍ଡିଂ ଗିଅରର ଚକ ଭିତରକୁ ପହଞ୍ଚି ପାରିବେ। ବିମାନ ଭିତରୁ ଏଠାକୁ ପହଞ୍ଚିବାର କୌଣସି ରାସ୍ତା ନାହିଁ। ୟୁନାଇଟେଡ୍ ଏୟାରଲାଇନ୍ସ ତରଫରୁ ଏକ ବୟାନ ଜାରି କରି କୁହାଯାଇଛି ଯେ, ମଙ୍ଗଳବାର ମାଉଇର କାହୁଲୁଇ ବିମାନ ବନ୍ଦରରେ ପହଞ୍ଚିବା ପରେ ବିମାନର ମୁଖ୍ୟ ଲ୍ୟାଣ୍ଡିଂ ଗିୟର୍ର ଚକା ଭିତରୁ ଏକ ମୃତଦେହ ମିଳିଥିଲା। ତେବେ ମୃତଦେହଟି କେଉଁଠ ଆସିଲା ସେ ନେଇ ପୁଲିସ ସହ ମିଶି ଯାଞ୍ଚ ଜାରି ରହିଥିବା କମ୍ପାନୀ କହିଛି।

## ଇମିଗ୍ରେସନ ନିୟମ ପରିବର୍ତ୍ତନ କଲେ କାନାଡ଼ା ସରକାର

### ଭାରତୀୟ ଛାତ୍ରଙ୍କ ବଢ଼ିପାରେ ଅଡୁଆ

**ନୂଆଦିଲ୍ଲୀ, ୨୬।୧୨:** କାନାଡା ଏହାର ଇମିଗ୍ରେସନ ନିୟମରେ ପରିବର୍ତ୍ତନ ଘୋଷଣା କରିଛି, ଯାହା ଭାରତୀୟ ଛାତ୍ରମାନଙ୍କ ପାଇଁ ଅଡୁଆ ହୋଇପାରେ। ଜଷ୍ଟିନ ଟ୍ରୁଡୋ ସରକାର ଏହାର ଏକ୍ସପ୍ରେସ ଏଣ୍ଟ୍ରି ସିଷ୍ଟମରେ ସଂସ୍କାର ଆଣିଛନ୍ତି, ଯାହା ୨୦୨୫ରୁ କାର୍ଯ୍ୟକାରୀ ହେବ। ନୂତନ ନିୟମ ଅନୁଯାୟୀ, ଯଦି ପ୍ରାର୍ଥୀମାନଙ୍କୁ ଚାକିରି ଅଫର ଦିଆଯାଏ ତେବେ ସେମାନେ ଆଉ ଅଧିକ ମାର୍କ ପାଇବେ ନାହିଁ। ଏହା ନିଶ୍ଚିତ କରିବ ଯେ କାନାଡା କୁଶଳୀ ଶ୍ରମିକ ପାଇବ। ସ୍ଥାୟୀ ବାସସ୍ଥାନ ପାଇଁ କାନାଡାର ଏକ୍ସପ୍ରେସ ଏଣ୍ଟ୍ରି ସିଷ୍ଟମ ହେଉଛି ମୁଖ୍ୟ ଇମିଗ୍ରେସନ ପ୍ରକ୍ରିୟା। ଏହି ସିଷ୍ଟମ୍ ଫେଡେରାଲ୍ ସ୍କିଲ୍ ୱାର୍କର୍ ପ୍ରୋଗ୍ରାମ୍, ଫେଡେରାଲ୍ ସ୍କିଲ୍ ଟ୍ରେଡ୍ ପ୍ରୋଗ୍ରାମ୍ ଏବଂ କାନାଡିଆନ୍ ଏକ୍ସପେରିଏନ୍ସ କ୍ଲାସ୍ ଭଳି ପ୍ରୋଗ୍ରାମଗୁଡିକ ପରିଚାଳନା କରେ। ଏହି ସିଷ୍ଟମ ଅଧୀନରେ ମାର୍କ ଆଧାରରେ ପ୍ରାର୍ଥୀ ଚୟନ କରାଯାଏ। ପୂର୍ବରୁ ପ୍ରାର୍ଥୀମାନଙ୍କୁ ଯଦି ଚାକିରି ଅଫର ମିଳୁଥିଲେ, ତେବେ ସେମାନଙ୍କୁ ଅତିରିକ୍ତ ମାର୍କ ଦିଆଯାଇଥିଲା। ବର୍ତ୍ତମାନ ଏହି ସୁବିଧା ଅପସାରଣ ସେହି ଭାରତୀୟ ଛାତ୍ରମାନଙ୍କ ପାଇଁ ସମସ୍ୟା ସୃଷ୍ଟି କରିପାରେ ଯେଉଁମାନେ କାନାଡାରେ ଚାକିରି ମାଧ୍ୟମରେ ସ୍ଥାୟୀ ବାସସ୍ଥାନ ପାଇବାକୁ ଚାହୁଁଛନ୍ତି। କାନାଡାରେ ଭାରତୀୟ ଛାତ୍ରଙ୍କ ସଂଖ୍ୟା ବହୁତ ଅଧିକ। ଏହା ସହିତ ବହୁ ସଂଖ୍ୟକ ଭାରତୀୟ କାର୍ଯ୍ୟ ଉଦ୍ଦେଶ୍ୟରେ କାନାଡା ଯାଆନ୍ତି।

# ତିବ୍ବତରେ ଚୀନ କରିବ ବିଶ୍ୱର ବୃହତ୍ତମ ଜଳବିଦ୍ୟୁତ



**ବେଜିଂ, ୨୬।୧୨:** ତିବ୍ବତରେ ଚୀନ ବିଶ୍ୱର ବୃହତ୍ତମ ଜଳବିଦ୍ୟୁତ ପ୍ରକଳ୍ପ ପ୍ରତିଷ୍ଠା କରିବାକୁ ଯାଉଛି। ଏଠାରୁ ବାର୍ଷିକ ୩୦୦ କିଲୋୱାଟ ଆୱାର ବିଦ୍ୟୁତ ଶକ୍ତି ଉତ୍ପାଦନ ଯୋଜନା ରହିଛି। ପାୱାରେ କନଷ୍ଟ୍ରକସନ କର୍ପୋରେସନ ଅଫ ଚାଇନା ୨୦୨୦ରେ ଏହି ପ୍ରକଳ୍ପ ଲାଗି ରିପୋର୍ଟ ପ୍ରସ୍ତୁତ କରିଥିଲା। ଏହି ପ୍ରକଳ୍ପ କାର୍ଯ୍ୟକାରୀ ହେଲେ ଭାରତ ଓ ବାଂଲାଦେଶରେ ପ୍ରବାହିତ ଅନେକ ନଦୀର ଜଳଧାରା ବନ୍ଦ ହୋଇଯିବ ଏବଂ ଉଭୟ ଦେଶ ଅତି ଉତ୍କଟ ଜଳ ସଙ୍କଟର ସମ୍ମୁଖୀନ ହେବେ। ଚୀନର ଏହି ବଡ଼ ପ୍ରକଳ୍ପ କାର୍ଯ୍ୟକାରୀ ହେଲେ ତିବ୍ବତରେ ଶିଳ୍ପ ପ୍ରତିଷ୍ଠା ହେବ ଏବଂ ଲକ୍ଷ ଲକ୍ଷ ବ୍ୟକ୍ତି ନିଯୁକ୍ତି ସୁବିଧା ପାଇବେ। ଏହା ସହିତ ତିବ୍ବତ ଆର୍ଥିକ ଦୃଷ୍ଟିରୁ ଏକ ସମୃଦ୍ଧ ଅଞ୍ଚଳ ହୋଇପାରିବ। ତିବ୍ବତର ୟାରଲୁଙ୍ଗ ଜାଙ୍ଗବୋ ଜଳପ୍ରପାତ ଆଧାରରେ ଏହି ପ୍ରକଳ୍ପ ପ୍ରତିଷ୍ଠା ହେବ। ଏହି ଜଳପ୍ରପାତ ୫୦ କିମି ପର୍ଯ୍ୟନ୍ତ ପରିବ୍ୟାପ୍ତ। ଏଠାରେ ଜଳବିଦ୍ୟୁତ ଉତ୍ପାଦନ ନିମନ୍ତେ ବ୍ୟାପକ ସୁବିଧା ସୁଯୋଗ ରହିଛି। ତେବେ ଏହି ପ୍ରକଳ୍ପ କାର୍ଯ୍ୟକାରୀ ହେଲେ ଅନେକ ବିସ୍ଥାପିତ ହେବେ ଏବଂ ସ୍ଥାନୀୟ ପରିବେଶ ପ୍ରତି ବିପଦ ସୃଷ୍ଟି ହେବାର ଆଶଙ୍କା ରହିଛି। ପୁରା ଇକୋ ସିଷ୍ଟମକୁ ଏହା ନଷ୍ଟ କରିଦେବାର ଆଶଙ୍କା ରହିଛି। ତିବ୍ବତ ହେଉଛି ବିଶ୍ୱର ଅନ୍ୟତମ ବୃହତ୍ତମ ଇକୋ ସିଷ୍ଟମ। ଆଜି ପର୍ଯ୍ୟନ୍ତ ବାହ୍ୟ ପରିବେଶ ଦ୍ୱାରା ଏହା ପ୍ରଭାବିତ ହୋଇନାହିଁ। କିନ୍ତୁ ଚୀନର ପ୍ରସ୍ତାବିତ ଜଳ ବିଦ୍ୟୁତ ପ୍ରକଳ୍ପ ଦ୍ୱାରା ଏହାର ପରିବେଶ ସନ୍ତୁଳନ ନଷ୍ଟ ହେବାର ଆଶଙ୍କା ରହିଛି। ଏହା ସହିତ ବ୍ରହ୍ମପୁତ୍ର ନଦୀର ଜଳପ୍ରବାହ ଏହା ଦ୍ୱାରା ହ୍ରାସ ପାଇବ। ଏଥିରେ ଭାରତ ସହିତ ବାଂଲାଦେଶ ମଧ୍ୟ ପ୍ରଭାବିତ ହୋଇପାରେ। କିନ୍ତୁ ଭାରତ ଓ ବାଂଲାଦେଶ ଏଥିନେଇ ଆଜି ପର୍ଯ୍ୟନ୍ତ ମୁହଁ ଖୋଲି ନାହାଁନ୍ତି।

## କୁଖ୍ୟାତ ଆତଙ୍କବାଦୀ ମାସୁଦ ଆଝାରକୁ ହୃଦଘାତ



**ଲାହୋର, ୨୬।୧୨:** ଭାରତର ମୋଷ୍ଟ ଓ୍ୱାଣ୍ଟେଡ୍ ତଥା ଆତଙ୍କବାଦୀ ସଂଗଠନ ଜୈସ-ଇ-ମହମ୍ମଦର ପ୍ରତିଷ୍ଠାତା ମାସୁଦ ଆଝାରକୁ ନେଇ ବଡ ଖବର ଆସିଛି। ଆଫଗାନିସ୍ତାନରେ ଥିବାବେଳେ ତାକୁ ହୃଦଘାତ ହୋଇଥିବା ଖବର ମିଳିଛି। ଏହାପରେ ତାଙ୍କୁ ଗୋପନରେ ପାକିସ୍ତାନର ଏକ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ସୂଚନା ଅନୁସାରେ, ମାସୁଦ ଆଝାର ଆଫଗାନିସ୍ତାନର ଖୋଷ୍ଟ ପ୍ରଦେଶରେ ଲୁଚି ରହିଥିଲା। ଏଠାରେ ତାହାର ହୃଦଘାତ ହୋଇଥିଲା। ଏହା ପରେ ତାକୁ ଆଫଗାନିସ୍ତାନରୁ ପାକିସ୍ତାନ ନିଆଯାଇଥିଲା। ସେ ଏବେ କରାଚିର ମିଳିତ ସାମରିକ ହସ୍ପିଟାଲରେ ଭର୍ତ୍ତି ହୋଇଛି। ବର୍ତ୍ତମାନ ତାଙ୍କ ଅବସ୍ଥା କେମିତି ଅଛି ସେ ନେଇ କୌଣସି ଅପଡେଟ୍ ନାହିଁ। ମାସୁଦ ଆଝାର ଆଫଗାନିସ୍ତାନର ଖୋଷ୍ଟ ପ୍ରଦେଶରେ ଲୁଚି ରହିଥିଲା। ଏଠାରେ ତାହାର ହୃଦଘାତ ହୋଇଥିଲା। ଏହା ପରେ ତାକୁ ଆଫଗାନିସ୍ତାନରୁ ପାକିସ୍ତାନ ନିଆଯାଇଥିଲା। ସେ ଏବେ କରାଚିର ମିଳିତ ସାମରିକ ହସ୍ପିଟାଲରେ ଭର୍ତ୍ତି ହୋଇଛି। ସୂତ୍ରରୁ ପ୍ରକାଶ ଯେ ଆଝାରର ଚିକିତ୍ସା ପାଇଁ ଇସଲାମାବାଦରୁ ହୃଦରୋଗ ବିଶେଷଜ୍ଞମାନେ ମଧ୍ୟ କରାଚିରେ ପହଞ୍ଚୁଛନ୍ତି। ଆତଙ୍କବାଦୀ ମୌଲାନା ମାସୁଦ ଆଝାରକୁ ଖୋଷ୍ଟ ପ୍ରଦେଶରୁ ଗୋର୍ବାଜ ଅଞ୍ଚଳ ଦେଇ ପାକିସ୍ତାନ ପଠାଯାଇଥିଲା। ଖୁବ୍ ଶୀଘ୍ର ତାଙ୍କୁ ରାଓ୍ୱଲପିଣ୍ଡିର ସବୁଠାରୁ ବଡ଼ ଏବଂ ଅତ୍ୟାଧୁନିକ ସାମରିକ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯିବାର ସମ୍ଭାବନା ରହିଛି।

## ସମ୍ଭଲରେ ମୃତ୍ୟୁକୂପର ସନ୍ଧାନ

**ଲକ୍ଷ୍ନୌ, ୨୬।୧୨:** ବିବାଦ ଘେରରେ ଥିବା ଉତ୍ତରପ୍ରଦେଶର ସମ୍ଭଲରେ ପୁରାତନ ଏତିହ୍ୟ ଏବଂ ପ୍ରତ୍ନତାତ୍ତ୍ୱିକ କିର୍ତ୍ତୀର ଅନୁସନ୍ଧାନ କାର୍ଯ୍ୟ ଆଗେଇ ଚାଲିଛି। ଜମା ମସଜିଦଠାରୁ ୨୫୦ ମିଟର ଦୂରରେ ଅବସ୍ଥିତ ମୃତ୍ୟୁ କୂପର ଅନୁସନ୍ଧାନ କାର୍ଯ୍ୟ ଏବେ ସ୍ଥାନୀୟ ପୌର ସଂସ୍ଥା ଏବଂ ଜିଲ୍ଲା ପ୍ରଶାସନ ପକ୍ଷରୁ ଚାଲିଛି। ଜିଲ୍ଲା ପ୍ରଶାସନର ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଚାଲିଥିବା ଖନନ କାର୍ଯ୍ୟରେ ସଫଳତା ମଧ୍ୟ ମିଳିଛି ଏବଂ ଏଭଳି ମୃତ୍ୟୁ କୂପର ସନ୍ଧାନ ମିଳିଛି। ଏ ସମ୍ପର୍କରେ ପଦ୍ମଶ୍ରୀ ଡକ୍ଟର ରମାକାନ୍ତ ଶୁକ୍ଳାଙ୍କ ଦ୍ୱାରା ଲିଖିତ ପୁସ୍ତକରେ ଉଲ୍ଲେଖ ରହିଛି। ୧୯୮୫ରେ ଏହି ପୁସ୍ତକ ପ୍ରକାଶ ପାଇଥିଲା। ଏଥିରେ ଯାହା ତଥ୍ୟ ରହିଛି ତଦନୁଯାୟୀ ସମ୍ଭଲରେ ୬୮ଟି ତୀର୍ଥ କ୍ଷେତ୍ର ସହିତ ୧୯ଟି କୂପ ରହିଛି। ଏହିସବୁ କୂପର ଜଳକୁ ଅତି ପବିତ୍ର ବୋଲି ବିଚାର କରାଯାଇଥାଏ। ଏହି କୂପରୁ ଜଳରେ ସ୍ନାନ କଲେ ମହାଦେବ ପ୍ରତି ହୁଅନ୍ତି ବୋଲି ବିଶ୍ୱାସ ରହିଛି। କିଛି ଦିନ ତଳେ ସମ୍ଭଲରେ ଏକ ସୁଡ଼ଙ୍ଗ ଆବିଷ୍କୃତ ହୋଇଥିଲା। ଏହି ସୁଡ଼ଙ୍ଗ ପ୍ରାୟ ଦେଢ଼ କିଲୋମିଟର ପର୍ଯ୍ୟନ୍ତ ପରିବ୍ୟାପ୍ତ। ଏହି ସୁଡ଼ଙ୍ଗ କିଏ କାହିଁକି ନିର୍ମାଣ କରିଥିଲା, ଏହା କାହିଁକି ପରିତ୍ୟକ୍ତ ହୋଇଛି ସେ ସମ୍ପର୍କରେ ଅନୁସନ୍ଧାନ କରାଯାଉଛି।

# ହିମାଚଳରେ ପ୍ରବଳ ତୁଷାରପାତ

### ୩ ଜାତୀୟ ରାଜପଥ ଓ ୧୫୭ ରାସ୍ତା ବନ୍ଦ



**ଶିମଲା, ୨୬।୧୨:** ହିମାଚଳ ପ୍ରଦେଶରେ ଜାରି ରହିଛି ପ୍ରବଳ ତୁଷାରପାତ। ଏବେ ବି ଏଠାରେ ୩ ଜାତୀୟ ରାଜପଥ ଏବଂ ୧୫୭ରୁ ଅଧିକ ରାସ୍ତା ବନ୍ଦ ରହିଛି। ଶହ ଶହ ଯାନବାହନ, ପର୍ଯ୍ୟଟକ ଏବଂ ଯାତ୍ରୀ ବର୍ତ୍ତମାନ ଫସି ରହିଛନ୍ତି। ପ୍ରବଳ ତୁଷାରପାତ ଯୋଗୁ ୩୦୦ରୁ ଅଧିକ ଗାଡ଼ି ଅଟକି ରହିଛି। ହିମାଚଳ ପରିବହନ ନିଗମର ଶତାଧିକ ରୁଟରେ ବସଗୁଡ଼ିକ ଅଟକି ରହିଛି। ଲାହୋଲ ସ୍ପିତି ଏବଂ ଅନ୍ୟାନ୍ୟ ଜିଲ୍ଲାରୁ ପର୍ଯ୍ୟଟକଙ୍କ ଗାଡ଼ି ଉଦ୍ଧାର କରାଯାଉଛି। ୨୫ରୁ ଅଧିକ ବିଦ୍ୟୁତ୍ ଲାଇନ ଠପ୍ ହୋଇଯାଇଛି। ସର୍ବାଧିକ ରାସ୍ତା ଶିମଲାରେ ବନ୍ଦ ରହିଛି, ଯାହା ଦ୍ୱାରା ପୂରା ରାଜ୍ୟରେ ବିଦ୍ୟୁତ୍ ଯୋଗାଣ ପ୍ରଭାବିତ ହୋଇଛି। ଏଭଳି ସ୍ଥିତିରେ ହିମାଚଳ ପ୍ରଦେଶ ସରକାରଙ୍କ ପିଡବ୍ଲ୍ୟୁ ମନ୍ତ୍ରୀ ବିକ୍ରମାଦିତ୍ୟ ସିଂ ସମସ୍ତ ଅଧିକାରୀଙ୍କୁ ସତର୍କ ରହିବାକୁ ନିର୍ଦ୍ଦେଶ ଦେଇଛନ୍ତି। ତୁଷାରପାତର ମୁକାବିଲା ନିମନ୍ତେ ପିଡବ୍ଲ୍ୟୁ ବିଭାଗ ୨୬୮ଟି ମେସିନ୍ ନିୟୋଜିତ କରିଛି। ରାଜ୍ୟ ଜରୁରୀକାଳୀନ କେନ୍ଦ୍ର ଅନୁସାରେ, ଶିମଲା ଜିଲ୍ଲାରେ ସର୍ବାଧିକ ୭୭ଟି ରାସ୍ତା, କୁଲୁରେ ୨୫, ଲାହୋଲ ସ୍ପିତିରେ ୩୬ ଏବଂ ମଣ୍ଡିରେ ୧୪ଟି ରାସ୍ତା ବନ୍ଦ ରହିଛି। ଏହା ବ୍ୟତୀତ ୧୨ଟି ଜଳ ପ୍ରକଳ୍ପ ବନ୍ଦ ପଡ଼ିଛି। ୨୫ଟି ଟ୍ରାନ୍ସଫର୍ମର ବ୍ୟାହତ ହୋଇଥିବାରୁ ରାଜ୍ୟର କେତେକ ସ୍ଥାନରେ ବିଦ୍ୟୁତ୍ ଯୋଗାଣ ବିଚ୍ଛିନ୍ନ ହୋଇଯାଇଛି। ହିମାଚଳ ପ୍ରଦେଶର ଅନେକ ଅଞ୍ଚଳରେ ଜନଜୀବନ ଅସ୍ତବ୍ୟସ୍ତ ରହିଛି। ଏହାରି ମଧ୍ୟରେ ପାଣିପାଗ ବିଭାଗ ଡିସେମ୍ବର ୨୯ ଓ ୩୦ରେ ହିମାଚଳର ଉଚ୍ଚ ପାର୍ବତ୍ୟ ଅଞ୍ଚଳରେ ବରଫ ବର୍ଷାର ଚେତାବନୀ ଜାରି କରିଛି।

## ଏକଲବ୍ୟ ପରି ଯୁବକଙ୍କ ଆଙ୍ଗୁଠି କାଟିଦିଆଯାଉଛି: ରାହୁଲ



**ନୂଆଦିଲ୍ଲୀ, ୨୬।୧୨:** ବିହାର ଲୋକସେବା ଆୟୋଗ (ବିପିଏସସି) ପରୀକ୍ଷାର୍ଥୀଙ୍କ ଉପରେ ହୋଇଥିବା ଲାଠିଚାର୍ଜକୁ ନିନ୍ଦା କରିଛନ୍ତି ଲୋକସଭାରେ ବିରୋଧୀ ଦଳ ନେତା ରାହୁଲ ଗାନ୍ଧି ଓ ତାଙ୍କ ଭଉଣୀ ତଥା ସାଂସଦ ପ୍ରିୟଙ୍କା ଗାନ୍ଧି ଭଦ୍ରା । ରାହୁଲ ଗାନ୍ଧୀ ଗୁରୁବାର ବିହାରର ନୀତୀଶ ସରକାରଙ୍କୁ ସମାଲୋଚନା କରିବା ସହ ସରକାରଙ୍କ ବିଫଳତାକୁ ଲୁଚାଇବା ପାଇଁ ଏଭଳି କାଣ୍ଡ କରାଯାଇଥିବା ଅଭିଯୋଗ କରିଛନ୍ତି। ରାହୁଲ ଗାନ୍ଧୀ ଗୁରୁବାର ବିହାରର ନୀତୀଶ ସରକାରଙ୍କୁ ସମାଲୋଚନା କରିବା ସହ ସରକାରଙ୍କ ବିଫଳତାକୁ ଲୁଚାଇବା ପାଇଁ ଏଭଳି କାଣ୍ଡ କରାଯାଇଥିବା ଅଭିଯୋଗ କରିଛନ୍ତି। ସୋସିଆଲ ମିଡିଆ ପ୍ଲାଟଫର୍ମ ଏକ୍ସ (ପୂର୍ବ ଟ୍ୱିଟର)ରେ ସେ ଲେଖିଛନ୍ତି, "ମୁଁ ସଂସଦରେ କହିଥିଲି ଯେ ଯେପରି ଏକଲବ୍ୟଙ୍କ ଆଙ୍ଗୁଠି କାଟି ଦିଆଯାଇଥିଲା, ଠିକ୍ ସେହିପରି କାଗଜ ଲିକ୍ କରି ଯୁବକଙ୍କ ଆଙ୍ଗୁଠି କାଟି ଦିଆଯାଉଛି। ଏହାର ସଦ୍ୟତମ ଉଦାହରଣ ହେଉଛି ବିହାର। ବିପିଏସସି ପରୀକ୍ଷାର୍ଥୀମାନେ ପ୍ରଶ୍ନପତ୍ର ଲିକ୍ ବିରୋଧରେ ସ୍ୱର ଉତ୍ତୋଳନ କରିବା ସହ ପରୀକ୍ଷା ବାତିଲ କରିବାକୁ ଦାବି କରୁଛନ୍ତି। କିନ୍ତୁ ଏନଡିଏ ସରକାର ନିଜର ବିଫଳତାକୁ ଲୁଚାଇବା ପାଇଁ ଛାତ୍ରଛାତ୍ରୀଙ୍କ ଉପରେ ଲାଠିଚାର୍ଜ କରୁଛନ୍ତି । ଏହା ଅତ୍ୟନ୍ତ ଲଜ୍ଜାଜନକ ଓ ନିନ୍ଦନୀୟ। ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ସହ ଖେଳିବାକୁ ବରଦାସ୍ତ କରାଯିବ ନାହିଁ। ଆମେ ସେମାନଙ୍କ ସହିତ ଅଛୁ ଏବଂ ସେମାନଙ୍କୁ ନ୍ୟାୟ ଦେବା ପାଇଁ ଲଢ଼େଇ କରିବୁ।" ସେପଟେ ପ୍ରିୟଙ୍କା ଗାନ୍ଧୀ ଭଦ୍ରା କହିଛନ୍ତି ଯେ ବିଜେପିର ଆଭିମୁଖ୍ୟ କେବଳ ନିଜ ଚେୟାର ବଞ୍ଚାଇବା ପାଇଁ। ଡିସେମ୍ବର ୧୩ ତାରିଖରେ ବିପିଏସସି ଦ୍ୱାରା ଅନୁଷ୍ଠିତ ମିଳିତ ପ୍ରାରମ୍ଭିକ ପରୀକ୍ଷା (ପିଏସ୍ ସି)ର ପ୍ରଶ୍ନପତ୍ର ଲିକ୍ ହୋଇଥିବା ଦାବି କରିଥିବା ପରୀକ୍ଷାର୍ଥୀମାନେ ପରୀକ୍ଷା ବାତିଲ ଦାବିରେ ବୁଧବାର ପାଟନାରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ।

# ୨୦୨୩-୨୪ ବର୍ଷରେ ବିଜେପି ପାଇଛି ୨,୨୪୪ କୋଟି ଚାନ୍ଦା

**ନୂଆଦିଲ୍ଲୀ, ୨୬।୧୨:** ଏଥର ବି ବିଜେପିର ପକେଟ୍ ଗରମ। ଚାନ୍ଦା ଆକାରରେ ପାଇଛି ପୁଳାପୁଳା ଟଙ୍କା। ବିରୋଧୀଙ୍କୁ ବହୁତ ପଛରେ ପକାଇଛି ଶାସକ ଦଳ। ପୂର୍ବ ବର୍ଷ ଅପେକ୍ଷା ବିଜେପିର ଖାତାକୁ ଏଥର ଆସିଛି ତିନି ଗୁଣ ଅଧିକ ପାଣ୍ଠି। ନିର୍ବାଚନ ପୂର୍ବରୁ ଏହି ଟଙ୍କା ବିଜେପିର ଖାତାକୁ ଆସିଛି। ସାମ୍ନାକୁ ଆସିଥିବା ଏକ ରପୋର୍ଟରେ ଏହାର ଖୁଲାସା ହୋଇଛି। ୨୦୨୩-୨୪ରେ ବିଜେପିକୁ ବ୍ୟକ୍ତି, ଟ୍ରଷ୍ଟ ଏବଂ କର୍ପୋରେଟ୍ ହାଉସ୍ ଠାରୁ ୨୦ ହଜାର ଟଙ୍କା କିମ୍ବା ତା'ଠାରୁ ଅଧିକ ଦାନ ବାବଦରେ ପ୍ରାୟ ୨,୨୪୪ କୋଟି ଟଙ୍କା ମିଳିଛି। ଯାହା କି ୨୦୨୨-୨୩ରେ ମିଳିଥିବା ଚାନ୍ଦା ବା ଦାନ ରାଶିଠାରୁ ତିନି ଗୁଣା ଅଧିକ। ଅନ୍ୟପକ୍ଷରେ କଂଗ୍ରେସ ୨୦୨୩-୨୪ରେ ସମାନ ମାର୍ଗଦେଇ ୨୮୮.୯ କୋଟି ଟଙ୍କା ପାଇଛି। ପୂର୍ବ ବର୍ଷ ଏହା ୭୯.୯ କୋଟି ଟଙ୍କା ଥିଲା। ନିର୍ବାଚନ ଆୟୋଗ ୱେବସାଇଟରେ ଉପଲବ୍ଧ ତଥ୍ୟ ଅନୁଯାୟୀ, ପ୍ରୁଡେଣ୍ଟ ଇଲେକ୍ଟୋରାଲ ଟ୍ରଷ୍ଟରୁ ବିଜେପିକୁ ୭୨୩.୬ କୋଟି ଟଙ୍କାର ଚାନ୍ଦା ଓ କଂଗ୍ରେସକୁ ୧୫୬.୪ କୋଟି ଟଙ୍କାର ଚାନ୍ଦା ମିଳିଛି। ସରଳ ଭାଷାରେ କହିବାକୁ ଗଲେ ବିଜେପିର ପ୍ରାୟ ଏକ ତୃତୀୟାଂଶ ଏବଂ କଂଗ୍ରେସର ଅଧାରୁ ଅଧିକ ଚାନ୍ଦା ପ୍ରୁଡେଣ୍ଟ ଇଲେକ୍ଟୋରାଲ ଟ୍ରଷ୍ଟରୁ ଆସିଛି।

ଚଳିତ ବର୍ଷ କଂଗ୍ରେସ ତୁଳନାରେ ବିଜେପି ୭୭୬.୮୨% ଅଧିକ ଚାନ୍ଦା ପାଇଛି। ୨୦୨୩-୨୪ ମସିହାରେ ବିଜେପି ସର୍ବାଧିକ ୨,୨୪୪ କୋଟି ଟଙ୍କା ପାଇଥିବାବେଳେ ପୂର୍ବତନ ତେଲେଙ୍ଗାନା ସିଏମ ଚନ୍ଦ୍ରଶେଖର ରାଓଙ୍କ ଦଳ ବିଆରଏସ ଦ୍ୱିତୀୟ ସ୍ଥାନରେ ରହିଛି। ବିଆର୍ଏସ୍କୁ ୫୮୦ କୋଟି ଟଙ୍କା ମିଳିଛି। ସେହିପରି କଂଗ୍ରେସ ତୃତୀୟ ସ୍ଥାନରେ ରହି ୨୮୯ କୋଟି ଟଙ୍କା ଚାନ୍ଦା ପାଇଛି। ବିଜେପି ଏବଂ କଂଗ୍ରେସ ଦ୍ୱାରା ଘୋଷିତ ମୋଟ ଚାନ୍ଦାରେ ଇଲେକ୍ଟୋରାଲ ବଣ୍ଡ ଅନ୍ତର୍ଭୁକ୍ତ ନାହିଁ। କାରଣ ନିୟମ ଅନୁଯାୟୀ ରାଜନୈତିକ ଦଳଗୁଡ଼ିକ କେବଳ ସେମାନଙ୍କ ବାର୍ଷିକ ଅଡିଟ୍ ରିପୋର୍ଟରେ ଏହି ବିବରଣୀ ଘୋଷଣା କରିବା ଆବଶ୍ୟକ। ଫେବୃଆରୀ ୨୦୨୪ରେ ସୁପ୍ରିମ୍ କୋର୍ଟ ଇଲେକ୍ଟୋରାଲ ବଣ୍ଡ୍ ସ୍କିମ୍କୁ ରଦ୍ଦ କରି ଦେଇଥିଲେ। ଏହପରଠାରୁ ସିଧାସଳଖ କିମ୍ବା ଇଲେକ୍ଟୋରାଲ ଟ୍ରଷ୍ଟ ମାଧ୍ୟମରେ ପ୍ରାପ୍ତ ଚାନ୍ଦା ରାଜନୈତିକ ଦଳଗୁଡ଼ିକ ପାଇଁ ସବୁଠାରୁ ବଡ଼ ପ୍ରାଥମିକ ପାଣ୍ଠି।

ତେବେ କେତେକ ଆଞ୍ଚଳିକ ଦଳ ସ୍ୱେଚ୍ଛାକୃତ ଭାବେ ୨୦୨୩-୨୪ ଅବଦାନ ରିପୋର୍ଟରେ ଇଲେକ୍ଟୋରାଲ ବଣ୍ଡରୁ ମିଳିଥିବା ରାଶି ଘୋଷଣା କରିଛନ୍ତି। ଏଥିରେ ତେଲେଙ୍ଗାନାର ପୂର୍ବତନ ମୁଖ୍ୟମନ୍ତ୍ରୀ ଚନ୍ଦ୍ରଶେଖର ରାଓଙ୍କ ବିଆରଏସ ରହିଛି। ଯାହା ବଣ୍ଡ୍ ଜରିଆରେ ୪୯୫.୫ କୋଟି ଟଙ୍କା ପାଇଛି। ଡିଏମକେକୁ ୬୦ କୋଟି ଟଙ୍କା ଏବଂ ୱାଇଏସଆର କଂଗ୍ରେସକୁ ୧୨୧.୫ କୋଟି ଟଙ୍କା ମିଳିଛି। ଜେଏମଏମ ବଣ୍ଡ ମାଧ୍ୟମରେ ୧୧.୫ କୋଟି ଟଙ୍କା ଘୋଷଣା କରିଥିଲେ ମଧ୍ୟ ଏହାର ଅନ୍ୟ ଅବଦାନ ରାଶି ୬୪ ଲକ୍ଷ ଟଙ୍କାରୁ ସାମାନ୍ୟ ଅଧିକ ରହିଛି।

୨୦୨୩-୨୪ରେ ବିଜେପିର ଅବଦାନ ୨୧୨% ବୃଦ୍ଧି ପାଇଛି, ଯାହା ସାଧାରଣ ନିର୍ବାଚନ ବର୍ଷଠାରୁ ଅସ୍ୱାଭାବିକ ନୁହେଁ। ସାଧାରଣ ନିର୍ବାଚନର ବର୍ଷକ ପୂର୍ବରୁ ଅର୍ଥାତ୍ ୨୦୧୮-୧୯ରେ ବିଜେପି ୭୪୨ କୋଟି ଟଙ୍କା ଅନୁଦାନ ଘୋଷଣା କରିଥିବା ବେଳେ କଂଗ୍ରେସ ୧୪୬.୮ କୋଟି ଟଙ୍କା ଅନୁଦାନ ଘୋଷଣା କରିଥିଲା। ବିଜେପିକୁ ଇଲେକ୍ଟୋରାଲ ଟ୍ରଷ୍ଟ ମାଧ୍ୟମରେ ୮୫୦ କୋଟି ଟଙ୍କା ମିଳିଥିବା ବେଳେ ପ୍ରୁଡେଣ୍ଟଠାରୁ ୭୨୩ କୋଟି ଟଙ୍କା, ଟ୍ରାଇମ୍ଫ ଇଲେକ୍ଟୋରାଲ ଟ୍ରଷ୍ଟରୁ ୧୨୭ କୋଟି ଟଙ୍କା ଏବଂ ଇନଜିଗାର୍ଟ ଇଲେକ୍ଟୋରାଲ ଟ୍ରଷ୍ଟରୁ ୧୭.୨ ଲକ୍ଷ ଟଙ୍କା ମିଳିଛି। ଟ୍ରଷ୍ଟ ଜରିଆରେ କଂଗ୍ରେସକୁ ୧୫୬ କୋଟି ଟଙ୍କାର ଚାନ୍ଦା ମିଳିଥିଲା, ଯେଉଁଥିରୁ ପ୍ରୁଡେଣ୍ଟ ଏକମାତ୍ର ଦାତା ଥିଲେ।

୨୦୨୩-୨୪ରେ ବିଆରଏସ ଓ ୱାଇଏସଆର କଂଗ୍ରେସକୁ ୮୫ କୋଟି ଏବଂ ୬୨.୫ କୋଟି ଟଙ୍କା ପ୍ରଦାନ କରିଥିଲେ। ବର୍ତ୍ତମାନ ଆନ୍ଧ୍ର ପ୍ରଦେଶରେ ଶାସକ ଦଳ ଟିଡିପିକୁ ପ୍ରୁଡେଣ୍ଟଠାରୁ ୩୩ କୋଟି ଟଙ୍କା ମିଳିଛି। ଡିଏମକେକୁ ଯଥାକ୍ରମେ ଟ୍ରାଇମ୍ଫ ଇଲେକ୍ଟୋରାଲ ଟ୍ରଷ୍ଟ ଏବଂ ଜୟଭାରତ ଟ୍ରଷ୍ଟରୁ ୮ କୋଟି ଟଙ୍କାର ଅନୁଦାନ ମିଳିଥିଲା। ସୂଚନାଯୋଗ୍ୟ, ସାଣ୍ଟିଆଗୋ ମାର୍ଟିନ୍ଙ୍କ ମାଲିକାନାରେ ଥିବା 'ଲଟେରି କିଙ୍ଗ୍ ଅଫ୍ ଇଣ୍ଡିଆ' କୁହାଯାଉଥିବା କମ୍ପାନୀ ଫ୍ୟୁଚର ଗେମିଂ ଆଣ୍ଡ ହୋଟେଲ ସର୍ଭିସେସ୍ରୁ ୨୦୨୩-୨୪ରେ ବିଜେପି ୩ କୋଟି ଟଙ୍କା ଦାନ କରିବାକୁ ଘୋଷଣା କରିଛି। ଭବିଷ୍ୟତର ଗେମିଂ ଇଲେକ୍ଟୋରାଲ ବଣ୍ଡ ମାର୍ଗରେ ସବୁଠାରୁ ବଡ ଦାତା ଥିଲା, ଯେଉଁଥିରେ ତୃଣମୂଳ କଂଗ୍ରେସ ସର୍ବାଧିକ ଲାଭବାନ ହୋଇଥିଲା। ମାର୍ଟିନ ମନି ଲଣ୍ଡରିଂ ଅଭିଯୋଗରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ ଏବଂ ଆୟକର ବିଭାଗର ତତ୍ତ୍ୱାବଧାନରେ ଅଛନ୍ତି।

ଅନ୍ୟ ଜାତୀୟ ଦଳମାନଙ୍କ ମଧ୍ୟରେ ଆମ୍ ଆଦମୀ ପାର୍ଟି (ଆପ୍) ୨୦୨୩-୨୪ରେ ୧୧.୧ କୋଟି ଟଙ୍କାର ଅନୁଦାନ ଘୋଷଣା କରିଛି, ଯାହା ପୂର୍ବ ବର୍ଷ (୩୭.୧ କୋଟି ଟଙ୍କା) ତୁଳନାରେ କମ୍। ସିପିଏମ୍ ର ଅବଦାନ ମଧ୍ୟ ୭.୬ କୋଟି ଟଙ୍କାକୁ ବୃଦ୍ଧି ପାଇଛି। ରାଷ୍ଟ୍ରୀୟ ପିପୁଲ୍ସ ପାର୍ଟି ମେଘାଳୟରେ କ୍ଷମତାରେ ଥିବା ବେଳେ ୧୪.୮ ଲକ୍ଷ ଟଙ୍କାର ଅନୁଦାନ ଘୋଷଣା କରିଛି। ବିଏସ୍ପି ପୁଣି ୨୦ ହଜାର ଟଙ୍କାରୁ ଅଧିକ ଚାନ୍ଦା ଘୋଷଣା କରିନାହିଁ। ବିଜେଡି ମଧ୍ୟ ୨୦୨୩-୨୪ ଆର୍ଥିକ ବର୍ଷ ପାଇଁ କୌଣସି ଚାନ୍ଦା ଘୋଷଣା କରିନାହିଁ। ଟିଡିପି ୨୦୨୩-୨୪ରେ ଆଦାୟ ହୋଇଥିବା ଅବଦାନ ପରିମାଣ ୧୦୦ କୋଟି ଟଙ୍କାରୁ ଅଧିକ ବୋଲି କହିଥିବା ବେଳେ ବିଜେଡି ଶୂନ ଏବଂ ସମାଜବାଦୀ ପାର୍ଟି ପୂର୍ବ ବର୍ଷ ତୁଳନାରେ ୪୬.୭ ଲକ୍ଷ ଟଙ୍କା ଯୋଗଦାନ ଦର୍ଶାଇଛି।

# ଚତୁର୍ଥ ଟେଷ୍ଟ: ପ୍ରଥମ ଦିନରେ ଅଷ୍ଟ୍ରେଲିଆ ୩୧୧/୬

## ସାମ କନଷ୍ଟାସ, ଉସମାନ ଖ୍ୱାଜା, ମାର୍ନସ ଲାବୁସାଗ୍ନେ ଏବଂ ଷ୍ଟିଭ ସ୍ମିଥ ହାସଲ କଲେ ଅର୍ଦ୍ଧଶତକ

**ମେଲବୋର୍ନ, ୨୬।୧୨:** ମେଲବୋର୍ନରେ ଖେଳାଯାଉଥିବା ବକ୍ସିଂ ଡେ ଟେଷ୍ଟର ପ୍ରଥମ ଦିନ ଆୟୋଜକ ଅଷ୍ଟ୍ରେଲିଆ ନାମରେ ହୋଇଥିଲା। ପାଞ୍ଚ ମ୍ୟାଚ ସିରିଜର ଚତୁର୍ଥ ଟେଷ୍ଟ ମ୍ୟାଚରେ ୧୯ ବର୍ଷୀୟ ସାମ କନଷ୍ଟାସ ଡେବ୍ୟୁ କରିଥିଲେ ଏବଂ ନିଜର ଶକ୍ତିଶାଳୀ ଖେଳ ପ୍ରଦର୍ଶନ କରିଥିଲେ। ପ୍ରଥମ ଦିନରେ ୪ଜଣ ଅଷ୍ଟ୍ରେଲୀୟ ବ୍ୟାଟ୍ସମ୍ୟାନ ଅର୍ଦ୍ଧଶତକ ହାସଲ କରିଥିଲେ। ଷ୍ଟମ୍ପ ଅପସାରଣବେଳକୁ ଷ୍ଟିଭ ସ୍ମିଥ ୬୮ ରନ୍‌ରେ ଏବଂ ୦୮ ରନ୍‌ରେ ପ୍ୟାଟ କମିନ୍ସ ଅପରାଜିତ ହୋଇ ଫେରିଥିଲେ।



ମେଲବୋର୍ନରେ ଭାରତ ଦୁଇଟି ସ୍ପିନରଙ୍କ ସହ ଯିବାକୁ ସ୍ଥିର କରିଥିଲା, କିନ୍ତୁ ଅଧିନାୟକ ରୋହିତଙ୍କ ଏହି ନିଷ୍ପତ୍ତି ବର୍ତ୍ତମାନ ପର୍ଯ୍ୟନ୍ତ ସଠିକ ପ୍ରମାଣିତ ହୋଇନାହିଁ। ପ୍ରଥମ ଦିନର ଖେଳ ଶେଷ ହେବା ବେଳକୁ ଅଷ୍ଟ୍ରେଲିଆ ୬ ଉଇକେଟ ହରାଇ ୩୧୧ ରନ ସଂଗ୍ରହ କରିଥିଲା। ପ୍ରଥମ ଦିନରେ ସାମ କନଷ୍ଟାସ, ଉସମାନ ଖ୍ୱାଜା, ମାର୍ନସ ଲାବୁସାଗ୍ନେ ଏବଂ ଷ୍ଟିଭ ସ୍ମିଥ ଅର୍ଦ୍ଧଶତକ ହାସଲ କରିଥିଲେ। ଜସପ୍ରୀତ ବୁମ୍‌ରା ଭାରତ ପାଇଁ ୩ଟି ଉଇକେଟ ନେଇଥିଲେ। ଟସ ଜିତି ପ୍ରଥମେ ବ୍ୟାଟିଂ କରିବାକୁ ଆସିଥିବା ଅଷ୍ଟ୍ରେଲିଆ ପାଇଁ ଖ୍ୱାଜା ଏବଂ କନଷ୍ଟାସ ଅଷ୍ଟ୍ରେଲିଆ ଦଳକୁ ଏକ ଭଲ ଆରମ୍ଭ କରିଥିଲେ। ଉଭୟ ପ୍ରଥମ ଉଇକେଟ ପାଇଁ ୮୯ ରନ ଯୋଡିଥିଲେ। ୬୫ ବଲରେ ୬୦ ରନ ସ୍କୋର କରିବା ପରେ କନଷ୍ଟାସ ଆଉଟ ହୋଇଥିଲେ। ତାଙ୍କ ବ୍ୟାଟରୁ ୪ଟି ଚୌକା ଓ ୨ଟି ଛକା ଆସିଥିଲା। ଏହି କାରଣରୁ ତାଙ୍କୁ ବହୁତ ପ୍ରଶଂସା କରାଯାଉଛି। ରବିନ୍ଦ୍ର ଜାଡେଜା କନଷ୍ଟାସ୍‌ଙ୍କୁ ଆଉଟ୍ କରିଥିଲେ।

ଦ୍ୱିତୀୟ ଉଇକେଟ ପାଇଁ ମଧ୍ୟ ଅର୍ଦ୍ଧଶତକୀୟ ଭାଗିଦାରୀ ହୋଇଥିଲା। ଦ୍ୱିତୀୟ ଉଇକେଟ ଖ୍ୱାଜା ଆକାରରେ ପଡିଥିଲା। ୧୨୧ ବଲରେ ୫୭ ରନ ସ୍କୋର କରିବା ପରେ ସେ ଆଉଟ ହୋଇଥିଲେ। ବୁମରା ଖ୍ୱାଜାଙ୍କୁ ପ୍ୟାଭିଲିୟନକୁ ପଠାଇଲେ। ଉଭୟ ୮୩ ରନର ଭାଗିଦାରୀ କରିଥିଲେ। ୭ ଚୌକା ସହାୟତାରେ ୧୪୫ ବଲରେ ୭୨ ରନ ସ୍କୋର କରିବା ପରେ ଲାବୁସାଗେନ ଆଉଟ ହୋଇଥିଲେ। ସୁନ୍ଦର ତାଙ୍କୁ ପାଭିଲିୟନକୁ ପଠାଇଲେ। ତା'ପରେ ଟ୍ରାଭିସ ହେଡ ଏବଂ ମିଚେଲ ମାର୍ଶ ଶସ୍ତା ହୋଇଥିଲେ। ଏହା ପରେ ଆଲେକ୍ସ କେରି ଏବଂ ଷ୍ଟିଭ ସ୍ମିଥ ଏକ ଅର୍ଦ୍ଧଶତକୀୟ ସହଭାଗିତା କରିଥିଲେ। ତେବେ ୪୧ ବଲରେ ୩୧ ରନ ସ୍କୋର କରିବା ପରେ କେରେ ଆଉଟ ହୋଇଥିଲେ। ଆକାଶଦୀପ ତାଙ୍କୁ ପାଭିଲିୟନକୁ ପଠାଇଲେ।

### କୋହଲିଙ୍କୁ ଆଇସିସିର ବଡ଼ ଝଟକା

# କଟିଲା ୨୦ ପ୍ରତିଶତ ମ୍ୟାଚ୍ ଫି'

**ମେଲବୋର୍ଣ୍ଣ, ୨୬।୧୨:** ବର୍ଡର-ଗାଭାସ୍କର ଟ୍ରଫିର ମେଲବୋର୍ଣ୍ଣ ଟେଷ୍ଟର ପ୍ରଥମ ଦିନ ଶେଷ ହେବା ମାତ୍ରେ ଆଇସିସି ଭେଟେରାନ ଭାରତୀୟ ବ୍ୟାଟ୍ସମ୍ୟାନ୍ ବିରାଟ କୋହଲିଙ୍କ ଉପରେ ଜରିମାନା ଲଗାଇଛି। ବାସ୍ତବରେ ବିରାଟ ଅଷ୍ଟ୍ରେଲୀୟ ଓପନର୍ ସାମ୍ କନଷ୍ଟାସ୍‌ଙ୍କୁ ଧକ୍କା ଦେଇଥିଲେ। ଏହି ଘଟଣା ପରେ ଆଇସିସି କୋହଲିଙ୍କ ମ୍ୟାଚ୍ ଫି' ର ୨୦ ପ୍ରତିଶତ କାଟିଛି ଏବଂ ତାଙ୍କୁ ସ୍ତର ୧ ରେ ଦୋଷୀ ସାବ୍ୟସ୍ତ କରାଯାଇଛି। ପ୍ରଥମ ଦିନର ଖେଳ ଶେଷ ହେବା ପରେ ବିରାଟ ମଧ୍ୟ ନିଜର ଭୁଲକୁ ସ୍ୱୀକାର କରିଛନ୍ତି, ଯେଉଁଥିପାଇଁ ଏ ବାବଦରେ ଅଧିକ ଶୁଣାଣି କରିବାର ଆବଶ୍ୟକତା ପଡ଼ିବ ନାହିଁ। ଅଷ୍ଟ୍ରେଲିଆ ଇନିଂସର ଦଶମ ଏବଂ ଏକାଦଶ ଓଭର ମଧ୍ୟରେ ବିରତି ସମୟରେ ଯେତେବେଳେ କନଷ୍ଟାସ୍ ଏବଂ ଉସମାନ ଖ୍ୱାଜା ପାର୍ଶ୍ୱ ପରିବର୍ତ୍ତନ କରୁଥିଲେ, କୋହଲି କନଷ୍ଟାସ୍‌ଙ୍କ ଆଡକୁ ଯାଇଥିଲେ। କୋହଲିଙ୍କ କାନ୍ଧ କନଷ୍ଟାସ୍‌ଙ୍କ କାନ୍ଧରେ ବାଜିଥିଲା। ସେହି ସମୟରେ ମନ୍ତବ୍ୟ ଦେଉଥିବା ଅଷ୍ଟ୍ରେଲିଆର ପୂର୍ବତନ ଅଧିନାୟକ ରିକି ପଣ୍ଟିଙ୍ଗ ମଧ୍ୟ ବିଶ୍ୱାସ କରୁଥିଲେ ଯେ, କୋହଲି ଏହା ଜାଣିଶୁଣି କରିଛନ୍ତି। ଅନ୍ୟପକ୍ଷରେ ପୂର୍ବତନ ଭାରତୀୟ ଖେଳାଳି ତଥା ପ୍ରଶିକ୍ଷକ ରବି ଶାସ୍ତ୍ରୀ କୋହଲିଙ୍କ ଏହି କାର୍ଯ୍ୟକୁ ସମ୍ପୂର୍ଣ୍ଣ ଅନାବଶ୍ୟକ ବୋଲି କହିଛନ୍ତି। କୋହଲିଙ୍କୁ ଲେଭଲ୍ ୱାନ୍‌ରେ ଦୋଷୀ ସାବ୍ୟସ୍ତ କରାଯାଇଛି ଏବଂ ତେଣୁ ତାଙ୍କର ମ୍ୟାଚ୍ ଫି' କଟାଯାଇଛି। ଯଦି ଏହା ଏକ ସ୍ତରୀୟ ଦୁଇ ଅପରାଧ ହୋଇଥାନ୍ତା, ତେବେ କୋହଲି




ତିନି କିମ୍ବା ଚାରି ଡେରିମିଟ୍ ପଏଣ୍ଟ ପାଇଥାନ୍ତେ। ପରବର୍ତ୍ତୀ ମ୍ୟାଚ୍ ପାଇଁ ଜଣେ ଖେଳାଳିଙ୍କୁ ନିଲମ୍ବନ କରିବାକୁ ଚାରୋଟି ପଏଣ୍ଟ ଯଥେଷ୍ଟ। ଏଥିରୁ ଏହା ସ୍ପଷ୍ଟ ଯେ, ସିଡନୀରେ ଅନୁଷ୍ଠିତ ହେବାକୁ ଥିବା ପଞ୍ଚମ ମ୍ୟାଚରେ ବିରାଟ ଖେଳିପାରିବେ।

ଏହି ଘଟଣା ପରେ କଙ୍ଗାରୁ ଓପନର୍ କନଷ୍ଟାସ୍ ସକାଳ ଅଧିବେଶନରେ ଚା'ପାନ ବିରତି ସମୟରେ ଏହା ବିଷୟରେ କହିଥିଲେ। ସେ କହିଥିଲେ ଯେ, ମୁଁ ଏହି ଘଟଣାକୁ ପଡ଼ିଆ ଭିତରେ ରଖିବାକୁ ଚାହୁଁଛି। କିନ୍ତୁ ଭାରତୀୟ ଦଳ ବିରୋଧରେ କଡ଼ା ପ୍ରତିଯୋଗିତା ଦେବାରେ ତାଙ୍କର କୌଣସି ଆପତ୍ତି ନାହିଁ। କନଷ୍ଟାସ୍ କହିଥିଲେ, ପଡ଼ିଆରେ ଯାହା ଘଟେ, ତାହା ପଡ଼ିଆରେ ରହିବା ଆବଶ୍ୟକ। ମୁଁ ପ୍ରତିଯୋଗିତାକୁ ଭଲ ପାଏ ଏବଂ ପ୍ୟାକ୍ ହୋଇଥିବା ଷ୍ଟାଡିୟମ୍ ଅପେକ୍ଷା ଡେବ୍ୟୁ କରିବାକୁ ଭଲ ସ୍ଥାନ ଆଉ କିଛି ହୋଇପାରିବ ନାହିଁ।

# ପ୍ରଥମ ଥର ବୋପାନ୍ନା ଏକ ନମ୍ବର



**ନୂଆଦିଲ୍ଲୀ, ୨୬।୧୨:** ଭାରତୀୟ ଭେଟେରାନ ଟେନିସ ଖେଳାଳି ରୋହନ ବୋପାନ୍ନା ପ୍ରଥମ ଥର ଲାଗି ପୁରୁଷ ଯୁଗଳ ମାନ୍ୟତାର ଶୀର୍ଷ ସ୍ଥାନ ଦଖଲ କରିଛନ୍ତି। ଏଥିସହ ୪୪ ବର୍ଷୀୟ ବୋପାନ୍ନା ସବୁଠୁ ବୟସ୍କ ଖେଳାଳି ଭାବେ ଏହି ମାନ୍ୟତା ପାଇବାର ଗୌରବ ପାଇଛନ୍ତି। ୧୯ ବିଭିନ୍ନ ସାଥୀ ଓ ୬୧ ପ୍ରୟାସ ପରେ ବୋପାନ୍ନା ଚଳିତ ବର୍ଷ ଅଷ୍ଟ୍ରେଲିଆ ଓପନ୍ ଜିତି ପୁରୁଷ ଯୁଗଳ ଗ୍ରାଣ୍ଡ ସ୍ଲାମ୍ ଟ୍ରଫି ସ୍ୱପ୍ନ ପୂରଣ କରିଥିଲେ। ସେ ୨୨ ବର୍ଷ ତଳେ ଚେନ୍ନାଇରେ ଏଟିପି ଟୁର୍‌ରେ ପଦାର୍ପଣ କରିଥିବା ବୋପାନ୍ନା ଅଷ୍ଟ୍ରେଲୀୟ ସାଥୀ ମାଥ୍ୟୁ ଏବ୍‌ଡେନ୍‌ଙ୍କ ସହ ଏହି ଟ୍ରଫି ଜିତିଥିଲେ। ଏଥିସହ ଓପନ୍ ଏରାରେ ମେଜ୍‌ର ଟ୍ରଫି ଜିତିବାରେ ସେ ବୟସ୍କ ଖେଳାଳି ହୋଇଥିଲେ। ସେହିପରି ଭାରତୀୟ ଯୁବ ତାରକା ସୁମିତ ନଗଲ ଚଳିତ ବର୍ଷ ଚେନ୍ନାଇ ଓପନ୍ ଏଟିପି ଚ୍ୟାଲେଞ୍ଜର ପଦାର୍ପଣ କରିଥିଲେ। ଏହି ପଦାର୍ପଣରେ ଟ୍ରଫି ଜିତି ସେ ଏଟିପି ମାନ୍ୟତାର ଶୀର୍ଷ ୧୦୦ରେ ପହଞ୍ଚିଛନ୍ତି।

# ସାଣ୍ଟା ବେଶରେ ସର୍‌ପ୍ରାଇଜ ଦେଲେ ଧୋନି

**ନୂଆଦିଲ୍ଲୀ, ୨୬।୧୨:** ଲମ୍ବା ଦାଢ଼ି। ଦେହରେ ନାଲି ପୋଷାକ ଓ ମୁହଁ ଚଷମା। ପୁଣି ନୂଆ ଲୁକ୍‌ରେ କ୍ୟାପଟେନ୍ କୁଲ୍ ଧୋନି। ବଡ଼ ଦିନରେ ଦେଲେ ବଡ଼ ସରପ୍ରାଇଜ। ଖ୍ରୀଷ୍ଟମାସ ଅବସରରେ ସାଣ୍ଟା ବେଶରେ ଆସି ସମସ୍ତଙ୍କୁ କଲେ ଚକିତ। ନିଜ ପରିବାର ସହ ସାଣ୍ଟାକ୍ଲଜ ସାଜି ପାଳନ କଲେ ବଡ଼ ଦିନ। ଧୋନିଙ୍କ ଏହି ନୂଆ ଲୁକ୍‌ର ଫଟୋ ଏବେ ଇଣ୍ଟରନେଟ୍‌ରେ ନିଆଁ ଲଗାଇ ଦେଇଛି। ଭାଇରାଲ ହେବାରେ ଲାଗିଛି ତାଙ୍କର ଏହି ଫଟୋ। ଧୋନି ପାଞ୍ଚ ବର୍ଷରୁ ଅଧିକ ସମୟ ହେବ ଆନ୍ତର୍ଜାତୀୟ କ୍ରିକେଟ୍ରୁ ସନ୍ନ୍ୟାସ ନେଇସାରିଛନ୍ତି। ସେ ପ୍ରାୟତଃ ନିଜ ପରିବାର ସହିତ ଅଧିକାଂଶ ସମୟ ବିତାନ୍ତି। ଏଥର ମଧ୍ୟ ସେ ନିଜ ପରିବାର ସହ ବେଶ୍ ଧୁମ୍‌ଧାମ୍‌ରେ ଖ୍ରୀଷ୍ଟମାସ ପାଳନ କରିଛନ୍ତି। ଏହାର ଫଟୋକୁ ତାଙ୍କ ପତ୍ନୀ ସାକ୍ଷୀ ଧୋନି ସୋଶାଲ ମିଡିଆରେ ସେୟାର କରିଛନ୍ତି। ସାମ୍ନାକୁ ଆସିଥିବା ଫଟୋରେ ଭାରତର ପୂର୍ବତନ ଅଧିନାୟକ ତାଙ୍କ ଝିଅ ଜିଭାଙ୍କ ସହିତ ଏକ ସାଣ୍ଟା କ୍ଲଜ୍ ପୋଷାକରେ ଲୁଚି ରହିଥିବା ଦେଖିବାକୁ ମିଳିଛି। ଧୋନି ପିନ୍ଧିଥିବା ସାଣ୍ଟା ଟୋପିରେ ମିଷ୍ଟର ମାହି ଲେଖା ରହିଛି। ଏହି ଫଟୋ ପୋଷ୍ଟ ହେବାର ମାତ୍ର ଦୁଇ ଘଣ୍ଟା ଭିତରେ ଏହା ଭାଇରାଲ ହୋଇଛି। ଧୋନିଙ୍କ ଏହି ଖ୍ରୀଷ୍ଟମାସ ଉତ୍ସବରେ ପରିବାର ବ୍ୟତୀତ ଅଭିନେତ୍ରୀ କ୍ରିତି ସାନନ ଓ ତାଙ୍କର କିଛି ସାଙ୍ଗସାଥୀ ମଧ୍ୟ ସାମିଲ ଥିଲେ। ଆନ୍ତର୍ଜାତୀୟ କ୍ରିକେଟ୍ ଛାଡିବା ସତ୍ତ୍ୱେ ଧୋନିଙ୍କ କ୍ରେଜ କମିନି। ସେ ଭାରତର ସବୁଠାରୁ ଲୋକପ୍ରିୟ କ୍ରୀଡା ଆଇକନ୍। ପ୍ରାୟତଃ ଧୋନି ନିଜର ନୂଆ ନୂଆ ହେୟାର ଷ୍ଟାଇଲ୍‌କୁ ନେଇ ଚର୍ଚ୍ଚାରେ ରୁହନ୍ତି। ଧୋନି ଏବେ କେବଳ ଇଣ୍ଡିଆନ୍ ପ୍ରିମିୟର ଲିଗ୍ (ଆଇପିଏଲ୍)ରେ ଖେଳୁଛନ୍ତି। ଯେଉଁଠାରେ ସେ ଚେନ୍ନାଇ ସୁପର କିଙ୍ଗ୍ସ (ସିଏସ୍‌କେ) କୁ ପ୍ରତିନିଧିତ୍ୱ କରୁଛନ୍ତି।



### ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ପରଲୋକରେ...

ଚାଲିଆସିଥିଲେ। ଅକ୍ସଫୋର୍ଡ ବିଶ୍ୱବିଦ୍ୟାଳୟରୁ ଅର୍ଥନୀତିରେ ଡକ୍ଟରେଟ ଲାଭ କରିବା ପରେ ମନମୋହନ ସିଂହ ୧୯୬୬ରୁ ୧୯୬୯ ପର୍ଯ୍ୟନ୍ତ ଜାତିସଂଘ ପାଇଁ କାମ କରୁଥିଲେ। ପରେ ତାଙ୍କୁ ତତ୍କାଳୀନ କେନ୍ଦ୍ର ସରକାର ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପଦପଦବୀର ଦାୟିତ୍ୱ ଦେଇଥିଲେ। ୧୯୭୨ରୁ ୧୯୭୬ ପର୍ଯ୍ୟନ୍ତ ସେଥିଲେ ଦେଶର ପ୍ରମୁଖ ଅର୍ଥନୈତିକ ପରାମର୍ଶଦାତା। ୧୯୮୨ରୁ ୧୯୮୫ ପର୍ଯ୍ୟନ୍ତ ସେ ଥିଲେ ରିଜର୍ଭ ବ୍ୟାଙ୍କର ଗଭର୍ଣ୍ଣର ଏବଂ ୧୯୮୫ରୁ ୧୯୮୭ ପର୍ଯ୍ୟନ୍ତ ସେ ଯୋଜନା କମିଶନର ମୁଖ୍ୟ ଭାବେ ସଫଳତାର ସହ ଦାୟିତ୍ୱ ସମ୍ପାଦନ କରିଥିଲେ। ୧୯୯୧ରେ ତତ୍କାଳିନ ପ୍ରଧାନମନ୍ତ୍ରୀ ପି.ଭି.ନରସିମହାରାଓଙ୍କ ସରକାରରେ ଦେଶ ଏକ ସଙ୍ଗୀନ ଅର୍ଥନୈତିକ ସଙ୍କଟ ଦେଇ ଗତିକଲା। ଏହାକୁ ଦୂର କରିବାକୁ ଜଣେ ଅଣରାଜନୈତିକ ବ୍ୟକ୍ତି ଭାବେ ମନମୋହନ ସିଂଙ୍କୁ ତାଙ୍କ କ୍ୟାବିନେଟରେ ଅର୍ଥମନ୍ତ୍ରୀ ଭାବେ ଗ୍ରହଣ କରିଥିଲେ। ବିଭିନ୍ନ ମହଲରୁ ବିରୋଧ ସତ୍ତ୍ୱେ ମନମୋନହ ସିଂ ଏଭଳି କିଛି ଆର୍ଥିକ ସଂସ୍କାରମୂଳକ ପଦକ୍ଷେପ ନେଲେ ଯାହାଦ୍ୱାରା ଦେଶ ଏକ ଉତ୍କଟ ଅର୍ଥନୈତିକ ସଙ୍କଟରୁ ମୁକୁଳିପାରିଥିଲା। ଏହାଦ୍ୱାରା ବିଶ୍ୱସ୍ତରରେ ମନମୋହନ ସିଂଙ୍କ ଖ୍ୟାତି ବଢିଥିଲେ ମଧ୍ୟ ୧୯୯୬ ନିର୍ବାଚନରେ କଂଗ୍ରେସ ହାରିଯାଇଥିଲା। ଆଉ ମନମୋହ ସିଂ ଅଟଳ ବିହାରୀ ବାଜପେୟୀଙ୍କ ଅମଳରେ ରାଜ୍ୟସଭାରେ ବିରୋଧୀ ଦଳ ନେତା ଭାବେ ୧୯୯୮ରୁ ୨୦୦୪ ପର୍ଯ୍ୟନ୍ତ ଦାୟିତ୍ୱ ତୁଲାଇଥିଲେ। ୨୦୦୪ରେ ଯେତେବେଳେ କଂଗ୍ରେସ ନେତୃତ୍ୱରେ ୟୁପିଏ କ୍ଷମତାକୁ ଆସିଲା ସେତେବେଳେ ଆଶ୍ଚର୍ଯ୍ୟଜନକ ଭାବେ ମନମୋନହ ସିଂଙ୍କୁ ପ୍ରଧାନମନ୍ତ୍ରୀ ପଦ ଛାଡିଦେଇଥିଲେ। ତାଙ୍କ ଅମଳରେ ଜାତୀୟ କର୍ମ ନିଯୁକ୍ତି ଯୋଜନା, ଜାତୀୟ ଗ୍ରାମୀଣ ସ୍ୱାସ୍ଥ୍ୟ ମିଶନ, ଏକକ ଚିହ୍ନଟ ପ୍ରଧିକରଣ, ସୂଚନା ଅଧିକାର ଆଇନ ଲାଗୁ ଭଳି କିଛି ଐତିହାସିକ ପଦକ୍ଷେପ ନିଆଯାଇଥିଲା। ତେବେ ଆମେରିକା ସହ ନ୍ୟୁକ୍ଲିଅର ଏଗ୍ରିମେଣ୍ଟକୁ ବିରୋଧ କରିବାରୁ ବାମ ଦଳ ସମର୍ଥନ ପ୍ରତ୍ୟାହାର କରିନେଇଥିଲା ଓ ମନମୋହନ ସିଂଙ୍କ ସରକାରର ପତନ ଘଟିଥିଲା। ତେବେ ତାଙ୍କ ସମୟରେ ଦେଶର ଅର୍ଥନୀତି ଶିଖରକୁ ଛୁଇଁପାରିଥିଲା। ୨୦୦୯ରେ ପୁଣି ଥରେ ୟୁପିଏ କ୍ଷମତାକୁ ଆସିଥିଲା ଓ ମନମୋହ ଦ୍ୱିତୀୟ ଥର ପାଇଁ ପ୍ରଧାନମନ୍ତ୍ରୀ ହୋଇଥିଲେ। ଜଣେ ବିଶିଷ୍ଟ ଅର୍ଥନୀତିଜ୍ଞ ଭାବେ ତାଙ୍କର ଯେଉଁ ଖ୍ୟାତି ଥିଲା ତାହାକୁ ସେ କ୍ଷମତାରେ ଥିବା ସମୟରେ ଏଭଳି ବିନିଯୋଗ କରିଥିଲେ ଯାହାଦ୍ୱାରା ଦେଶର ଅର୍ଥନୀତିରେ ବ୍ୟାପକ ସୁଧାର ଆସିପାରିଥିଲା। ତାଙ୍କ ବିୟୋଗରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ, ପ୍ରଦାନମନ୍ତ୍ରୀ ନରେନ୍ଦ୍ର ମୋଦି, କେନ୍ଦ୍ର ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହ ଓ ଅନ୍ୟ କେନ୍ଦ୍ରମନ୍ତ୍ରୀମାନଙ୍କ ସହ ମୁଖ୍ୟମନ୍ତ୍ରୀ ମୋହନ ମାଝୀ ମଧ୍ୟ ଶୋକ ପ୍ରକାଶ କରିଛନ୍ତି। ବରିଷ୍ଠ କଂଗ୍ରେସ ନେତା ନିରଂଜନ ପଟ୍ଟନାୟକ, ପୂର୍ବତନ ମନ୍ତ୍ରୀ ନରସିଂହ ମିଶ୍ର, ପୂର୍ବତନ କେନ୍ଦ୍ର ମନ୍ତ୍ରୀ ଶ୍ରୀକାନ୍ତ ଜେନା, ବରିଷ୍ଠ ନେତା ଭକ୍ତ ଦାସ, ପ୍ରସାଦ ହରିଚନ୍ଦନ, ସୁରେଶ ରାଉତରାୟ ପ୍ରମୁଖ ମଧ୍ୟ ଶୋକ ପ୍ରକାଶ କରିଛନ୍ତି।

## 'ନକଲି ଭାଷଣ'...

କେବଳ ଚାପୁଡା ମାଡ ନୁହେଁ, ବରିଷ୍ଠ ନେତା ତଥା ପୂର୍ବତନ ମନ୍ତ୍ରୀ ଅଶୋକ ପଣ୍ଡା ବି ନବୀନଙ୍କ ଉପସ୍ଥିତିରେ ଖୋଲାଖୋଲି ଭାବେ ଗୋଷ୍ଠିକନ୍ଦଳ କଥାର ଗୁମର ଖୋଲିଛନ୍ତି । କିଛି ବିଜେଡି ନେତା ଦଳକୁ କିଭଳି ଫମ୍ପା କରିବାକୁ ଉଦ୍ୟମ ଚଳାଇଛନ୍ତି ତାହା କହିଛନ୍ତି । ଅଶୋକ ଭାଷଣ ଦେଉଥିବାବେଳେ ଅନେକ ତାହାକୁ ଉପଭୋଗ କରୁଥିବାବେଳେ କେହି ରୋକିବାକୁ ସାହସ କରିନଥିଲେ । ତେବେ ରୋଚକ କଥା ହେଉଛି ଆଜି ଦଳର ଦୁଇ କର୍ପୋରେଟର ବାଇଁଆ-ଲିଟୁ ଶଙ୍ଖଭବନରେ ଆବିର୍ଭାବ ହେବା ସହିତ ସେମାନେ ଏକଜୁଟ ଥିବା କହିଛନ୍ତି ।

ନବୀନ ଆଜି ତାଙ୍କର ଏଆଇ ଭିଡିଓ ଜାରି କରିଥିଲେ ମଧ୍ୟ ଶଙ୍ଖଭବନରେ ଗଣମାଧ୍ୟମକୁ ବାଇଟ୍ ଦେଇଥିଲେ । ଉତ୍ତରାଧିକାରୀ ପ୍ରଶ୍ନର ଉତ୍ତରରେ କହିଥିଲେ ମୁଁ ଏ ସଂକ୍ରାନ୍ତରେ ଚିନ୍ତା କରିନାହିଁ । ଏହି କଥା ପଦକ ଏବେ ବିଜେଡି ଶିବିରରେ ଗୁଞ୍ଜରଣ ସୃଷ୍ଟି କରିଛି । କାରଣ ପୂର୍ବରୁ ନବୀନ ସମାନ ପ୍ରଶ୍ନର ଉତ୍ତରରେ କହିଥିଲେ ଓଡ଼ିଶାବାସୀ ଏହି ନିଷ୍ପତ୍ତି ନେବେ। ଏବେ ଭିନ୍ନ କଥା କହୁଥିବାରୁ ଉତ୍ତରାଧିକାରୀ ପଗଡି ପିନ୍ଧିବାପାଇଁ ଚାହିଁ ବସିଥିବାବେଳେ ଅନେକଙ୍କ ମନ ପାଣିଚିଆ ହୋଇଯାଇଛି ।

ତେବେ ପ୍ରତିଷ୍ଠା ଦିବସରେ ଯୋଡି ଶଙ୍ଖର ଶବ୍ଦ ସହିତ ପଞ୍ଜାବୀ ଢୋଲ ମାଡରେ ଶଙ୍ଖଭବନ କମ୍ପୁଥିବାବେଳେ ଭିତରେ ମହିଳାଙ୍କ କର୍ମୀଙ୍କ ମହାଭାରତ ଯୋଗୁଁ ଅନେକଙ୍କ ମନରେ ସରାଗ ନଥିଲା । ଏତିକିବେଳେ ମୁଖ୍ୟମନ୍ତ୍ରୀଙ୍କ ଜିଲ୍ଲା ଗଞ୍ଜାମର ଛାମୁଆନେତାମାନେ ବି ବିଜେପିରେ ଯୋଗ ଦେଉଥିବା ଖବର ଆସି ପହଞ୍ଚିଥିଲା । ସବୁ ଦେଖିବା ଓ ଶୁଣିବାପରେ ଅନେକଙ୍କ ମୁହଁରୁ ହସ ଉଭେଇ ଯାଇଥିଲା । ହେଲେ କର୍ମୀଙ୍କ ଆଗରେ ସବୁକିଛି ଠିକ୍‌ଠାକ୍ ଅଛି ବୋଲି ବାର୍ତ୍ତା ଦେବାକୁ ଅନେକ ଆଗଧାଡିର ନେତା କିନ୍ତୁ ଏଆଇ ଭିଡିଓ ଭଳି ନକଲି ହସ ହସୁଥିବା ଦେଖିବାକୁ ମିଳିଥିଲା ।

## ଶୋଇ ପଡିଲେ...

ଓ ରାଜସ୍ୱ ବିଭାଗ ଶୋଇପଡିଲେ ବୋଲି କେତେକ ଚାଷୀ ଅଭିଯୋଗ କରିଛନ୍ତି । ଏବେ ଧାନ ଗଜା ହେବା ଓ ଉଜୁଡି ଯିବାପରେ ରାଜସ୍ୱମନ୍ତ୍ରୀ ଆଗକୁ ଆସି ଅବଶ୍ୟ ଚାଷୀଙ୍କ ଦମ୍ଭ ଦେଉଛନ୍ତି ।

ହେଲେ ତାଙ୍କ ବିଭାଗ ଅଧିନରେ ଥିବା ଏସ୍‌ଆରସିର କିନ୍ତୁ କାହାରି ଦେଖା ଦର୍ଶନ ନାହିଁ ।

ଅଦିନିଆ ବର୍ଷା ଏବେ ଫସଲ ଉଜାଡିବା ସହିତ ଜଣକ ପରେ ଜଣେ ଚାଷୀଙ୍କର ଜୀବନ ନେଉଥିବାବେଳେ ରାଜସ୍ୱ ମନ୍ତ୍ରୀଙ୍କ ଆଶ୍ୱାସନା ଯାହା ସାନ୍ତ୍ୱନା ଦେଉଛି । ପାଣିରେ ଭିଜିଥିବା ଧାନ କିଭଳି ବିକ୍ରିହେବ ସେଥିନେଇ କିଛି ସ୍ପଷ୍ଟତା ଆସିପାରୁ ନାହିଁ । କ୍ଷୟକ୍ଷତି ଆକଳନ ପାଇଁ ଜିଲ୍ଲା ପ୍ରଶାସନକୁ ନିର୍ଦ୍ଦେଶ ଦିଆଯାଇଥିବାବେଳେ ଏସ୍‌ଆରସିର ନିରବତା ଏବେ ପ୍ରଶାସନିକ ମହଲରେ ଅନେକଙ୍କୁ ଆଶ୍ଚର୍ଯ୍ୟଚକିତ କରିଛି ।

## ନବୀନଙ୍କୁ ...

କୋଟି ଟଙ୍କା ମିଳିବ। ଗଞ୍ଜାମର ଲୋକମାନେ ଭରସା କରି ଡବଲ ଇଞ୍ଜିନ ସରକାରକୁ ଆଣିଛନ୍ତି। ଯଦି ଏହା କାହାକୁ ମିଛ ଲାଗୁଛି, ତେବେ ତାକୁ କଣ କୁହାଯିବ ? ସ୍ୱର୍ଗକୁ ନେଶୁଣୀ ନାହିଁ, ବଡ ଲୋକଙ୍କୁ ଉତ୍ତର ନାହିଁ ବୋଲି ଶ୍ରୀ ପ୍ରଧାନ କହିଛନ୍ତି।

# ଓଡ଼ିଶା ଛାଡିଲେ ରଘୁବର ଦାସ

## ସମସ୍ତଙ୍କ ସହଯୋଗରେ ଓଡ଼ିଶାବାସୀଙ୍କ ସେବା କରିଛି – ରାଜ୍ୟପାଳ

**ଭୁବନେଶ୍ୱର, ୨୬।୧୨(ସଂଚାର ବ୍ୟୁରୋ):** ରାଜ୍ୟପାଳ ପଦ ଏକ ସାମ୍ବିଧାନିକ ପଦ। ସମ୍ବିଧାନର ପରିଧି ମଧ୍ୟରେ ରହି ସରକାରଙ୍କ ବିଭିନ୍ନ ଜନକଲ୍ୟାଣକାରୀ କାର୍ଯ୍ୟକ୍ରମର ସୁଫଳ ଯେପରି ଜନସାଧାରଣଙ୍କ ନିକଟରେ ପହଞ୍ଚିପାରିବ ସେଥିପାଇଁ ସର୍ବଦା ଚେଷ୍ଟା କରିଛି ବୋଲି ବିଦାୟୀ ରାଜ୍ୟପାଳ ଶ୍ରୀ ରଘୁବର ଦାସ କହିବା ସହିତ ସମସ୍ତଙ୍କ ସହଯୋଗରେ ଓଡ଼ିଶାବାସୀଙ୍କ ସେବା କରିଛି ବୋଲି ସେ ପ୍ରକାଶ କରିଛନ୍ତି।

ଆଜି ରାଜଭବନର ନ୍ୟୁ ଅଭିଷେକ ହଲ୍‌ଠାରେ ରାଜଭବନ ପରିବାର ପକ୍ଷରୁ ରାଜ୍ୟପାଳଙ୍କୁ ବିଦାୟ ସମ୍ବର୍ଦ୍ଧନା ପ୍ରଦାନ ପାଇଁ ଆୟୋଜିତ ଏକ ବିଶେଷ କାର୍ଯ୍ୟକ୍ରମରେ ସେ ରାଜ୍ୟପାଳ ଦାୟିତ୍ୱ ଗ୍ରହଣର ପ୍ରଥମ ଚାରିମାସ ମଧ୍ୟରେ ରାଜ୍ୟର ୩୦ଟି ଜିଲ୍ଲା ଗସ୍ତ କରି ତୃଣମୂଳସ୍ତରରେ ଜନସାଧାରଣଙ୍କ ସହ ଯୋଡ଼ି ହେବା ପାଇଁ ଓ ସେମାନଙ୍କର ଅଭାବ ଅସୁବିଧା ଦୂର କରିବା ପାଇଁ ସେ ପ୍ରାଥମିକତା ଦେଇଥିଲେ ଓ ଏହା ତାଙ୍କୁ ଅଶେଷ ଆତ୍ମସନ୍ତୋଷ ପ୍ରଦାନ କରିଥିଲା ବୋଲି ସେ କହିଥିଲେ। ଓଡ଼ିଶା ଏକ ଶାନ୍ତିପ୍ରିୟ ରାଜ୍ୟ, ପ୍ରକୃତିର ଆଶୀର୍ବାଦ ଏଠାରେ ବିବିଧ ରୂପରେ ପରିଲକ୍ଷିତ ହୁଏ, ଜନସାଧାରଣ ବେଶ୍ ମେଳାପୀ ଏବଂ ଏଠାରେ ବିକାଶର ଅପାର ସମ୍ଭାର ରହିଛି ବୋଲି ରାଜ୍ୟପାଳ କହିଥିଲେ। ରାଜ୍ୟର ଜନସାଧାରଣଙ୍କ ରାଜଭବନ ଉପରେ ଯଥେଷ୍ଟ ଆସ୍ଥା ଓ ବିଶ୍ୱାସ ରହିଛି। ସେମାନଙ୍କର ଅସୁବିଧା ଦୂର କରିବା ପାଇଁ ରାଜଭବନରେ କାର୍ଯ୍ୟରତ ଅଧିକାରୀ ଏବଂ କର୍ମଚାରୀମାନେ ସର୍ବଦା ଚେଷ୍ଟା କରିବା ସହିତ ନିଜର କାର୍ଯ୍ୟ ଦ୍ୱାରା ରାଜଭବନର ଗାରିମା ବଢ଼ାଇବା ପାଇଁ ଯତ୍ନଶୀଳ ରହିବାକୁ ସେ ସମସ୍ତଙ୍କୁ କହିଥିଲେ। ନିଜର ଚିନ୍ତାଧାରାରେ ପରିବର୍ତ୍ତନ ଆଣି ଜନସାଧାରଣଙ୍କ ପାଇଁ କିଛି ଉତ୍ତମ କାର୍ଯ୍ୟ କରିବାର ଅଛି ବୋଲି ହୃଦୟଙ୍ଗମ କରିବା ସହ ପ୍ରତ୍ୟେକ ନିୟମକାନୁନ୍ ମଧ୍ୟରେ ରହି କାର୍ଯ୍ୟ କରି ଅପାର ଶାନ୍ତି ଓ ସନ୍ତୋଷ ଲାଭ କରିବା ପାଇଁ ଚେଷ୍ଟିତ ହେବାକୁ ସେ ପରାମର୍ଶ ଦେଇଥିଲେ।



ମହାପ୍ରଭୁ ଜଗନ୍ନାଥଙ୍କ ପବିତ୍ର ଭୂମି ଓଡ଼ିଶା ରାଜ୍ୟରେ ଚଉଦ ମାସ ସେବା କରିବାର ସୁଯୋଗ ପାଇ ସେ ନିଜକୁ ଧନ୍ୟ ମନେ କରୁଛନ୍ତି ଏବଂ ନିଜ ଜନ୍ମଭୂମି ଓ କର୍ମଭୂମି ଝାଡ଼ଖଣ୍ଡ ରାଜ୍ୟକୁ ଏବେ ପ୍ରତ୍ୟାବର୍ତ୍ତନ କରୁଛନ୍ତି ବୋଲି ରାଜ୍ୟପାଳ ପ୍ରକାଶ କରିଥିଲେ। ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ରହି ରାଜ୍ୟପାଳଙ୍କ ମୁଖ୍ୟ ପରାମର୍ଶଦାତା ଶ୍ରୀ ସନ୍ତୋଷ କୁମାର ଶତ୍‌ପଥୀ ବିଦାୟୀ ରାଜ୍ୟପାଳଙ୍କ ସହିତ ଝାଡ଼ଖଣ୍ଡ ରାଜ୍ୟରେ ଦୀର୍ଘ ବର୍ଷ କାର୍ଯ୍ୟ କରିବାର ଅନୁଭୂତି ବର୍ଣ୍ଣନା କରିବା ସହିତ ଜନସାଧାରଣଙ୍କର ସେବାକୁ ସେ ବିଭିନ୍ନ ପଦପଦବୀରେ ରହି ଏପରି କି ମୁଖ୍ୟମନ୍ତ୍ରୀ ପଦରେ ରହିବା ସମୟରେ ସର୍ବଦା ଅଗ୍ରାଧିକାର ଦେଉଥିଲେ ବୋଲି କହିଥିଲେ। ରାଜ୍ୟପାଳଙ୍କ ପ୍ରମୁଖ ସଚିବ ଶ୍ରୀ ଏନବିଏସ ରାଜପୁତ ରାଜ୍ୟପାଳଙ୍କ ଦୂରଦୃଷ୍ଟି ଏବଂ ଆଗ୍ରହ ଦୃଷ୍ଟିରୁ ପୁରୀ ଏବଂ ଭୁବନେଶ୍ୱରସ୍ଥିତ ରାଜଭବନରେ ଆବଶ୍ୟକତାକୁ ଲକ୍ଷ୍ୟ ରଖି ନୂତନ ନିର୍ମାଣ ପ୍ରକଳ୍ପମାନ କାର୍ଯ୍ୟକାରୀ କରାଯାଉଛି ଏବଂ ଏହା ରାଜଭବନ ପାଇଁ ବେଶ୍ ଉପଯୋଗୀ ହେବ ବୋଲି କହିଥିଲେ। ରାଜ୍ୟପାଳଙ୍କ ବ୍ୟକ୍ତିଗତ ସଚିବ ଶ୍ରୀ ହିମାଂଶୁ ନାରାୟଣ ପଟ୍ଟନାୟକ, ରାଜ୍ୟପାଳଙ୍କ ଏଡ଼ିସି ଶ୍ରୀ ଚିନ୍ମୟ କୁମାର ନାୟକ ଓ ଲେଫ୍ଟନାଂଟ୍ କମୋଡ଼ର ଶ୍ରୀ ନିତିନ ତ୍ରିପାଠୀ ମଧ୍ୟ ଉଦ୍‌ବୋଧନ ଦେଇଥିଲେ। ଏହି ଅବସରରେ ରାଜଭବନ ପରିବାର ପକ୍ଷରୁ ପ୍ରମୁଖ ସଚିବ ଶ୍ରୀ ରାଜପୁତ ସମସ୍ତଙ୍କ ଭଲ ପାଇବାର ପ୍ରତୀକ ସ୍ୱରୂପ ତାରକସୀ କାର୍ଯ୍ୟର ଏକ ସୁନ୍ଦର ଉପହାର ବିଦାୟୀ ରାଜ୍ୟପାଳଙ୍କୁ ପ୍ରଦାନ କରିବା ସହ ଆଗାମୀ ଦିନ ପାଇଁ ଅନେକ ଶୁଭେଚ୍ଛା ଓ ଶୁଭକାମନା ଜଣାଇଥିଲେ। ଏହି କାର୍ଯ୍ୟକ୍ରମରେ ରାଜଭବନର ସମସ୍ତ ଅଧିକାରୀ ଏବଂ କର୍ମଚାରୀ ଉପସ୍ଥିତ ଥିଲେ।

# ପୂର୍ଣ୍ଣତା: ଟ୍ରାନ୍ସଜେଣ୍ଡରଙ୍କ ପାଇଁ ସ୍ୱତନ୍ତ୍ର କ୍ଲିନିକ୍ ଉଦ୍‌ଘାଟିତ

**ଭୁବନେଶ୍ୱର, ୨୬।୧୨ (ସଂଚାର ବ୍ୟୁରୋ) :** ହାଇଟେକ୍ ମେଡିକାଲ କଲେଜ୍ ଓ ହସ୍ପିଟାଲ ଏବଂ ଓଡ଼ିଶା ଟ୍ରାନ୍ସଜେଣ୍ଡର ମହାସଂଘ 'ଶଖୀ' ମିଳିତ ସହଯୋଗରେ ହାଇଟେକ୍ ମେଡିକାଲ କଲେଜ ପରିସରରେ ଗୋଟିଏ ଛାତ ତଳେ ଟ୍ରାନ୍ସଜେଣ୍ଡରମାନଙ୍କର ସ୍ୱାସ୍ଥ୍ୟ ଚିକିତ୍ସାର ସମସ୍ତ ସୁବିଧା 'ପୂର୍ଣ୍ଣତା' କ୍ଲିନିକ୍ ଉଦ୍‌ଘାଟିତ। ଏହାକୁ ହାଇଟେକ୍ ଗ୍ରୁପ୍‌ର ମ୍ୟାନେଜିଙ୍ଗ୍ ଟ୍ରଷ୍ଟି ଶୁରେଶ କୁମାର ପାଣିଗ୍ରାହୀ ଉଦ୍‌ଘାଟନ କରିବା ସହ ସମାଜର ପ୍ରତିଟି ବର୍ଗର ଲୋକମାନଙ୍କ ପାଇଁ ଶିକ୍ଷା ଓ ସ୍ୱାସ୍ଥ୍ୟ କ୍ଷେତ୍ରରେ ବୈପ୍ଳବିକ ପରିବର୍ତ୍ତନ ସହ ପ୍ରତ୍ୟେକଙ୍କୁ ସ୍ୱାସ୍ଥ୍ୟ କ୍ଷେତ୍ରରେ ସାହର୍ଯ୍ୟ ସହଯୋଗର ହାତ ବଢ଼ାଇ ଆସିଥିବା ହାଇଟେକ୍ ହସ୍ପିଟାଲ ଟ୍ରାନ୍ସଜେଣ୍ଡରମାନଙ୍କ ପାଇଁ ଗୋଟିଏ ଛାତ ତଳେ ସମସ୍ତ ସୁବିଧା ବ୍ୟବସ୍ଥା କରିଛନ୍ତି।



ଓଡ଼ିଶା ସରକାରଙ୍କ ଏସ୍‌ଏସ୍‌ଇପିଡି ସାମାଜିକ ସୁରକ୍ଷା ବିଭାଗର ଡେପୁଟି ସେକ୍ରେଟାରୀ ସନ୍ୟାସୀ ବେହେରା ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଏହି ଯୋଜନାକୁ ଓଡ଼ିଶା ସରକାରଙ୍କର ବିଏସ୍‌କେୱାଇ ଓ ଭାରତ ସରକାରଙ୍କର ଆୟୁଷ୍ମାନ ଭାରତ ଯୋଜନାରେ ଅନ୍ତର୍ଭୁକ୍ତ କରି ସେମାନଙ୍କୁ ସ୍ୱାସ୍ଥ୍ୟ କ୍ଷେତ୍ରରେ ସହଯୋଗର ହାତ ବଢ଼ାଇ ଦେବା ପାଇଁ ଅନୁରୋଧ କରିଥିଲେ।

ଏଥିରେ ହାଇଟେକ୍ ଗ୍ରୁପର ନିର୍ଦ୍ଦେଶକ ରାକେଶ କୁମାର ପାଣିଗ୍ରାହୀ, ବିଶିଷ୍ଟ ମାନସିକ ରୋଗ ଚିକିତ୍ସକ ଡ. ଅମ୍ରିତ ପଟ୍ଟଯୋଶୀ, ପୂର୍ଣ୍ଣତାର ସେକ୍ରେଟାରୀ ଡ. ଅଶୋକ ଆଚାର୍ଯ୍ୟ, ଓଡ଼ିଶା ଟ୍ରାନ୍ସଜେଣ୍ଡର କଲ୍ୟାଣ ଟ୍ରଷ୍ଟର ଫାଉଣ୍ଡର ମୀରା ପରିଡ଼ା ଯୋଗଦେଇ ଟ୍ରାନ୍ସଜେଣ୍ଡରମାନଙ୍କର ସମସ୍ତ ସ୍ୱାସ୍ଥ୍ୟ ଚିକିତ୍ସା ସୁବିଧା ଗୋଟିଏ ଜାଗାରେ କରାଯାଇଥିବାରୁ ଖୁସି ବ୍ୟକ୍ତ କରିଥିଲେ। ଏଥିରେ ସ୍ୱାସ୍ଥ୍ୟ କ୍ଷେତ୍ରର ସମସ୍ତ ଆମୁଳଚୁଳ ଚିକିତ୍ସା ଉପଲବ୍ଧ ହେବ ବୋଲି ଡ. ତିରୁପତି ପାଣିଗ୍ରାହୀ ଜଣାଇଛନ୍ତି।

# ରାଜନୀତିରେ ସାଳିନତା ରକ୍ଷା କରିବାକୁ ଅରୁଣଙ୍କ ପରାମର୍ଶ

**ନୟାଗଡ଼, ୨୬।୧୨ (ସଂଚାର ବ୍ୟୁରୋ) :** ଦୀର୍ଘ ୨୭ ବର୍ଷର ସେବା ଯୋଗାଇ ଆସିଥିବା ବିଜୁ ଜନତା ଦଳକୁ ଆଜି ପୂରିବାକୁ ଯାଉଛି ୨୮ ବର୍ଷ। ଦେଶର ଏକ ଶକ୍ତିଶାଳୀ ଆଞ୍ଚଳିକ ଦଳ ଭାବେ ବିଜେଡି ପାଳନ କରିଛି ୨୮ତମ ପ୍ରତିଷ୍ଠା ଦିବସ । ପ୍ରତିଷ୍ଠା ଦିବସ ଅବସରରେ ଆଜି ନୟାଗଡ଼ ବିଜୁ ଜନତା ଦଳ କାର୍ଯ୍ୟାଳୟରେ ପ୍ରତିଷ୍ଠା ଦିବସ ପାଳନ କରାଯାଇଛି ।

ନୟାଗଡ଼ ବିଧାୟକ ଡ. ଅରୁଣ କୁମାର ସାହୁ ତାଙ୍କ ବକ୍ତବ୍ୟରେ ଆଜିର ସରକାର ଦବା ସରକାର ନୁହେଁ ନବା ସରକାର ବୋଲି ପ୍ରକାଶ କରିଛନ୍ତି । ନବୀନ ପଟ୍ଟନାୟକଙ୍କ ସରକାରରେ ଦୃତ ବିକାଶ ହୋଇଥିଲା। ବର୍ତ୍ତମାନ ସରକାର ଦ୍ରୁତ ବିଫଳତା ଆଡ଼କୁ ଅଗ୍ରସର ହେଉଛି । ଆଜିର ଦିନରେ ଜନମତ ପ୍ରଭାବିତ ହୋଇଛି। ରାଜନୀତିରେ ସାଳିନତା କେବେ ହରାଇବ ନାହିଁ ବୋଲି କର୍ମୀ ମାନଙ୍କୁ ପରାମର୍ଶ ଦେଇଛନ୍ତି ଅରୁଣ। ଆଜିର ଦରଦାମ ବୃଦ୍ଧି ଲୋକମାନଙ୍କୁ ବହୁତ ବାଧୁଛି । ଦରଦାମ କାହିଁକି ବୃଦ୍ଧି ହେଉଛି ଲୋକମାନେ ବୁଝିବା ଆରମ୍ଭ କଲେଣି। ରାଜ୍ୟ ସରକାର ଦୁଇ ପ୍ରକାର କଥା କହି ଲୋକ ମାନଙ୍କୁ ଭ୍ରମିତ କରୁଛନ୍ତି। ଆଗାମୀ ଦିନରେ ଚାଷୀଙ୍କ ପାଇଁ ଦଳ ଲଢ଼େଇ ଜାରି ରଖିବ । ଆସନ୍ତା ୨୮ ତାରିଖରେ ଚାଷୀଙ୍କ କ୍ଷତି ପୂରଣ ନିମନ୍ତେ ଦାବି ପ୍ରଦାନ କରାଯିବ । ଅଦିନିଆ ବର୍ଷାରେ ଚାଷୀଙ୍କର ଅନେକ ଫସଲ ନଷ୍ଟ ହୋଇଛି । ଏ ସରକାର ଚାଷୀଙ୍କ କଥା ଏପର୍ଯ୍ୟନ୍ତ ବୁଝି ପାରିଲା ନାହିଁ। ବିଜୁ ଜନତା ଦଳକୁ ସଙ୍ଗଠିତ ହୋଇ କାମ କରିବା ପାଇଁ ଡ. ସାହୁ ପରାମର୍ଶ ଦେଇଛନ୍ତି । ଏକତା ରହିଲେ ଯାହା ଚାହିଁବା ତାହା ହେବ। ଗାଁ ଗଣ୍ଡାରେ ଏ ସରକାରରେ ମାଟି ଗାଣ୍ଡୁଏ ପଡି ପାରୁନାହିଁ। ଆମେ ମାନେ ଏକାଠି ରହିଲେ ଗାଁର କାମ ହେବ ଏବଂ ବିକାଶ ହେବ । ବିଜୁ ଜଦତା ଦଳ ସଦାସର୍ବଦା ଲୋକ ମାନଙ୍କ ପାଖରେ ରହି ଆସିଛି । ଆଗାମୀ ଦିନରେ ଲୋକ ମାନଙ୍କର ସେବା ଜାରି ରଖିବା ପାଇଁ କର୍ମକର୍ତା ମାନଙ୍କୁ ପରାମର୍ଶ ଦେଇଛନ୍ତି ଅରୁଣ । ଆଜିର ବୈଠକରେ ନୟାଗଡ଼ ନିର୍ବାଚନ ମଣ୍ଡଳୀ ସଭାପତି ଗଙ୍ଗାଧର ସାହୁ, ବ୍ଲକ ଅଧ୍ୟକ୍ଷ କିଶୋର ଚନ୍ଦ୍ର ସାହୁ, ଉପାଧ୍ୟକ୍ଷା ଲକ୍ଷ୍ମୀପ୍ରିୟା ସାହୁ, ନୟାଗଡ଼ ପୌରାଧ୍ୟକ୍ଷା ନିରୁପମା ଖଟେଇ, ଉପାଧ୍ୟକ୍ଷ ଗୁରୁପ୍ରସାଦ ଜେନା, ଓଡ଼ଗାଁ ବ୍ଲକ ଅଧ୍ୟକ୍ଷ ଲୋକନାଥ ସାହୁ, ଜିଲ୍ଲା ପରିଷଦ କ୍ଷୀରୋଦ କୁମାର ମହାପାତ୍ର, ସରୋଜ କୁମାର ରଣସିଂ, ମହିଳା ଜିଲ୍ଲା ସଭାପତି ବିରଜାଲକ୍ଷ୍ମୀ ସାହୁ, ଜିଲ୍ଲା ପରିଷଦ ସୁବାଷ ଚନ୍ଦ୍ର କଅଁର, ବରିଷ୍ଠ ନାଗରୀକ ମଞ୍ଚ ସଭାପତି ପ୍ରତାପ ନନ୍ଦ, ନୟାଗଡ଼ ପୌର ପରିଷଦ ବିଜେଡି ସଭାପତି ଅମୁଲ୍ୟ ମହାନ୍ତି, ନୟାଗଡ଼ ବ୍ଲକ ବିଜେଡି ସଭାପତି ଅଜିତ ପ୍ରସାଦ ସାହୁ, ନୟାଗଡ଼ ଜିଲ୍ଲା ଯୁବ ବିଜେଡି ସଭାପତି ଦୁର୍ଯ୍ୟୋଧନ ବେହେରା, ଛାତ୍ର ବିଜେଡି ସଭାପତି ନୀଳମାଧବ ପଣ୍ଡାଙ୍କ ସମେତ ବହୁ କର୍ମକର୍ତ୍ତା ଯୋଗ ଦେଇଥିଲେ ।




ବିଜୁ ଜନତା ଦଳ ପ୍ରତିଷ୍ଠା ଦିବସ

# ଉଦଳା ମହୋତ୍ସବ ଧୁମୁସା -୨୦୨୪ ଉଦ୍‌ଘାଟିତ

**ଉଦଳା, ୨୬।୧୨ (ସଂଚାର ବ୍ୟୁରୋ):** ଉଦ୍‌ଘାଟିତ ହେଲା ଉଦଳା ମହୋତ୍ସବ ଧୁମୁସା - ୨୦୨୪। ଏହି ଅବସରରେ ଏକ କାରନିଭାଲ ଉଦଳା ବଜାର ପରିକ୍ରମା କରିବା ପରେ ମଞ୍ଚ ନିକଟରେ ପହଞ୍ଚିଥିଲା। ଶୀତୁଆ ସନ୍ଧ୍ୟାରେ ଆରମ୍ଭ ହୋଇଥିଲା ଉଦଳା ମହୋତ୍ସବର ପ୍ରଥମ ସନ୍ଧ୍ୟାର କାର୍ଯ୍ୟକ୍ରମ। ଉପଜିଲ୍ଲାପାଳ ସୁଶାନ୍ତ କୁମାର ବାରିକଙ୍କ ସଭାପତିତ୍ୱରେ ଶୀତୁଆ ସନ୍ଧ୍ୟାର ମଞ୍ଚ ଆୟୋଜିତ ହୋଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର, ବିଶିଷ୍ଟ ଅତିଥି ଭାବେ ଉଚ୍ଚ ଶିକ୍ଷା, କ୍ରୀଡା ଓ ସଂସ୍କୃତି ମନ୍ତ୍ରୀ ସୁରଜ ସୂର୍ଯ୍ୟବଂଶୀ, ସାଂସଦ ନବଚରଣ ମାଝୀ, ଉଦଳା ବିଧାୟକ ଭାସ୍କର ମଢେଇ, ବାରିପଦା ବିଧାୟକ ପ୍ରକାଶ ସୋରେନ, ଏନଏସି ଅଧ୍ୟକ୍ଷା ପ୍ରମିଳା ପଣ୍ଡା ପ୍ରମୁଖ ମଂଚାସୀନ ହୋଇଥିଲେ। ପ୍ରଥମେ ଅତିଥିମାନଙ୍କ ଦ୍ୱାରା ପ୍ରଭୁ ଜଗନ୍ନାଥଙ୍କ ନିକଟରେ ପୁଷ୍ପମାଲ୍ୟ ଅର୍ପଣ ପୂର୍ବକ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ଏହା ସହିତ ପତ୍ରିକା ଧୁମୂସା - ୨୦୨୫ କୁ ଅତିଥିମାନେ ଲୋକାର୍ପଣ କରିଥିଲେ, ତତସହିତ ଧୁମୂସା ବେଲୁନ ଉଡାଣ କରିଥିଲେ। ଏହା ସହିତ ଧୁମୁସା ଅବସରରେ ଏସଏଚଜି ଗ୍ରୁପ ମାନଙ୍କ ପକ୍ଷରୁ ହୋଇଥିବା ବିଭିନ୍ନ ଷ୍ଟଲ ବୁଲିଦେଖିଥିଲେ ଅତିଥି। ସିନେ ତାରକା ସ୍ୱରାଜ ବାରିକ ଓ ପ୍ରିୟଙ୍କା ପାଣିଗ୍ରାହୀଙ୍କ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ସମସ୍ତଙ୍କୁ ବେଶ ଆକର୍ଷଣ କରିଥିଲା। ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମରେ ଝୁମିଥିଲେ ଦର୍ଶକ। ଏହି ଧୁମୂସା ମହୋତ୍ସବ ୩ ଦିନ ଧରି ଆୟୋଜିତ ହେବ ଆସନ୍ତା ୨୯ ତାରିଖ ପର୍ଯ୍ୟନ୍ତ ଚାଲିବ। ସବୁଦିନ ସନ୍ଧ୍ୟାରେ ବିଭିନ୍ନ ପ୍ରକାର ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହେବ ବୋଲି ଜଣାଯାଇଛି।




ନୟାଗଡ଼ ଜିଲ୍ଲା ମହୋତ୍ସବର ଦ୍ୱିତୀୟ ସଂଧ୍ୟା

# ଇରା ମହାନ୍ତିଙ୍କ ସ୍ୱରରେ ଝୁମିଲେ ଦର୍ଶକ

**ନୟାଗଡ଼, ୨୬।୧୨ (ସଂଚାର ବ୍ୟୁରୋ):** ନୟାଗଡ଼ ଜିଲ୍ଲା ମହୋତ୍ସବ, ପଲ୍ଲିଶ୍ରୀ, କୃଷି ଓ ପୁସ୍ତକ ମେଳା ଦ୍ୱିତୀୟ ସଂଧ୍ୟାରେ ମୁଖ୍ୟ ଅତିଥି ଭାବେ ନୟାଗଡ଼ ଜିଲ୍ଲା ପରିଷଦ ଅଧ୍ୟକ୍ଷ ଦେବାଶିଷ ପଟ୍ଟନାୟକ, ଓଡ଼ଗାଁ ବ୍ଲକ ଅଧ୍ୟକ୍ଷ ଲୋକନାଥ ସାହୁ, ନୟାଗଡ଼ ବ୍ଲକ ଅଧ୍ୟକ୍ଷ କିଶୋର ଚନ୍ଦ୍ର ସାହୁ, ରଣପୁର ଏନଏସି ଅଧ୍ୟକ୍ଷା ରଙ୍ଗୀନ ମହାନ୍ତି, ଭାପୁର ବ୍ଲକ ଉପାଧ୍ୟକ୍ଷ ବେଣୁଧର ପ୍ରଧାନ ପ୍ରମୁଖ ଯୋଗ ଦେଇଥିଲେ। ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଦେବଦତ୍ତ ପଣ୍ଡାଙ୍କ ସ୍ୱାଗତ ଅଭିଭାଷଣ ରଖିଥିଲେ। ନୟାଗଡ଼ ଜିଲ୍ଲା କଳା, ସାହିତ୍ୟ ଓ ସଂସ୍କୃତିର ମାଟି ବୋଲି କହିଥିଲେ। ମହୋତ୍ସବ ଆୟୋଜନର କାରଣ ଓ ଲକ୍ଷ୍ୟ ସମ୍ପର୍କରେ ଆଲୋଚନା କରିଥିଲେ। ଜିଲ୍ଲା ସାହିତ୍ୟ, ସଂସ୍କୃତି କ୍ଷେତ୍ରରେ ଆଗୁଆ। ଭାଇଚାରା ଓ ଅତିଥି ଦେବ ଜିଲ୍ଲା ନୟାଗଡ଼ ବୋଲି କହିଥିଲେ। ନୟାଗଡ଼ ଜିଲ୍ଲା ମହୋତ୍ସବକୁ କିଛି ଦିନ ବଢ଼ାଇବା ପାଇଁ ଆଲୋଚନା ହେବ ବୋଲି କହିଥିଲେ। ଆମେ ନୟାଗଡିଆ ହିସାବରେ ଆମେ ମହୋତ୍ସବକୁ ନେଇ ଗର୍ବ କରିବା ବୋଲି ଭାପୁର ଉପାଧ୍ୟକ୍ଷ କହିଥିଲେ। ନୟାଗଡ଼ ଜିଲ୍ଲା ମହୋତ୍ସବକୁ ଆକର୍ଷଣୀୟ କରି ପାରିଥିବାରୁ ନୟାଗଡ଼ ବିଧାୟକଙ୍କୁ କୃତଜ୍ଞତା ଜଣାଇଥିଲେ। ଆଜିର କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ପରିଷଦ ଝିଲ୍ଲି ପ୍ରଧାନ, ବିରଜା ଲକ୍ଷ୍ମୀ ସାହୁ, ଚିନ୍ମୟୀ ଦାଶ, ସଂଯୁକ୍ତା ପଡ଼ିଆରୀ, ଉଜ୍ଜଳ ମହାରଣା, ମୀରା ନାୟକ ପ୍ରମୁଖ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମକୁ ଓଡ଼ଗାଁ ବିଇଓ ଗୀତାଞ୍ଜଳି ସାହୁ ସଂଯୋଜନା କରିଥିଲେ। ସ୍ଥାନୀୟ କଳାକାରଙ୍କ ସାଂସ୍କୃତିକ କାର୍ଯ୍ୟକ୍ରମ ଆକର୍ଷଣୀୟ ଥିଲା। କଟକ ସୁର ତରଙ୍ଗ ମେଲୋଡି କାର୍ଯ୍ୟକ୍ରମ ଆରମ୍ଭ ହୋଇଥିବା ବେଳେ କଣ୍ଠ ଶିଳ୍ପୀ ଇରା ମହାନ୍ତି କଣ୍ଠସ୍ୱରରେ ଝୁମିଥିଲେ ଦର୍ଶକ । ବର୍ଷା ପାଇଁ ମହୋତ୍ସବ ଖାଁ ଖାଁ ଲାଗୁଥିଲା।



# ମିଛ ପ୍ରତିଶୃତିର ଜବାବ ଦେବାକୁ ଆହ୍ୱାନ




**ନାଉଗାଁ, ୨୬।୧୨ (ସଂଚାର ବ୍ୟୁରୋ):** ଜଗତସିଂହପୁର ଜିଲ୍ଲାରେ ବିଜୁ ଜନତା ଦଳ ପକ୍ଷରୁ ୨୮ତମ ପ୍ରତିଷ୍ଠା ଦିବସ ନାଉଗାଁ ବ୍ଲକର କାଦମ୍ବିନୀ ମଣ୍ଡପ ଠାରେ ପାଳିତ ହୋଇଯାଇଛି। ଏହି ପ୍ରତିଷ୍ଠା ଦିବସରେ ବିଜୁ ଜନତା ଦଳର ନାଉଗାଁ ବ୍ଲକ ସଭାପତି ନଟବର ପ୍ରଧାନଙ୍କ ସଭାପତିତ୍ୱ ରେ ଆୟୋଜିତ ଏହି ସଭାରେ ମୁଖ୍ୟ ଅତିଥି ରୂପେ ଜଗତସିଂହପୁର ନିର୍ବାଚନ ମଣ୍ଡଳୀର ପୂର୍ବତନ ବିଧାୟକ ପ୍ରଶାନ୍ତ କୁମାର ମୁଦୁଲି ଯୋଗଦେଇଥିବା ବେଳେ ବହୁ ମାନ୍ୟଗଣ ଅତିଥି ମାନଙ୍କ ଦ୍ୱାରା ପ୍ରଥମେ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ଫଟୋ ଚିତ୍ର ନିକଟରେ ପୁଷ୍ପମାଲ୍ୟ ଓ ପ୍ରଦୀପ ପ୍ରଜ୍ୱଳନ କରାଯାଇ ସଭା କାର୍ଯ୍ୟ ଆରମ୍ଭ କରା ଯାଇଥିଲା। ଏହି ସଭାରେ ଅତିଥିମାନେ ବିଜୁ ଜନତା ଦଳ କିପରି ଆଗକୁ ଆହୁରି ମଜବୁତ ହେବା ସହିତ ଶାସକ ଦଳ ବିଭିନ୍ନ ମିଛ ପ୍ରତିଶ୍ରୁତି ଦେଇ ସାଧାରଣ ଲୋକଙ୍କୁ ଯେପରି ଭୁଆଁ ବୁଲାଉଛି ତାକୁ କଡା ଜବାବ ଦେବା ଓ ତୃଣମୂଳସ୍ତରରେ ଦଳକୁ ସୁସଂଗଠିତ କରିବା ତାହା ମୂଳ ଲକ୍ଷ୍ୟ ରହିବ ବୋଲି ନେତୃମଣ୍ଡଳୀ ଅଭିଭାଷଣ ମାଧ୍ୟମରେ ପ୍ରକାଶ କରିଥିଲେ । ତେବେ ପୂର୍ବତନ ବିଧାୟକ ଶ୍ରୀ ମୁଦୁଲି କର୍ମୀମାନଙ୍କୁ ପୂର୍ବରୁ ଲୋକମାନେ ବିଜୁ ଜନତା ଦଳ ପ୍ରତି ଯେପରି ନବୀନ ପଟ୍ଟନାୟକ ପ୍ରତି ଆସ୍ଥା ଓ ବିଶ୍ୱାସ ରହିଥିଲା ସେପରି ଆଗକୁ ରହିବ ସେଥିପାଇଁ ସମସ୍ତ କର୍ମୀ ମାନଙ୍କୁ ଆହ୍ୱାନ ଦେଇଥିଲେ ।

ଅନୁଷ୍ଠିତ ଏହି ପ୍ରତିଷ୍ଠା ଦିବସରେ ସମ୍ମାନିତ ଅତିଥି ରୂପେ ବାଲିକୁଦା ଏରସମା ନିର୍ବାଚନ ମଣ୍ଡଳୀର ପୂର୍ବତନ ବିଧାୟକ ଜ୍ୟୋତିଷ ଚନ୍ଦ୍ର ଦାସଙ୍କ ସହିତ ଜଗତସିଂହପୁର ଜିଲ୍ଲା ପରିଷଦର ସଭାପତି ମନୋଜ କୁମାର ଭୋଇ, ନାଉଗାଁ ବ୍ଲକ ଜିଲ୍ଲା ପରିଷଦ ସଭ୍ୟା ମମତା ପରିଡା, ଅମିତା ସ୍ୱାଇଁ, ଜଗତସିଂହପୁର ବ୍ଲକ ଅଧ୍ୟକ୍ଷା କନକ ପ୍ରଭା ଲେଙ୍କା,ଉପାଧକ୍ଷ ରତି ରଞ୍ଜନ ବେହେରା, ଜିଲ୍ଲା କୃଷକ ମୋର୍ଚ୍ଚା ସଭାପତି ପ୍ରକାଶ ବସ୍ତିଆ, ବିଜୁ ଯୁବ ଜନତା ଦଳର ଛାତ୍ର ସଭାପତି ସମ୍ବିତ ଲେଙ୍କା ନାଉଗାଁ ବ୍ଲକ ଉପାଧକ୍ଷ ସୁଜିତ ପୁହାଁଣ, ନାଉଗାଁ ବ୍ଲକର ପୂର୍ବତନ ଜିଲ୍ଲା ପରିଷଦର ସଭ୍ୟ ନିରଞ୍ଜନ ବେହେରା, ନାଉଗାଁ ବ୍ଲକ ଅଧ୍ୟକ୍ଷାଙ୍କ ପ୍ରତିନିଧି ଦିଲ୍ଲୀପ ଲେଙ୍କା ଓ ନାଉଗାଁ ବ୍ଲକର ବିଭିନ୍ନ ପଞ୍ଚାୟତର ସରପଞ୍ଚ, ସମିତି ସଭ୍ୟ ଓ ନିର୍ବାଚନ ମଣ୍ଡଳୀର ବରିଷ୍ଠ ନେତୃ ମଣ୍ଡଳୀ ଉପସ୍ଥିତ ରହିଥିଲେ ।

# ଭିଜିଲାନ୍ସ ଜାଲରେ କୁମୁଳି ଏଆର୍‌ଆଇ

**ବୋରିଗୁମ୍ମା, ୨୬।୧୨ (ସଂଚାର ବ୍ୟୁରୋ):** ବୋରିଗୁମ୍ମା ତହସିଲ ଅଧିନରେ କାର୍ଯ୍ୟ କରୁଥିବା କୁମୁଳି ସର୍କଲର ଏଆରଆଇ ସୁରେନ୍ଦ୍ର କୁମାର ତନ୍ତିଙ୍କ ଘରେ ଆୟ ବହିର୍ଭୁତ ସମ୍ପତ୍ତି ଠୁଳ ଅଭିଯୋଗରେ ପୁରୁଣା ବୋରିଗୁମ୍ମା ବାସଭବନ ସହ ଆଠଟି ସ୍ଥାନରେ ଭିଜିଲାନ୍ସ ଚଢ଼ାଉ କରିଛି। ଆଜି ଭିଜିଲାନ୍ସ ସକାଳ ୫ଟାରେ ଏଆରଆଇ ସୁରେନ୍ଦ୍ର କୁମାର ତନ୍ତିଙ୍କ ପୁରୁଣା ବୋରିଗୁମ୍ମା ସ୍ଥିତ ବାସଭବନରେ ଚଢ଼ାଉ କରିଥିଲା। ଭିଜିଲାନ୍ସର ପାଞ୍ଚଟି ଟିମ୍ ଏକା ସଂଗେ ବିଭିନ୍ନ ସ୍ଥାନରେ ଚଢ଼ାଉ କରି ଏଆରଆଇ ସୁରେନ୍ଦ୍ର ତନ୍ତିଙ୍କ ୨ଟି ଦୁଇ ମହଲା କୋଠା ସହ ପ୍ଲଟ, ଗାଡି, ସୁନା ଅଳଙ୍କାର ଠାବ କରିଛି। ଭିଜିଲାନ୍ସ ବିଭାଗ ଆଜି ଦିନ ଦୁଇଟା ସୁଦ୍ଧା ସୁରେନ୍ଦ୍ର ତନ୍ତି ସମ୍ପତ୍ତିର ଏକ ରିପୋର୍ଟ ଗଣମାଧ୍ୟମକୁ ପ୍ରଦାନ କରିଥିଲେ। ଏଆରଆଇ ସୁରେନ୍ଦ୍ର ତନ୍ତିଙ୍କ ସମ୍ପତ୍ତି ତାଲିକାରେ ଦର୍ଶାଇଛନ୍ତି ଯେ ପୁରୁଣା ବୋରିଗୁମ୍ମା ଠାରେ ୨୦୦୦ ବର୍ଗ ଫୁଟର ଦୁଇ ମହଲା କୋଠା, ଝିଲିମିଲି ଗ୍ରାମରେ ୨୦୦୦ ବର୍ଗ ଫୁଟର ଦୁଇ ମହଲା କୋଠା, ଆଠ ଗୋଟି ଦାମୀ ପ୍ଲଟ ଓ ଜାଗା, ନଗଦ ୧,୫୫,୦୦୦ ଟଙ୍କା, ସୁନା୧୫୨ ଗ୍ରାମ, ତିନିଟି ଦାମୀ ଚାରି ଚକିଆ ଯାନ ଓ ଗୋଟିଏ ବାଇକ ରହିଛି। ଏଥିସହ ବ୍ୟାଙ୍କ, ଇଂସ୍ୟୁରାନ୍ସ ଭଳି ଡିପୋଜିଟ ରହିଛି ବୋଲି ଭିଜିଲାନ୍ସ କହିଛି। ପୂର୍ବରୁ ଜଣେ ରାଜସ୍ୱ ବିଭାଗର ସୁରେନ୍ଦ୍ର ତନ୍ତି ପିଅନ ଭାବେ କାର୍ଯ୍ୟ କରୁଥିଲେ। ପରେ କିଛି ବର୍ଷ ହେଲା ପଦୋନ୍ନତି ପାଇ ସେ ଏଆରଆଇ ଭାବେ କାର୍ଯ୍ୟ କରିଆସୁଥିଲେ। ଏଆରଆଇ ଶ୍ରୀ ତନ୍ତି କୁମୁଳି ସର୍କଲରେ କାର୍ଯ୍ୟରତ। ଭିଜିଲାନ୍ସର ବିଭିନ୍ନ ଟିମ ତାଙ୍କର ପୈତୃକ ବାସଭବନ ରଣସପୁର, କୁମୁଳି ଆଇ କାର୍ଯ୍ୟାଳୟ, ତାଙ୍କ ଝିଅର ଘର, କାମତା ବୁଲି ଅନୁଧ୍ୟାନ କରିଛନ୍ତି। ରାତି ଆଠଟା ସୁଦ୍ଧା ଭିଜିଲାନ୍ସ ଚଢ଼ାଉ ଜାରୀ ରହିଥିବା ସୂଚନା ମିଳିଛି। ଭିଜିଲାନ୍ସର ଚଢ଼ାଉରେ ୩ ଜଣ ଡ଼ିଏସପି, ୭ ଜଣ ଇନ୍ସପେକ୍ଟର ଓ ୫ ଜଣ ଏଏସଆଇ ସାମିଲ ଥିଲେ।



# କୁଜଙ୍ଗରେ ବିଜେଡି ପ୍ରତିଷ୍ଠା ଦିବସ

**କୁଜଙ୍ଗ, ୨୬।୧୨ (ସଂଚାର ବ୍ୟୁରୋ):** କୁଜଙ୍ଗ ବ୍ଲକରେ ବିଜୁ ଜନତା ଦଳର ୨୮ ତମ ପ୍ରତିଷ୍ଠା ଦିବସ ସ୍ଥାନୀୟ ପଞ୍ଚାୟତ କଲ୍ୟାଣ ମଣ୍ଡପ ଠାରେ କାର୍ଯ୍ୟକାରୀ ସଭାପତି ସୁଢ଼ଳ କୁମାର ସ୍ୱାଇଁ ଙ୍କ ଅଧ୍ୟକ୍ଷତା ରେ ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି।ଏହି ବୈଠକରେ ପଞ୍ଚାୟତ ସମିତି ଅଧକ୍ଷା ନିନାରାଣୀ ସାହୁ, ଉପାଧ୍ୟକ୍ଷ ଜ୍ଞାନଜିତ୍ ସ୍ୱାଇଁ, ଜିଲ୍ଲା ପରିଷଦ ସଦସ୍ୟ/ସଦସ୍ୟା ରବିନାରାୟଣ ସାହୁ, ପ୍ରମୋଦ ଚରଣ ସ୍ୱାଇଁ, ପୁଷ୍ପଲତା ବେହେରା, କାନକପ୍ରଭା ବେହେରା, ମହିଳା ବିଜେଡି ଜିଲ୍ଲା ସଭାନେତ୍ରୀ ସବିତା ମହାପାତ୍ର , ଆଇନଜୀବୀ ଏନ. ଡି. ଯାଦବ ପ୍ରମୁଖ ଯୋଗଦେଇ ବିଜୁ ଜନତା ଦଳର ନୀତି ଓ ଆଦଶ୍ର ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ।ଅନ୍ୟ ମାନଙ୍କ ମଧ୍ୟରେ ବରିଷ୍ଟ ବିଜେଡି ନେତା ସୁରେନ୍ଦ୍ର ସ୍ୱାଇଁ, ଅରୁଣ କୁମାର ବେହେରା, କାର୍ତ୍ତିକ ଚନ୍ଦ୍ର ଦାସ, ପ୍ରକାଶ ବେହେରା, ବିଶ୍ୱନାଥ ପରିଡ଼ା, ଯୋଗେନ୍ଦ୍ର ସ୍ୱାଇଁ, ନାରୀନେତ୍ରୀ ଅବନ୍ତି ମାଝି, ବିଷ୍ଣୁ ପ୍ରସାଦ କର, ବ୍ରଜ ମହାରାଜ, ସତ୍ୟବାନ୍ ମୁଦୁଲି, ମଞ୍ଜୁଲତା ବେହେରା, ବିକ୍ରମ ରାଉତରାୟ , କବି ରଞ୍ଜନ ବେହେରା, ବିବେକାନନ୍ଦ ଦାସ ସମେତ ଶତାଧିକ ବିଜୁ ଜନତା ଦଳର ତୃଣମୂଳ ସ୍ତରର କର୍ମକର୍ତ୍ତା ମାନେ ଉପସ୍ଥିତ ରହି ନିଜ ନିଜର ବକ୍ତବ୍ୟ ରଖିଥିଲେ।ବିଜେଡି ନେତା ରଘୁନାଥ ସାହୁ ଏହି ସାଂଗଠନିକ ବୈଠକ କାର୍ଯ୍ୟକ୍ରମରେ ସଂଯୋଜନା କରିଥିଲେ।ପ୍ରାରମ୍ଭରେ ବିଜୁ ବାବୁ ଙ୍କ ପ୍ରତିମୂର୍ତ୍ତି ରେ ପୁଷ୍ପମାଲ୍ୟ ଅର୍ପଣ କରିବା ସହ ଶ୍ରଦ୍ଧା ସୁମନ ପ୍ରଧାନ କରିଥିଲେ।ଏହି ସମୟରେ ବ୍ଲକ୍ ବିଜେଡି ସଭାପତି ନରେନ୍ଦ୍ର ପରିଡ଼ା ଉପସ୍ଥିତ ରହି ଦଳୀୟ କର୍ମକର୍ତ୍ତା ଙ୍କୁ ଉତ୍ସାହିତ କରିଥିଲେ ।

# ବର୍ଷାରେ କ୍ଷତିଗ୍ରସ୍ତ ଚାଷୀଙ୍କୁ କ୍ଷତିପୂରଣ ଦାବି

**କୁଜଙ୍ଗ, ୨୬।୧୨ (ସଂଚାର ବ୍ୟୁରୋ):** ଲଘୁଚାପଜନିତ ଲଗାଣ ବର୍ଷାରେ କୁଜଙ୍ଗ ବ୍ଲକର ୨୮ ପଞ୍ଚାୟତରେ ହୋଇଥିବା ଧାନ ଓ ପନି ପରିବା କ୍ଷୟକ୍ଷତି ଆକଳନ କରିବା ସହିତ ତୁରନ୍ତ କ୍ଷତିଗ୍ରସ୍ତ ଚାଷୀମାନଙ୍କୁ ଉପଯୁକ୍ତ କ୍ଷତିପୂରଣ ପ୍ରଦାନ କରିବାକୁ ଆଜି କୁଜଙ୍ଗ ବ୍ଲକ ନବନିର୍ମାଣ କୃଷକ ସଙ୍ଗଠନ ପକ୍ଷରୁ ସ୍ଥାନୀୟ ତହସିଲଦାରଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ଏହି ଅବସରରେ ଜିଲ୍ଲାପାଳଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ସ୍ଥାନୀୟ ତହସିଲଦାର ସ୍ୱରୂପ ନନ୍ଦନ ବେହେରାଙ୍କୁ ପ୍ରଦାନ କରାଯାଇଛି।

ନବନିର୍ମାଣ କୃଷକ ସଙ୍ଗଠନର ବ୍ଲକ ସଞ୍ଜୋଜନ ବିଭୂତି ଭୂଷଣ ଜେନା ଓ ବାବୁରାମ ଚୌଧୁରୀଙ୍କ ନେତୃତ୍ୱରେ ଶତାଧିକ ଚାଷୀମାନେ ଗଜା ହୋଇଯାଇଥିବା ଧାନକୁ ଧରି ଏକ ଶୋଭାଯାତ୍ରାରେ ଆଜି କୁଜଙ୍ଗ ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚିଥିଲେ। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଜାନକୀ ମହାରଥା, ଦେବୀପ୍ରସାଦ ପଟ୍ଟନାୟକ, ପ୍ରହ୍ଲାଦ ସ୍ୱାଇଁ, ସାରଦା ପ୍ରସନ୍ନ ମଲ୍ଲ, ରମେଶ ଚନ୍ଦ୍ର ସେଠୀ, ସଚବୋଧ ତରାଇ, ନୀରଞ୍ଜନ ଜେନା, ଧୀର ସାମଲ, କୃଷ୍ଣ ଲେଙ୍କା, ହୃଷୀକେଶ ବରାଳ, ପ୍ରଭାତ ଦାସ, ରାମଚନ୍ଦ୍ର ପ୍ରଧାନ, ଚନ୍ଦ୍ରଶେଖର ଶତପଥୀ, ନୃସିଂହ ନାରାୟଣ ଷହଙ୍ଗୀ, ଜପହରୀ ବାରିକ, ମାଧବାନନ୍ଦ ନାୟକ, ପ୍ରଭାକର ସ୍ୱାଇଁ, ଗୋପୀନାଥ ଷଡଙ୍ଗୀ ପ୍ରମୁଖ ଶତାଧିକ ଚାଷୀମାନେ ସାମିଲ ହୋଇଥିଲେ।




# ରାସ୍ତା ଉପରେ ହାଟ: ବଢୁଛି ଦୁର୍ଘଟଣା



**କଣାସ, ୨୬।୧୨ (ସଂଚାର ବ୍ୟୁରୋ):** କେନ୍ଦ୍ର ଓ ରାଜ୍ୟସରକାର ରାଜ୍ୟ ଓ ଗ୍ରାମାଞ୍ଚଳର ପ୍ରଗତି ପାଇଁ ରାସ୍ତାଘାଟ ନିର୍ମାଣ ଉପରେ ଅଧିକ ଗୁରୁତ୍ୱ ଦେଉଥିବା ବେଳେ ରାସ୍ତାଘାଟ ଉପରେ ହାଟ ବସାଇବା, ଧାନ ଅମଳ କରିବା ଆଦି ଚାଲୁ ରହୁଛି। ଫଳରେ ବିଭିନ୍ନ ସମୟରେ ଦୁର୍ଘଟଣାମାନ ଘଟୁଛି। କଣାସ ବ୍ଲକର ଗୋପିନାଥପୁର ଗ୍ରାମରେ ହାଟ ବସୁଥିବା ବେଳେ ବିଭିନ୍ନ ଗ୍ରାମରେ ଗାଁ ଦାଣ୍ଡ ଓ ମୁଖ୍ୟରାସ୍ତାମାନଙ୍କରେ ଖଳାବାଡି କରି ଧାନ ଅମଳ କରୁଥିବାରୁ ବାରମ୍ବାର ଦୁର୍ଘଟଣାମାନ ଘଟିବାରେ ଲାଗିଛି। ଯଦି କୌଣସି ମଟରସାଇକେଲ୍ ଆରୋହି ଦୁର୍ଘଟଣାରେ ଶୀକାର ହୁଅନ୍ତି ସେ ପ୍ରତିବାଦ କଲେ ତାଙ୍କୁ ଗାଳିଗୁଲଜ ସହିବାକୁ ପଡେ। ଗୋପିନାଥପୁର ଗ୍ରାମରେ ପ୍ରତି ଗୁରୁବାର ଦିନ ବ୍ରହ୍ମଗିରୀରୁ କରମଳା, ଗୋପିନାଥପୁର, ଖଡଖାରଦ ଦେଇ ମୁଖ୍ୟରାସ୍ତା ଉପରେ ହାଟ ବସୁଥିବାରୁ ବାରମ୍ବାର ଦୁର୍ଘଟଣାମାନ ଘଟୁଛି। ହାଟ ବସିବା ଓ ଗ୍ରାମ୍ୟରାସ୍ତାରେ ଖଳାବାଡି କରିବା ଉପରେ ପୋଲିସ୍ ପ୍ରଶାସନ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ କରାଯାଉ ନଥି ବାରୁ ଦିନକୁ ଦିନ ଏହା ବଢ଼ି ବଢ଼ି ଚାଲିଛି। ଏଥିପ୍ରତି ଦୃଷ୍ଟି ଦେବାକୁ ଦାବି ହେଉଛି।

# ଦାଦନ ପରିବାରକୁ କେବେ ମିଳିବ ଆବାସ ?

ଭଙ୍ଗା ଦଦରା ଘରେ ରହୁଛନ୍ତି ଛଅ ପ୍ରାଣୀ କୁଟୁମ୍ବ

**ଖପ୍ରାଖୋଲ, ୨୬।୧୨ (ସଂଚାର ବ୍ୟୁରୋ):** ବଲାଙ୍ଗୀର ଜିଲ୍ଲାର ଖପ୍ରାଖୋଲ ବ୍ଲକ ଏକ ପଛୁଆ ଅଞ୍ଚଳ। ଖପ୍ରାଖୋଲ ବ୍ଲକର ୨୧ ଗୋଟି ପଞ୍ଚାୟତରୁ ପ୍ରତିବର୍ଷ ହଜାର ହଜାର ଶ୍ରମିକ ବାହାର ରାଜ୍ୟକୁ ଦାଦନ ଖଟିବାକୁ ଯାଉଛନ୍ତି। ବାହାର ରାଜ୍ୟରେ କେତେ ଜଣ ଶ୍ରମିକ ଜୀବନ ହରାଉଥିବା ବେଳେ ଖପ୍ରାଖୋଲ ଅଞ୍ଚଳରୁ ଶ୍ରମିକମାନେ ଦାଦନ ଖଟି ଯାଉଥିବାରୁ ସରକାରଙ୍କ ଯୋଜନାରୁ ମଧ୍ୟ ବଞ୍ଚିତ ରହୁଛନ୍ତି ।

ଏପରି ଏକ ଦୃଶ୍ୟ ଦେଖିବାକୁ ମିଳୁଛି ବଲାଙ୍ଗୀର ଜିଲ୍ଲା ଖପ୍ରାଖୋଲ ବ୍ଲକ ଅଧିନସ୍ଥ ଟଙ୍କପାଣି ପଞ୍ଚାୟତ ତଥା ଟଙ୍କପାଣି ଗ୍ରାମର ଲଳିତା ପୋଢ଼ ଓ ସ୍ୱାମୀ ତେଜୁ ପୋଢ଼ଙ୍କ କ୍ଷେତ୍ରରେ। ତିନୋଟି ଝିଅ ଓ ଗୋଟିଏ ପୁଅ ପାଖାପାଖି ୧୫ ବର୍ଷରୁ ଉର୍ଦ୍ଧ ହେବ ଭଙ୍ଗା ଦଦରା ଘରେ ବସବାସ କରୁଛନ୍ତି । ତାଙ୍କ ପରିବାରକୁ କୌଣସି ପ୍ରକାରର ସରକାରୀ ସହାୟତା ଯେମିତି କି ଆବାସ ଘର, ପିଏମ କିସାନ, ସିଏମ କିସାନ, ସୁଭଦ୍ରା ଯୋଜନା ଓ ଅନ୍ୟ ଯୋଜନାରୁ ବଞ୍ଚିତ ହେଉଛନ୍ତି ।



ଏହି ଦାଦନ ଶ୍ରମିକ ପରିବାରର ରହିବା ପାଇଁ ଭଲ ଘର ଖଣ୍ଡେ ନାହିଁ। ପରିବାର ଝାଟିମାଟି ଖପୁରି ଘରେ ରହିଛନ୍ତି। ବର୍ଷାଦିନେ ଚାଳରୁ ପାଣି ଗଳିଥିବାରୁ ଦୟନୀୟ ଭାବେ ଜୀବନ କାଟୁଛନ୍ତି। ଏହି ପରିବାର ଅନେକ ଥର ସରକାରୀ ଯୋଜନା ପାଇଁ ରାଜନେତା ଠୁଁ ଆରମ୍ଭ କରି ବ୍ଲକ ପ୍ରଶାସନରେ ଆବେଦନ କରିଥିଲେ ମଧ୍ୟ କିଛି ସୁବିଧା ପାଇପାରୁ ନାହାନ୍ତି । ମୁଖ୍ୟମନ୍ତ୍ରୀ ଓ କେନ୍ଦ୍ରମନ୍ତ୍ରୀ ଏହି ଦାଦନ ଶ୍ରମିକ ପରିବାର ପ୍ରତି ଦୃଷ୍ଟି ଦେଲେ ଉପକୃତ ହୋଇ ପାରିବେ ।

# ମାନବ ସେବାରେ ବ୍ରତୀ ଆମ୍ବୁଲାନ୍ସ ଚାଳକ ନିବାସ

**ଖୋର୍ଦ୍ଧା, ୨୬।୧୨ (ସଂଚାର ବ୍ୟୁରୋ):** ମାନବସେବାକୁ ଜୀବନର ବ୍ରତ ଭାବରେ ଆପଣେଇ ନେଇଥିବା ଆମ୍ବୁଲାନ୍ସ ଚାଳକ ନିବାସ ମହାରଣା ତାଙ୍କର ଦୀର୍ଘ ୨୫ ବର୍ଷ ଧରି ଚାକିରୀ ଜୀବନ ମଧ୍ୟରେ ଅନେକ ଅସହାୟ ଲୋକଙ୍କୁ ସାହାଯ୍ୟ କରିଛନ୍ତି। ନିବାସ ୧୯୯୯ ମସିହାରେ ଖୋର୍ଦ୍ଧା ଜିଲ୍ଲା ଟାଙ୍ଗୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧୀନରେ ଥିବା ରାମେଶ୍ୱର ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ନିଜର ଚାକିରୀ ଜୀବନ ଆରମ୍ଭ କରିଥିଲେ। ପରବର୍ତ୍ତୀ ସମୟରେ ଖୋର୍ଦ୍ଧା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଆମ୍ବୁଲାନ୍ସ ଚାଳକ ଭାବରେ କାର୍ଯ୍ୟରେ ଯୋଗଦେଇଥିଲେ। ଚିକିତ୍ସାଳୟକୁ ଆସୁଥିବା ରୋଗୀମାନଙ୍କୁ ସେବା କରିବାରେ ଆନନ୍ଦ ଅନୁଭବ କରନ୍ତି ନିବାସ। କରୋନା ମହାମାରୀ ସମୟରେ ଦେବଦୂତ ସାଜି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ସମେତ, ଚିଲିକା ଠାରୁ ମେଣ୍ଢାଶାଳ ପର୍ଯ୍ୟନ୍ତ ସମସ୍ତ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଏବଂ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଗୁଡିକର କରୋନା ଚିହ୍ନଟ ରୋଗୀ ମାନଙ୍କୁ ଚିକିତ୍ସା ନିମନ୍ତେ ଆମ୍ବୁଲାନ୍ସରେ ଧରି ଭୁବନେଶ୍ୱର କୋଭିଡ ଚିକିତ୍ସାଳୟକୁ ସ୍ଥାନାନ୍ତରି କରୁଥିଲେ।

ନିବାସ କୁହନ୍ତି ସେ କୋଭିଡ ସମୟରେ ଖୋର୍ଦ୍ଧା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ସମେତ ଚିଲିକା, ବାଣପୁର, ଟାଙ୍ଗୀ, ହଳଦିଆ, ବେଗୁନିଆ, ବୋଲଗଡ, ମେଣ୍ଢାଶାଳ ପ୍ରଭୃତି ସ୍ୱାସ୍ଥ୍ୟକେନ୍ଦ୍ର ଗୁଡିକରୁ ପ୍ରାୟ ପଚିଶ ଶହରୁ ଉର୍ଦ୍ଧ୍ୱ କରୋନା ଆକ୍ରାନ୍ତଙ୍କୁ ଆମ୍ବୁଲାନ୍ସରେ ନେଇ ଭୁବନେଶ୍ୱର କୋଭିଡ ଚିକିତ୍ସାଳୟରେ ପହଞ୍ଚାଇବା ସେବା ଯୋଗାଇଛନ୍ତି। ଏପରିକି ସେମାନେ ସୁସ୍ଥ ହେବାପରେ ପୁଣି କୋଭିଡ ଚିକିତ୍ସାଳୟରୁ ଘରେ ନେଇ ଛାଡିଛନ୍ତି। ସେ ଆମ୍ବୁଲାନ୍ସରେ ନେଇ ଯାଇଥିବା ରୋଗୀ ମାନଙ୍କ ମଧ୍ୟରୁ କେହି ମୃତ୍ୟୁବରଣ କରି ନଥିବା କହିଛନ୍ତି। ଏଥିପାଇଁ ଖୋର୍ଦ୍ଧା ଜିଲ୍ଲା ପ୍ରଶାସନ ପକ୍ଷରୁ ୨୦୨୧ ମସିହାରେ କୋଭିଡ ଯୋଦ୍ଧା ଭାବରେ ସମ୍ମାନିତ ହୋଇଛନ୍ତି ।

ସେ ୨୦୨୦ ଓ ୨୦୨୧ ଦୁଇ ବର୍ଷ ନିଜ ଘରକୁ ଯାଇନଥିବା କହିଛନ୍ତି। ତାଙ୍କର ଘର କହିଲେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପରିସରରେ ଆମ୍ବୁଲାନ୍ସ ଚାଳକ ପାଇଁ ଉଦ୍ଦିଷ୍ଟ ଏକ ବଖରା ଘର ଥିଲା। ରୋଗୀ ମାନଙ୍କ ସେବା କରି ସେ ଆତ୍ମସନ୍ତୋଷ ଲାଭ କରୁଥିଲେ ବୋଲି କହିଛନ୍ତି। ତାଙ୍କର ଚାକିରୀ ଜୀବନରୁ ଅବସର ନେବାକୁ ଆଉ ମାତ୍ର ଦୁଇ ମାସ ବାକି ଥିବା ବେଳେ, ଅବସର ପରେ ସେ ନିଜକୁ ସମାଜ ସେବାରେ ନିୟୋଜିତ କରିବେବୋଲି ସାକ୍ଷାତ କରିବା ସମୟରେ କହିଛନ୍ତି। ତାଙ୍କର ଏହି ମହନୀୟତା ପାଇଁ ଖୋର୍ଦ୍ଧା ଜିଲ୍ଲା ପ୍ରେସ କ୍ଲବ ଠାରେ ସମ୍ମିଳିତ କର୍ମଜୀବୀ ସାମ୍ବାଦିକ ସଙ୍ଘର ପ୍ରତିଷ୍ଠା ଦିବସରେ ତାଙ୍କୁ "ସେବା ସମ୍ମାନ"ରେ ସମ୍ମାନିତ କରାଯାଇଛି ।



# ନୂଆ ରୂପ ପାଇବ କପିଳେଶ୍ୱର ମନ୍ଦିର

**ଭୁବନେଶ୍ୱର, ୨୬।୧୨ (ସଂଚାର ବ୍ୟୁରୋ):** ପୁରୁଣା ଭୁବନେଶ୍ୱରରେ ଥିବା ପ୍ରାଚୀନ କପିଳେଶ୍ୱର ମନ୍ଦିରର ହେବ ନବକଳେବର । ଏକାଦଶ ଶତାବ୍ଦୀର ଏହି ପ୍ରାଚୀନ ମନ୍ଦିର ଏବେ ଜରାଜୀର୍ଣ୍ଣ ସ୍ଥିତିରେ । ଉପରୁ ପଥର ପଡୁଛି, ପାଣି ଗଳୁଛି । ତେବେ ଭୁବନେଶ୍ୱର ସାଂସଦ ଅପରାଜିତା ଷଡଙ୍ଗୀଙ୍କ ଉଦ୍ୟମରେ ଏହି ପ୍ରାଚୀନ ମନ୍ଦିରଟି ଭାରତୀୟ ପ୍ରତ୍ନତତ୍ୱ ବିଭାଗ ଅଧିନକୁ ଯାଇଛି । ଭୁବନେଶ୍ୱର ସାଂସଦଙ୍କ ଉଦ୍ୟମରେ ଏଏସଆଇ ଅନୁମତିରେ ଏହାର ଉନ୍ନତିକରଣ କାମ ହାତକୁ ନିଆଯାଇଛି । ପ୍ରଥମ ପର୍ଯ୍ୟାୟରେ କପିଳେଶ୍ୱର ମନ୍ଦିରର ଉନ୍ନତିକରଣ ପାଇଁ ୪୬ ଲକ୍ଷ ଟଙ୍କାର ଅନୁଦାନ ଆସିଛି । ଏନେଇ ସାଂସଦ ଅପରାଜିତା ଷଡଙ୍ଗୀ ସୂଚନା ଦେଇଛନ୍ତି । ଆଗକୁ ୩ ମାସ ପରେ କପିଳେଶ୍ୱର ମନ୍ଦିରର ଅଧିକ ଉନ୍ନତିକରଣ



ପାଇଁ ୧ କୋଟି ଟଙ୍କାର ଅନୁଦାନ ରାଶି ଆସିବା ନେଇ ସୂଚନା ଦେଇଛନ୍ତି ଭୁବନେଶ୍ୱର ସାଂସଦ । ପ୍ରଥମ ପର୍ଯ୍ୟାୟରେ କପିଳେଶ୍ୱର ମନ୍ଦିରର ମରାମତି କାମ ହାତକୁ ନିଆଯିବ । ଦ୍ୱିତୀୟ ପର୍ଯ୍ୟାୟରେ ସାମନ୍ତରାପୁର ଠାରୁ କପିଳେଶ୍ୱର ମନ୍ଦିର ପର୍ଯ୍ୟନ୍ତ ରାସ୍ତାର ଉନ୍ନତିକରଣ କରାଯିବ। ଯେପରି ପର୍ଯ୍ୟଟକମାନେ ରାଜଧାନୀ ଭୁବନେଶ୍ୱରରେ ଥିବା ଏହି ପ୍ରାଚୀନ ମନ୍ଦିରକୁ ବୁଲି ଆସିବାରେ କୌଣସି ସମସ୍ୟା ରହିବନି ।

କପିଳେଶ୍ୱର ମନ୍ଦିରର ଉନ୍ନତିକରଣ କାର୍ଯ୍ୟ ଭୁବନେଶ୍ୱର ସାଂସଦ ଅପରାଜିତା ଷଡ଼ଙ୍ଗୀ , ଏଏସଆଇ ବିଭାଗୀୟ ଅଧିକାରୀ, ବିଧାୟକ ବାବୁ ସିଂ, ସ୍ଥାନୀୟ ଗ୍ରାମବାସୀ, ମନ୍ଦିରର ସେବାୟତ, ନିଯୋଗ ସଦସ୍ୟ ପ୍ରମୁଖ ଉପସ୍ଥିତ ରହିଥିଲେ । ସାଂସଦଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନ ତଥା ଉଦ୍ୟମରେ ଏହି ପ୍ରାଚୀନ କପିଳେଶ୍ୱର ମନ୍ଦିରର ଉନ୍ନତିକରଣ କାର୍ଯ୍ୟ ଆରମ୍ଭ ହେବାକୁ ନେଇ ସ୍ଥାନୀୟ ଅଂଚଳରେ ଖୁସି ଖେଳିଯାଇଛି । ରାଜଧାନୀର ପର୍ଯ୍ୟଟନ ମାନଚିତ୍ରରେ ଆଗକୁ ପୁରାତନ କପିଳେଶ୍ୱର ମନ୍ଦିର ଏକ ପ୍ରମୁଖ ସ୍ଥାନ ଗ୍ରହଣ କରିବ ବୋଲି ସାଂସଦ ଅପରାଜିତା ଷଡ଼ଙ୍ଗୀ ମତ ରଖିଛନ୍ତି ।

# ପ୍ରକୃତ ସୁଭଦ୍ରା ହିତାଧିକାରୀ ଚୟନକୁ ଗୁରୁତ୍ୱ



**ଭୁବନେଶ୍ୱର,୨୬।୧୨ (ସଂଚାର ବ୍ୟୁରୋ):** ମହିଳାମାନଙ୍କ ଆର୍ଥିକ ସଶକ୍ତିକରଣ ନିମନ୍ତେ ଉଦ୍ଦିଷ୍ଟ 'ସୁଭଦ୍ରା' ଯୋଜନାର କାର୍ଯ୍ୟକାରିତା ସଂପର୍କିତ ୨ୟ ପରିଚାଳନା କମିଟି ବୈଠକ ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶ୍ରୀମତୀ ଅନୁ ଗର୍ଗଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ସୁଭଦ୍ରା ୪ର୍ଥ ପର୍ଯ୍ୟାୟ ହିତାଧିକାରୀଙ୍କୁ ପ୍ରଥମ କିସ୍ତି ଅର୍ଥ ପ୍ରେରଣ ସଂପର୍କରେ ଆଲୋଚନା କରାଯାଇଥିଲା।ଯୋଜନା ଓ ସଂଯୋଜନ ବିଭାଗ ସମ୍ମିଳନୀ କକ୍ଷରେ ମଙ୍ଗଳବାର ଅନୁଷ୍ଠିତ ହୋଇଥିବା ଏହି ବୈଠକରେ ମହିଳା ଓ ଶିଶୁ ବିକାଶ ବିଭାଗ ପ୍ରମୁଖ ଶାସନ ସଚିବ ଶ୍ରୀମତୀ ଶୁଭା ଶର୍ମା, ବିଭାଗର ନିର୍ଦ୍ଦେଶିକା ଶ୍ରୀମତୀ ମନୀଷା ବାନାର୍ଜୀ, ମିଶନଶକ୍ତି ବିଭାଗ କମିଶନର ତଥା ଶାସନ ସଚିବ ଶ୍ରୀମତୀ ଶାଳିନୀ ପଣ୍ଡିତ, ସାଧାରଣ ପରିଚାଳକ, ଓ କାକଶ୍ରୀପ୍ରଦୀପ ରାଉତଙ୍କ ସମେତ ସଂପୃକ୍ତ ବିଭାଗର ଅନ୍ୟ ପଦଧିକାରୀମାନେ ଉପସ୍ଥିତ ଥିଲେ। ବୈଠକରେ ଅଧ୍ୟକ୍ଷତା କରି ଉନ୍ନୟନ କମିଶନର ଶ୍ରୀମତୀ ଗର୍ଗ ସୁଭଦ୍ରା ଯୋଜନାରେ ହିତାଧିକାରୀଙ୍କ ଆକାଉଣ୍ଟକୁ ଅର୍ଥ ପ୍ରେରଣ ନିମନ୍ତେ ଚିହ୍ନଟ ଏବଂ ଦରଖାସ୍ତ ଯାଞ୍ଚ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରାଯିବାକୁ ଆବଶ୍ୟକ ପରାମର୍ଶ ଏବଂ ନିର୍ଦ୍ଦେଶ ଦେଇଥିଲେ। ବୈଠକରେ ମହିଳା ଓ ଶିଶୁ ବିକାଶ ବିଭାଗ ନିର୍ଦ୍ଦେଶିକା 'ସୁଭଦ୍ରା'ର ପ୍ରଥମ କିସ୍ତିର ଚତୁର୍ଥ ପର୍ଯ୍ୟାୟରେ କିପରି ଅଧିକରୁ ଅଧିକ ହିତାଧିକାରୀଙ୍କୁ ଚିହ୍ନଟ କରାଯାଇ ଅର୍ଥ ସେମାନଙ୍କ ଆକାଉଣ୍ଟକୁ ପ୍ରେରଣ କରାଯାଇପାରିବ, ସେଥିପାଇଁକାର୍ଯ୍ୟ ତ୍ୱରାନ୍ୱିତ କରାଯାଇଥିବା ସଂପର୍କରେ ବିଶଦଭାବେ ଉପସ୍ଥାପନ କରିଥିଲେ। ସୁଭଦ୍ରା ହିତାଧିକାରୀଙ୍କ ଋଇ-କେୱାଇସି ଏବଂ ବ୍ୟାଙ୍କ ସମସ୍ୟାର ସମାଧାନ ପାଇଁ ତ୍ୱରିତ ପଦକ୍ଷେପ ନିଆଯାଉଥିବା ସହ ଏଥି ସଂପର୍କିତ ତଥ୍ୟ ବିଶ୍ଳେଷଣ ପାଇଁ କୃତ୍ରିମ ବୁଦ୍ଧିମତା ବା ଏଆଇର ବ୍ୟବହାର କରାଯିବ। ସୁଭଦ୍ରାର କାର୍ଯ୍ୟକାରିତା ସଂପର୍କିତ ସମକାଳୀନ ମୂଲ୍ୟାୟନ ପାଇଁ ଖ୍ୟାତି ସମ୍ପନ୍ନ ଅନୁଷ୍ଠାନଗୁଡ଼ିକର ସହଯୋଗ ନିଆଯିବା ସଂପର୍କରେ ଆଲୋଚନା କରାଯାଇଛି । ସେହିପରି ସୁଭଦ୍ରା ହିତାଧିକାରୀ ସହ ସମନ୍ୱୟ ରଖାଯାଇ ସେମାନଙ୍କର ଦକ୍ଷତାବିକାଶ, ଆତ୍ମନିର୍ଭରଶୀଳତା ଉପାୟ ଏବଂ ସୁଭଦ୍ରା ସଂପର୍କିତ ଅଭିଯୋଗ ପାଇଁ" ସୁଭଦ୍ରା ଶିବିର "ଆୟୋଜନ କରାଯିବା ବିଷୟରେ ମଧ୍ୟ ବୈଠକରେ ଆଲୋଚନା କରାଯାଇଥିଲା।

# ପ୍ରବାସୀ ଭାରତୀୟ ଦିବସ ପାଇଁ ୫୦ ଓଏଏସ୍ ଅଫିସରଙ୍କୁ ଦାୟିତ୍ୱ

**ଭୁବନେଶ୍ୱର,୨୬।୧୨ (ସଂଚାର ବ୍ୟୁରୋ):** ୫୦ ଜଣ ଓଏଏସ୍ ଅଫିସରଙ୍କୁ ନୂଆ ଦାୟିତ୍ୱ । ପ୍ରବାସୀ ଭାରତୀୟ ଦିବସ ପାଇଁ ୫୦ ଓଏଏସ୍ ଅଫିସରଙ୍କୁ ମିଳିଲା ନୂଆ ଦାୟିତ୍ୱ । ଜାନୁଆରୀ ୫ରୁ ୧୫ ଯାଏଁ ଲିଆସନ ଅଫିସର ଭାବେ ଦାୟିତ୍ୱ ତୁଲାଇବେ । ଭୁବନେଶ୍ୱରରେ ଆୟୋଜିତ ହେଉଛି ପ୍ରବାସୀ ଭାରତୀୟ ଦିବସ । ୨୦୨୫ ଜାନୁଆରୀ ୮ରୁ ୧୦ତାରିଖ ଯାଏ ପ୍ରବାସୀ ଭାରତୀୟଙ୍କ ମହାକୁମ୍ଭ ଅନୁଷ୍ଠିତ ହେବ ।

ଏହା ପୂର୍ବରୁ ନୂଆଦିଲ୍ଲୀରେ ଆଜି ୧୮ତମ ପ୍ରବାସୀ ଭାରତୀୟ ଦିବସର ୱେବସାଇଟ ଲଞ୍ଚ ହୋଇଛି । ଏହି ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ମାଝୀ ଉପସ୍ଥିତ ଥିଲେ । ୱେବସାଇଟକୁ ଲଞ୍ଚ କରି ବୈଦେଶିକ ମନ୍ତ୍ରୀ ଏସ. ଜୟଶଙ୍କର କହିଛନ୍ତି ଭାରତ ସରକାର ସବୁବେଳେ ବିଶ୍ୱବ୍ୟାପୀ ପ୍ରବାସୀ ଭାରତୀୟଙ୍କ ଉନ୍ନତି ଓ ପ୍ରଗତିକୁ ଅଗ୍ରାଧିକାର ଦେଇଆସିଛନ୍ତି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ନିୟମିତ ବିଦେଶ ଗସ୍ତରେ ଯାଉଥିବା ବେଳେ ସେ ନିୟମିତ ଭାବେ ପ୍ରବାସୀ ଭାରତୀୟଙ୍କ ସହ ମତ ବିନିମୟ କରିଥାନ୍ତି । ପ୍ରବାସୀ ଭାରତୀୟଙ୍କ ଦ୍ୱାରା ପ୍ରଧାନମନ୍ତ୍ରୀଙ୍କୁ ଭବ୍ୟ ଓ ଉଚ୍ଛ୍ୱସିତ ସମ୍ବର୍ଦ୍ଧନା ଭାରତ ଓ ବିଶ୍ୱ ସମୁଦାୟ ମଧ୍ୟରେ ଥିବା ସୁଦୃଢ଼ ବନ୍ଧୁତ୍ୱକୁ ଦର୍ଶାଉଛି ବୋଲି କହିଛନ୍ତି ବୈଦେଶିକ ମନ୍ତ୍ରୀ । ବିଭିନ୍ନ ବୈଶ୍ୱିକ ଚ୍ୟାଲେଞ୍ଜକୁ ଦୃଢ଼ତାର ଓ ସଫଳତାର ସହ ଭାରତ ମୁକାବିଲା କରିଛି । ପ୍ରବାସୀ ଭାରତୀୟଙ୍କ ଶକ୍ତି ଓ ସହାୟତା ସମର୍ଥନର ସ୍ତମ୍ଭ ଭାବେ ଛିଡ଼ା ହୋଇଛି । ୨୦୨୪ ସୁଦ୍ଧା ବିକଶିତ ଭାରତ ଲକ୍ଷ୍ୟ ପୂରଣ ଦିଗରେ ପ୍ରବାସୀ ଭାରତୀୟଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ରହିବ ବୋଲି କହିଛନ୍ତି ଜୟଶଙ୍କର । ୧୮ତମ ପ୍ରବାସୀ ଭାରତୀୟ ଦିବସର ଥିମ୍ ରହିଛି 'ବିକଶିତ ଭାରତ କି ସଂକଲ୍ପନା ଔର ପ୍ରବାସୀ ଭାରତୀୟୋଁ କା ଯୋଗଦାନ'। ଓଡ଼ିଶା ସରକାରଙ୍କ ସହଯୋଗରେ ଏହି ତିନିଦିନିଆ ଉତ୍ସବ ଅନୁଷ୍ଠିତ ହେବ ।

# ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ନୂତନ ବର୍ଷ କ୍ୟାଲେଣ୍ଡର୍ ଲୋକାର୍ପିତ



**ଭୁବନେଶ୍ୱର, ୨୬।୧୨ (ସଂଚାର ବ୍ୟୁରୋ):** ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ୨୦୨୫ ଇଂରାଜୀ ନୂଆ ବର୍ଷ ଅବସରରେ ମହାପ୍ରଭୁଙ୍କ ଫଟୋଚିତ୍ର ଥାଇ ସୁଦୃଶ୍ୟ କ୍ୟାଲେଣ୍ଡର (ଉଭୟ ୱାଲ୍ ଏବଂ ଡେସ୍କ) ପ୍ରକାଶ ପାଇଛି । କ୍ୟାଲେଣ୍ଡର ଗୁଡିକର ପ୍ରଥମ କପିକୁ ଶ୍ରୀମନ୍ଦିରରେ ମହାପ୍ରଭୁଙ୍କୁ ଲାଗି ହୋଇଛି । ଏହି ଦେବାର୍ପଣ ପରେ ଆଜି ଉଭୟ କ୍ୟାଲେଣ୍ଡରକୁ ବିଧିବଦ୍ଧ ଭାବେ ଉନ୍ମୋଚିତ କରିଛନ୍ତି ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ । ଡେସ୍କ୍ କ୍ୟାଲେଣ୍ଡରରେ ରାଜ୍ୟର ବିଭିନ୍ନ ଶିଳ୍ପୀଙ୍କ ଚିତ୍ର ଏବଂ ବାଲୁକା କଳା ସ୍ଥାନିତ ହୋଇଛି । ସେହିପରି ସାତ ପୃଷ୍ଠା ବିଶିଷ୍ଟ ୱାଲ୍ କ୍ୟାଲେଣ୍ଡରରେ ରଥାରୂଢ଼ ମହାପ୍ରଭୁଙ୍କ ଭବ୍ୟ ଚିତ୍ରମାନ ସ୍ଥାନିତ ହୋଇଅଛି । ଇଂରାଜୀ ନୂଆ ବର୍ଷରେ ପୁରୀ ଓ ଭୁବନେଶ୍ୱର ସ୍ଥିତ ଶ୍ରୀମନ୍ଦିର ସୂଚନା କେନ୍ଦ୍ର ଗୁଡିକରେ ଏହି କ୍ୟାଲେଣ୍ଡର ଶ୍ରଦ୍ଧାଳୁମାନଙ୍କୁ ବିକ୍ରୟ ସକାଶେ ଉପଲବ୍ଧ ହେବ । ଏହି ଅବସରରେ ଆଇନ ମନ୍ତ୍ରୀ ଶ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ମୁଖ୍ୟ ଶାସନ ସଚିବ ଶ୍ରୀ ମନୋଜ ଆହୁଜା, ଉନ୍ନୟନ କମିଶନର ଶ୍ରୀମତୀ ଅନୁ ଗର୍ଗ, ମୁଖ୍ୟମନ୍ତ୍ରୀଙ୍କ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶ୍ରୀ ନିକୁଞ୍ଜ ବିହାରୀ ଧଳ, ଆଇନ ବିଭାଗ ପ୍ରମୁଖ ଶାସନ ସଚିବ ଶ୍ରୀ ମାନସ ରଞ୍ଜନ ବାରିକ, ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡ. ଅରବିନ୍ଦ ପାଢ଼ୀ ଏବଂ ପୁରୀ ଜିଲ୍ଲାପାଳ ଓ ଆରକ୍ଷୀ ଅଧିକ୍ଷକ ପ୍ରମୁଖ ଉପସ୍ଥିତ ଥିଲେ ।

# ପ୍ରତିଷ୍ଠା ଦିବସରେ ବିଜେଡ଼ିକୁ ଝଟ୍‌କା ଦଳ ଛାଡ଼ିଲେ ୨ ବ୍ଲକ୍ ଅଧ୍ୟକ୍ଷ



**ଭୁବନେଶ୍ୱର,୨୬।୧୨ (ସଂଚାର ବ୍ୟୁରୋ):** ବିଜେଡିର ଆଜି ତା'ର ୨୮ ତମ ପ୍ରତିଷ୍ଠା ଦିବସ ପାଳନ କରୁଥିବା ବେଳେ ଦଳରୁ ଇସ୍ତଫା ଦେଇଛନ୍ତି ଦୁଇ ଜଣ ବ୍ଲକ୍ ଅଧ୍ୟକ୍ଷ। ସେମାନେ ହେଉଛନ୍ତି ଭଞ୍ଜନଗର ବ୍ଲକ୍ ଅଧ୍ୟକ୍ଷ ନରିସଭା ନାଇକ ଓ ବୁଗୁଡ଼ା ବ୍ଲକ୍ ଅଧ୍ୟକ୍ଷା ପ୍ରିୟଦର୍ଶିନୀ ଆଚାରୀ। ବୁଗୁଡ଼ା ବ୍ଲକ ଉପାଧ୍ୟକ୍ଷ ମାନସ ପ୍ରଧାନ ବି ବିଜେପିରେ ମିଶିଛନ୍ତି। ଭଞ୍ଜନଗର ଫରେଷ୍ଟ ବଙ୍ଗଳାରେ ଆୟୋଜିତ ବିଜେପିର ମିଶ୍ରଣ ପର୍ବରେ ବିଧାୟକ ପ୍ରଦ୍ୟୁମ୍ନ ନାୟକଙ୍କ ଉପସ୍ଥିତିରେ ବ୍ଲକ ଅଧ୍ୟକ୍ଷ ନରିସଭା ନାଇକଙ୍କ ସହିତ କୁଲାଡ଼, ବାରୁଡ଼ା, ବଡ଼ କୋଦଣ୍ଡା ଆଦି ପଞ୍ଚାୟତର ସମିତିସଭ୍ୟ ଓ ସଭ୍ୟା ବିଜେପିରେ ସାମିଲ ହୋଇଛନ୍ତି। ବିଜେପିରେ ଯୋଗ ଦେବା ପରେ ଭଞ୍ଜନଗର ବ୍ଲକ୍ ଅଧ୍ୟକ୍ଷ ନରିସଭା ନାଇକ କହିଛନ୍ତି, ବିଜେପି ସରକାର ଓ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନୀତି ଆଦର୍ଶରେ ଅନୁପ୍ରାଣିତ ହୋଇ ଏବଂ ରାଜ୍ୟରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନେତୃତ୍ୱରେ ଚାଲିଥିବା ସରକାର ଯେଉଁ ପ୍ରକାର କାର୍ଯ୍ୟ କରୁଛି, ସେଥିରେ ଅନୁପ୍ରାଣିତ ହୋଇ ମୁଁ ବିଜେଡି ଛାଡ଼ି ବିଜେପିରେ ଯୋଗ ଦେଇଛି। ଭଞ୍ଜନଗର ପଞ୍ଚାୟତ ସମିତିକୁ ଏକ ବିକଶିତ ଅଞ୍ଚଳରେ ପରିଣତ କରିବା ଦିଗରେ ମୁଁ କାର୍ଯ୍ୟ କରିବି।

# ୨୦୨୪-୨୫ ଶିକ୍ଷା ବର୍ଷରେ କଲେଜ ଛାତ୍ର ସଂସଦ ନିର୍ବାଚନ : ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର,୨୬।୧୨ (ସଂଚାର ବ୍ୟୁରୋ):**୨୦୨୪-୨୫ ଶିକ୍ଷା ବର୍ଷରେ ହେବାକୁ ଯାଉଛି କଲେଜ ଛାତ୍ର ସଂସଦ ନିର୍ବାଚନ। ଏନେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବଡ଼ ଘୋଷଣା କରିଛନ୍ତି । ସେ କହିଛନ୍ତି 'ଛାତ୍ର ନିର୍ବାଚନ ନେଇ ପ୍ରକ୍ରିୟା ଆରମ୍ଭ ହୋଇଛି। ଛାତ୍ର ସଂସଦ ନିର୍ବାଚନ ବନ୍ଦ କରାଯିବ ନାହିଁ। କିଛି ଚକ୍ରାନ୍ତ କରି ଛାତ୍ର ନିର୍ବାଚନ ବନ୍ଦ କରିଥିଲେ ପୂର୍ବ ସରକାର। ଛାତ୍ର ସଂସଦ ନିର୍ବାଚନ ୨୦୧୮ରୁ ରାଜ୍ୟରେ ବନ୍ଦ ଥିଲା । ସେହିପରି ଏବିଭିପି ଅଧିବେଶନରେ ମଞ୍ଚରୁ ମୁଖ୍ୟମନ୍ତ୍ରୀଙ୍କ ଆହ୍ୱାନ । ରାଷ୍ଟ୍ର ପୁନଃ ନିର୍ମାଣ ପାଇଁ ଛାତ୍ରଛାତ୍ରୀମାନେ ଏକାଠି ହୁଅନ୍ତୁ । ବିକଶିତ ଓଡ଼ିଶା ଗଠନ ପାଇଁ ଯୁବ ଶକ୍ତି ସଂଗଠିତ ହେବା ସହ ୨୦୩୬ ପାଇଁ ପ୍ରସ୍ତାବ ଲୋଡିଲେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ।

# ଏଏସ୍‌ଆଇଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର



**ନବରଙ୍ଗପୁର,୨୬।୧୨ (ସଂଚାର ବ୍ୟୁରୋ):** ତିନି ଦିନ ହେଲା ନିଖୋଜ ଥିବା ନବରଙ୍ଗପୁର ଜିଲ୍ଲା ତେନ୍ତୁଳିଖୁଣ୍ଟି ଥାନା ଏଏସ୍‌ଆଇ ରେଣୁପ୍ରସାଦ ପ୍ରଧାନଙ୍କ ଝୁଲନ୍ତା ମୃତଦେହକୁ ଆଜି ସନ୍ଧ୍ୟାରେ ଉଦ୍ଧାର କରାଯାଇଛି। ତେନ୍ତୁଳିଖୁଣ୍ଟି ଥାନା ମଙ୍ଗରଦୋରା ନିକଟସ୍ଥ ରାଇସିଂ ଯୋଡ଼ି ନାଳ ନିକଟରେ ଥିବା ଏକ ଗଛରୁ ତାଙ୍କ ମୃତଦେହ ଉଦ୍ଧାର କରାଯାଇଛି। ପୁଲିସ ଘଟଣାର ତଦନ୍ତ କରୁଥିବା ବେଳେ ଆସନ୍ତାକାଲି ନବରଙ୍ଗପୁର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ତାଙ୍କର ଶବ ବ୍ୟବଚ୍ଛେଦ କରାଯିବ।ଗତ ସୋମବାର ଏଏସ୍‌ଆଇ ରେଣୁପ୍ରସାଦ ପ୍ରଧାନ କୌଣସି କାର୍ଯ୍ୟରେ ନବରଙ୍ଗପୁର ଯାଇଥିଲେ। ଏହା ପରଠୁ ସେ ଆଉ ଘରକୁ ଫେରି ନଥିଲେ। ଆଉ ଆଜି ତାଙ୍କ ଝୁଲନ୍ତା ମୃତଦେହ ମିଳିଛି। ପ୍ରାଥମିକ ତଦନ୍ତରୁ ଏହା ଏକ ଆତ୍ମହତ୍ୟା ବୋଲି ଜଣାପଡୁଥିବା ବେଳେ ମୃତ୍ୟୁର ପ୍ରକୃତ କାରଣ ଜଣାପଡ଼ିନି। ଏଏସ୍‌ଆଇ ରେଣୁପ୍ରସାଦ ପ୍ରଧାନଙ୍କ ଘର ପାପଡ଼ାହାଣ୍ଡି ଥାନା ତୁମ୍ବର୍ଲା ଗ୍ରାମରେ ହୋଇଥିବା ବେଳେ ସେ ତେନ୍ତୁଳିଖୁଣ୍ଟି ପୁଲିସ କଲୋନୀରେ ନିଜ ପରିବାର ସହ ରହୁଥିଲେ। ଖବର ପାଇ ତାଙ୍କର ଦୁଇ ପୁଅ ଓ ଭାଇ ଘଟଣାସ୍ଥଳରେ ପହଞ୍ଚିଥିଲେ। ଶବ ବ୍ୟବଚ୍ଛେଦ ହୋଇନଥିବାରୁ ସେମାନଙ୍କୁ ମୃତଦେହ ହସ୍ତାନ୍ତର କରାଯାଇନାହିଁ। ସୂଚନାଯୋଗ୍ୟ, ଆଉ ୨ ମାସ ପରେ ଚାକିରିରୁ ଅବସର ନେଇଥା'ନ୍ତେ ଏଏସ୍‌ଆଇ ରେଣୁପ୍ରସାଦ ପ୍ରଧାନ।

# ୩ ବର୍ଷରେ ଦୁଇ ଗୁଣା ବଢ଼ିଛି ବାଘ ସଂଖ୍ୟା



**ଭୁବନେଶ୍ୱର,୨୬।୧୨ (ସଂଚାର ବ୍ୟୁରୋ):**ଢେଙ୍କାନାଳ ଜିଲ୍ଲାରେ ଗତ ୩ ବର୍ଷରେ ଦୁଇ ଗୁଣା ବଢ଼ିଛି ବାଘ ସଂଖ୍ୟା। ୨୦୨୧ ମସିହାରେ ଢେଙ୍କାନାଳର ବିଭିନ୍ନ ଜଙ୍ଗଲରେ କଲରାପତରିଆ ବାଘ ସଂଖ୍ୟା ୬ ଥିବା ବେଳେ ଏବେ ତାହା ବୃଦ୍ଧି ପାଇ ୧୨ରେ ପହଞ୍ଚିଛି। ଯାହା ଜଙ୍ଗଲ ବିଭାଗ ପାଇଁ ଆଣିଛି ଖୁସି ଖବର। ହେଲେ ଦୁଃଖର ବିଷୟ ବିଗତ ଦିନରେ ଦୁଇ ଦୁଇଟି ବାଘ ମୃତ୍ୟୁ ଓ ଶିକାରୀଙ୍କ ଫାସରେ ବାଘ ପଡିବା ଘଟଣା ବନବିଭାଗ ପାଇଁ ସୃଷ୍ଟି କରିଛି ନୂଆ ଚ୍ୟାଲେଞ୍ଜ। କାରଣ ଢେଙ୍କାନାଳ ବନଖଣ୍ଡରେ ମାତିଛନ୍ତି ଶିକାରୀ। ବାଘ ଛାଲ ପାଇଁ ବିଦ୍ୟୁତ ତାର ବିଛାଇ ବାଘ ଶିକାର କରିବାକୁ ସେମାନେ ପଛାଉ ନାହାନ୍ତି । ପୂର୍ବରୁ ହିନ୍ଦୋଳ କୋଇ ରିଜର୍ଭ ଫରେଷ୍ଟରେ ଶିକାରୀଙ୍କ ଦ୍ୱାରା ବିଛା ଯାଇଥିବା ବିଦ୍ୟୁତ ଫାଶରେ ପଡି ଏକ କଲରାପତରିଆ ବାଘର ମୃତ୍ୟୁ ହୋଇଥିଲା।ସେହିଭଳି ଦୁଦୁରକୋଟ ଗାଁ ଜଙ୍ଗଲରେ ମଧ୍ୟ ଅନ୍ୟ ଏକ କଲରାପତରିଆ ବାଘର ମୃତ୍ୟୁ ହୋଇଥିଲା। ନିକଟରେ ଢେଙ୍କାନାଳ-କେନ୍ଦୁଝର ସୀମାନ୍ତ ମହାବିରୋଡ ରେଞ୍ଜରେ ଶିକାରୀଙ୍କ ତାର ଜାଲରେ ପଡିଥିବା ଏକ କଲରାପତରିଆ ବାଘକୁ ମୁମୂର୍ଷ ଅବସ୍ଥାରେ ଉଦ୍ଧାର କରାଯାଇଥିଲା।କିନ୍ତୁ କିଏ ଏବଂ କାହିଁକି ତାର ବିଛାଇଥିଲା ତାହା ଏପର୍ଯ୍ୟନ୍ତ ତଦନ୍ତରେ ଜଣାପଡି ନଥିବା ବେଳେ ବନବିଭାଗ ପକ୍ଷରୁ ବାଘଙ୍କ ସୁରକ୍ଷା ପାଇଁ ସଠିକ ପାଟ୍ରୋଲିଂ ପ୍ରୋଟେକ୍ସନ ଦିଆଯାଉ ନଥିବାରୁ ବାଘ ବଂଶ ବିପଦରେ ବୋଲି କହିଛନ୍ତି ପରିବେଶବିତ୍। ଢେଙ୍କାନାଳ ଡିଏଫଓ କହିଛନ୍ତି ଶିକାରୀଙ୍କୁ ଧରିବା ମାତ୍ରେ ସେମାନଙ୍କ ବିରୋଧରେ କଡା କାର୍ଯ୍ୟାନୁଷ୍ଠାନ ନିଆଯାଉଛି। ବାଘ ବଂଶ ବୃଦ୍ଧି ଓ ସୁରକ୍ଷା ପାଇଁ ବିଭିନ୍ନ ପଦକ୍ଷେପ ନିଆଯାଉଛି ।

## ଆସିବେ ଆଉ ଦୁଇ ବାଘ

ମହାରାଷ୍ଟ୍ରରୁ ଓଡ଼ିଶା ଆସିଥିବା ବାଘୁଣୀ ଜିନ୍ନତ ତିନି ରାଜ୍ୟ ବନ ବିଭାଗର ନିଦ ହଜାଇଛି। ଏହାରି ମଧ୍ୟରେ ଆଉ କିଛି ବାଘ ପୁଣି ଓଡ଼ିଶା ଆସିବାକୁ ଯାଉଛନ୍ତି। ବନ୍ୟପ୍ରାଣୀ ବଦଳ ଯୋଜନାରେ ମଧ୍ୟ ପ୍ରଦେଶ ସରକାର ଓଡ଼ିଶା ସମେତ ରାଜସ୍ଥାନ ଏବଂ ଛତିଶଗଡ଼କୁ ୧୪ ଟି ବାଘ ପଠାଇବେ। ବନ ବିଭାଗ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ ଚାରୋଟି ରାଜସ୍ଥାନ, ଦୁଇଟି ଓଡ଼ିଶା ଏବଂ ୮ ଟି ଛତିଶଗଡ଼କୁ ସ୍ଥାନାନ୍ତରଣ ହେବେ। ଜଣେ ପ୍ରାଣୀ ଚିକିତ୍ସକଙ୍କ ତତ୍ତ୍ୱାବଧାନରେ ମଧ୍ୟପ୍ରଦେଶର ବାନ୍ଧବଗଡ, ପନ୍ନା, କାହ୍ନା ଏବଂ ପେଞ୍ଚରେ ଥିବା ବାଘମାନଙ୍କ ବାଘ ସଂରକ୍ଷଣ ସ୍ଥାନରୁ ସ୍ଥାନାନ୍ତର କରାଯିବ। ରାଜ୍ୟ ବନ ବିଭାଗ ଦ୍ୱାରା ଜାରି ଏକ ନିର୍ଦ୍ଦେଶରେ କୁହାଯାଇଛି ଯେ ବାଘ ଏବଂ ବାଘୁଣୀଙ୍କର ସ୍ଥାନାନ୍ତର କରିବାର ପ୍ରକ୍ରିୟା ଜଣେ ପ୍ରାଧିକୃତ ପ୍ରାଣୀ ଚିକିତ୍ସକଙ୍କ ତତ୍ତ୍ୱାବଧାନରେ କରାଯିବା ଉଚିତ ଏବଂ ବାଘଙ୍କ ଜୀବନ ପ୍ରତି କୌଣସି ବିପଦ ନ ରହିବ ସେ ଦିଗରେ ଯତ୍ନବାନ ହେବା ଉଚିତ।ବାଘମାନଙ୍କର ସ୍ଥାନାନ୍ତର ପ୍ରକ୍ରିୟାର ସମ୍ପୂର୍ଣ୍ଣ ଖର୍ଚ୍ଚ ରାଜ୍ୟଗୁଡିକ ବହନ କରିବେ। ସ୍ଥାନାନ୍ତର ପ୍ରକ୍ରିୟା କେନ୍ଦ୍ରର ବାଧ୍ୟତାମୂଳକ ଅନୁମୋଦନ ସହିତ କରାଯିବ। ନିକଟରେ ପଶୁମାନଙ୍କ ଆଦାନପ୍ରଦାନ ଅଧୀନରେ ମଧ୍ୟପ୍ରଦେଶ ବାନ୍ଧବଗଡ ଟାଇଗର ରିଜର୍ଭ (ବିଟିଆର) ରୁ ଗୁଜୁରାଟକୁ ଦୁଇଟି ବଙ୍ଗଳା ବାଘ (ଗୋଟିଏ ପୁରୁଷ ଏବଂ ଗୋଟିଏ ମହିଳା) ଯୋଗାଇ ଦେଇଛନ୍ତି। ଜାତୀୟ ବ୍ୟାଘ୍ର ସଂରକ୍ଷଣ ପ୍ରାଧିକରଣ ଅନୁଯାୟୀ, ସମଗ୍ର ଦେଶରେ ୩,୮୦୦ ବାଘ ମଧ୍ୟରୁ ୭୮୫ ରୁ ଅଧିକ ବାଘ ମଧ୍ୟପ୍ରଦେଶରେ ରହୁଥିବା ବେଳେ ଗତ କିଛି ବର୍ଷ ଧରି 'ଟାଇଗର ଷ୍ଟେଟ୍'ର ଟ୍ୟାଗ୍ ବଜାୟ ରଖିଛି। ମଧ୍ୟପ୍ରଦେଶରେ ପୂର୍ବରୁ କାହ୍ନା, ବାନ୍ଧବଗଡ଼, ପନ୍ନା, ପେଞ୍ଚ, ସଞ୍ଜୟ ଦୁବ୍ରି ଏବଂ ସତ୍ୟପୁରା ଭଳି ୬ ବାଘ ସଂରକ୍ଷଣ ରହିଥିବା ବେଳେ ନିକଟରେ କେନ୍ଦ୍ର ଆଉ ଦୁଇଟି ବାଘ ସଂରକ୍ଷଣକୁ ଅନୁମୋଦନ କରିଛିକାହ୍ନା, ବାନ୍ଧବଗଡ଼, ପନ୍ନା, ପେଞ୍ଚ, ସଞ୍ଜୟ ଦୁବ୍ରି ଏବଂ ସତ୍ୟପୁରା ତାହା ହେଉଛି ଭୋପାଳର ରତାପାନି ବନ୍ୟପ୍ରାଣୀ ଅଭୟାରଣ୍ୟ ଏବଂ ଶିବପୁରୀ ଜିଲ୍ଲାର ମାଧବ ଜାତୀୟ ଉଦ୍ୟାନ।

# କଟନୀ ଛଟନୀ କଲେ କଟିବ ବିଦ୍ୟୁତ୍ ସଂଯୋଗ, ମିଲରଙ୍କୁ ତାଗିଦ କଲେ କେ.ଭି.



**ବଲାଙ୍ଗିର,୨୬।୧୨ (ସଂଚାର ବ୍ୟୁରୋ):** ସାବଧାନ ମିଲ ମାଲିକ । ଏଣିକି ଶୃଙ୍ଖଳିତ ହେବ ଧାନ କିଣା ପ୍ରକ୍ରିୟା। ସଠିକ ଭାବେ ଧାନ ବିକ୍ରି କରିବେ ଚାଷୀ। ବଲାଙ୍ଗିରରେ ସୁଶାସନ ଦିବସରେ ନିଜ ଅଭିଭାଷଣରେ ମିଲ ମାଲିକଙ୍କୁ ଏପରି ତାଗିଦ କରିଛନ୍ତି ଉପ ମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ। ବଲାଙ୍ଗିର ଜିଲ୍ଲାରେ ଧାନ ମଣ୍ଡି ଖୋଲିଛି ହେଲେ ମଣ୍ଡିରେ ଅବ୍ୟବସ୍ଥା ହେଉଛି। ବିନା କଟନୀ ଛଟନୀରେ ଚାଷୀଙ୍କ ପାଖରୁ ଧାନ ଉଠାଇବାକୁ ମିଲ ମାଲିକଙ୍କୁ ତାଗିଦ କରିଛନ୍ତି। ନହେଲେ ମିଲରୁ ଲାଇନ କାଟି ଦିଆଯିବ ବୋଲି ଚେତାବନୀ ଦେଇଛନ୍ତି ଉପମୁଖ୍ୟମନ୍ତ୍ରୀ କେ.ଭି ସିଂଦେଓ ।

# ଶ୍ରୀମନ୍ଦିରରେ ଏବେ ହେବନାହିଁ ଧାଡ଼ି ଦର୍ଶନ : ପୃଥ୍ୱୀରାଜ ହରିଚନ୍ଦନ



**ପୁରୀ,୨୬।୧୨ (ସଂଚାର ବ୍ୟୁରୋ):** ଶ୍ରୀମନ୍ଦିରରେ ଏବେ ହେବନାହିଁ ଧାଡ଼ି ଦର୍ଶନ ଟ୍ରାଏଲ ରନ୍। ଏ ନେଇ ସୂଚନା ଦେଲେ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ। ଶ୍ରଦ୍ଧାଳୁଙ୍କ ଭିଡ଼କୁ ଦୃଷ୍ଟିରେ ରଖି ସରକାର ଏଭଳି ନିଷ୍ପତ୍ତି ନେଇଛନ୍ତି ବୋଲି ଆଇନ ମନ୍ତ୍ରୀ କହିଛନ୍ତି। ସେଥିପାଇଁ ଜାନୁଆରୀ ୨୦ରୁ ୨୨ ତାରିଖ ମଧ୍ୟରେ ଧାଡ଼ି ଦର୍ଶନ ବ୍ୟବସ୍ଥା ପୂର୍ଣ୍ଣାଙ୍ଗ ଭାବେ ଲାଗୁ ହେବ ବୋଲି ମନ୍ତ୍ରୀ କହିଛନ୍ତି । ଗଙ୍ଗା ସ୍ନାନ ପଡୁଥିବାରୁ ଜାନୁଆରୀ ୨୦ ଯାଏଁ ପୁରୀରେ ଭିଡ଼ ରହିବ । ପୂର୍ବରୁ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଆସନ୍ତା ୨୮ କିମ୍ବା ୨୯ ତାରିଖରେ ପରୀକ୍ଷାମୂଳକ ବ୍ୟବସ୍ଥା କରାଯିବାର ଥିଲା କିନ୍ତୁ ତାହା ହୋଇନାହିଁ। କିଛି ଦିନ ପୂର୍ବେ ଏହି ପରିପ୍ରେକ୍ଷୀରେ ଆଇନ ମନ୍ତ୍ରୀ କହିଥିଲେ , ଭକ୍ତମାନେ ସାତ ପାହାଚ ଦେଇ ଭିତରକୁ ଆସିବେ। ଶ୍ରୀଜିଉଙ୍କୁ ଦର୍ଶନ କରି ସାରିକି ଘଣ୍ଟି ଦ୍ୱାର ଓ ଗାରଦ ଦ୍ୱାର ଦେଇ ସେମାନେ ବାହାରକୁ ବାହାରିବେ ।

# ସିପିଆଇର ଶତବାର୍ଷିକୀ ଉତ୍ସବ ପାଳିତ



**ଭୁବନେଶ୍ୱର,୨୬।୧୨ (ସଂଚାର ବ୍ୟୁରୋ):**ଭାରତୀୟ କମ୍ୟୁନିଷ୍ଟ ପାର୍ଟି ୨୦୨୫ ଡିସେମ୍ବର ୨୬ରେ ଏକ ବୈପ୍ଳବିକ ପାର୍ଟି ଭାବରେ ତା'ର ଗୌରବମୟ ଶତବର୍ଷରେ ପଦାର୍ପଣ କରୁଛି। ଏହି ଉପଲକ୍ଷେ ଅଶୋକନଗରସ୍ଥିତ ରାଜ୍ୟ ମୁଖ୍ୟ କାର୍ଯ୍ୟାଳୟ ଭଗବତୀ ଭବନଠାରେ ଶତବାର୍ଷିକୀ ସମାରୋହ ପାଳନ ଉତ୍ସବ ଜୋନ କମିଟି ସମ୍ପାଦକ ସୁର ଜେନାଙ୍କ ସଭାପତିତ୍ୱରେ ଆଜି ଅନୁଷ୍ଠିତ ହୋଇଛି। ଏହି ଉତ୍ସବ ଆରମ୍ଭରେ ବହୁ କମ୍ୟୁନିଷ୍ଟ, ଶ୍ରମିକ, କ୍ଷେତ ମଜଦୁର, ଅଟୋଚାଳକ ଆଦି ଏକ ଶୋଭାଯାତ୍ରାରେ ଆସି ପତାକା ଉତ୍ତୋଳନ ପ୍ରାଙ୍ଗଣରେ ଉପସ୍ଥିତ ହୋଇଥିଲେ। ବର୍ଷିୟାନ କମ୍ୟୁନିଷ୍ଟ ନେତା ତଥା ପୂର୍ବତନ ରାଜ୍ୟ ସମ୍ପାଦକ ଦିବାକର ନାୟକ ପାର୍ଟିର ଲାଲ ପତାକା ଉତ୍ତୋଳନ କରିଥିଲେ। ସିପିଆଇ ଖୋର୍ଦ୍ଧା ଜିଲ୍ଲା ସହ ସମ୍ପାଦକ ସତୀଶ ମିଶ୍ର ଉତ୍ସବ ସମାରୋହ ସମ୍ପର୍କରେ ପ୍ରାରମ୍ଭିକ ସୂଚନା ଦେଇଥିଲେ। ସିପିଆଇର ୧୦୦ ବର୍ଷର ସଂଗ୍ରାମ ଓ ବଳିଦାନ ସମ୍ପର୍କରେ ସେ ଉପସ୍ଥିତ ସାଥିମାନଙ୍କୁ ଉଦ୍‌ବୋଧନ ଦେଇଥିଲେ ଓ ସମାଜବାଦ ପ୍ରତିଷ୍ଠା ପାଇଁ ସଂଗ୍ରାମ କରିବାର ଆହ୍ୱାନ ଦେଇଥିଲେ। ଏହି ଉତ୍ସବରେ ବରିଷ୍ଠ ସାମ୍ବାଦିକ ତଥା ସ୍ତମ୍ଭକାର ରମେଶ ପ୍ରଧାନ ପାର୍ଟିର ଇତିହାସ ସମ୍ପର୍କରେ ଆଲୋକପାତ କରିଥିବାବେଳେ ପଞ୍ଚାନନ ସାହୁ, ଅଶୋକ ସାହୁ, ରାଧାକାନ୍ତ ଶତପଥୀ, ବିଶ୍ୱଜିତ୍ ନାୟକ, ପ୍ରମୋଦ ମଲ୍ଲିକ୍, ଦୀପକ ମହାପାତ୍ର, ଅଫିସ ସମ୍ପାଦକ ଶିବ ବେହେରା, କାର୍ତ୍ତିକ ଭୁଜବଳ ପ୍ରମୁଖ ବହୁ ବରିଷ୍ଠ କର୍ମୀ ବିଭିନ୍ନ ଅଞ୍ଚଳରୁ ଯୋଗଦେଇ ସମାରୋହକୁ ସଫଳ କରିଥିଲେ। ଏଥି ସଙ୍ଗେ ସଙ୍ଗେ ଗାଡ଼କଣ ଶାଖା ସମ୍ପାଦକ ଶଙ୍କର୍ଷଣ ବାରିକ, ୟୁନିଟ୍-୧ ହାଟଶାଖାର ସମ୍ପାଦକ କୈଳାଶ ପୁହାଣ ଓ ନୀଳମଣି ସାହୁ, ପଥରଗାଡ଼ିଆ ମହିମାନଗର ଶାଖାର ଲୋକନାଥ ଭୋଇ ଓ ଛେଟମ୍ବର ଭୋଇ, ବାଳିଅନ୍ତା କୋକିବାଲି ଶାଖା ସମ୍ପାଦକ ଶରତ ସ୍ୱାଇଁ ଓ ଉଗ୍ରସେନ ଦାସ ଏବଂ ମାଷ୍ଟରକ୍ୟାଣ୍ଟିନ ଶାଖାରେ ମଧ୍ୟ ପତାକା ଉତ୍ତୋଳନ ସହ ଶତବାର୍ଷିକୀ ସମାରୋହ ପାଳନ ଆରମ୍ଭ ହୋଇଛି। ଏହା ବର୍ଷ ସାରା ପାଳିତ ହୋଇ ୨୦୨୫ ଡିସେମ୍ବର ୨୬ରେ ସମାପ୍ତ ହେବା ମଧ୍ୟରେ ବିଭିନ୍ନ ପରିସରରେ ସିପିଆଇ ପକ୍ଷରୁ ସଂଗ୍ରାମ ଜାରି ରହିବ।

## ବିଜେଡିର ୨୮ ତମ ପ୍ରତିଷ୍ଠା ଦିବସ

# କାହିଁକି ହାରିଲା ବିଜେଡି: କାରଣ କହିଲେ ନବୀନ



**ଭୁବନେଶ୍ୱର,୨୬।୧୨ (ସଂଚାର ବ୍ୟୁରୋ):**ବିଜୁ ଜନତା ଦଳ ର ୨୮ ତମ ପ୍ରତିଷ୍ଠା ଦିବସ ଆଜି ଦଳ ର ମୁଖ୍ୟ କାର୍ଯ୍ୟାଳୟ ଶଙ୍ଖ ଭବନ ସମେତ ରାଜ୍ୟର ବିଭିନ୍ନ ସ୍ଥାନ ରେ ପାଳନ କରାଯାଉଛି।ଏହି ଅବସରରେ ଶଙ୍ଖ ଭବନ ରେ ଆୟୋଜିତ ରାଜ୍ୟ ସ୍ତରୀୟ କାର୍ଯ୍ୟକ୍ରମ ରେ ଯୋଗ ଦେଇ ବିଜୁ ଜନତା ଦଳ ର ସଭାପତି ଶ୍ରୀ ନବୀନ ପଟନାୟକ ଦଳ ପ୍ରତି ଲୋକଙ୍କ ଭଲ ପାଇବା ଓ ବିଜେଡି ସରକାର ସମୟ ର ସଫଳତା ଉପରେ ଆଲୋକପାତ କରି ଆଗାମୀ ଶହେ ବର୍ଷ ପର୍ଯ୍ୟନ୍ତ ବିଜୁ ଜନତା ଦଳ ଓଡ଼ିଶା ବାସୀଙ୍କ ସେବା କରିଚାଲିବ ବୋଲି ଦୃଢ଼ୋକ୍ତି ପ୍ରକାଶ କରିଥିଲେ। ସେ କହିଥିଲେ ଯେ ଓଡ଼ିଶା ର ସ୍ୱାର୍ଥ ସର୍ବାଗ୍ରେ। ଏକ ଦୃଢ଼ ଆଞ୍ଚଳିକ ଦଳ ଭାବରେ ଓଡ଼ିଶା ସ୍ୱାର୍ଥ ର ସୁରକ୍ଷା ତଥା କେନ୍ଦ୍ର ଅବିଚାର ବିରୁଦ୍ଧରେ ବିଜେଡି ର ଲଢେଇ ଜାରି ରହିବ ବୋଲି ଶ୍ରୀ ପଟ୍ଟନାୟକ ଘୋଷଣା କରିଥିଲେ।

ଦଳର ପ୍ରତିଷ୍ଠା ର ସୁବର୍ଣ୍ଣ ମୁହୂର୍ତ୍ତ ସମ୍ପର୍କ ରେ ସ୍ମୃତି ଚାରଣ କରି ଶ୍ରୀ ପଟନାୟକ କହିଥିଲେ। ସାରା ବିଶ୍ୱରେ ଓଡ଼ିଶା ସ୍ପୋର୍ଟ୍ସ କ୍ୟାପିଟାଲର ପରିଚୟ ପାଇଛି । ଓଡ଼ିଶାବାସୀଙ୍କ ଭଲ ପାଇବା ଓ କର୍ମୀ ଭାଇ ଭଉଣୀ ମାନଙ୍କ ପରିଶ୍ରମ ଯୋଗୁ ବିଜୁ ଜନତା ଦଳ ଆଜି ଏକ ଦୃଢ଼ ଆଞ୍ଚଳିକ ଦଳ ଭାବରେ ପ୍ରତିଷ୍ଠା ପାଇଛି ବୋଲି ପ୍ରକାଶ କରି ଶ୍ରୀ ପଟନାୟକ କର୍ମୀ ମାନଙ୍କୁ ଧନ୍ୟବାଦ ଜଣାଇଥିଲେ. ନିର୍ବାଚନ ପରାଜୟ ସମ୍ପର୍କରେ ଶ୍ରୀ ପଟନାୟକ କହିଥିଲେ ଯେ "ମୁଁ ଜାଣିଛି ବହୁତ ଲୋକଙ୍କର ପ୍ରଶ୍ନ ଅଛି ଯେ ଗତ ନିର୍ବାଚନରେ ଆମେ କେମିତି ହାରିଲୁ । ମୁଁ ଆଜି ତାର ଉତ୍ତର ଦେବି । ମୁଁ କହିବି ଆମେ ହାରି ନାହୁଁ । ଲୋକଙ୍କ ବିଶ୍ୱାସ ମଧ୍ୟ ହରାଇ ନାହୁଁ । ବିଜେପି ମିଛ କଥା କହି, ମିଛ ପ୍ରତିଶୃତି ଦେଇ, ଲୋକଙ୍କୁ ଭୁଆଁ ବୁଲାଇ ସରକାରକୁ ଆସିଛି । ଏତେ ମିଛ କହି ମଧ୍ୟ ବିଜେପି ଆମ ଠାରୁ କମ୍ ଭୋଟ୍ ପାଇଛି। ମର ଭୁଲ୍ ହେଲା ଆମେ ସେମାନଙ୍କ ମିଛର ଠିକ୍ ଭାବରେ କାଉଣ୍ଟର କରି ପାରିଲୁ ନାହିଁ। ସେମାନଙ୍କ ନେଗେଟିଭ୍ କ୍ୟାମ୍ପେନ ଓ ସୋସିଆଲ୍ ମିଡ଼ିଆ, ଫଲ୍ସ ନ୍ୟାରେଟିଭ୍ସର ଠିକ୍ ଭାବରେ ଆମେ କାଉଣ୍ଟର କରି ପାରିଲୁ ନାହିଁ।" ସେ କହିଥିଲେ ଯେ ଆଜି ଓଡ଼ିଶାବାସୀ ଜାଣିଲେଣି ଯେ ବିଜେପି ମିଛ କଥା କହି କ୍ଷମତା ଦଖଲ କରିଛି। ତେଣୁ କର୍ମୀ ଭାଇ ଭଉଣୀ ମାନଙ୍କୁ ସୋସିଆଲ ମିଡିଆରେ ସକ୍ରିୟ ରହି ବିଜେପିର ଫଲ୍ସ ନ୍ୟାରେଟିଭର ଉଚିତ୍ ଜବାବ ଦେବା ପାଇଁ ସେ ପରାମର୍ଶ ଦେଇଥିଲେ। ଓଡ଼ିଶାରେ ଚାଲିଥିବା ସରକାର ବିଷୟରେ ସେ କହିଥିଲେ ଯେ ବିଜେପି ସରକାରର ଓଡ଼ିଶାବାସୀଙ୍କ ପାଇଁ ସବୁଠାରୁ ବଡ ଉପହାର ହେଉଛି ଦରଦାମ ବୃଦ୍ଧି ।

### ନବୀନଙ୍କ ପରେ କିଏ ?

ବିଜେଡିର ପ୍ରତିଷ୍ଠା ଦିବସ ପାଳନଅବସରରେ ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକ ଦଳୀୟ ନେତାଙ୍କୁ ଗୁରୁମନ୍ତ୍ର ଦେଇଛନ୍ତି। ଏଥିସହିତ ନବୀନ ଗଣମାଧ୍ୟମ ପ୍ରତିନିଧିଙ୍କ ଅନେକ ପ୍ରଶ୍ନର ଉତ୍ତର ମଧ୍ୟ ଦେଇଛନ୍ତି। ସାମ୍ବାଦିକମାନେ ନବୀନଙ୍କ ପରେ ବିଜେଡିର ମଙ୍ଗ କିଏ ଧରିବ ବୋଲି ପଚାରିଥିଲେ। ଉତ୍ତରରେ ନବୀନ କହିଛନ୍ତି, ମୁଁ ବହୁତ ଲମ୍ବା ସମୟ ଧରି ଅଛି, ମୋ'ପରେ କିଏ ହେବ ତାହା ମୁଁ ଏ ପର୍ଯ୍ୟନ୍ତ ଚିନ୍ତା କରିନି।ଅନ୍ୟପକ୍ଷରେ ନବୀନଙ୍କ ପରେ ତାଙ୍କ ଭାଇଙ୍କ ପୁଅ ଅର୍ଥାତ ପୁତୁରା ଅରୁଣ ପଟ୍ଟନାୟକ ନବୀନଙ୍କ ପରେ ରାଜନୀତିରେ ଏଣ୍ଟ୍ରି ମାରିବେ ବୋଲି ଅନେକ ଚର୍ଚ୍ଚା ହେଉଛି। ତେବେ ଦେଖାଯାଉ ନବୀନଙ୍କ ପରେ କିଏ ବିଜେଡିର ମଙ୍ଗ ଧରୁଛନ୍ତି।

Printed, Published and owned by Sri Saroj Kumar Nayak of Plot No.495, Nilakantha Nagar, Nayapalli, Bhubaneswar and Printed at Khetramani Printing Press, At - Darakhapatna, Po - Kalyani Nagar, Dist-Cuttack-753013 and Published at Plot No.312, Flat No.003, Greenhigh Appartment, Kharavela Nagar, Bhubaneswar-751001 (Odisha) Ph. No. 9437227777/ 8093008776
Editor: Subhransu Bhusan Kar
ସମ୍ପାଦକ: ଶୁଭ୍ରାଂଶୁ ଭୂଷଣ କର




# ଭାରତରେ ମହିନ୍ଦ୍ରା ସ୍କର୍ପିୟୋର ଲୋକପ୍ରିୟ ଅଧିକ



**ନୂଆଦିଲ୍ଲୀ, ୨୬।୧୨:** ଆଜିକାଲି ଭାରତୀୟ ବଜାରରେ ଏସୟୁଭି ମହିନ୍ଦ୍ରା ସ୍କର୍ପିଓର ବେଶ ଅଧିକ ଚାହିଦା ରହିଛି। ଏହି ଗାଡି ନିଜର ମଜବୁତ ଗଠନ, ଶକ୍ତିଶାଳୀ ଇଞ୍ଜିନ ଏବଂ ଆକର୍ଷଣୀୟ ଡିଜାଇନ୍ ପାଇଁ ବେଶ ଜଣାଶୁଣା। ଅଗଷ୍ଟ ୨୦୨୪ରେ ଏହାର ବିକ୍ରି ୩୯ ପ୍ରତିଶତ ବୃଦ୍ଧି ପାଇଛି। ଯାହା ଦର୍ଶାଏ ଯେ ଏହା ଲୋକମାନଙ୍କ ମଧ୍ୟରେ କେତେ ଲୋକପ୍ରିୟ। ଏହି ଏସୟୁଭି କେବଳ ଏହାର ପାୱାର ଏବଂ ପରଫରମାନ୍ସ ପାଇଁ ଜଣାଶୁଣା ନୁହେଁ, ବରଂ ଏହାର ଅତି ସୁନ୍ଦର ଡିଜାଇନ୍ ଏବଂ ଲୁକ୍ ମଧ୍ୟ ସମସ୍ତଙ୍କୁ ଆକର୍ଷିତ କରିଥାଏ। ମହିନ୍ଦ୍ରା ସ୍କର୍ପିଓ ମହିନ୍ଦ୍ରାର ସବୁଠାରୁ ଲୋକପ୍ରିୟ ଯାନ ମଧ୍ୟରୁ ଗୋଟିଏ।

ମହିନ୍ଦ୍ରା ସ୍କର୍ପିଓ ୨୦୦୨ ମସିହାରେ ଆରମ୍ଭ କରାଯାଇଥିଲା ଏବଂ ସେବେଠାରୁ ଏହାର ପରଫରମାନ୍ସ, ଡିଜାଇନ୍ ଏବଂ ସ୍ଥାୟିତ୍ୱ ପାଇଁ ଏହା ଭାରତୀୟ ଗ୍ରାହକଙ୍କ ମଧ୍ୟରେ ବେଶ୍ ଲୋକପ୍ରିୟ। ଏହି ଯାନର ଏକ୍ସଟିରିୟର, ଇଣ୍ଟେରିୟର ଏବଂ ପାୱାର୍ ଟ୍ରେନରେ ଅନେକ ପରିବର୍ତ୍ତନ କରାଯାଇଛି, କିନ୍ତୁ ଏହାର ପାୱାର ଏବଂ ନିର୍ଭରଯୋଗ୍ୟତା ପୂର୍ବ ପରି ସମାନ ରହିଛି। ମହିନ୍ଦ୍ରା ସ୍କର୍ପିଓ ଭାରତୀୟ ବଜାରରେ ନିଜର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛି ଏବଂ ବର୍ତ୍ତମାନ ଏହା ଏସୟୁଭି ସେଗମେଣ୍ଟରେ ଏକ ପ୍ରିମିୟମ କ୍ୱାଲିଟି ରେଞ୍ଜରେ ଆସିଥାଏ। ମହିନ୍ଦ୍ରା ସ୍କର୍ପିଓ ଦୁଇଟି ମଡେଲ ସ୍କର୍ପିଓ ଏନ ଏବଂ ସ୍କର୍ପିଓ କ୍ଲାସିକ୍‌ରେ ଆସିଥାଏ। ମହିନ୍ଦ୍ରା ସ୍କର୍ପିଓ ୨. ୨ ଲିଟର ଡିଜେଲ ଦ୍ୱାରା ଚାଳିତ ଏବଂ ଏଥିରେ ୨. ୦ ଲିଟର ପେଟ୍ରୋଲ ଇଞ୍ଜିନର ଅପ୍ସନ ମଧ୍ୟ ଅଛି। ଅନ୍ୟପକ୍ଷରେ, ସ୍କର୍ପିଓ କ୍ଲାସିକ୍ କେବଳ ୨. ୨-ଲିଟର ଡିଜେଲ ଇଞ୍ଜିନ୍ ସହିତ ଉପଲବ୍ଧ। ମହିନ୍ଦ୍ରା ସ୍କର୍ପିଓର ମୂଲ୍ୟ ୧୩. ୮୫ ଲକ୍ଷରୁ ଆରମ୍ଭ ହୋଇ ୨୪. ୫୪ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଯାଏ। ଏହି ଏସୟୁଭି ଟାଟା ହ୍ୟାରିଅର୍, ଟାଟା ସଫାରି, କିଆ ସେଲ୍ଟସ୍ ଏବଂ ହୁଣ୍ଡାଇ କ୍ରେଟା ଭଳି ଏସୟୁଭି ସହିତ ପ୍ରତିଦ୍ୱନ୍ଦ୍ୱିତା କରେ। ମହିନ୍ଦ୍ରା ସ୍କର୍ପିଓର ଫିଚର୍ସ ଏହାକୁ ଅନ୍ୟ ଏସୟୁଭି ଠାରୁ ବହୁତ ଭିନ୍ନ କରିଥାଏ। ଏହି ଗାଡ଼ିର ଶକ୍ତିଶାଳୀ ଗଠନ, ପାୱାରଫୁଲ୍ ଇଞ୍ଜିନ ଏବଂ ନୂଆ ଫିଚର୍ସଗୁଡିକ ରାସ୍ତାରେ ଗାଡି ଚଲାଇବା ପାଇଁ ଏହା ଏକ ଭଲ ଅପ୍ସନ କରିଥାଏ। କାରର ବଡ଼ କ୍ୟାବିନ ଏବଂ ଆରାମଦାୟକ ସିଟ୍ ଏହାକୁ ଆରାମଦାୟକ ଯାତ୍ରା ପାଇଁ ଉପଯୁକ୍ତ କରିଥାଏ। ତେବେ ଯଦି ଆପଣ ମଧ୍ୟ ଏକ ଶକ୍ତିଶାଳୀ ଏସୟୁଭି ଖୋଜୁଛନ୍ତି, ତେବେ ମହିନ୍ଦ୍ରା ସ୍କର୍ପିଓ ଏକ ଭଲ ଅପ୍ସନ ହୋଇପାରେ।

# ପୁଣି ବଢ଼ିଲା ସୁନା ଦର



ଆଜି ସୁନା ଦର ବୃଦ୍ଧି ପାଇଛି। ଆଜି ଭାରତୀୟ ବଜାରରେ ୨୨ କ୍ୟାରେଟ ସୁନା ଦର ୧୦ ଗ୍ରାମ ପ୍ରତି ୭୧ ହଜାର ୨୫୦ ଟଙ୍କା ହୋଇଥିବା ବେଳେ ୨୪ କ୍ୟାରେଟ ସୁନା ୧୦ ଗ୍ରାମ ପିଛା ୭୭ ହଜାର ୭୩୦ ଟଙ୍କା ରହିଛି। ସେହିପରି ଭୁବନେଶ୍ୱରରେ ୨୨ କ୍ୟାରେଟ ସୁନା ଦର ୭୧, ୨୫୦ ଟଙ୍କାରେ ପହଞ୍ଚିଥିବା ବେଳେ ୨୪ କ୍ୟାରେଟ୍ ସୁନା ଦର ୭୭ ,୭୩୦ ଟଙ୍କା ଥିଲା। ମୁମ୍ବାଇରେ ୨୨ କ୍ୟାରେଟ୍ ଓ ୨୪ କ୍ୟାରେଟ୍ ମୂଲ୍ୟ ୭୧,୨୫୦ ଟଙ୍କା ଓ ୭୭ ,୭୩୦ ଟଙ୍କା ଥିବା ରେକର୍ଡ ହୋଇଥିବା ବେଳେ ନୂଆଦିଲ୍ଲୀରେ ୭୧,୪୦୦ ଟଙ୍କା ଓ ୭୭ , ୮୮୦ ଟଙ୍କା ରହିଛି। ଦକ୍ଷିଣ ଭାରତର ପ୍ରମୁଖ ସହର ଚେନ୍ନାଇରେ ୨୨ କ୍ୟାରେଟ ମୂଲ୍ୟ ୭୧,୨୫୦ ଟଙ୍କା ଥିବା ବେଳେ ୨୪ କ୍ୟାରେଟ ମୂଲ୍ୟ ୭୭,୭୩୦ ଟଙ୍କା ଥିବା ରେକର୍ଡ ହୋଇଛି। ପୂର୍ବ ଭାରତର ପ୍ରମୁଖ ସହର କୋଲକାତାରେ ଯଥାକ୍ରମେ ୭୧,୨୫୦ ଟଙ୍କା ଓ ୭୭,୭୩୦ ଟଙ୍କା ରହିଛି। ଅନ୍ୟ ପଟେ ରୁପା ଦର କେଜି ପ୍ରତି ୯୧,୬୦୦ ହଜାର ଟଙ୍କା ହୋଇଛି।




# ମସ୍କଙ୍କ ୯ ହଜାର କୋଟିର ଅଫର

**ୱାଶିଂଟନ, ୨୬।୧୨:** ଟେସଲା ଏବଂ ସ୍ପେସ୍ ଏକ୍ସର ସିଇଓ ତଥା ସୋସିଆଲ୍ ନେଟୱାର୍କିଂ ସାଇଟ ଏକ୍ସର ପ୍ରତିଷ୍ଠାତା ଏଲନ୍ ମସ୍କ ଉଇକିପିଡ଼ିଆକୁ ଏହାର ନାମ ପରିବର୍ତ୍ତନ କରିବାକୁ କହିଛନ୍ତି। କମ୍ପାନି ଏହାର ନାମ ଉଇକିପିଡ଼ିଆରୁ ଡିକିପିଡ଼ିଆକୁ ବଦଳାଇବା ନେଇ ମସ୍କ ଏକ ବଡ଼ ଲୋଭନୀୟ ଅଫର ପ୍ରଦାନ କରିଛନ୍ତି। ଯଦି ଉଇକିପିଡ଼ିଆ ଏହା କରେ ତେବେ ମସ୍କ ୧ ବିଲିୟନ ଡଲାର (ପ୍ରାୟ ୮୫୩୯ କୋଟି ଟଙ୍କା) ଦେବେ। ଏହି ପ୍ରସ୍ତାବ ଏପର୍ଯ୍ୟନ୍ତ ଖୋଲା ଅଛି, ଯଦି ଉଇକିପିଡ଼ିଆ ଚାହୁଁଛି, ଏହାକୁ ଗ୍ରହଣ କରି ପ୍ରାୟ ୯ ହଜାର କୋଟି ଟଙ୍କା ରୋଜଗାର କରିପାରିବ। ଏହି ଅଫର ପ୍ରାୟ ଏକ ବର୍ଷ ପର୍ଯ୍ୟନ୍ତ ଖୋଲା ରହିବ। ଜଣେ ବ୍ୟକ୍ତି ତାଙ୍କ ଏକ୍ସ ହ୍ୟାଣ୍ଡେଲରେ ମସ୍କଙ୍କର ଏହି ଅଫର ବିଷୟରେ ଏକ ପୋଷ୍ଟ ଲେଖିଥିଲେ, ଯାହାର ଟୁଇଟର ଜବାବ ଦେଇ ନିଜେ ଏଲନ୍ ମସ୍କଙ୍କ ପକ୍ଷରୁ ଏହା ନିଶ୍ଚିତ ହୋଇଥିଲା। ମିଡିଆ ରିପୋର୍ଟ ଅନୁଯାୟୀ, ଏକ୍ସ ୟୁଜର୍ ଡୋଜ୍ ଡିଜାଇନର୍ ଏହି ପୋଷ୍ଟ ଲେଖିଛନ୍ତି। ତାଙ୍କ ପୋଷ୍ଟରେ ସେ ଲେଖିଛନ୍ତି ଯେ, ଏଲନ୍ ମସ୍କ ନାମ ବଦଳାଇବା ପାଇଁ ଉଇକିପିଡ଼ିଆକୁ ଏକ ବିଲିୟନ ଡଲାର ଅଫର କରିଛନ୍ତି। ଏହାର ଉତ୍ତରରେ, ଏଲନ୍ ମସ୍କ ଲେଖିଛନ୍ତି ଯେ, ତାଙ୍କ ଅଫର ଏବେ ମଧ୍ୟ ଜାରି ରହିଛି। ଉଇକିପିଡ଼ିଆ ଏପର୍ଯ୍ୟନ୍ତ ଏହି ଅଫର ଉପରେ ପ୍ରତିକ୍ରିୟା ପ୍ରକାଶ କରିନାହିଁ। ଏହି ଅଫର ଗତ ବର୍ଷ ଅକ୍ଟୋବର ମାସରେ କରାଯାଇଥିଲା, କିନ୍ତୁ ଏପର୍ଯ୍ୟନ୍ତ ଗ୍ରହଣ କରାଯାଇ ନାହିଁ। ଏହି ଅଫର ଆଗାମୀ ଏକ ବର୍ଷ ପାଇଁ ଖୋଲା ରହିବ। ବର୍ତ୍ତମାନ ଉଇକିପିଡ଼ିଆ ଏହାକୁ ଗ୍ରହଣ କରୁଛି କି ନାହିଁ ତାହା କେବଳ ସମୟ କହିବ ବୋଲି ଅନ୍ତର୍ଜାତୀୟସ୍ତରରେ ଚର୍ଚ୍ଚା ହେଉଛି।

# ରାଜ୍ୟରେ ହେବ ନୂଆ ବନ୍ଦର

## ଉତ୍କର୍ଷ ଓଡ଼ିଶା କନ୍‌କ୍ଲେଭ୍‌ରେ ହୋଇପାରେ ଘୋଷଣା



ଭୁବନେଶ୍ୱର: ରାଜ୍ୟ ସରକାର ନୂଆ ବନ୍ଦର ବିକାଶ କରିବାକୁ ଯୋଜନା ରଖିଛନ୍ତି। ଲଜିଷ୍ଟିକ୍ସ କ୍ଷେତ୍ରରେ ଏକ ପ୍ରମୁଖ ରାଜ୍ୟ ଭାବେ ପରିଗଣିତ ହେବା ଲାଗି ବନ୍ଦର ବିକାଶକୁ ବିଶେଷ ଗୁରୁତ୍ୱ ଦିଆଯାଉଛି। ବର୍ତ୍ତମାନ ରାଜ୍ୟରେ ତିନିଟି ବନ୍ଦର ପାରାଦୀପ, ଧାମରା ଓ ଗୋପାଳପୁରରେ ରହିଛି। କିଛିଦିନ ତଳେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ ତାଙ୍କ ଟିମ୍ ସିଙ୍ଗାପୁର ଗସ୍ତ ସମୟରେ ଜୁରଙ୍ଗ ପେଟ୍ରୋକେମିକାଲ୍ କମ୍ପ୍ଲେକ୍ସ ଓ ଟୁଆସ୍ ବନ୍ଦର ପରିଦର୍ଶନ କରି ସେହି ଢାଞ୍ଚାକୁ ଓଡ଼ିଶାରେ ଲାଗୁ କରିବା ଲାଗି ଆଗ୍ରହ ପ୍ରକାଶ କରିଥିଲେ। ସେଥିପାଇଁ ସିଙ୍ଗାପୁରର ସଂସ୍ଥା ସୁର୍ବନା ଜୁରଙ୍ଗ ସହ ଚୁକ୍ତି ସ୍ୱାକ୍ଷର କରିବା ଉପରେ ସରକାର ବିଚାର କରୁଛନ୍ତି। ନୂଆ ବନ୍ଦର ସମ୍ପର୍କରେ ଆସନ୍ତା ବର୍ଷ ଜାନୁଆରିରେ ୨୮ ଓ ୨୯ରେ ଅନୁଷ୍ଠିତ ହେବାକୁ ଥିବା ଉତ୍କର୍ଷ ଓଡ଼ିଶା-ମେକ୍ ଇନ୍ ଓଡ଼ିଶା କନ୍‌କ୍ଲେଭ୍ ୨୦୨୫ରେ ଘୋଷଣା ହେବାର ସମ୍ଭାବନା ରହିଛି। କନ୍‌କ୍ଲେଭ୍‌ରେ ଯୋଗଦେବା ଲାଗି ସିଙ୍ଗାପୁର ରାଷ୍ଟ୍ରପତି ଥର୍ମାନ ସନମୁଗରତ୍ନମଙ୍କୁ ଆମନ୍ତ୍ରଣ କରାଯାଇଛି। ତାଙ୍କ ଉପସ୍ଥିତିରେ ବନ୍ଦର ବିକାଶ ସମ୍ପର୍କରେ ଗୁରୁତ୍ୱପୂର୍ଣ୍ଣ ଘୋଷଣା ଓ ବୁଝାମଣା ଘୋଷଣା ହୋଇପାରେ। ବନ୍ଦର ବିକାଶ ଲାଗି ସିଙ୍ଗାପୁର ବୈଷୟିକ ସହାୟତା ପ୍ରଦାନ କରିବା ସମ୍ଭାବନା ରହିଛି। ରାଜ୍ୟ ସରକାରଙ୍କ ସୂଚନା ଅନୁସାରେ ବାଲେଶ୍ୱରର ବାହାବଳପୁର, ଚାନ୍ଦିପୁର ଓ ଇଞ୍ଚୁଡ଼ି, ପୁରୀର ବାଲିହରଚଣ୍ଡି ଏବଂ ଗଞ୍ଜାମର ପାଲୁର ଓ ବାହୁଦାମୁହାଣରେ ବନ୍ଦର ନିର୍ମାଣ କରିବାକୁ ସ୍ଥାନ ନିରୂପଣ ସମ୍ପର୍କିତ ବିଜ୍ଞପ୍ତି ପ୍ରକାଶ ପାଇଛି। ତେଣୁ ନିର୍ମାଣ ହେବାକୁ ଯାଉଥିବା ନୂଆ ବନ୍ଦର ଏହି ସ୍ଥାନଗୁଡ଼ିକ ମଧ୍ୟରୁ ଯେକୌଣସି ସ୍ଥାନ ହେବାର ସମ୍ଭାବନା ରହିଛି। ବାଲେଶ୍ୱରର ସୁବର୍ଣ୍ଣରେଖା ମୁହାଣରେ ବନ୍ଦର ନିର୍ମାଣ ଲାଗି ସୁବର୍ଣ୍ଣରେଖା ପୋର୍ଟ ପ୍ରାଇଭେଟ୍ ଲିମିଟେଡ୍ ସହ ସରକାର ରିହାତି ଚୁକ୍ତି ସ୍ୱାକ୍ଷର କରିଛନ୍ତି। ଏହାର ପ୍ରାରମ୍ଭିକ ନିର୍ମାଣ କାର୍ଯ୍ୟ ସହିତ ଜମି ଅଧିଗ୍ରହଣ ଜାରି ରହିଛି। ସେହିପରି ଜଗତସିଂହପୁରର ଜଟାଧାରୀ ମୁହାଣରେ ଏକ ନିଜସ୍ୱ ଜେଟୀ ସ୍ଥାପନ କରିବା ଲାଗି ଜେଏସ୍‌ଡବ୍ଲୁ ଉତ୍କଳ ଷ୍ଟିଲ୍ ଲିମିଟେଡ୍ ପକ୍ଷରୁ ସରକାରଙ୍କ ସହ ବୁଝାମଣାପତ୍ର ସ୍ୱାକ୍ଷର କରାଯାଇଛି। କମ୍ପାନି ସ୍ଥାପନ କରିବାକୁ ଥିବା ଇସ୍ପାତ କାରଖାନା ଲାଗି ସେହି ଜେଟୀକୁ ବ୍ୟବହାର କରିବ। ପୁରୀର ଅସ୍ତରଙ୍ଗଠାରେ ଏକ ବନ୍ଦର ନିର୍ମାଣ କରିବା ଲାଗି ନବଯୁଗ ଇଞ୍ଜିନିୟରିଂ କମ୍ପାନି ଲିମିଟେଡ୍ ସହ ଚୁକ୍ତି ହୋଇଥିବା ବେଳେ ଜମି ଅଧିଗ୍ରହଣ ଜାରି ରହିଛି। କେନ୍ଦ୍ରାପଡ଼ାରେ ଏକ ନଦୀଭିତ୍ତିକ ବନ୍ଦର ନିର୍ମାଣ କରିବା ଲାଗି ପଦକ୍ଷେପ ଗ୍ରହଣ କରାଯାଉଛି। ଭଦ୍ରକରେ ଜାହାଜ ନିର୍ମାଣ ଓ ରିସାଇକ୍ଲିଂ କାରଖାନା ସ୍ଥାପନ କରିବା ଲାଗି ନେପଚ୍ୟୁନ୍ ସିପ୍ ବିଲ୍‌ଡର୍ସ ଆଣ୍ଡ୍ ରିସାଇକ୍ଲର୍ସ ପ୍ରାଇଭେଟ୍ ଲିମିଟେଡ୍ ସିଙ୍ଗ୍‌ଲ ୱିଣ୍ଡୋ କର୍ତ୍ତୃପକ୍ଷଙ୍କ ଅନୁମୋଦନ ହାସଲ କରିଛି।

# ଇଣ୍ଡିଆ ପୋଷ୍ଟ ବନ୍ଦ କଲା ‘ବୁକ୍ ପୋଷ୍ଟ’ ସେବା

ନୂଆଦିଲ୍ଲୀ,୨୬।୧୨: ଭାରତୀୟ ପୋଷ୍ଟ ୧୮ ଡିସେମ୍ବର ୨୦୨୪ରେ ନିଜର ‘ବୁକ୍ ପୋଷ୍ଟ’ ସେବାକୁ ବନ୍ଦ କରି ପୁସ୍ତକ ପ୍ରେମୀଙ୍କ ସହ ପୁସ୍ତକ ବ୍ୟବସାୟୀଙ୍କୁ ବଡ଼ ଝଟ୍‌କା ଦେଇଛି। ରେଜିଷ୍ଟର୍ଡ ବୁକ୍ ପୋଷ୍ଟ(ଆର୍‌ବିପି) ସେବା ଅଧୀନରେ ୫ କିଗ୍ରାର ପୁସ୍ତକ ପଠାଇବା ଲାଗି ୮୦ଟଙ୍କା ଦେୟ ଦେବାକୁ ପଡ଼ିଥାଏ,ଯାହାକି ଅନ୍ୟ କୋରିଅର୍ ସଂସ୍ଥାଠାରୁ ବେଶ ଭଲ। ଏହାଛଡ଼ା ୧୯,୧୦୧ ପିନ୍ କୋଡ ଏବଂ ଭାରତରେ ୧୫୪,୭୨୫ ଡାକଘର ଆସୁଥିବା ଇଣ୍ଡିଆ ପୋଷ୍ଟର ବିଶାଳ ନେଟଓ୍ୱାର୍କ ଦ୍ରୁତ ଡେଲିଭରି ସୁନିଶ୍ଚିତ କରି ଏବଂ ଅଧିକାଂଶ ପାର୍ସଲ ସପ୍ତାହେ ମଧ୍ୟରେ ପହଞ୍ଚିଥାଏ। ସହର ମଧ୍ୟରେ ଡେଲିଭରି ଆଗାମୀ ଦିନ ନିଜ ଗନ୍ତବ୍ୟସ୍ଥଳରେ ପହଞ୍ଚି ଯାଇଥାଏ। ସରକାରଙ୍କ ପକ୍ଷରୁ ପଢ଼ିବାର ସଂସ୍କୃତିକୁ ପ୍ରୋତ୍ସାହିତ କରିବା ଲାଗି ଏଭଳି ଦର ନିଶ୍ଚିତ କରାଯାଇଥିଲା। କୌଣସି ଚର୍ଚ୍ଚା, ଚେତାବନୀ ଅଥବା ପରାମର୍ଶ ବିନା ଏହି ସେବାକୁ ହଠାତ ବନ୍ଦ କରି ଦିଆଯାଇଛି। ଗତ ସପ୍ତାହରେ ଆର୍‌ବିପି ଶ୍ରେଣୀକୁ ଡାକ ବିଭାଗର ସଫ୍ଟୱେୟାରରୁ ହଟାଇ ଦିଆଯାଇଥିଲା। ‘ବୁକ୍ ପୋଷ୍ଟ’କୁ ବନ୍ଦ କରିବା ପ୍ରକାଶନ ଉଦ୍ୟୋଗ ପାଇଁ ଝଟ୍‌କା। ଶିପିଂ ଶୁଳ୍କ ବଢ଼ିବା ସହ ଅନେକ ପାଠକ ୧୦୦ ଟଙ୍କା ମୂଲ୍ୟର ବହି ଉପରେ ୭୮ ଟଙ୍କା ଡାକ ଶୁଳ୍କ ଦେବାକୁ ସଙ୍କୋଚ କରିଥାନ୍ତି।

# ପେଟ୍ରୋଲ ଓ ଡିଜେଲର ମୂଲ୍ୟ



ଆଜି ସାରା ଦେଶର ପେଟ୍ରୋଲ ଡିଜେଲର ନୂଆ ମୂଲ୍ୟ ପ୍ରକାଶ ପାଇଛି। କିଛି ସ୍ଥାନରେ ଦର ବୃଦ୍ଧି ପାଇଥିବା ବେଳେ ଆଉ କିଛି ସ୍ଥାନରେ ଦର ସ୍ଥିର ରହିଛି। ଆସନ୍ତୁ ଜାଣିବା କେଉଁ ସହରର କେତେ ରହିଛି ଡିଜେଲ-ପେଟ୍ରୋଲ୍ ମୂଲ୍ୟ ? ଭୁବନେଶ୍ୱରରେ ଆଜି ପେଟ୍ରୋଲ ଦର ବୃଦ୍ଧି ପାଇ ୧୦୧. ୧୧ ପଇସା ରହିଥିବା ବେଳେ ଡିଜେଲ ଦାମ୍ ପ୍ରତି ଲିଟର ପିଛା ୯୨ .୬୯ ପଇସା ରହିଛି। ସେହିପରି ଦେଶର ପ୍ରମୁଖ ସହରରେ ପେଟ୍ରୋଲ ଓ ଡିଜେଲ ଦର ଅପରିବର୍ତ୍ତିତ ରହିଛି। ଦିଲ୍ଲୀରେ ପେଟ୍ରୋଲ ଲିଟର ପିଛା ୯୪ ଟଙ୍କା ୭୭ ପଇସା ଓ ଡିଜେଲ ଦର ୮୭ ଟଙ୍କା ୬୭ ପଇସା ହୋଇଛି। ମୁମ୍ବାଇରେ ପେଟ୍ରୋଲ ଲିଟର ପିଛା ୧୦୩ ଟଙ୍କା ୫୦ ପଇସା ହୋଇଥିବା ବେଳେ ଡିଜେଲ ଲିଟର ପିଛା ୯୦.୦୩ ଟଙ୍କା ରହିଛି। ସେହିପରି କୋଲକାତାରେ ପେଟ୍ରୋଲ ଦର ୧୦୫ . ୦୧ ଟଙ୍କା ଥିବାବେଳେ ଡିଜେଲ ଦର ୯୧ ଟଙ୍କା ୮୨ ପଇସା ରହିଛି। ଚେନ୍ନାଇରେ ପେଟ୍ରୋଲ ଦର ୧୦୦ ଟଙ୍କା ୮୦ ପଇସା ଥିବା ବେଳେ ଡିଜେଲ ଦାମ ୯୨ ଟଙ୍କା ୩୯ ପଇସା ରହିଛି।

# ଚାପ ପକାଇଲେ ଅର୍ଥନୀତିଜ୍ଞ: ଆୟକର ହ୍ରାସ କର




**ନୂଆଦିଲ୍ଲୀ, ୨୬।୧୨:** କେନ୍ଦ୍ର ସରକାର ୨୦୨୫-୨୬ ବଜେଟ୍ ପ୍ରସ୍ତୁତ କରୁଥିବାରୁ ବିଭିନ୍ନ ମହଲର ମତାମତ ଲୋଡୁଛନ୍ତି। ଏନେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଦେଶର ବିଭିନ୍ନ ଅର୍ଥନୀତିଜ୍ଞଙ୍କ ସହ ଆଲୋଚନା କରିଥିଲେ। ସେହି ବୈଠକରେ ଆୟକର ହ୍ରାସ କରିବା ଲାଗି ଅର୍ଥନୀତିଜ୍ଞମାନେ ପ୍ରଧାନମନ୍ତ୍ରୀଙ୍କ ନିକଟରେ ଦାବି ରଖିଛନ୍ତି। ବହୁଦିନ ଧରି ଉଚ୍ଚା ଦରଦାମ୍ ବଡ଼ ସମସ୍ୟା ହୋଇରହିଛି। ରିଜର୍ଭ ବ୍ୟାଙ୍କ ଓ ସରକାର ମିଳିତ ଭାବେ ନେଉଥିବା ପଦକ୍ଷେପ ଯେଭଳି ପ୍ରଭାବହୀନ ହୋଇପଡ଼ିଛି। ଦର ତଳକୁ ଖସିବା ନାଁ ଧରୁନାହିଁ। ଦେଶରେ ବିଭିନ୍ନ ସାମଗ୍ରୀ ଓ ସେବାର ବ୍ୟବହାର ମଧ୍ୟ କମ୍ ହେବାରେ ଲାଗିଛି। ଏହାର ଏକ ପ୍ରମୁଖ କାରଣ ଉଚ୍ଚ ଆକୟର ବୋଲି କୁହାଯାଉଛି। ଯେହେତୁ ଲୋକମାନେ ନିଜ ଆୟର ଏକ ନିର୍ଦ୍ଦିଷ୍ଟ ଭାଗ ଟିକସ ଆକାରରେ ଦେଉଛନ୍ତି, ତେଣୁ ଖର୍ଚ୍ଚ କରିବା ଲାଗି ସେମାନଙ୍କ ପାଖରେ ଯଥେଷ୍ଟ ପାଣ୍ଠି ରହୁନାହିଁ। ଆୟକରରେ ହ୍ରାସ ହେଲେ ଲୋକଙ୍କ ହାତରେ ଖର୍ଚ୍ଚ କରିବାକୁ ଅଧିକ ପାଣ୍ଠି ରହିବ। ସେମାନେ ଖର୍ଚ୍ଚ କଲେ ବିଭିନ୍ନ ସାମଗ୍ରୀ ଓ ସେବାର ଚାହିଦା ବଢ଼ିବ ଯାହା ଦୁଇ ବର୍ଷର ନିମ୍ନ ସ୍ତରକୁ ଖସିଆସିଥିବା ଅର୍ଥନୈତିକ ଅଭିବୃଦ୍ଧିକୁ ପୁଣି ଉପରକୁ ଟାଣିବାରେ ସହାୟକ ହୋଇପାରିବ ବୋଲି ଅର୍ଥନୀତିଜ୍ଞମାନେ ପ୍ରଧାନମନ୍ତ୍ରୀ ମୋଦୀଙ୍କୁ କହିଛନ୍ତି।

ବୈଠକରେ ପ୍ରଧାନମନ୍ତ୍ରୀ ମୋଦୀ ସମସ୍ତଙ୍କ ପ୍ରସ୍ତାବକୁ ଧୈର୍ଯ୍ୟର ସହ ଶୁଣିଥିଲେ। ନିଯୁକ୍ତି ସୁଯୋଗ ସୃଷ୍ଟି କରିବା ସରକାରଙ୍କ ସବୁଠୁ ବଡ଼ ପ୍ରାଥମିକତା ବୋଲି କହିଥିଲେ। ବୈଠକରେ ଯୋଗଦେଇଥିବା ଅର୍ଥନୀତିଜ୍ଞମାନେ ସୀମା ଶୁଳ୍କ କୋହଳ କରିବା, ରପ୍ତାନି କ୍ଷେତ୍ରକୁ ସହାୟତା ଦେବା, ଯୁବପିଢ଼ିଙ୍କ ଲାଗି ନିଯୁକ୍ତି ସୁଯୋଗ ସୃଷ୍ଟି ନିମନ୍ତେ ପଦକ୍ଷେପ ଗ୍ରହଣ କରିବାକୁ ପ୍ରସ୍ତାବ ଦେଇଥିଲେ। ବଜାରରେ ଘଟିଥିବା ପରିବର୍ତ୍ତନ ଅନୁସାରେ ଶିକ୍ଷା ଓ ଦକ୍ଷତା ବିକାଶରେ ପରିବର୍ତ୍ତନ ଆଣିବାକୁ ମଧ୍ୟ ସେମାନେ ପରାମର୍ଶ ଦେଇଛନ୍ତି। କେବଳ ଅର୍ଥନୀତିଜ୍ଞ ନୁହନ୍ତି ଦେଶର ପ୍ରମୁଖ ଶିଳ୍ପ ସଂଘ ଯଥା ସିଆଇଆଇ, ଫିକି, ପିଏଚ୍‌ଡିସିସିଆଇ ମଧ୍ୟ ପ୍ରାକ୍ ବଜେଟ୍ ଆଲୋଚନା ବେଳେ ଆୟକରରେ ସଂସ୍କାର ଆଣିବା ସହ ତାହାର ସରଳୀକରଣ କରିବାକୁ ଦାବି କରିଥିଲେ। ତିନି ଥାକିଆ ଜିଏସ୍‌ଟି ଲାଗୁ କରିବାକୁ ସିଆଇଆଇ ପ୍ରସ୍ତାବ ଦେଇଛି। ପାର୍ଟନରସିପ୍ ଓ ଏଲ୍‌ଏଲ୍‌ପି ସଂସ୍ଥାଗୁଡ଼ିକ ଲାଗି ଟିକସ କମ୍ କରିବାକୁ ପିଏଚ୍‌ଡିସିସିଆଇ ପକ୍ଷରୁ ସରକାରଙ୍କୁ ଅନୁରୋଧ କରାଯାଇଛି।

# କାମ କରୁନି ଏୟାରଟେଲ ନେଟୱର୍କ

## ଚିନ୍ତାରେ ଗ୍ରାହକ, କଲିଂ-ଇଣ୍ଟରନେଟ୍ ସେବା ଠପ୍




**ନୂଆଦିଲ୍ଲୀ, ୨୬।୧୨:** ଧିମେଇଲା ଏୟାରଟେଲ୍ ନେଟୱର୍କ। ଦେଶର ଲୋକପ୍ରିୟ ଟେଲିକମ୍ ସଂସ୍ଥା ଏୟାରଟେଲ ସର୍ଭିସ୍ ଡାଉନ ହୋଇଥିବା ସକାଳୁ ଅନେକ ୟୁଜର୍ସ ଅଭିଯୋଗ କରିଥିଲେ। ସକାଳ ୧୦ଟା ୨୫ ସୁଦ୍ଧା ଏୟାରଟେଲ୍ ନେଟୱର୍କରେ ଏଭଳି ଅସୁବିଧା ଦେଖାଦେଇଥିଲା। ୱେବ୍‌ସାଇଟ୍ ଉପରେ ନଜର ରଖୁଥିବା ଡାଉନ ଡିକ୍ଟେଟର ଅନୁସାରେ, ସକାଳ ୧୧ଟା ସୁଦ୍ଧା ଅଭିଯୋଗ ସଂଖ୍ୟା ୨ ହଜାର ଅତିକ୍ରମ କରିଥିଲା। ୟୁଜର୍ସମାନେ ଏଭଳି ଅସୁବିଧାର ସମ୍ମୁଖୀନ ହେବା ନେଇ ସୋସିଆଲ ମିଡିଆ ସାଇଟ୍ ଏକ୍ସରେ ଅଭିଯୋଗ କରିଥିଲେ। ଇଣ୍ଟରନେଟ ସଂଯୋଗରେ ବ୍ୟାଘାତ, କଲ୍ ଡ୍ରପ ଏବଂ ବ୍ଲାକଆଉଟ ନେଇ ୟୁଜର୍ସମାନେ ଦର୍ଶାଇଛନ୍ତି। ଏପିରିକି ୟୁଜର୍ସ କଲ୍ କିମ୍ବା ମେସେଜ୍ ମଧ୍ୟ କରିପାରିନଥିଲେ। ଇଣ୍ଟରନେଟ୍ ସେବାରେ ମଧ୍ୟ ଅସୁବିଧାର ସମ୍ମୁଖୀନ ହୋଇଥିଲେ ଗ୍ରାହକ। ଏହି ବିଭ୍ରାଟ ଏୟାରଟେଲର ବ୍ରଡ୍‌ବ୍ୟାଣ୍ଡ ସେବା ଉପରେ ନିର୍ଭର କରୁଥିବା ବ୍ୟବସାୟଗୁଡ଼ିକର କାର୍ଯ୍ୟକୁ ବାଧାପ୍ରାପ୍ତ କରିଥିଲା। ୱାର୍କ ଫ୍ରମ୍ ହୋମ୍ କରୁଥିବା ଅନେକ କର୍ମଚାରୀ ଭର୍ଚ୍ଚୁଆଲ୍ ମିଟିଂ ସହିତ ସଂଯୋଗ କରିପାରି ନଥିଲେ କିମ୍ବା କ୍ଲାଉଡ୍-ଆଧାରିତ କାମଗୁଡ଼ିକୁ ଆକ୍ସେସ୍ କରିପାରି ନଥିଲେ। ଷ୍ଟ୍ରିମିଂ ସେବା ଏବଂ ପିଲାମାନଙ୍କ ଅନଲାଇନ୍ କ୍ଲାସଗୁଡ଼ିକ ମଧ୍ୟ ହଠାତ୍ ବନ୍ଦ ହୋଇଯାଇଥିଲା। ତେବେ ଗ୍ରାହକଙ୍କ ଏଭଳି ଅଭିଯୋଗ ପରେ ଏବେ ସୁଦ୍ଧା କମ୍ପାନୀ କୌଣସି ପ୍ରତିକ୍ରିୟା ଦେଇନାହିଁ।

# ୨୦୨୫ରେ ଏଲପିଜି ଦର କମିବ !



ନୂଆଦିଲ୍ଲୀ: ୧ ଜାନୁୟାରୀ ୨୦୨୫ରେ, ସରକାରୀ ତୈଳ କମ୍ପାନିଗୁଡିକ ଏଲପିଜି ଦର ପୁଣି ସମୀକ୍ଷା କରିବେ ଏବଂ ନୂତନ ଦର ଘୋଷଣା କରିବେ। ଭାରତରେ ଏଲପିଜି ସିଲିଣ୍ଡରର ଦର ବୃଦ୍ଧି ସାଧାରଣ ଲୋକଙ୍କୁ ଅସୁବିଧାରେ ପକାଉଛି। କିନ୍ତୁ ରୁଷିଆର ଘରୋଇ ବଜାରରେ ଏଲପିଜି (ଲିକ୍ୟୁଫାଏଡ୍ ପେଟ୍ରୋଲିୟମ ଗ୍ୟାସ)ର ଦର ଅଧାକୁ ହ୍ରାସ ପାଇଛି। ରୁଷିଆରେ, ରୋଷେଇ ଠାରୁ ଆରମ୍ଭ କରି ଗାଡି ମଟର ସହିତ ଘରକୁ ଗରମ କରିବା ଏବଂ ପେଟ୍ରୋକେମିକାଲ୍ ଉତ୍ପାଦନରେ ଏଲପିଜି ବ୍ୟବହୃତ ହୋଇଥାଏ। ରଏଟର୍ସ ରିପୋର୍ଟ ଅନୁଯାୟୀ, ନଭେମ୍ବର ୨୦୨୪ ତୁଳନାରେ ରୁଷିଆରେ ଏଲପିଜି ଦର ଡିସେମ୍ବର ୨୦୨୪ରେ ଅଧାକୁ ଖସି ଆସିଛି। ନଭେମ୍ବର ଶେଷରେ ୨୮,୦୦୦ ରୁବେଲରେ ଉପଲବ୍ଧ ଏଲପିଜିର ଦର ଡିସେମ୍ବରରେ ୧୪,୦୦୦ ରୁବେଲକୁ କମିଛି। ଅର୍ଥାତ୍ ଡିସେମ୍ବର ୨୦ ତାରିଖରେ ଏହା ୧୪୦ ଡଲାରକୁ ଖସି ଆସିଛି। ଏହାର ଅର୍ଥ ହେଉଛି ଏଲପିଜି ଦର ୫୦ ପ୍ରତିଶତ ପ୍ରତ୍ୟକ୍ଷ ହ୍ରାସ ପାଇଛି। ରୁଷିଆ ବହୁ ପରିମାଣରେ ଏଲପିଜି ୟୁରୋପୀୟ ଦେଶକୁ ରପ୍ତାନି କରୁଥିଲା। କିନ୍ତୁ ୟୁରୋପୀୟ ଦେଶଗୁଡିକ ରୁଷିଆ ଉପରେ ଲାଗୁ ହୋଇଥିବା ଅର୍ଥନୈତିକ ପ୍ରତିବନ୍ଧକ ଯୋଗୁ ଆଉ ଏହାକୁ ନେଉ ନାହାନ୍ତି। ଫଳରେ ରୁଷିଆରୁ ଏଲପିଜି ରପ୍ତାନିରେ ଏକ ବଡ଼ ହ୍ରାସ ଘଟିଛି। ରୁଷିଆ ବିରୋଧରେ ୟୁରୋପୀୟ ସଂଘର ଆର୍ଥିକ ପ୍ରତିବନ୍ଧକ ୨୦ ଡିସେମ୍ବର ୨୦୨୪ରୁ ଲାଗୁ ହୋଇଛି। ରୁଷିଆର ଏଲପିଜିର ବୃହତ ଆମଦାନିକାରୀ ପୋଲାଣ୍ଡ ରୁଷିଆର ଏଲପିଜି ରପ୍ତାନି ଉପରେ ପ୍ରତିବନ୍ଧକ ଲଗାଇବାକୁ ପ୍ରସ୍ତାବ ଦେଇଥିଲା। ଏହି ପ୍ରତିବନ୍ଧକ ଯୋଗୁ ରୁଷର ଘରୋଇ ବଜାରରେ ଏଲପିଜି ଯୋଗାଣ ବୃଦ୍ଧି ପାଇଛି ଯେଉଁଥି ପାଇଁ ଦର ହ୍ରାସ ପାଇଛି।

# ହାର୍ଭାର୍ଡ ଇଣ୍ଡିଆ ସମ୍ମିଳନୀରେ ଯୋଗଦେବେ ନୀତା ଅମ୍ବାନି



ମୁମ୍ବାଇ,୨୬।୧୨: ରିଲାଏନ୍ସ ଗ୍ରୁପ୍‌ର ସାମାଜିକ ପ୍ରତିଷ୍ଠାନ ତଥା ରିଲାଏନ୍ସ ଫାଉଣ୍ଡେଶନର ଚେୟାରମ୍ୟାନ୍ ନୀତା ଏମ୍ ଅମ୍ବାନୀ ୨ ଦିନିଆ ହାର୍ଭାର୍ଡ ଇଣ୍ଡିଆ ସମ୍ମିଳନୀରେ ଯୋଗଦେବେ ବୋଲି ଇଣ୍ଡିଆନ କନ୍‌ଫରେନ୍ସ ଆଟ୍ ହାର୍ଭାର୍ଡ (ଆଇସିଏଚ୍) ପକ୍ଷରୁ ନିକଟରେ ଘୋଷଣା କରାଯାଇଛି।

ଉଲ୍ଲେଖଯୋଗ୍ୟ, ୨୦୨୫ ଫେବୃଆରୀ ୧୫ ଓ ୧୬ରେ ଆମେରିକାର ବୋଷ୍ଟନଠାରେ ହେବାକୁ ଥିବା ସମ୍ମାନଜନକ ହାର୍ଭାର୍ଡ ଇଣ୍ଡିଆ କନଫରେନ୍ସ (ଇଣ୍ଡିଆନ କନ୍‌ଫରେନ୍ସ ଆଟ୍ ହାର୍ଭାର୍ଡ ବା ଆଇସିଏଚ୍)ର ୨୨ତମ ଏଡିଶନରେ ନୀତା ଅମ୍ବାନୀ ଭାରତର ବିଶ୍ୱ ଶକ୍ତି ଏବଂ ସମ୍ଭାବନା ଉପରେ ନିଜର ମତ ରଖିବେ। ଏପରିକି ଚଳିତ ଥରର ବିଷୟ ବସ୍ତୁ (୨୦୨୫ର ଥିମ୍) ‘ଭାରତରୁ ବିଶ୍ୱ ପର୍ଯ୍ୟନ୍ତ’ ଶୀର୍ଷକ ରଖାଯାଇଛି। ଏ ସମ୍ପର୍କରେ ସମ୍ମିଳନୀର ସହ-ଚେୟାରମ୍ୟାନ୍ ଆୟୁଷ ଶୁକ୍ଲା କହିଛନ୍ତି, ଏହି ମଞ୍ଚ ଭାରତର ବୈଷୟିକ ପ୍ରଗତି, ସାଂସ୍କୃତିକ ବିବିଧତା ଏବଂ ସାମୁଦାୟିକ ଦୃଷ୍ଟିକୋଣକୁ ବିଶ୍ୱସ୍ତରରେ ପ୍ରଦର୍ଶିତ କରିବାର ସୁଯୋଗ ପ୍ରଦାନ କରିଥାଏ। ଏପରିକି ଯୁକ୍ତରାଷ୍ଟ୍ର ଆମେରିକାରେ ଭାରତ ଉପରେ ପର୍ଯ୍ୟବସିତ ଛାତ୍ରମାନଙ୍କ ଦ୍ୱାରା ପରିଚାଳିତ ସବୁଠାରୁ ପ୍ରଭାବଶାଳୀ ସମ୍ମିଳନୀ ମଧ୍ୟରେ ହାର୍ଭାର୍ଡ ଇଣ୍ଡିଆ କନ୍‌ଫରେନ୍ସ ଅନ୍ୟତମ ବୋଲି ସେ ବିସ୍ତୃତ ଭାବେ ମତପ୍ରକାଶ କରିଛନ୍ତି। ସେହଭଳି ନୀତା ଅମ୍ବାନୀଙ୍କ ସହ ଫାୟାରସାଇଡ ବାର୍ତ୍ତାଳାପରେ ଭାରତ ବିଶ୍ୱସ୍ତରର ଭୂମିକା ଏବଂ ଦୃଷ୍ଟିକୋଣ ଉପରେ ମଧ୍ୟ ଆଲୋଚନା କରାଯିବ। ଏହା ସହ ଜଳବାୟୁ ପରିବର୍ତ୍ତନ ଏବଂ ଆର୍ଥିକ ଅନ୍ତର୍ଭୁକ୍ତିକୁ ନେଇ ଏକ ପଲିସି ହ୍ୟାକାଥନ୍ ଏବଂ ଭାରତୀୟ ଉଦ୍ୟୋଗୀମାନଙ୍କ ପାଇଁ ଏକ ଷ୍ଟାର୍ଟଅପ୍ ପିଚ୍ ପ୍ରତିଯୋଗିତା ମଧ୍ୟ ଆୟୋଜିତ ହେବ। ସେହିପରି ନୀତା ତାଙ୍କ ସାମାଜିକ କାର୍ଯ୍ୟକ୍ରମ ମାଧ୍ୟମରେ ୮କୋଟିରୁ ଅଧିକ ଲୋକଙ୍କ ଜୀବନରେ ସକାରାତ୍ମକ ପ୍ରଭାବ ପକାଇଛନ୍ତି। ନିକଟରେ ନିଜର ସଫଳ ଉଦ୍ୟମ ବଳରେ ସେ ୪ ଦଶନ୍ଧି ପରେ ଭାରତରେ ଅନ୍ତର୍ଜାତୀୟ ଅଲିମ୍ପିକ୍ କମିଟି (ଆଇଓସି)ର ଅଧିବେଶନ ଆୟୋଜନ କରିବା ସହ ୨୦୩୬ ଅଲିମ୍ପିକ୍ସ ପାଇଁ ଭାରତର ଆବେଦନକୁ ମଜଭୁତ କରିଛନ୍ତି। ଏପରିକି ତାଙ୍କର ଏହି ସଫଳତା ଭାରତର ବିଶ୍ୱ ପ୍ରଭାବ ଏବଂ ନେତୃତ୍ୱ ସାମର୍ଥ୍ୟର ପ୍ରତୀକ ବୋଲି କୁହାଯାଉଛି। ଆୟୋଜକଙ୍କ ସୂଚନା ଅନୁସାରେ ୮୦ରୁ ଅଧିକ ବକ୍ତା ଏହି ସମ୍ମିଳନୀରେ ଅଂଶଗ୍ରହଣ କରିବେ। ଅନ୍ୟ ବକ୍ତାମାନଙ୍କ ମଧ୍ୟରେ ଇଣ୍ଡିଆନ୍ ସ୍କୁଲ ଅଫ୍ ବିଜ୍‌ନେସ୍‌ର ପ୍ରତିଷ୍ଠାତା ଡିନ୍ ପ୍ରମଥ ରାଜ ସିହ୍ନା, ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜର ସିଇଓ ଅଶିଶ ଚୌହାନ, ଫ୍ୟାଶନ୍ ଡିଜାଇନର୍ ସାବ୍ୟାସାଚୀ ମୁଖାର୍ଜୀ ଏବଂ ଅଞ୍ଜଳି ବଂଶଲ ପ୍ରମୁଖ ସାମିଲ ରହିଛନ୍ତି।

## କୁଚିଆ ମଦ କାରବାର ଉପରେ ଅବକାରୀ ବିଭାଗର ଚଢ଼ାଉ କେବେ ?



**ଖପ୍ରାଖୋଲ,୨୬।୧୨(ସଂଚାର ବ୍ୟୁରୋ):** ଖପ୍ରାଖୋଲ ପରି ଅନୁନ୍ନତ ଦାଦନ ପ୍ରବଣ ଅଞ୍ଚଳ ରେ ପ୍ରାୟତଃ ମଦ ଜନିତ ମୃତ୍ୟୁ ହେଉ ବା ହିଂସା ସବୁ ଥିରେ ପ୍ରଚନ୍ନ ଭାବରେ ମଦ ର କୁପରିଣତି। ଗୋଟିଏ ପଟେ ମଦ ନିରାକରଣ ପାଇଁ ସଚେତନତା କାର୍ଯ୍ୟକ୍ରମ ଅନ୍ୟ ପଟେ ଗାଁ ଗାଁ ରେ ଦେଶୀ ଓ ବିଦେଶୀ ମଦ କୁଚିଆ ର ବନ୍ୟା । ସତେ ଯେପରି ଖପ୍ରାଖୋଲ ବ୍ଲକ ର ଗାଁ ମାନଙ୍କ ରେ ବିଦେଶୀ କୁଚିଆ ମଦ କାରବାର ଓ ମଦ ରାନ୍ଧିବା ଏକ ପ୍ରକାର କୁଟୀର ଶିଳ୍ପ ହୋଇଗଲାଣି କହିଲେ ଚଳେ କିନ୍ତୁ ଏମାନଙ୍କୁ ଲଗାମ ପାଇଁ ସରକାର ଙ୍କ ଅବକାରୀ ବିଭାଗ ର ଭୂମିକା କଣ ? ? ଖାଲି ଦରମା ଉଦାରସ୍ତ କରି ମାଲେମାଲ ହେବା ନାଁ ଗ୍ରାଉଣ୍ଡ ଜିରୋ କୁ ଯାଇ ମଦ କୁଚିଆ ଙ୍କ ଉପରେ ଚଢ଼ାଉ କରି ଦୃଷ୍ଟାନ୍ତ ମୂଳକ ପଦକ୍ଷେପ ନେବ କିନ୍ତୁ ଏଇଠି ସବୁ ଓଲଟା ବେଧଡ଼କ ରେ ଚାଲିଛି କୁଚିଆ ମଦ । ଏପରିକି ବିଦେଶୀ ମଦ ମଧ୍ୟ ଗାଁ ଗାଁ ରେ ବିକ୍ରି ଚାଲିଛି। ହେଲେ ଅବକାରୀ ବିଭାଗ ଚୁପ ଚାପ ବସି ରହିଛି । କାର୍ଯ୍ୟାନୁଷ୍ଠାନ ଶୂନ୍ୟ...ଶାନ୍ତି ଶୃଙ୍ଖଳା ରକ୍ଷା ପାଇଁ ଏଇ ଅସାଧୁ ତତ୍ୱ ଉପରେ କାର୍ଯ୍ୟାନୁଷ୍ଠାନ ନେଇ ବନ୍ଦ କରିବା ଉଚିତ ନ ହେଲେ ପରିଣତି ଭୟଙ୍କର ହେବ । ଅବକାରୀ ବିଭାଗ ସଜ୍ଞାନ ନେବା କଥା ଲୋକେ ତାତିଲେଣି । ଯଦି ଅସାଧୁ ମଦ କୁଚିଆ ଓ ଅବକାରୀ ବିଭାଗ ର ମଧୁଚନ୍ଦ୍ରିକା ବନ୍ଦ ନ ହୁଏ ଆଗକୁ ବଡ଼ ଜନଆନ୍ଦୋଳନ ର ସୂତ୍ର ହେବା ର ସମ୍ଭାବନା ଅଛି ବୋଲି ସାଧାରଣ ରେ ଚର୍ଚ୍ଚା ଜୋର ଧରୁଛି ।

## ଅବ୍ୟବସ୍ଥା ଘେରରେ ମା' ଭୂଧାରଚଣ୍ଡୀଙ୍କ ପୀଠ





**ନୀଳଗିରି,୨୬।୧୨(ସଂଚାର ବ୍ୟୁରୋ):** ରାଜ୍ୟ ସରକାର ରାଜ୍ୟର ବିଭିନ୍ନ ପର୍ଯ୍ୟଟନ ସ୍ଥଳୀ ଏବଂ ମନ୍ଦିର ମାନଙ୍କର ଉନ୍ନତୀକରଣ ଓ ପରିଚାଳନା ନିମନ୍ତେ ଲକ୍ଷଲକ୍ଷ ଟଙ୍କାର ଅନୁଦାନ ଯୋଗାଇ ଦେଉଛନ୍ତି। ମାତ୍ର ଅନେକ ସମୟରେ ଐତିହାସିକ କୀର୍ତ୍ତିରାଜି ଥିବା ପୀଠଗୁଡ଼ିକ ପ୍ରତି ଅଣଦେଖା କରାଯାଉଛି। ଏହାର ଉଦାହରଣ ଦେଖିବାକୁ ମିଳିଛି ବାଲେଶ୍ୱର ଜିଲ୍ଲା ନୀଳଗିରି ଦେବୋତ୍ତର ବିଭାଗ ତତ୍ତ୍ୱାବଧାନରେ ଥିବା ରାଜାରାଜୁଡା ଅମଳର ସଜନାଗଡ଼ର ପ୍ରତିଷ୍ଠିତ ମା' ଭୂଧାରଚଣ୍ଡୀଙ୍କ ମନ୍ଦିରରେ ଦେଖିବାକୁ ମିଳିଛି। ମା'ଙ୍କ ସ୍ଥାପନା ନେଇ କୌଣସି ନିର୍ଦ୍ଦିଷ୍ଟ ତଥ୍ୟ ନାହିଁ। କୁହାଯାଏ ୧୪୫୨ ଖ୍ରୀଷ୍ଟାବ୍ଦରେ ରାଜା ନାରାୟଣ ବସନ୍ତ ବିରାଟ ଭୂଜଙ୍ଗ ମାନ୍ଧାତା ମା'ଙ୍କୁ ସ୍ଥାପନା କରିଥିଲେ। ୧୫୦୦ ଖ୍ରୀଷ୍ଟାବ୍ଦ ଶେଷାର୍ଦ୍ଧରେ କଳାପାହାଡ଼ ଆକ୍ରମଣ କରି ମା'ଙ୍କ ମନ୍ଦିର ଭାଙ୍ଗି ଦେଇଥିଲେ। ଏହି ସମୟରେ ମା'ଙ୍କୁ ଏକ ନିମ୍ବଗଛ ମୂଳେ ଲୁଚାଇ ରଖାଯାଇଥିଲା। ପରବର୍ତ୍ତୀ ସମୟରେ ରାଜା ଶ୍ୟାମଚନ୍ଦ୍ର ମର୍ଦ୍ଦରାଜ ହରିଚନ୍ଦନ ସ୍ୱପ୍ନାଦେଶ ପାଇ ମନ୍ଦିର ତୋଳିଥିଲେ। ଏହାର ସ୍ଥାପତ୍ୟ କାରୁକାର୍ଯ୍ୟ, ଶିଳ୍ପ ଶାସ୍ତ୍ର ଆଦି ନିଖୁଣ ସୃଜନଶୀଳତାର ପରିଚୟ ଦିଏ। ଏହି ପ୍ରାଚୀନ କୀର୍ତ୍ତିରାଜିର ସମ୍ଭାର ପାଲଟିଥିବା ଭୂଧାରଚଣ୍ଡୀଙ୍କ ମନ୍ଦିର ବେଢ଼ା ବା ପାଚେରିରେ ଦୀର୍ଘ ବର୍ଷ ହେବ ରକ୍ଷଣାବେକ୍ଷଣ ଅଭାବରୁ ମନ୍ଦିର ପାଚେରି ବିଭିନ୍ନ ସ୍ଥାନରେ ଫାଟ ପ୍ଲାଷ୍ଟର ଝଡିତା ସହ ରଙ୍ଗ ଲଗାଯାଇ ନଥିବାରୁ ସଂପୂର୍ଣ୍ଣ ମନ୍ଦିର ପାଚେରି ଶିଉଳିରେ ପରିପୂର୍ଣ୍ଣ ହୋଇ କଳା ଆସ୍ତରଣ ଜମିବା ପରେ ମନ୍ଦିର ପାଚେରି ଅବସ୍ଥା ଶୋଚନୀୟ ହୋଇପଡିଛି। ଏହାର ପୁନରୁଦ୍ଧାର ନିମନ୍ତେ ପ୍ରଶାସନିକସ୍ତରରେ କୌଣସି ସମୁଚିତ ପଦକ୍ଷେପ ଗ୍ରହଣ କରାଯାଉ ନ ଥିବା ହେତୁ ଭକ୍ତ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି। ପ୍ରତିଦିନ ମନ୍ଦିରକୁ ବହୁ ଭକ୍ତ ପୂଜାର୍ଚ୍ଚନା ଓ ପର୍ଯ୍ୟଟକ ବୁଲିବା ପାଇଁ ଆସିଥାନ୍ତି। ବିଭିନ୍ନ ପର୍ବପର୍ବାଣୀରେ ଏଠାରେ ଅଧିକ ଭକ୍ତଙ୍କ ଭିଡ ଲାଗି ରହିଥାଏ। ମାତ୍ର ଏବେ ଏହି ମନ୍ଦିର ବେଢ଼ା ବା ପାଚେରି ଜରାଜୀର୍ଣ୍ଣ ହୋଇପଡିଛି। ମନ୍ଦିରର ଚତୁଃପାର୍ଶ୍ୱରେ ବେଢ଼ା ବା ପାଚେରି ଉପରେ ବୃକ୍ଷ ଗଛ ହୋଇଗଲାଣି। ମନ୍ଦିର ସମ୍ମୁଖରେ ସରକାରଙ୍କ ତରଫରୁ ଲକ୍ଷ ଲକ୍ଷ ଟଙ୍କା ବ୍ୟୟରେ ନିର୍ମାଣ କରାଯାଇଥିବା ଶୌଚାଳୟରେ ଏବେ ଅଚଳାବସ୍ଥା ସୃଷ୍ଟି ହୋଇଛି। ଏହି ଶୌଚାଳୟ କୌଣସି କାର୍ଯ୍ୟରେ ଆସୁ ନ ଥିବା ଅଭିଯୋଗ ହୋଇଛି। ଫଳରେ ମହିଳା ଭକ୍ତ ଓ ପର୍ଯ୍ଯଟକ ଝାଡା ପରିଶ୍ରା ପାଇଁ ବିଭିନ୍ନ ଅସୁବିଧାରେ ସମ୍ମୁଖିନ ହେଉଛନ୍ତି। ପୁରାତନ ବେଢ଼ା ବା ପାଚେରିର ରୂପାନ୍ତରୀକରଣ ନିମନ୍ତେ ରାଜ୍ୟ ସରକାର ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା, ନୀଳଗିରିକୁ କୋଡିଏ ଲକ୍ଷ ଟଙ୍କା ଅର୍ଥ ମଞ୍ଜୁର ହୋଇଥିବା ସାଧାରଣରେ କୁହାଯାଉଛି। ମାତ୍ର ଏହି ଅର୍ଥ ଆସିବାର ଆଜିକୁ ଛଅମାସ ପରେ ବି ଏପର୍ଯ୍ୟନ୍ତ ବିନିଯୋଗ ହୋଇପାରିନଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ଏସମ୍ପର୍କରେ ନୀଳଗିରି ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ପ୍ରଶାସକ ଶ୍ରୀଯୁକ୍ତ କାରୁ ସୋରେନଙ୍କୁ ପଚାରିବାରୁ ଛଅମାସ ପୂର୍ବରୁ ପାଚେରୀର ରୂପାନ୍ତରୀକରଣ ପାଇଁ ଟଙ୍କା ଆସିଥିବା କଥାକୁ ସ୍ୱିକାର କରିବା ସହ ଏବେ ଏହା ଏଷ୍ଟିମେଟ ହୋଇସାରିଥିବା ବେଳେ ଟେଣ୍ଡରକୁ ଯିବାର ଅଛି। କିନ୍ତୁ କର୍ମଚାରି ଅଭାବରୁ ହୋଇପାରି ପାରିନାହିଁ ବୋଲି ଉତ୍ତର ରଖିଥିଲେ। ତେବେ ଏହି ପ୍ରାଚୀନମନ୍ଦିରର ଉନ୍ନତିପାଇଁ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ପ୍ରଶାସକ ଶ୍ରୀ ସୋରେନଙ୍କ ଟାଳଟୁଳ ନୀତିକୁ ନେଇ କ୍ଷୋଭପ୍ରକାଶ କରିଛନ୍ତି ମନ୍ଦିରର ମୁଖ୍ୟ ପୂଜକ ବିଜୟ କୁମାର ପଣ୍ଡା। ତୁରନ୍ତ ମନ୍ଦିରର ମରାମତି ଓ ପୁନରୁଦ୍ଧାର ପାଇଁ ସାଧାରଣରେ ଦାବି ହେଉଛି।

## ଭଟଲିରେ ବିଜେଡିର ପ୍ରତିଷ୍ଠା ଦିବସ



**ସୋହେଲା,୨୬।୧୨(ସଂଚାର ବ୍ୟୁରୋ):** ଆଜି ଭଟଲି ନିର୍ବାଚନ ମଣ୍ଡଳୀ ତରଫରୁ ୨୮ ତମ ବିଜୁ ଜନତା ଦଳର ପ୍ରତିଷ୍ଠା ଦିବସ ସୋହେଲା ହଳଦୀପାଲି ବିଜେଡି କାର୍ଯ୍ୟାଳୟରେ ପାଳନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ବରିଷ୍ଠ ନେତା କାର୍ତ୍ତିକ ବାରିକ, ଭଟଲି ବ୍ଲକ ଅଧ୍ୟକ୍ଷ ନିତ୍ୟାନନ୍ଦ ପ୍ରଧାନ, ଅମ୍ବାଭୋନା ବ୍ଲକ ଅଧ୍ୟକ୍ଷ କୀର୍ତ୍ତି ଚନ୍ଦ୍ର ଦୂଆନ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ଜିବର୍ଦ୍ଧନ ବରିହା, ଗଣତନ୍ତ୍ର ପ୍ରଧାନ, ସୁଶାନ୍ତ ମିଶ୍ର, ସରୋଜ ମହାପାତ୍ର, ରବିଶଙ୍କର ପ୍ରଧାନ ପ୍ରମୁଖ ଉଦବୋଧନ ଦେଇ ପୂର୍ବତନ ମୁଖ୍ୟମନ୍ତ୍ରୀ ବିଜୁ ବାବୁଙ୍କ ସୁପୁତ୍ର ନବୀନ ପଟ୍ଟନାୟକ ବିଜେଡି ଦଳ ଗଠନ ହେବା ଦିନ ଠାରୁ ଦଳର ନେତୃତ୍ୱ ନେଇ ଦୀର୍ଘ ୨୪ ବର୍ଷ ଧରି ନିରବଚ୍ଛିନ୍ନ ଭାବେ ରାଜ୍ୟର ମୁଖ୍ୟମନ୍ତ୍ରୀ ଭାବରେ ରହି ତାଙ୍କରି ସଫଳ ନେତୃତ୍ୱରେ ଓଡ଼ିଶା ଏକ ବିକଶିତ ଓ ସମୃଦ୍ଧ ରାଜ୍ୟରେ ପରିଣତ ହୋଇ ପାରିଛି ବୋଲି ବକ୍ତବ୍ୟ ପ୍ରଦାନ କରିଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ଯୁବ ନେତା ସୁବ୍ରତ ସିଂହ, ଦେବେନ୍ଦ୍ର ପାତ୍ର, ଭଟଲି ବ୍ଲକ ସଭାପତି ଗୋବିନ୍ଦ ପଧାନ, ମନ ମାଝୀ, ଦୟାନିଧି ପଟେଲ, ଜିଲ୍ଲା ଯୁବ ବିଜେଡି ସଭାପତି ପ୍ରଦ୍ୟୁମ୍ନ ତ୍ରିପାଠୀ, ଆଡଭୋକେଟ ଅଶୋକ କୁମାର ବାରିକ ଓ ରୋହିତ ଦେବତା, ଜିଲ୍ଲା ପରିଷଦ ସଭ୍ୟା ଶ୍ରୀମତୀ ମିତା ବିଶି ଓ ଶ୍ରୀମତୀ ଯାଇଫୁଲ ସିଂ ବାରିହା,ରାଜେଶ ଅଗ୍ରୱାଲ, କୁଳମଣି ଦୁଆନ, ପ୍ରଫୁଲ୍ଲ ପଧାନ, ସୁବୋଧ ପଧାନ, ଆଖଣ୍ଡଳ ସାହୁ,ଚୈତନ୍ୟ ବେହେରା, ମନ ବାରିକ, ଲିଙ୍ଗରାଜ ଗୁରୁ,ହିରୋ ମାଝୀ, ସରପଞ୍ଚ ଅଶୋକ ବାରିକ ତଥା ସମସ୍ତ ସରପଞ୍ଚ ସମିତି ସଭ୍ୟ, ସଭ୍ୟା ଏବଂ ଦଳର ବରିଷ୍ଠ, ଯୁବଛାତ୍ର ତଥା କର୍ମକର୍ତ୍ତା ମାନେ ଯୋଗଦେଇ ପ୍ରବାଦ ପୁରୁଷ ବିଜୁ ବାବୁ ଙ୍କ ଫଟୋ ଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ସଭାପତିତ୍ୱ କରିଥିଲେ ପୂର୍ବତନ ବ୍ଲକ ସଭାପତି କାର୍ତ୍ତିକ ବାରିକ । କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ ପୂର୍ବତନ ବ୍ଲକ ଅଧ୍ୟକ୍ଷ ସୁବ୍ରତ ବେହେରା ଓ ଧନ୍ୟବାଦ୍ ଅର୍ପଣ କରିଥିଲେ ଗୋବିନ୍ଦ ପ୍ରଧାନ ।

## ସରକାରଙ୍କ ବିଫଳତାକୁ ଅସ୍ତ୍ର କରିଛି ବିଜେଡି



**ନର୍ଲା,୨୬।୧୨(ସଂଚାର ବ୍ୟୁରୋ):** ନର୍ଲା ନିର୍ବାଚନ ମଣ୍ଡଳୀ ସ୍ତରୀୟ ବିଜୁ ଜନତା ଦଳର ୨୮ତମ ପ୍ରତିଷ୍ଠା ଦିବସ କାର୍ଯ୍ୟକ୍ରମ ରୁପ୍ରାରୋଡଠାରେ ମହାସମାରୋହରେ ପାଳିତ ହୋଇଯାଇଛି। ନର୍ଲା ବ୍ଲକ ଅଧ୍ୟକ୍ଷ ଦୁର୍ଗାପ୍ରସାଦ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ନର୍ଲା ବିଧାୟିକା ମନୋରମା ମହାନ୍ତି, ସମ୍ମାନିତ ଅତିଥି ଭାବେ କର୍ଲାମୁଣ୍ଡା ବ୍ଲକ ଅଧ୍ୟକ୍ଷା କୁନି ସାହୁ, ରାଜ୍ୟ ସରପଞ୍ଚ ସଂଘ ସଭାପତି ରୋମାଞ୍ଚଳ ସାହୁ, କର୍ଲାମୁଣ୍ଡା ବ୍ଲକ ବିଜେଡି ସଭାପତି ସୁରେନ୍ଦ୍ର ସାହୁ, ନର୍ଲା ବ୍ଲକ ମହିଳା ବିଜେଡ଼ି ସଭାନେତ୍ରୀ ପ୍ରମିଳା ପଧାନ, ବରିଷ୍ଠ ବିଜେଡ଼ି ନେତା ନିଳମଣି ସାହୁ, ଜିବେଶ ପଣ୍ଡା, ରଜନି ମହାକୁଡ଼, କେସିଙ୍ଗା ଜୋନ୍-୧ ଜିଲ୍ଲା ପରିଷଦ ସଦସ୍ୟା ଦିପାଞ୍ଜଳୀ ସାହୁ, ନର୍ଲା ଜୋନ୍-୧ ଜିଲ୍ଲା ପରିଷଦ ସଦସ୍ୟା ନମ୍ରତା ସାହୁ, ନର୍ଲା ଜୋନ୍-୩ ଜିଲ୍ଲା ପରିଷଦ ସଦସ୍ୟା ଲିଲି ଦୀପ, କର୍ଲାମୁଣ୍ଡା ଜୋନ୍-୧ ଜିଲ୍ଲା ପରିଷଦ ସଦସ୍ୟ ମହେନ୍ଦ୍ର ରଣା, ମଦନପୁର ରାମପୁର ଜୋନ୍-୨ ଜିଲ୍ଲାପରିଷଦ ସଦସ୍ୟା ମଞ୍ଜୁଲତା ଧରୁଆ, ନର୍ଲା ବ୍ଲକ ସରପଞ୍ଚ ସଂଘ ସଭାପତି ଅନ୍ତରାମ ମାଝୀ, ନର୍ଲା ବ୍ଲକ ଯୁବ ବିଜେଡ଼ି ସଭାପତି ବିଜୟ ଧଙ୍ଗଡାମାଝୀ, ମଦନପୁର ରାମପୁର ବ୍ଲକ ଯୁବ ବିଜେଡ଼ି ସଭାପତି ସତ୍ୟ ନାରାୟଣ ସାହୁ, କଳାହାଣ୍ଡି ଜିଲ୍ଲା ଛାତ୍ର ବିଜେଡ଼ି ସଭାପତି ଅଜିତ ସାହୁ, ନର୍ଲା ନିର୍ବାଚନ ମଣ୍ଡଳୀ ଛାତ୍ର ବିଜେଡି ସଭାପତି ଦେବେନ୍ଦ୍ର କୁମାର, ନର୍ଲା ବ୍ଲକ ଛାତ୍ର ବିଜେଡି ସଭାପତି ଘାସିରାମ ସାହୁ, ମଦନପୁର ରାମପୁର ବ୍ଲକ ଛାତ୍ର ବିଜେଡି ସଭାପତି ସୋମନାଥ ବାରିକ, କେସିଙ୍ଗା ବ୍ଲକ ଛାତ୍ର ବିଜେଡି ସଭାପତି ସୁଭେନ୍ଦୁ ସାହୁ, କେସିଙ୍ଗା ବ୍ଲକ ଜୋନ୍ ସଭାପତି ଦିଲିପ ଦୋରା, କେସିଙ୍ଗା ବ୍ଲକ ଜୋନ୍ ସଭାନେତ୍ରୀ ପ୍ରମିଳା ସଢଙ୍ଗୀ ପ୍ରମୁଖ ମଞ୍ଚାସୀନ ଥିଲେ। ପ୍ରତିଷ୍ଠା ଦିବସ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଓ ସମ୍ମାନିତ ଅତିଥିମାନେ ଓଡ଼ିଶାର ବରପୁତ୍ର ବିଜୁ ବାବୁଙ୍କ ଗୁଣଗାନ କରିଥିଲେ। ବିଗତ ୨୪ ବର୍ଷର ଶାସନ ମଧ୍ୟରେ ବିଜୁ ବାବୁଙ୍କ ସ୍ୱପ୍ନର ଓଡିଶାକୁ ସାକାର କରିବାରେ ବିଜେଡ଼ି ସଫଳ ହୋଇଥିବା ସଭାରେ ମତ ପ୍ରକାଶ ପାଇଛି। ଏହାସହ ରାଜ୍ୟ ଓ କେନ୍ଦ୍ରରେ ଚାଲିଥିବା ବିଜେପି ସରକାରଙ୍କ ବିଫଳତାର ଗାଥା ବଖାଣିଥିଲେ ଅତିଥିବୃନ୍ଦ।

## ଫଳକରେ ସୀମିତ କାର୍ଯ୍ୟାଦେଶ

### ବରାଦ ଅର୍ଥ ଗଲା କୁଆଡେ




**ଯୋଡା,୨୫।୧୨(ସଂଚାର ବ୍ୟୁରୋ):** ଯୋଡା ପଞ୍ଚାୟତ ସମିତି ଅନ୍ତର୍ଗତ ବିଭିନ୍ନ ସ୍ଥାନରେ ଆମ ଓଡିଶା ନବୀନ ଓଡିଶା କାର୍ଯ୍ୟକ୍ରମରେ ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟ କେତେକ ସ୍ଥାନରେ ଅଧାପନ୍ତରିଆ ଓ ଅନ୍ୟ କେତେକ ସ୍ଥାନରେ କେବଳ ଫଳକରେ ସମିତି ରହିଥିବା ଦେଖିବାକୁ ମିଳିଛି । ଯୋଡା ବ୍ଲକ ବିରିକଳା ପଞ୍ଚାୟତ ବିଲେଇପଦା ପଜାର ଠାରେ ଏକ ଗୋଷ୍ଠୀ କେନ୍ଦ୍ର ନିର୍ମାଣ ନିମନ୍ତେ ୩ଲକ୍ଷ ଟଙ୍କା ମଞ୍ଜୁର ହୋଇଥିବା ବେଳେ ୨୮.୧୦.୨୦୨୩ରେ ଏହାର କାର୍ଯ୍ୟ ଆରମ୍ଭ କରାଯାଇଥିବା ନେଇ ସୂଚନା ଫଳକ ଲଗାଯାଇଛି । ତେବେ ସମ୍ପୃକ୍ତ ଠିକାଦାର ୨ରୁ ୪ଟି ଗାତ ଖୋଳିଦେଇ କାର୍ଯ୍ୟ ଛାଡି ପଳାଇଥିବା ଦେଖିବାକୁ ମିଳିଛି । ଏବେ ଖୋଳାଯାଇଥିବା ଗାତ ଗୁଡିକ ସ୍ଥାନୀୟ ବାସିନ୍ଦାଙ୍କ ପାଇଁ ବିପଦ ପାଲଟିଛି । ସେହିପରି ଆଉ ଏକ ସୂଚନା ଫଳକରେ ମା' ତାରିଣୀ ମନ୍ଦିରର ଉନ୍ନତୀ ମୂଳକ କାର୍ଯ୍ୟ ଆରମ୍ଭ ସମାନ ତାରିଖରେ ରହିଥିବା ବେଳେ କାର୍ଯ୍ୟ ଦୁଇଟିକୁ ତତ୍କାଳୀନ ଚମ୍ପୁଆ ବିଧାୟିକା ମିନାକ୍ଷୀ ମହାନ୍ତ ଶୁଭ ଦେଇଥିବା ଜଣାପଡିଛି । ଏହି ଉନ୍ନତି ମୂଳକ କାର୍ଯ୍ୟ ନିମନ୍ତେ ୧୦ଲକ୍ଷ ଟଙ୍କା ବ୍ୟୟ ବରାଦ କରାଯାଇଥିବା ବେଳେ ଏହି କାର୍ଯ୍ୟଟିର ଅଦ୍ୟାବଧି ଶ୍ରୀଗଣେଷ ହୋଇପାରିନାହିଁ । ତେବେ ଗୋଟିଏ ଯାଗାରେ ଏହି ୨ଟି ସୂଚନା ଫଳକ ଲାଗିଥିବା ବେଳେ ପ୍ରଥମ କାର୍ଯ୍ୟଟିରେ ରାଧାକାନ୍ତ ପଣ୍ଡାଙ୍କ ନାମରେ କାର୍ଯ୍ୟାଦେଶ ଥିବା ବେଳେ ଦ୍ୱିତିୟ କାର୍ଯ୍ୟାଦେଶରେ କୈଳାଶ ମହାକୁଡଙ୍କୁ କାର୍ଯ୍ୟ ମିଳିଥିବା ବେଳେ ମୋଟ ୨ଟି କାର୍ଯ୍ୟରେ ମୋଟ ୧୩ଲକ୍ଷ ଟଙ୍କାର କାର୍ଯ୍ୟାଦେଶ ଥିବା ବେଳେ ଆଜକୁ ଏକ ବର୍ଷରୁ ଉର୍ଦ୍ଧ୍ୱ ସମୟ ବିତିଯାଇଥିଲେ ମଧ୍ୟ କାର୍ଯ୍ୟ ଦୁଇଟିକୁ ଆରମ୍ଭ ମଧ୍ୟ କରାଯାଇନାହିଁ । ଏହି କାର୍ଯ୍ୟ ଦୁଇଟି ବିଲେଇପଦା ହାଟ ପଡିଆ ନିକଟରେ ଅବସ୍ଥିତ ଥିବା ବେଳେ ଏବେ ବଜାରର ସବୁ ଅଳିଆ ଆବର୍ଜନା ଉକ୍ତ ମନ୍ଦିର ସମ୍ମୁଖରେ ପକାଯାଉଛି । ଫଳରେ ଏକ ଅସ୍ୱାସ୍ଥକର ପରିବେଷ ସୃଷ୍ଟି ହୋଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଉଛି । ଏ ନେଇ ବାରମ୍ବାର ବିରିକଳା ପଞ୍ଚାୟତର ସରପଞ୍ଚ ମୁଖି ନାଏକ ଯୋଡା ପଞ୍ଚାୟତ ସମିତିରେ ଅଭିଯୋଗ ତାଙ୍କ କଥାକୁ କେହି କର୍ଣ୍ଣପାତ କରୁନାହାନ୍ତି । ଏହି କାର୍ଯ୍ୟ ୨ଟି ନିମନ୍ତେ ବ୍ୟୟ ବରାଦ କରାଯାଇଥିବା ଅର୍ଥ କୁଆଡେ ଗଲା ବୋଲି ଏବେ ସାଧାରଣରେ ଆଲୋଚନା ହେଉଛି ।

## ବିବାହିତ ପ୍ରେମୀ ଯୁଗଳଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର



**ବ୍ରହ୍ମପୁର,୨୬।୧୧(ସଂଚାର ବ୍ୟୁରୋ):** ବ୍ରହ୍ମପୁର ସଦର ଥାନା ଅନ୍ତର୍ଗତ ଅଲାରିଗଡ ଗ୍ରାମ ନିକଟ ପାହାଡ ଉପରୁ ପ୍ରେମୀ ଯୁଗଳଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର ହୋଇଛି। ମୃତ ମହିଳା ଜଣଙ୍କ ହେଲେ ପାଟପୁର ଥାନା ପାଟପୁର ଗ୍ରାମର ସନ୍ତୋଷ ସାହୁଙ୍କ ସ୍ତ୍ରୀ ସୁମିତ୍ରା ସାହୁ ଓ ପୁରୁଷ ଜଣଙ୍କ ହେଲେ ପାଟପୁର ଥାନା ରାଧାଦେଈପୁର ଗ୍ରାମର ସିମାଞ୍ଚଳ ସାହୁଙ୍କ ପୁଅ ରାଜେନ୍ଦ୍ର ସାହୁ । ସୂଚନା ମୁତାବକ ଉଭୟ ଗତ ଡିସେମ୍ବର ମାସ ୧୯ ତାରିଖରୁ ନିଖୋଜ ଥିଲେ । ଏନେଇ ସୁମିତ୍ରା ସାହୁଙ୍କ ସ୍ୱାମୀ ଓ ରାଜେନ୍ଦ୍ର ସାହୁଙ୍କ ସ୍ତ୍ରୀ ପାଟପୁର ଥାନାରେ ନିଖୋଜ ରିପୋର୍ଟ ଦେଇଥିଲେ । ଉଭୟଙ୍କ ୩ ଟି ଛୁଆ ଥିବା ବେଳେ ଉଭୟଙ୍କ ମଧ୍ୟରେ ପ୍ରେମ ସମ୍ପର୍କ ଗଢି ଉଠିବା ପରେ ଉଭୟ ଫେରାର ହୋଇଯାଇଥିଲେ। ଆଉ ଗୁରୁବାର ଅଲାରିଗଡ ଗ୍ରାମ ପାହାଡରେ ଝୁଲନ୍ତା ଅବସ୍ଥାରେ ମୃତଦେହ ଥିବା ଦେଖିବାକୁ ମିଳିଥିଲା। ଖବର ପାଇ ଏହାକୁ ଦେଖିବାକୁ ବହୁ ଲୋକଙ୍କ ଭିଡ଼ ଜମିଥିବା ବେଳେ ପୁଲିସ୍ ଟିମ୍ ବି ପହଞ୍ଚିଥିଲା। ଏନେଇ ପାଟପୁର ଥାନାରେ ଅଭିଯୋଗ ହୋଇଥିଲା। ସଦର ଥାନା ପୁଲିସ ପହଞ୍ଚି ଘଟଣାର ଛାନଭିନ କରିଥିଲେ। ଉଭୟଙ୍କ ପରିବାର ଲୋକେ ବି ଘଟଣାସ୍ଥଳରେ ପହଞ୍ଚିଥିଲେ।

## ଗଛରେ ପିଟି ହେଲା ବାଇକ୍, ଯୁବକଙ୍କ ମୃତ୍ୟୁ



**ବିନିକା,୨୬।୧୨(ସଂଚାର ବ୍ୟୁରୋ):** ଯାତ୍ରା ଦେଖି ଫେରିବା ବେଳେ ଘଟିଲା ଦୁର୍ଘଟଣା। ଗଛରେ ପିଟି ହୋଇଗଲା ବାଇକ୍। ଆଉ ଦୁଇ ବାଇକ୍ ଚାଳକଙ୍କ ମଧ୍ୟରୁ ଜଣେ ଆଖି ବୁଜିଥିବା ବେଳେ ଆଉ ଜଣେ ମରଣ ସହ ସଂଘର୍ଷ କରୁଛନ୍ତି। ଏପରି ଏକ ଦୁର୍ଘଟଣା ଗତ ରାତିରେ ସୁବର୍ଣ୍ଣପୁର ଜିଲ୍ଲା ବିନିକା ଥାନା କମୀରା ଗାଁରେ ଘଟିଛି। ମୃତକ ହେଲେ କୃଷ୍ଣ ତାଣ୍ଡି ଓ ଗୁରୁତର ଜଣକ ହେଲେ ନରେଶ ବାରିକ । ସୁବର୍ଣ୍ଣପୁର ଜିଲ୍ଲା ବିନିକା ଥାନା କମୀରା ଗାଁରେ ଗତ ରାତିରେ ଯାତ୍ରା ହେଉଥିଲା। ଯାତ୍ରା ଦେଖିବା ନିମନ୍ତେ କୃଷ୍ଣ ତାଣ୍ଡି ଓ ନରେଶ ବାରିକ ସେଠାକୁ ଯାଇଥିଲେ। ଯାତ୍ରା ଦେଖି ଉଭୟ ବାଇକ୍‌ରେ ଘରକୁ ଫେରୁଥିଲେ। ମାତ୍ର ରାମପୁର ଗାଁ ନିକଟରେ ସେମାନଙ୍କ ବାଇକ୍ ଭାରସାମ୍ୟ ହରାଇ ଏକ ଗଛରେ ପିଟି ହୋଇଥିଲା। ଉଭୟଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ବିନିକା ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା । କିନ୍ତୁ ବିନିକା ମେଡିକାଲରେ କୃଷ୍ଣ ତାଣ୍ଡିଙ୍କ ମୃତ୍ୟୁ ହୋଇଥିବା ବେଳେ ନରେଶଙ୍କ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ଚିକିତ୍ସା ପାଇଁ ବୁର୍ଲା ବଡ଼ ମେଡ଼ିକାଲକୁ ସ୍ଥାନାନ୍ତର କରାଯାଇଛି । ଖବର ପାଇ ବିନିକା ପୁଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଥିବା ବେଳେ ଗାଡ଼ିକୁ ଜବତ କରିଛି।

## ନବବଧୂଙ୍କୁ ହତ୍ୟା ଅଭିଯୋଗ, ସ୍ୱାମୀ ଅଟକ

### ମୃତ ନବବଧୂ ୮ମାସର ଗର୍ଭବତୀ ଥିବା ସୂଚନା


ଯୌତୁକ ଜୁଇରେ ନବବଧୂ

**କାକଟପୁର/ଅସ୍ତରଙ୍ଗ,୨୬।୧୨(ସଂଚାର ବ୍ୟୁରୋ):** ପୁରୀ ଜିଲ୍ଲା ଅସ୍ତରଙ୍ଗ ଥାନା ଅନ୍ତର୍ଗତ କଣ୍ଟାପଡା ଗ୍ରାମରେ ଜଣେ ନବବଧୂଙ୍କୁ ଯୌତୁକ ପାଇଁ ହତ୍ୟା କରାଯାଇଥିବା ଅଭିଯୋଗ ହୋଇଛି। ପୁଲିସ ଘଟଣା ସ୍ଥଳରେ ପହଂଚି ମହିଳାଙ୍କ ମୃତ ଦେହ ଉଦ୍ଧାର କରିଛି। ଏହି ଘଟଣାରେ ଅଭିଯୁକ୍ତ ସ୍ୱାମୀକୁ ଥାନାରେ ଅଟକ ରଖି ପୁଲିସ ତଦନ୍ତ ଚଳାଇଛି। ଅଭିଯୋଗ ମୁତାବକ, ପୁରୀ ଜିଲ୍ଲା ଅସ୍ତରଙ୍ଗ ଥାନା ଅନ୍ତର୍ଗତ ଆଙ୍ଗୁଅ ଗ୍ରାମର ପ୍ରତାପ ମହାରଣା ଙ୍କ ଝିଅ ଦୀପଶିଖା ମହାରଣା (୨୪) ଙ୍କୁ କଣ୍ଟାପଡା ଗ୍ରାମର ନବଘନ ଓଝା ଙ୍କ ପୁଅ ରାଜେଶ ଓଝା ଙ୍କୁ ଫେବୃଆରୀ ୧୪, ୨୦୨୪ମସିହାରେ ବୈଦିକ ରିତୀରେ ବିବାହ କରିଥିଲେ। ଏହି ସମୟରେ ବରପକ୍ଷ ଦାବୀ ମୁତାବକ ୭୦ହଜାର ରୁ ଉର୍ଦ୍ଧ ଟଙ୍କା ସହ ସୁନା ଅଳଙ୍କାର ଓ ଘରକରଣା ସାମଗ୍ରୀ ଯୌତୁକ ଆକାରରେ ଦିଆଯାଇଥିଲା ବୋଲି ଦୀପଶିଖାଙ୍କ ପରିବାର ଲୋକ କହିଛନ୍ତି। ବିବାହ ପରେ ୪ ମାସ ଝିଅ ଭଲରେ ଚଳିଥିଲା। ଏହା ପରେ ସ୍ୱାମୀ ରାଜେଶ ସମେତ ଶାଶୂଘର ଲୋକ ମାନେ ଅଧିକ କିଛି ଟଙ୍କା ଯୌତୁକ ଆଣିବା ପାଇଁ ଦାବୀ କରି ଝିଅକୁ ଗାଳି ଗୁଲଜ କରିବା ସହ ଅକଥନିୟ ଅତ୍ୟାଚାର କରୁଥିଲେ। ଟଙ୍କା ଯୌତୁକ ନ ଆଣିଲେ ଜୀବନରୁ ମାରିଦେବାକୁ ସେମାନେ ଧମକ ଦେଇଥିଲେ ବୋଲି ଥାନାରେ ଅଭିଯୋଗ କରିଛନ୍ତି ମୃତ ଦୀପଶିଖାଙ୍କ ପରିବାର ଲୋକେ। ଗୁରୁବାର ଅପରାହ୍ନ ୩ଘଟିକା ରେ ଝିଅର ପରିବାର ଲୋକ ଖବର ପାଇଥିଲେ। ଖବର ପାଇଁ ଅପରାହ୍ନ ୪ଘଟିକାରେ ବାପଘର ଲୋକେ ସେଠାରେ ପହଂଚି ଦେଖିଥିଲେ ଖଟ ଉପରେ ଝିଅ ମୃତ ଅବସ୍ଥାରେ ପଡିରହିଛି। କିନ୍ତୁ ଝିଅ ଦୀପଶିଖା ୮ମାସର ଗର୍ଭବତୀ ଥିବା ପରିବାର ପକ୍ଷରୁ ସୂଚନା ମିଳିଛି।ଯାହାକି ଶାଶୂଘର ଲୋକେ କହୁଛନ୍ତି ଦୀପଶିଖା ରଶି ଲଗାଇଦେଇଛି ବୋଲି। ତେବେ ଏହା ଆତ୍ମହତ୍ୟା ନୁହେଁ ବରଂ ଶାଶୂଘର ଲୋକ ମାନେ ମିଳିମିଶି ଝିଅକୁ ମାରିଦେଇଛନ୍ତି ବୋଲି ଅସ୍ତରଙ୍ଗ ଥାନାରେ ଦୀପଶିଖାଙ୍କ ବାପା ଅଭିଯୋଗ ଏତଲା ରେ ଦର୍ଶାଇଛନ୍ତି। ଖବର ପାଇଁ ପୁଲିସ କଣ୍ଟାପଡା ଗାଁରେ ପହଂଚିବା ପରେ ସ୍ୱାମୀ ରାଜେଶ ଓଝା ଙ୍କୁ ଥାନାରେ ଅଟକ ରଖିଥିଲା। ସନ୍ଧ୍ୟା ହୋଇଯିବାରୁ ଶୁକ୍ରବାର ଶବବ୍ୟବଚ୍ଛେଦ ଚାରିଛକ ମେଡିକାଲ ରେ ହେବ ବୋଲି ସୂଚନା ମିଳିଛି। ଅନ୍ୟ ପଟେ ମୃତ ଦୀପଶିଖା ଙ୍କ ପରିବାର ଲୋକେ ଶାଶୁ, ଶଶୁର ଓ ଜ୍ୱାଇଁ ରାଜେଶ ଙ୍କ ନାଁରେ ଅଭିଯୋଗ କରିଛନ୍ତି। ରାଜେଶ ଙ୍କୁ ଥାନାରେ ଅଟକ ରଖି ଅଧିକ ତଦନ୍ତ କରାଯାଉଛି ବୋଲି ପୁଲିସ ତରଫରୁ ସୂଚନା ମିଳିଛି।

## ଭୈରବ ମନ୍ଦିରରେ ଚୋରୀ

**ବୋରିଗୁମ୍ମା,୨୬।୧୨(ସଂଚାର ବ୍ୟୁରୋ):** ବୋରିଗୁମ୍ମା ଅଞ୍ଚଳର ଆରାଧ୍ୟ ଦେବତା ଭୈରବ ମନ୍ଦିରରେ ଚୋରି।ଗତ କାଲି ବିଳମ୍ବିତ ରାତିରେ କିଛି ଦୁର୍ବୃତ୍ତ ବୋରିଗୁମ୍ମା ଭୈରବ ମନ୍ଦିରର ମୁଖ୍ୟ ଦ୍ୱାର ତାଲା ଭାଙ୍ଗି ମନ୍ଦିର ଭିତରେ ପ୍ରବେଶ କରି ଠାକୁରଙ୍କ ରୁପା ମୁକୁଟ, କାନ ଫୁଲ,ଅଳଙ୍କାର ସମେତ ଦାନ ହୁଣ୍ଡି ଭାଙ୍ଗି ଟଙ୍କା ପଇସା ନେଇଛନ୍ତି।ଆଜି ସକାଳୁ ସକାଳୁ ମନ୍ଦିର ପୂଜକ ମନ୍ଦିର ହେମନ୍ତ ପୂଜାରୀ ପ୍ରତିଦିନ ଭଳି ଆଜି ମନ୍ଦିର କୁ ଆସି ଦେଖିଲା ବେଳକୁ ମନ୍ଦିର ର ମୁଖ୍ୟ ଦ୍ୱାର ର ତାଲା ଭାଙ୍ଗି ଯାଇଛି । ପୂଜକ ଭିତରକୁ ଯାଇ ଦେଖିବା ବେଳେ ହୁଣ୍ଡି ଭାଙ୍ଗି ଏଣେ ତେଣେ ପଡି ରହିଛି ଏବଂ ଠାକୁର ଙ୍କ ଅଳଙ୍କାର ବାକ୍ସ ମଧ୍ୟ ଖୋଲା ପଡିଛି।ସଙ୍ଗେ ସଙ୍ଗେ ପୂଜକ ହେମନ୍ତ ମନ୍ଦିର କମିଟି କୁ ଖବର ଦେଇଥିଲେ।ପରେ ମନ୍ଦିର ପରିଚାଳନା କମିଟିର ସଦସ୍ୟ ମାନେ ଆସି ପୋଲିସ କୁ ଖବର ଦେଇଥିଲେ। ବୋରିଗୁମ୍ମା ପୋଲିସ ଭୈରବ ମନ୍ଦିର ରେ ପହଁଚି ତଦନ୍ତ ଆରମ୍ଭ କରିଛନ୍ତି। ପରେ କୋରାପୁଟ ରୁ ସାଇଣ୍ଟିଫିକ ଟିମ ମନ୍ଦିର ଯାଇ ତନାଘନା କରି ଫେରିଛନ୍ତି। ଏନେଇ ମନ୍ଦିର ର ପୂଜକ ହେମନ୍ତ ପୂଜାରୀ ଥାନାରେ ଚୋରୀ ଘଟଣା ନେଇ ଲିଖିତ ଭାବେ ଜଣାଇଛନ୍ତି ବୋଲି ଥାନା ଆଇଆଇସି ଯୁଗଳ କିଶୋର ସା ସୂଚନା ଦେଇଛନ୍ତି।



## ଦୁଇ ପଡୋଶୀଙ୍କ ଘରୁ ବାଇକ ସମେତ ବ୍ୟାଟେରୀ ଚୋରି

**ବୈଶିଙ୍ଗା,୨୬।୧୨(ସଂଚାର ବ୍ୟୁରୋ):** ବୈଶିଙ୍ଗା ବଜାର ଉପକଣ୍ଠ କେନ୍ଦୁଆ ଗ୍ରାମର ମାଣତ୍ରୀ- ବୈଶିଙ୍ଗା ମୁଖ୍ୟ ରାସ୍ତାର ଉଭୟ ପାର୍ଶ୍ୱରେ ଥିବା ଦୁଇ ଘରୁ ରାତ୍ରୀ ସମୟରେ ଚୋରି କରିନେଲେ ଦୁଇଟି ବାଇକ । ଖବରରୁ ପ୍ରକାଶ ମାଣତ୍ରୀ- ବୈଶିଙ୍ଗା ଏମଡିଆର -୭୦ ରାସ୍ତାର ଓଲଡିହ ନିକଟରେ ଉଭୟ ପାର୍ଶ୍ୱରେ ଥିବା ମନୋରଞ୍ଜନ ମିଶ୍ର ଏବଂ ସୁଧିର ରଞ୍ଜନ ଦୁର୍ଗାଙ୍କ ଘରୁ ବିଳମ୍ବିତ ରାତ୍ରୀ ସମୟରେ ଚୋରି କରିନେଲେ ଦୁର୍ବୃତ୍ତ । ଉଭୟ ପରସ୍ପର ପଡୋଶୀ ହୋଇଥିବା ବେଳେ ଜଣଙ୍କ ଘରୁ ତାଲା ଭାଙ୍ଗି ମୋଟର ସାଇକେଲ ସମେତ ବ୍ୟାଟେରୀ ଓ ଗ୍ୟାସ ଭର୍ତ୍ତି ସିଲିଣ୍ଡର ସମେତ ଅନ୍ୟ ଜଣଙ୍କ ଘରୁ ଟ୍ରାକ୍ଟରରୁ ବ୍ୟାଟେରୀ ଓ ୨୦ଲିଟର ଡିଜେଲ ସମେତ ଆଉ ଏକ ମୋଟର ସାଇକେଲ ଚୋରି କରିନେଇଥିଲେ। ଏତଲାକାରୀ କେନ୍ଦୁଆ ଗ୍ରାମର ମନୋରଞ୍ଜନ ମିଶ୍ରଙ୍କ ଅଭିଯୋଗ ମୁତାବକ ଦୁର୍ବୃତ୍ତ ମାନେ ତାଲାଭାଙ୍ଗି ପଶିବା ସହିତ ଓଡି -୧୧ଜେଡ -୩୭୬୨ ନମ୍ବର ବିଶିଷ୍ଟ ମୋଟର ସାଇକେଲ ଓ ଇନଭର୍ଟର ବ୍ୟାଟେରୀ ସମେତ ଏକ ଭର୍ତ୍ତି ରନ୍ଧନ ଗ୍ୟାସ ସିଲିଣ୍ଡର ଚୋରାଇ ନେଇଥିଲେ । ସେହିଭଳି ମନୋରଞ୍ଜନଙ୍କ ପଡୋଶୀ ସୁଧିର ରଞ୍ଜନ ଦୁର୍ଗାଙ୍କ ପୁଅ ଗୌତମ କୁମାର ଦୁର୍ଗାଙ୍କ ଘରୁ ଓଡ଼ି- ୦୧ଏସ -୫୮୪୨ନମ୍ବର ବିଶିଷ୍ଟ ମୋଟର ସାଇକେଲ ସମେତ ଟ୍ରାକ୍ଟରରେ ଲାଗିଥିବା ବ୍ୟାଟେରୀ ଓ ୨୦ଲିଟର ଡିଜେଲ ଚୋରିକରି ନେଇଥିଲେ ।

## ଗଣପର୍ବ ଲୋକ ମହୋତ୍ସବ 'ଚଇତି' ଉଦଘାଟିତ

**ରାୟଗଡା,୨୬।୧୨(ସଂଚାର ବ୍ୟୁରୋ):** ରାୟଗଡା ଜିଲ୍ଲାରେ ଆଜି ପ୍ରସିଦ୍ଧ ଚଇତି ଲୋକ ମହୋତ୍ସବ ଉଦଘାଟନ ହୋଇଛି। ଏହି ମହୋତ୍ସବର ଆରମ୍ଭ ମା ମଝିଘରିଆଣୀ ପ୍ରାଙ୍ଗଣରୁ ଚଇତି ମଶାଲ ସହ କଳସ ଯାତ୍ରା ମାଧ୍ୟମରେ କରାଯାଇଥିଲା, ଯାହା ଜିସିଡି ପଡ଼ିଆ ମଞ୍ଚ ପର୍ଯ୍ୟନ୍ତ ପହଞ୍ଚିଥିଲା । ଉଦଘାଟନୀ କାର୍ଯ୍ୟକ୍ରମରେ ରାଜ୍ୟ ପଞ୍ଚାୟତିରାଜ ମନ୍ତ୍ରୀ ରବି ନାରାୟଣ ନାୟକ ମୁଖ୍ୟ ଅତିଥି ଭାବେ ଉପସ୍ଥିତ ହୋଇ, ଜନତାଙ୍କୁ ଏହି ପର୍ବ ମାଧ୍ୟମରେ ଐତିହ୍ୟ ଏବଂ ବିକାଶକୁ ସମେତ ନେବାକୁ ଆହ୍ୱାନ କରିଥିଲେ । ତାଙ୍କ ସହ ସହର ପରିକ୍ରମାରେ ଜିଲ୍ଲାପାଳ ପାରୁଲ ପଟାୱାରୀ, ବିଧାୟକ ଆପଲସ୍ୱାମୀ କାଡ୍ରାକା, ସତ୍ୟଜିତ ଗମାଙ୍ଗ ଓ ଅନ୍ୟାନ୍ୟ ପ୍ରମୁଖ ବ୍ୟକ୍ତି ଯୋଗଦାନ କରିଥିଲେ। ମନ୍ତ୍ରୀ ନାୟକ ଏହି ଅବସରରେ ଆଦିବାସୀ ଅଞ୍ଚଳର ସଡକ ଯୋଗାଯୋଗ, ପିଲାଙ୍କ ଶିକ୍ଷା, ଓ ପାନୀୟ ଜଳ ଯୋଗାଣକୁ ଗୁରୁତ୍ୱ ଦେଇଥିଲେ । ସେ ବୌଳି ଭୂମିହୀନଙ୍କୁ ସରକାରୀ ଜମି ମାଗଣାରେ ଯୋଗାଣ ହେବାର ଘୋଷଣା କରିଥିଲେ । କାର୍ଯ୍ୟକ୍ରମରେ ଏସପି ସ୍ୱାତୀ କୁମାର, ଜିଲ୍ଲାପାଳ, ଏବଂ ଅନ୍ୟାନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ । ଚଇତିର ସଂସ୍କୃତିକ ମାଟି ଓ ଲୋକ କଳାକୁ ବଂଚାଇବା ଦିଗରେ ଏହାର ଗୁରୁତ୍ୱକୁ ଉଲ୍ଲେଖ କରାଯାଇଥିଲା । ଲାଞ୍ଜିଆ ସଉରା, ଡଙ୍ଗରିଆକନ୍ଧ, ଏବଂ ଏହା ସହ ବିଭିନ୍ନ ସମ୍ପ୍ରଦାୟର ନୃତ୍ୟ ଏବଂ ଗୀତ ପ୍ରଦର୍ଶନ ହୋଇଥିଲା । ସ୍ମରଣିକା "ଚଇତାଳି" ଉନ୍ମୋଚନ ସହ ଏହି ଅବସରରେ ଜିଲ୍ଲାର କୃତିଶୀଳ ବ୍ୟକ୍ତିମାନଙ୍କୁ ପୁରସ୍କୃତ କରାଯାଇଥିଲା । ଏହି ମହୋତ୍ସବ ରାୟଗଡା ଜିଲ୍ଲାର ଏକ ଗୌରବକମ୍ବ ଆୟୋଜନର ସମ୍ବଳ ହୋଇ ଉଭୂକ୍ତ ହେଲା।



## ଜିଲ୍ଲାସ୍ତରୀୟ ସୁଶାସନ ଦିବସ




**ସୁବର୍ଣ୍ଣପୁର,୨୬।୧୨(ସଂଚାର ବ୍ୟୁରୋ):** ସୁବର୍ଣ୍ଣପୁର ଜିଲ୍ଲା ପ୍ରଶାସନ ଆନୁକୂଲ୍ୟରେ ଭାରତର ପୂର୍ବତନ ପ୍ରଧାନମନ୍ତ୍ରୀ ତଥା ପ୍ରଶାସନିକ ଉତ୍କର୍ଷତାର ସ୍ଥପତି ଭାରତରତ୍ନ ଅଟଳ ବିହାରୀ ବାଜପେୟୀଙ୍କ ୧୦୦ତମ ଜୟନ୍ତୀ ଅବସରରେ ସୁଶାସନ ଦିବସ ପାଳିତ ହୋଇଯାଇଛି। ଜିଲ୍ଲା ସଂସ୍କୃତି ଭବନଠାରେ ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ଶ୍ରୀଯୁକ୍ତ ଅଶ୍ୱିନୀ କୁମାର ମେହେର ମୁଖ୍ୟ ଅତିଥି ଭାବେ ଯୋଗଦାନ କରି ଭାରତ ରତ୍ନ ବାଜପେୟୀଙ୍କ ଜୀବନ ଦର୍ଶନ ତଥା ପ୍ରଶାସନିକ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନର ଉଲ୍ଲେଖକରି ବାଜପେୟୀ ଜଣେ ଅଭିଜ୍ଞ ରାଷ୍ଟ୍ର ନୀତିଜ୍ଞ ଥିଲେବୋଲି ଉଲ୍ଲେଖ କରିଥିଲେ । ସମ୍ମାନିତ ଅତିଥିଭାବେ ଉପଜିଲ୍ଲାପାଳ ସୋନପୁର ଡ଼ ସୌମ୍ୟାରୁପା ରଥ ସ୍ୱାଗତ ବକ୍ତବ୍ୟ ପ୍ରଦାନ କରିଥିବା ବେଳେ ମାନ୍ୟବର ସାଂସଦ ବଲାଙ୍ଗୀରଙ୍କ ଜିଲ୍ଲା ପ୍ରତିନିଧି ଶ୍ରୀଯୁକ୍ତ ଶରତ କୁମାର ଶତପଥି ଯୋଗଦାନ କରି ଭାରତରତ୍ନ ଅଟଳ ବିହାରୀ ବାଜପେୟୀଙ୍କ ଆଦର୍ଶ ଓ ଲୋକାଭିମୁଖୀ ଯୋଜନା ତଥା କାର୍ଯ୍ୟାବଳୀର ସ୍ମୃତିଚାରଣ କରିଥିଲେ। ମୁଖ୍ୟବକ୍ତା ଭାବେ ଉଲୁଣ୍ଡା ପଞ୍ଚାୟତ ସମିତି ମହାବିଦ୍ୟାଳୟ ଅଧ୍ୟକ୍ଷ ଡ଼ ଦେବାଶିଷ ପାଣ୍ଡିଆ ବକ୍ତବ୍ୟରେ ବାଜପେୟୀଙ୍କୁ ସତ୍ୟନିଷ୍ଠ, ସମୟାନୁବର୍ତ୍ତିତା ତଥା ଜନପ୍ରିୟ ଦୂରଦୃଷ୍ଟି ଜନନେତା ଭାବେ ଉଲ୍ଲେଖ କରି ତାଙ୍କ କାର୍ଯ୍ୟରେ ଅନୁପ୍ରାଣିତ ହେବାକୁ ଆହ୍ୱାନ କରିଥିଲେ। ଏହି ଅବସରରେ ବରିଷ୍ଠ ଆଇନଜୀବୀ ଶ୍ରୀ ମଧୁସୂଦନ ପ୍ରଧାନ ବାଜପେୟୀଙ୍କ ରାଜନୈତିକ ଜୀବନର ଉଲ୍ଲେଖନିୟ ଘଟଣାର ସ୍ମୃତିଚାରଣ ସହ ସ୍ୱଚ୍ଛ ଶାସନ, ବୈଦେଶିକ ନୀତି ତଥା ପ୍ରଯୁକ୍ତି ବିଦ୍ୟା କ୍ଷେତ୍ରରେ ଉଲ୍ଲେଖନିୟ ଅବଦାନର ସ୍ମୃତି ଚାରଣ କରିଥିଲେ। ଜିଲ୍ଲାପ୍ରଶାସନ ସୁବର୍ଣ୍ଣପୁର ଦ୍ୱାରା ଆୟୋଜିତ ଏହି ବର୍ଣ୍ଣାଢ୍ୟ କାର୍ଯ୍ୟକ୍ରମରେ ଶିକ୍ଷାବିତ ଲକ୍ଷ୍ମୀନାରାୟଣ ସାହୁ ସଂଯୋଜନା କରିଥିବା ବେଳେ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଅଶ୍ୱିନୀ କୁମାର ଭୋଇ ଧନ୍ୟବାଦ ଅର୍ପଣ କରିଥିଲେ ।